# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୨/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 12/ 2019 ★★★★★★

୪୫ଶ ଭାଗ ୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## ସ୍ନେହା ସୋରେନଙ୍କୁ ସ୍ୱର୍ଣ୍ଣ

ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ନେହା ସୋରେନ। ୧୮

୦୯

## ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ

ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ ବୋଲି ବଲିଉଡ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ପୂଜା ଭଟ୍ଟ ପ୍ରକାଶ କରିଛନ୍ତି।









ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ପ୍ରତି ବ୍ଲକରେ ସ୍ଥାପନ ହୋଇନି ଶୀତଳଭଣ୍ଡାର

- ନିର୍ବାଚନ ପ୍ରତିଶ୍ରୁତି ପାଳନ କରିନି ବିଜେଡି
- ୧୪ ଜିଲାରେ କାର୍ଯ୍ୟକ୍ଷମ ହେଉନି ଶୀତଳଭଣ୍ଡାର
- କେବିକେରେ କୃଷି ବିଶ୍ୱବିଦ୍ୟାଳୟ ନୋହିଲା
- ଆଳୁ ମିଶନ୍ ଫେଲ୍
- ୮ ଜିଲାରେ ମୋଟେ ନାହିଁ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳ(ବିଜେଡି) ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ରାଜ୍ୟରେ ଲଗାତର ୪ ଥର କ୍ଷମତାରେ ରହିବା ପରେ ମଧ୍ୟ ଶୀତଳ ଭଣ୍ଡାର ପରି ଏକ ମୌଳିକ ଆବଶ୍ୟକତା ପୂର୍ଣ୍ଣ କରିପାରିନାହିଁ। ଏହି ଅଭିଯୋଗ କୌଣସି ବିରୋଧୀ ଦଳ ପକ୍ଷରୁ କରାଯାଇନାହିଁ। ବିଜେଡିର ଗତ ସାଧାରଣ ନିର୍ବାଚନର ଇସ୍ତାହାର ଏବଂ ରାଜ୍ୟ ସରକାରଙ୍କ ତଥ୍ୟ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଛି। କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ପ୍ରତି ବ୍ଲକରେ ସରକାରୀ-ଘରୋଇ ସହଭାଗିତା(ପିପିପି) ଦ୍ୱାରା ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ରାଜ୍ୟରେ ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବା ଜଣାପଡିଛି। ବିଜେଡି ନିଜ ଇସ୍ତାହାରର ପ୍ରଥମ ପୃଷ୍ଠାରେ ଏହି ପ୍ରତିଶ୍ରୁତି ପାଳନ କରିବା ନେଇ ଉଲ୍ଲେଖ କରିଛି। ସେହିପରି କୋରାପୁଟ, ବଲାଙ୍ଗୀର ଏବଂ କଳାହାଣ୍ଡି(କେବିକେ) ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ଇସ୍ତାହାରରେ ଉଲ୍ଲେଖ କରାଯାଇଥିଲା। ହେଲେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଭଳି କୃଷି ବିଶ୍ୱବିଦ୍ୟାଳୟ ପ୍ରତିଶ୍ରୁତି ମଧ୍ୟ ପାଣିର ଗାର ପାଲଟିଛି। ଏହି ଦୁଇଟି ମୁଖ୍ୟ ପ୍ରତିଶ୍ରୁତିକୁ ବାଦ୍ ଦେଇ ପ୍ରତି ପଞ୍ଚାୟତରେ ଗୋଦାମ ଘର କରିବାକୁ ମଧ୍ୟ ପ୍ରତିଶ୍ରୁତି ଦିଆଯାଇଥିଲା, ହେଲେ ତାହା ମଧ୍ୟ ସବୁ ସ୍ଥାନରେ ସମ୍ଭବ ହୋଇ ନ ଥିବା ଜଣାପଡିଛି।

ରାଜ୍ୟରେ ମୋଟ ୩୧୪ଟି ବ୍ଲକ ରହିଛି। ସମସ୍ତ ବ୍ଲକରେ ମୋଟ ୧୨୬ଟି ଶୀତଳ ଭଣ୍ଡାର ରହିଛି, ତନ୍ମଧ୍ୟରୁ ୮୦ଟି ଅଚଳ। ଏହି ଉତ୍ତର ଗତ ସେପ୍ଟେମ୍ବର ୧୧, ୨୦୧୮ରେ ତତ୍କାଳୀନ କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରଦାନ କରିଛନ୍ତି। ତେଣୁ ରାଜ୍ୟରେ ମାତ୍ର ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ଥିବା ସ୍ପଷ୍ଟ ହୋଇଯାଇଛି। ହେଲେ ନିକଟରେ କୃଷି ଭବନରେ ଜନୈକ ☞ପୃଷ୍ଠା-୪



୨ କୃଷି ଏବଂ କୃଷକ କଲ୍ୟାଣ:

ବିଗତ ୧୪ ବର୍ଷ ଧରି ରାଜ୍ୟରେ କୃଷି ଉତ୍ପାଦକତାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିପାରିଥିବା ହେତୁ ରାଜ୍ୟକୁ କୃଷି କର୍ମଣ ପୁରସ୍କାର ପ୍ରାପ୍ତି, ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ, କୃଷି ଋଣ ସୁଧ ହାର ୨ ପ୍ରତିଶତକୁ ହ୍ରାସ, ଋଣୀମାନଙ୍କୁ ୧ କ୍ୱିଣ୍ଟାଲ୍ ଧାନ ବିକ୍ରି ପିଛା ୧୦୦ ଟଙ୍କାର ସ୍ୱତନ୍ତ୍ର ଫାଇଲିନ୍ ପରବର୍ତ୍ତୀ ସହାୟତା ପ୍ରଦାନ ଭଳି ପଦକ୍ଷେପ ସମୂହ ବିଜେଡି ସରକାରଙ୍କର କୃଷି ଏବଂ କୃଷକ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ନିଦର୍ଶନ। ଆସନ୍ତା ଏକ ବର୍ଷ ମଧ୍ୟରେ କୃଷି ଋଣ ସୁଧହାର ୧ ପ୍ରତିଶତକୁ ହ୍ରାସ କରିବା ପାଇଁ ବିଜେଡି ସରକାର ଉଦ୍ୟମ କରିବ। ଏଥି ସହିତ ଆସନ୍ତା ୫ ବର୍ଷ ମଧ୍ୟରେ ୧୦ ଲକ୍ଷ ହେକ୍ଟରରୁ ଅଧିକ ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରିବା ପାଇଁ ବିଜେଡି ଲକ୍ଷ୍ୟ ରଖିଛି।

ଧାନ ସଂଗ୍ରହଣରେ ଅଂଶ ଗ୍ରହଣ କରୁଥିବା ଜିଲ୍ଲାମାନଙ୍କରେ ପ୍ରତି ୫୦୦୦ ଜନସଂଖ୍ୟା ପାଇଁ ଏକ ମଣ୍ଡି ସ୍ଥାପନ କରାଯିବା ସହିତ ଧାନ ଶୁଖାଇବା ଏବଂ ଅମଳ ପାଇଁ କଂକ୍ରିଟ୍ ଅଗଣା ବ୍ୟବସ୍ଥା କରାଯିବ। ଉନ୍ନତ ମାନର ବିହନ, ସାର, ପୋକମରା ଔଷଧ, କୀଟନାଶକ ଏବଂ ଆବଶ୍ୟକ ହେଉଥିବା ବୈଷୟିକ ସଂପ୍ରସାରଣ ସହାୟତା ପଞ୍ଚାୟତ ସ୍ତରରେ ଯୋଗାଇ ଦିଆଯିବ। ଆସନ୍ତା ୫ ବର୍ଷ ମଧ୍ୟରେ ବିହନ ପ୍ରତିବଦଳ ହାର ୩୪ ପ୍ରତିଶତକୁ ବୃଦ୍ଧି କରାଯିବ।

ରାଜ୍ୟର ପ୍ରତ୍ୟେକ ବ୍ଲକରେ ରିହାତି ପ୍ରଦାନ ସହ ପି.ପି.ପି. ଭିତ୍ତିରେ ପରିଚାଳିତ ଶୀତଳ ଭଣ୍ଡାର ପ୍ରତିଷ୍ଠା ନିମନ୍ତେ ବିଜେଡି ସରକାର ଉଦ୍ୟମ କରିବେ। କେବିକେରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ସବୁ ପଞ୍ଚାୟତରେ ଗୋଦାମ ଘର ନିର୍ମାଣ କରାଯିବ। ଅଚଳ ହୋଇ ପଡିଥିବା ଉଠାଜଳସେଚନ ପଏଣ୍ଟ ଗୁଡିକର

୨୦୧୪ ଇସ୍ତାହାରର ନକଲ।



ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତର।

# ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଆୟକର ଚଢ଼ାଉ



ଯୋଡ଼ାସ୍ଥିତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣି କାର୍ଯ୍ୟାଳୟ।

### ଟିକସ ଫାଙ୍କିବା ଅଭିଯୋଗ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଆୟକର ଫାଙ୍କିବା ଅଭିଯୋଗରେ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଶୁକ୍ରବାର ସକାଳେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଆୟକର ବିଭାଗ ଇନ୍ଦ୍ରାଣୀ ଓ ତାଙ୍କ ସ୍ୱାମୀ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ଘର ଏବଂ କାର୍ଯ୍ୟାଳୟ ସହିତ ସମୁଦାୟ ୧୬ଟି ସ୍ଥାନରେ ଏକକାଳୀନ ଚଢାଉ କରିଛି। ଚଢାଉରେ ଆୟକର ବିଭାଗର ପ୍ରାୟ ୧୮ଟି ଟିମ୍ ସାମିଲ ହୋଇଥିଲେ। ଆୟକର ଟିମ୍ ☞ପୃଷ୍ଠା-୪

## ଫେବୃୟାରୀରେ ୫ ଦିନିଆ ବିଧାନସଭା ଅଧିବେଶନ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ଆସନ୍ତା ଫେବୃୟାରୀ ୧୫ ବେଳକୁ ଚଳିତ ବିଧାନସଭାର ଶେଷ ଅଧିବେଶନ ଅନୁଷ୍ଠିତ ହେବ। ଏହା ୫ ଦିନିଆ ହେବ। ଏଥିରେ କେବଳ ଆସନ୍ତା ୬ ମାସ ପାଇଁ ଏକ କାମଚଳା ବଜେଟ ଉପସ୍ଥାପନ କରାଯିବ। ବିଭିନ୍ନ ଯୋଜନା ଖର୍ଚ୍ଚ ତୁଲାଇବା ପାଇଁ ଏହି ସ୍ୱଳ୍ପକାଳୀନ ଅଧିବେଶନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ର ବଜେଟ ସହିତ ତାଳ ଦେଇ ବଜେଟ ପ୍ରସ୍ତୁତ କରୁଥିଲେ। ☞ପୃଷ୍ଠା-୪

ଇସ୍ତଫା ଦେଲେ ଆଲୋକ ବର୍ମା ୩

### ଆଜିର ସମ୍ପାଦକୀୟ

ପ୍ରଶାସନିକ ନିଅଣ୍ଟ

### ଆଜିର ମନ୍ତବ୍ୟ

"ଭ୍ରଷ୍ଟାଚାର ମାମଲାରେ ଜାମିନରେ ମୁକୁଳିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣୁଛନ୍ତି।

**-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

### କିଛି ତଥ୍ୟ

ଗତ ୩ ଆର୍ଥିକ ବର୍ଷରେ ଦେଶର ରାଷ୍ଟ୍ରାୟତ୍ତ ଇସ୍ପାତ ସଂସ୍ଥାଗୁଡ଼ିକ ଗବେଷଣା ଏବଂ ଉନ୍ନତିକରଣ ବାବଦକୁ ୧୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଛନ୍ତି। **– ଇସ୍ପାତ ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 11.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 69 | 118 | 128 |
| DKL | 69 | 118 | 128 |
| BDK | 69 | 118 | 128 |
| BLS | 71 | 120 | 130 |
| ANG | 69 | 118 | 128 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


# ଖାକି ବାବୁଙ୍କ ରାଜଧାନୀ ମୋହ



- ବଦଳି ସତ୍ତ୍ୱେ ଗାଦି ଛାଡ଼ିବାକୁ ଅମଙ୍ଗ
- ଦୁର୍ନୀତିଗ୍ରସ୍ତ ହେବା ଆଶଙ୍କା

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୧୧।୧

କମିଶନରେଟ ପୋଲିସରେ ଦୀର୍ଘଦିନ ହେବ ଅନେକ ପୋଲିସ ଅଫିସର ଗାଦି ମାଡି ବସିଛନ୍ତି। ଅନ୍ୟ ଜିଲାକୁ ସେମାନଙ୍କ ବଦଳି ହେଉଥିଲେ ମଧ୍ୟ ସେମାନେ ସ୍ଥାନ ଛାଡିବାକୁ ଅମଙ୍ଗ। ଉପରିସ୍ଥ ଅଧିକାରୀ କିମ୍ବା ରାଜନେତାଙ୍କୁ ହାତକରି ସେମାନେ ବଦଳି ଆଦେଶ ବାତିଲ କରିଦେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଏଠାରେ ରହି ସବ୍‌ଇନ୍ସପେକ୍ଟରରୁ ଏସିପି ପଦବୀକୁ ମଧ୍ୟ ପଦୋନ୍ନତି ପାଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ କେତେଜଣ ପୋଲିସ ଅଫିସର ଅଛନ୍ତି ଯେଉଁମାନେ କି ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଭୁବନେଶ୍ୱର ଏବଂ କଟକରେ ଆଡ୍ଡା ଜମାଇଛନ୍ତି। ସୂଚନା ଅଧିକାର(ଆରଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏପରି ପୋଲିସ ଅଧିକାରୀଙ୍କ ସଂଖ୍ୟା ୮।

ପୋଲିସ ଅର୍ଡର ୧୦୯ ଓ ଧାରା ୮ରେ ଉଲ୍ଲେଖ ରହିଛି ଯେ, ଜଣେ ପୋଲିସ ଅଫିସର ଗୋଟିଏ ଜିଲାରେ ଅତି ବେଶିରେ ୧୦ ବର୍ଷ ରହିପାରିବେ। ଯଦି କୌଣସି ପୋଲିସ ଅଫିସର ବଦଳିକୁ ବାତିଲ ☞ପୃଷ୍ଠା-୪

# ଗଣିତରେ ଦୁର୍ବଳ ପିଲାଙ୍କ ପାଇଁ ସହଜ ପ୍ରଶ୍ନପତ୍ର



### ସିବିଏସ୍‌ଇର ନୂଆ ଯୋଜନା

- ୨୦୨୦ରୁ ୧୦ମ ଶ୍ରେଣୀରେ କାର୍ଯ୍ୟକାରୀ ହେବ
- ମୂଲ୍ୟାଙ୍କନରେ ତ୍ରୁଟି ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଦଶମ ଶ୍ରେଣୀରେ ଗଣିତରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ଯୋଜନା କରିଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)। ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ପ୍ରଶ୍ନପତ୍ର ତିଆରି ହେବ। ଗୋଟିଏ ପୂର୍ବଭଳି ପ୍ରସ୍ତୁତ ହେବ ଏବଂ ଅନ୍ୟଟି ସହଜ ପ୍ରଶ୍ନପତ୍ର ରହିବ। ଏହା ଦୁର୍ବଳ ଛାତ୍ରୀଛାତ୍ରଙ୍କ ଲାଗି ସହାୟକ ହେବ। ଶୁକ୍ରବାର ସିବିଏସ୍‌ଇ ପକ୍ଷରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ପରିଚାଳନା ଓ ଖାତାର ସଠିକ୍ ମୂଲ୍ୟାଙ୍କନ ଉପରେ ଆୟୋଜିତ କର୍ମଶାଳାରେ ସିବିଏସ୍‌ଇର ସଚିବ ଅନୁରାଗ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସେହିପରି ଦଶମ ଏବଂ ଦ୍ୱାଦଶ ପରୀକ୍ଷା ମୂଲ୍ୟାୟନ ଓ ପରିଚାଳନାରେ ☞ପୃଷ୍ଠା-୪





AUTHORISED FORD DEALERS: BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • ANGUL: NH 42, Karadagadia, Capital Ford, ☎: 9022920332. • BALANGIR: Koshal Chowk, Minerva Ford, ☎: 9619051495.• BALASORE: Near Januganj Golai, Basanti Ford, ☎: 9619049873. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • CUTTACK: Pratap Nagari, Odisha Ford, ☎: 9022909587. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SHILLONG: Mawiong RIM, Nikton Ford, ☎: 9022909581. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms & Conditions Apply. Above mentioned ex-showroom prices are for New Ford Aspire Ambiente Petrol, Ford EcoSport Ambiente Petrol and Ford Freestyle Ambiente Petrol. *The above mentioned finance offer is applicable on New Ford Aspire, Ford EcoSport and Ford Freestyle. It is a dealer offer and is available at select dealerships across India, if financed through Ford Credit India Private Limited ("Ford Credit"). The customer can avail a loan amount of up to 100% of the ex-showroom car price and needs to pay 10% of the loan amount as downpayment in the 4th month from the car purchase date. This scheme is applicable for loan tenure of 60 Months only. The finance is at the sole discretion of Ford Credit. The above finance offer is not available in state of Jammu and Kashmir. This offer is applicable on limited stock of 2018 and 2019 models and variants. The offer is valid till 31st January 2019. Colours are indicative only and may vary due to printing constraints. Accessories shown may not be part of standard fitment. Ford India reserves the right to cancel, terminate or suspend this offer at any time during the campaign period without any prior notice. For more information, please contact your nearest authorised Ford dealer.



ଭାରତର ଆଲୋଚନା ପ୍ରସ୍ତାବକୁ ନେଇ ପାକିସ୍ତାନ ଗମ୍ଭୀର ନୁହେଁ। ଇସଲାମାବାଦ କଥାବାର୍ତ୍ତା ପାଇଁ ପ୍ରସ୍ତୁତ ଥିଲେ ମୁମ୍ବାଇ ଓ ପଠାନକୋଟ ଆକ୍ରମଣକାରୀ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତା।
-ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ■ ସାଧାରଣ ନିର୍ବାଚନ ପାଇଁ ଅଣ୍ଟାଭିଡ଼ିଲେ ଶାସକ-ବିରୋଧୀ

# ଏବେ ଯୁଦ୍ଧ ପ୍ରସ୍ତୁତି

ଦୁଇହଜାର ଉଣେଇଶକୁ ଅପେକ୍ଷା କରିଥିଲେ ସମସ୍ତେ । ହେଲେ ନୂଆବର୍ଷକୁ ବିତିଗଲାଣି ୧୧ ଦିନ। ଏବେ ସାଧାରଣ ନିର୍ବାଚନକୁ ଆଉ ୪ ମାସ ବାକି । ମାର୍ଚ୍ଚ ଆଡ଼କୁ ନିର୍ବାଚନ କମିଶନ ଘୋଷଣା କରିବେ ଭୋଟ ତାରିଖ। ଏଥିଲାଗି କେଉଁ ଦଳ ଘରସଜାଡ଼ିବାରେ ବ୍ୟସ୍ତ ତ ଆଉ କିଏ କାହା ହାତ ଧରି ନିର୍ବାଚନୀ ବୈତରଣୀ ପାରହେବାକୁ ଖୋଜୁଛି ବାଟ । ଏନ୍‌ଡିଏରୁ ଗୋଟିଏ ପରେ ଗୋଟିଏ ସହଯୋଗୀ ଓହରି ଉପା ହାତ ଧରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋଜୁଛନ୍ତି ପୁରୁଣା ସାଥୀଙ୍କୁ । ସେପଟେ ଏକଦା ପରସ୍ପରର ମୁହଁ ଚାହୁଁ ନ ଥିବା ଏସ୍‌ପି ଏବଂ ବିଏସ୍‌ପି କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଏକାଠି ହେଲେଣି। କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ରାଜ୍ୟ ଶାଖାଗୁଡ଼ିକୁ ଦେଇଛନ୍ତି ଅଧିକ କ୍ଷମତା। ଓଡ଼ିଶାରେ ବିଜେଡିର ସମଦୂରତ୍ୱ ନୀତି, ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ କ୍ଷେପଣାସ୍ତ୍ର ମାଡ଼ ଏବଂ ଦକ୍ଷିଣରେ ଏମ୍.କେ. ଷ୍ଟାଲିନ ଓ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତୁହାକୁ ତୁହା ଆକ୍ରମଣ ମୋଦି ସରକାରଙ୍କୁ ଘାଇଲା କରିଛି । ସମ୍ଭବତଃ ଏଥିପାଇଁ ୩ ହିନ୍ଦୀଭାଷୀ ରାଜ୍ୟ ହାତରୁ ଖସିଯିବା ପରେ ନୂଆଦିଲ୍ଲୀର ରାମଲୀଲା ମଇଦାନରେ ଭାଜପା କରୁଛି ସମରସଜ୍ଜା।





ଭାଜପା ରାଷ୍ଟ୍ରୀୟ ଅଧିବେଶନର ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷ ଅମିତ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦଳୀୟ ନେତୃବୃନ୍ଦ।

## ■ ଖବରଦାତା ହତ୍ୟା ମାମଲା

# ରାମରହିମ ଦୋଷୀ

ପଞ୍ଚକୁଲା,୧୧।୧(ପି.ଟି.)



ଖବରଦାତା ରାମ ଚନ୍ଦର ଛତ୍ରପତି ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁର୍‌ମିତ ରାମ ରହିମ ସିଂ ଏବଂ ଅନ୍ୟ ୩ ଜଣଙ୍କୁ ଏକ ସିବିଆଇ ଅଦାଲତ ଶୁକ୍ରବାର ଦୋଷୀସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୭ରେ ସେମାନଙ୍କ ଦଣ୍ଡ ଶୁଣାଣି ହେବ। ଅନ୍ୟ ୩ ଅଭିଯୁକ୍ତ ହେଲେ କୁଲଦୀପ ସିଂ, ନିର୍ମଳ ସିଂ ଏବଂ କ୍ରିଷନ୍ ଲାଲ୍। ବଳାତ୍କାର ମାମଲାରେ ୨୦ ବର୍ଷ ସଜା କାଟୁଥିବା ରାମରହିମ ରୋହତକ୍‌ର ସୁନାରିଆ ଜେଲ୍‌ରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ।

୨୦୦୨ ଅକ୍ଟୋବରରେ ହରିୟାଣାର ଖବରଦାତା ରାମ ଚନ୍ଦରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ଖବରକାଗଜ 'ପୂରା ସଚ୍'ରେ ଡେରା ମୁଖ୍ୟଙ୍କ ବିରୋଧରେ ଏକ ବେନାମୀ ଚିଠି ପ୍ରକାଶିତ ହୋଇଥିଲା। ଏଥିରେ ରାମରହିମ ତାଙ୍କ ସିର୍ସା ଆଶ୍ରମରେ ମହିଳାମାନଙ୍କୁ ଯୌନ ଶୋଷଣ କରୁଥିବା ଉଲ୍ଲେଖ ଥିଲା। ୨୦୦୩ରେ ମାମଲା ରୁଜୁ ହେବା ପରେ ୨୦୦୬ରେ ଉକ୍ତ ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା।

# ସୁପ୍ରିମକୋର୍ଟ ଯିବେ ୨ ବିଚାରପତି

ନୂଆଦିଲ୍ଲୀ,୧୧।୧(ପି.ଟି.)




ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଜଷ୍ଟିସ୍ ସଞ୍ଜୀବ ଖାନ୍ନା

ସୁପ୍ରିମକୋର୍ଟ କଲେଜିୟମ ଶୁକ୍ରବାର କର୍ଣ୍ଣାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଦିନେଶ ମାହେଶ୍ୱରୀ ଏବଂ ଦିଲ୍ଲୀ ହାଇକୋର୍ଟର ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଲାଗି ସୁପାରିସ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ବସିଥିବା କଲେଜିୟମରେ ଏହି ନିଷ୍ପତ୍ତି ନିଆଯାଇଛି।

# ମୋଦି ଟେଲିପ୍ରମ୍ପ୍‌ଟର ନ ଦେଖି ଇଂଲିଶ କହିପାରନ୍ତି ନାହିଁ: ମମତା

ନୂଆଦିଲ୍ଲୀ,୧୧।୧



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦୌ ଭଲ ଇଂଲିଶ କହିପାରନ୍ତି ନାହିଁ। ଏପରି କି ସେ ଟେଲିପ୍ରମ୍ପ୍‌ଟର ନ ଦେଖି ଧାଡ଼ିଏ ବି ଇଂଲିଶ କହିପାରିବେ ନାହିଁ ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଯୋଜନାରୁ ପଶ୍ଚିମବଙ୍ଗ ସରକାର ଓହରିଯିବା ନେଇ ଘୋଷଣା କରିବାବେଳେ ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି, ପ୍ରଧାନମନ୍ତ୍ରୀ ବହୁତ ଭାଷଣ ଦିଅନ୍ତି। ହେଲେ ସେ ଠିକ୍ ଭାବେ ଇଂଲିଶ କହିପାରନ୍ତି ନାହିଁ। ଏଥିପାଇଁ ସେ ସବୁବେଳେ ଟେଲିପ୍ରମ୍ପ୍‌ଟରର ସହାୟତା ନେଇଥାନ୍ତି। ମୋଦି ସ୍କ୍ରିନ୍‌କୁ ଦେଖି ସେଥିରେ ଇଂଲିଶରେ ଯାହା ଲେଖା ହୋଇଥାଏ ସେ ତାକୁ ପଢ଼ି ଶୁଣାନ୍ତି। ମୋଦି ଇଂଲିଶରେ ଅନର୍ଗଳ କହିପାରନ୍ତି ବୋଲି ଦେଖିବା ଲୋକେ ମନେକରନ୍ତି। ଏକଥା ସମ୍ପୂର୍ଣ୍ଣ ଗଣମାଧ୍ୟମ ଜଗତକୁ ଜଣା। ହେଲେ ଆମକୁ ଏପରି କରିବାକୁ ପଡ଼େନାହିଁ ବୋଲି ମମତା କହିଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କଦର୍ଯ୍ୟ ରାଜନୀତି କରୁଥିବାରୁ ପଶ୍ଚିମବଙ୍ଗ ମହତ୍ତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ୍ ଭାରତରୁ ଓହରିଯାଇଛି ବୋଲି ମମତା ଘୋଷଣା କରିଛନ୍ତି।

# ବିଚାରଧାରାର ଲଢ଼େଇ: ଶାହ

ନୂଆଦିଲ୍ଲୀ,୧୧।୧(ପି.ଟି.)

ଆଗାମୀ ଲୋକ ସଭା ନିର୍ବାଚନ ସବୁ ରାଜନୈତିକ ଦଳ ମଧ୍ୟରେ ଏକ ଯୁଦ୍ଧ। ଏହା ଏକ ବିଚାରଧାରାର ଲଢ଼େଇ। ଏହା ମରାଠା ଓ ଆଫଗାନ ସେନା ମଧ୍ୟରେ ତୃତୀୟ ପାନିପଥ ଯୁଦ୍ଧ ସଦୃଶ। ନିର୍ବାଚନର ଫଳାଫଳ ମଧ ଦେଶ ପାଇଁ ଏହିଭଳି ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଗୁରୁବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କହିଛନ୍ତି।

ଦିଲ୍ଲୀର ରାମଲୀଳା ମଇଦାନରେ ଭାଜପା ରାଷ୍ଟ୍ରୀୟ ଅଧିବେଶନର ଉଦ୍‌ଘାଟନୀ ସମାରୋହରେ ଦଳୀୟ କର୍ମକର୍ତ୍ତାଙ୍କୁ ଶାହ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଭାଜପା ବିରୋଧରେ ପ୍ରସ୍ତାବିତ ମହାମେଣ୍ଟ ଏକ ଛଳନା। ବିରୋଧୀ ଦଳଗୁଡ଼ିକର ନେତା ନାହାନ୍ତି କି ନୀତି ନାହିଁ। କେବଳ କ୍ଷମତା ଲୋଭ ସେଗୁଡ଼ିକୁ ଏକାଠି କରିଛି। ଭାଜପା ନିଜର ସାଂସ୍କୃତିକ ଜାତୀୟତାବାଦ ଓ ଗରିବଙ୍କ ମଙ୍ଗଳ କାର୍ଯ୍ୟସୂଚୀକୁ ନେଇ ନିଶ୍ଚିତ ଭାବେ ନିର୍ବାଚନ ଜିତିବ। ଭାଜପାରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଛନ୍ତି। ତାଙ୍କୁ ପୁନଃ କ୍ଷମତାସୀନ କରିବା ପାଇଁ ଭାଜପା ପ୍ରତିନିଧିମାନେ ଶପଥ ନିଅନ୍ତୁ ବୋଲି ଶାହ ପରାମର୍ଶ ଦେଇଥିଲେ। ପ୍ରାୟ ଘଣ୍ଟାଏ ଧରି ଦେଇଥିବା ଭାଷଣରେ ଶାହ ବାରମ୍ବାର ଆଗାମୀ ନିର୍ବାଚନକୁ ଗୁରୁତ୍ୱ ଦେଇ ମୋଦି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ବଖାଣିଥିଲେ। ଶାହ କହିଥିଲେ, ଭ୍ରଷ୍ଟାଚାର ମାମଲାରେ ଜାମିନରେ ମୁକୁଳିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିରୋଧୀ ଦଳଗୁଡ଼ିକ 'ମଜବୁର ସରକାର' ଆଣିବାକୁ ଚାହୁଁଥିବାବେଳେ ଲୋକେ ଭାଜପାର 'ମଜଭୁତ ସରକାର' ଗଢ଼ିବାକୁ ଚାହାନ୍ତି। ରାଜନୀତି ଫିଜିକ୍ସ (ପଦାର୍ଥ ବିଜ୍ଞାନ) ନୁହେଁ, ଏହା କେମିଷ୍ଟ୍ରି (ରସାୟନ ବିଜ୍ଞାନ)।

ମଞ୍ଚରେ ପ୍ରଧାନମନ୍ତ୍ରୀ ଓ ଶାହଙ୍କ ସହ ବରିଷ୍ଠ ନେତା ଲାଲାକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ, ଅନେକ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଦୁଇଦିନିଆ ରାଷ୍ଟ୍ରୀୟ ଅଧିବେଶନରେ ଭାଜପାର ପ୍ରାୟ ୧୨,୦୦୦ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୋଦି ଶନିବାର ଉଦ୍‌ଯାପନୀ ଭାଷଣ ଦେଇ ସାଧାରଣ ନିର୍ବାଚନ ପାଇଁ ଦଳର କାର୍ଯ୍ୟସୂଚୀ ଘୋଷଣା କରିବେ। ଭୋଟ ପୂର୍ବରୁ ଏହାକୁ ଭାଜପାର ରଣନୀତି ପ୍ରସ୍ତୁତି ମଞ୍ଚ ବୋଲି କୁହାଯାଉଛି।

# ମେଜର, ଯବାନ ଶହୀଦ

ନୂଆଦିଲ୍ଲୀ,୧୧।୧

ଜମ୍ମୁ-କଶ୍ମୀର ରାଜୌରୀ ଜିଲାର ନୌଶେରା ସେକ୍ଟରରେ ଶୁକ୍ରବାର ଆଇଇଡି ବିସ୍ଫୋରଣରେ ଜଣେ ସେନା ମେଜର ଏବଂ ଜଣେ ଯବାନ ଶହୀଦ ହୋଇଛନ୍ତି। ପୁଖାର୍ନି ଅଞ୍ଚଳର ରୂପମତି ଫରୱାର୍ଡ ପୋଷ୍ଟ ନିକଟରେ ପ୍ରଥମ ବିସ୍ଫୋରଣ ଅପରାହ୍ନ ୪ଟା ୩୦ରେ ଏବଂ ଦ୍ୱିତୀୟ ବିସ୍ଫୋରଣ ସଂଧ୍ୟା ୬ଟାରେ ହୋଇଥିଲା। ପାଟ୍ରୋଲିଂ କରୁଥିବା ଯବାନଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ଏଲଓସି ଅନ୍ତର୍ଗତ ଉକ୍ତ ଅଞ୍ଚଳରେ ଆଇଇଡି ଖଞ୍ଜିଥିଲେ। ବିସ୍ଫୋରଣରେ ମେଜର ଏସ୍.ଜି. ନାୟାର ଏବଂ ଜଣେ ଯବାନ ଆହତ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲ୍ ନିଆଯାଇଥିବାବେଳେ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଛି। ଏହା ବ୍ୟତୀତ ରାଜୌରୀ ଜିଲାର ସୁନ୍ଦରବଣି ଅଞ୍ଚଳରେ ସୀମାପାର ଗୁଳିରେ ଜଣେ ସେନା ପୋର୍ଟରଙ୍କର ମୃତ୍ୟୁ ଘଟିଛି।



ଅମୃତସରରେ ଶୁକ୍ରବାର ପାରମ୍ପରିକ ପଞ୍ଜାବୀ ପୋଷାକ ପରିଧାନ କରି ଲୋହରି ଉତ୍ସବ ପାଳନ କରୁଛନ୍ତି ସ୍କୁଲ ଛାତ୍ରୀ।

# ପିସିସିକୁ ଅଧିକ କ୍ଷମତା

**ନୂଆଦିଲ୍ଲୀ,୧୧।୧(ଆଇଏଏନ୍‌ଏସ୍):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସର ରାଜ୍ୟ ଶାଖାଗୁଡ଼ିକୁ ଅଧିକ କ୍ଷମତା ଦିଆଯାଇଛି। ଏହାସହ ନିର୍ବାଚନ ବେଳେ କାହାକୁ ପ୍ରାର୍ଥୀ କରାଯିବ ଏବଂ ପ୍ରଚାର ତଥା ସମନ୍ୱୟ କ୍ଷେତ୍ରରେ ମଧ ସ୍ୱାୟତ୍ତତା ଦିଆଯାଇଥିବା ଶୁକ୍ରବାର ଏଆଇସିସି ପକ୍ଷରୁ କୁହାଯାଇଛି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ନୂଆଦିଲ୍ଲୀରେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତିମାନଙ୍କୁ ନେଇ ଏକ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଓ ଜିଲାସ୍ତରରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ପିସିସି ସଭାପତିମାନଙ୍କୁ କେନ୍ଦ୍ରୀୟ ନେତୃତ୍ୱ ପରାମର୍ଶ ଦେଇଛନ୍ତି। ଏଥିସହ ନିଜ ନିଜ ରାଜ୍ୟରେ ୨୦୧୯ ଯୁଦ୍ଧ ପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ତୁରନ୍ତ ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି।

# ଭାଜପା ସହ ମେଣ୍ଟକୁ ଷ୍ଟାଲିନ୍‌ଙ୍କ ନା

**ଚେନ୍ନାଇ,୧୧।୧(ଆଇଏଏନ୍‌ଏସ୍):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସହିତ କୌଣସି ମେଣ୍ଟ କରାଯିବ ନାହିଁ ବୋଲି ଶୁକ୍ରବାର ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ସ୍ପଷ୍ଟ କରିଛନ୍ତି। ତାମିଲନାଡୁରେ ପୁରୁଣା ସହଯୋଗୀଙ୍କ ପାଇଁ ଏନ୍‌ଡିଏର ଦ୍ୱାର ଖୋଲା ଅଛି ବୋଲି



ମୋଦି ଚେନ୍ନାଇରେ ଘୋଷଣା କରିବାର ଦିନକ ପରେ ମେଣ୍ଟ ସମ୍ଭାବନାକୁ ଷ୍ଟାଲିନ୍ ଖଣ୍ଡନ କରିଛନ୍ତି। ପ୍ରକାଶ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ଡିଏମ୍‌କେ ସାମିଲ ଥିଲା। ମୋଦି ବାଜପେୟୀଙ୍କ ରାଜନୈତିକ ସଂସ୍କୃତିକୁ ଅନୁକରଣ କରୁ ନ ଥିବାରୁ ତାଙ୍କ ସଦ୍ୟ ମନ୍ତବ୍ୟକୁ ନେଇ ବିସ୍ମିତ ହୋଇଥିବା ଷ୍ଟାଲିନ୍ କହିଛନ୍ତି।



## ମୋଦି, ଯୋଗୀଙ୍କୁ 'ଗୋରୁ' କହିଲେ ଅଜିତ୍ ସିଂ

**ମଥୁରା,୧୧।୧(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ 'ଗୋରୁ' କହି ବିବାଦ ଘେରରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ଅଜିତ୍ ସିଂ। 'କିଷାନ ସେ ସମ୍ବାଦ' କାର୍ଯ୍ୟକ୍ରମରେ ଅଜିତ୍ କହିଛନ୍ତି, ମୋଦି ଷଣ୍ଢ, ଯୋଗୀ ବାଛୁରି ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଗାଈ। ଆଜିକାଲି ଗାଈ, ବଳଦ ଓ ବାଛୁରି ବହୁତ ବୁଲୁଛନ୍ତି ବୋଲି ଖବରକାଗଜରେ ପଢ଼ିବାକୁ ମିଳୁଛି। ଏହାକୁ ନେଇ ଅଜିତ୍ କ୍ଷମାମାଗନ୍ତୁ ବୋଲି ଭାଜପା ଦାବି କରିଛି।

# ଏସ୍‌ପି-ବିଏସ୍‌ପି ମେଣ୍ଟ ଘୋଷଣା ଆଜି



**ଲକ୍ଷ୍ନୌ,୧୧।୧(ଆଇଏଏନ୍‌ଏସ୍):** ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟରେ ମେଣ୍ଟକୁ ନେଇ ଚୂଡ଼ାନ୍ତ ଆସନ ବୁଝାମଣା ଶେଷ ହୋଇଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ଲକ୍ଷ୍ନୌର ଏକ ପଞ୍ଚତାରକା ହୋଟେଲରେ ଶନିବାର ଏକ ମିଳିତ ଖବରଦାତା ସମ୍ମିଳନୀ ଆୟୋଜିତ କରି ଏହା ଘୋଷଣା କରିବେ। ଲୋକ ସଭା ନିର୍ବାଚନରେ ଉଭୟ ଦଳ ୩୭ଟି ଆସନରେ ଲଢ଼ିବେ। ସେମାନେ ଅଜିତ୍ ସିଂଙ୍କ ରାଷ୍ଟ୍ରୀୟ ଲୋକ ଦଳକୁ ୨ଟି ଆସନ ଛାଡ଼ିଦେବେ। ସେହିପରି ଅମେଠି ଓ ରାଏବରେଲି ଆସନରେ ଯଥାକ୍ରମେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ମେଣ୍ଟ ପ୍ରାର୍ଥୀ ଦେବନାହିଁ ବୋଲି ଜଣାପଡ଼ିଛି। ଉଭୟ କେନ୍ଦ୍ର ଓ ଉତ୍ତରପ୍ରଦେଶରେ କ୍ଷମତାସୀନ ଭାଜପାକୁ ହରାଇବା ପାଇଁ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ରଣନୀତି ସ୍ଥିର କରିଛନ୍ତି। ତେବେ ମେଣ୍ଟରେ କଂଗ୍ରେସକୁ ସାମିଲ କରି ନ ଥିବାରୁ ଏହା ବିପଜ୍ଜନକ ଭୁଲହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

# କେତେ ପାକିସ୍ତାନୀ ଧରାହୋଇଛନ୍ତି

ୱାଶିଂଟନ,୧୧।୧(ପି.ଟି.)



ସୀମା ବୁଲିଲେ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟେକ୍ସାସ୍‌ର ଦକ୍ଷିଣ ପାର୍ଶ୍ୱ ସୀମାକୁ ଗସ୍ତରେ ଯାଇ ନିରାପତ୍ତା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ଚଳିତ ସପ୍ତାହ ଆରମ୍ଭରେ ଆମେରିକାରେ ଅନୁପ୍ରବେଶ ଉଦ୍ୟମ କରି କେତେଜଣ ପାକିସ୍ତାନୀ ଗିରଫ ହୋଇଛନ୍ତି ବୋଲି ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଅଫିସରଙ୍କୁ ଟ୍ରମ୍ପ୍ ପଚାରିଛନ୍ତି। ମେକ୍ସିକୋ ସୀମା ଦେଇ ଅଧିକାଂଶ ଦକ୍ଷିଣ ଏସୀୟ ନାଗରିକ ବେଆଇନ ପ୍ରବେଶ ଉଦ୍ୟମ କରିଥିବା ତାଙ୍କୁ ସୂଚନା ଦିଆଯାଇଥିଲା। ୪୧ଟି ଦେଶରୁ ଲୋକେ ବେଆଇନ ଅନୁପ୍ରବେଶ ଉଦ୍ୟମ କରି ଧରାପଡିଛନ୍ତି। ଦିନକ ପୂର୍ବରୁ କେନ୍ଦ୍ରୀୟ ଆମେରିକା ଏବଂ ମେକ୍ସିକୋକୁ ବାଦ ଦେଇ ୧୩୩ ଜଣଙ୍କୁ ଗିରଫ କରାଯାଇଛି, ସେମାନଙ୍କ ମଧ୍ୟରେ ପାକିସ୍ତାନୀ ଏବଂ ରୋମାନିଆ ନାଗରିକ ଅଛନ୍ତି ବୋଲି ଅଧିକାରୀମାନେ କହିଥିଲେ। ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଜରୁରୀ ହୋଇଥିବାବେଳେ ଏଥିପାଇଁ କଂଗ୍ରେସ ପାଣ୍ଠି ମଞ୍ଜୁର କରୁ ନ ଥିବାରୁ ଜାତୀୟ ଜରୁରୀ ପରିସ୍ଥିତି ଜାରି କରିବାକୁ ଟ୍ରମ୍ପ୍ ଦେଇଥିବା ଚେତାବନୀକୁ ଦୋହରାଇଛନ୍ତି।

## ■ ବିଦେଶରେ ପୁଣି ବର୍ଷିଲେ ରାହୁଲ

# ଭାରତରେ ସାଢ଼େ ୪ ବର୍ଷ ହେଲା ଅସହିଷ୍ଣୁତା

ଦୁବାଇ,୧୧।୧(ପି.ଟି.)

ବିଦେଶ ମାଟିରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଉପରେ ପୁଣି ବର୍ଷିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ଦୁବାଇ ଗସ୍ତରେ ଥିବା ରାହୁଲ ୨୦୧୯କୁ 'ସହିଷ୍ଣୁତାର ବର୍ଷ' ଭାବେ ଘୋଷଣା କରିଥିବା ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ଶୁକ୍ରବାର ପ୍ରଶଂସା କରିଛନ୍ତି। ଏହାସହ ଭାରତରେ ସାଢ଼େ ୪ ବର୍ଷ ହେଲା ଅସହିଷ୍ଣୁତା ଲାଗିରହିଥିବା କହିଛନ୍ତି।

ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଭାରତୀୟ ବଂଶୋଦ୍ଭବଙ୍କୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ସେ ୟୁଏଇ ଭାଇସ୍ ପ୍ରେସିଡେଣ୍ଟ ତଥା ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ୍ ରଶିଦ୍ ଅଲ୍ ମକ୍‌ତୁମ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ତାଙ୍କ ଆତିଥ୍ୟ ମୁଗ୍ଧ କରିଛି। ଏଠାରେ ଚଳିତବର୍ଷକୁ ସହିଷ୍ଣୁତାର ବର୍ଷ ଭାବେ ପାଳନ କରାଯାଉଛି। କିନ୍ତୁ ଭାରତ କଥା ଦେଖିଲେ ଦୁଃଖ ଲାଗୁଛି। ସେଠାରେ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅସହିଷ୍ଣୁତା ଦେଖିବାକୁ ମିଳୁଛି। ଆଜି ମୋ ପ୍ରିୟ ଦେଶ ଭାରତ ରାଜନୈତିକ କାରଣରୁ ବିଭାଜିତ ହୋଇଯାଇଛି ବୋଲି ସେ ସମାଲୋଚନା କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦିଆଯିବ ବୋଲି ଦୁବାଇର ଲେବର କଲୋନୀରେ ରହୁଥିବା ଭାରତୀୟ ଶ୍ରମିକମାନଙ୍କୁ ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ରାହୁଲଙ୍କ ସହ ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଚେୟାରମ୍ୟାନ୍ ସାମ୍ ପିତ୍ରୋଡା ଓ କଂଗ୍ରେସ ନେତା ମିଲିନ୍ଦ ଦେଓରା ମଧ ୟୁଏଇ ଗସ୍ତରେ ଅଛନ୍ତି। ସେମାନେ ଶନିବାର ଆବୁଧାବି ଯିବେ।



ୟୁଏଇ ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ୍ ରଶିଦ୍ ଅଲ୍ ମକ୍‌ତୁମ୍‌ଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

## ମୀରା ସାନ୍ୟାଲଙ୍କ ପରଲୋକ

ନୂଆଦିଲ୍ଲୀ/ମୁମ୍ବାଇ,୧୧।୧(ପି.ଟି.)

ବ୍ୟାଙ୍କର୍‌ରୁ ରାଜନେତା ସାଜିଥିବା ମୀରା ସାନ୍ୟାଲଙ୍କ ଶୁକ୍ରବାର ପରଲୋକ ହୋଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। କେରଳର କୋଚିରେ ଜନ୍ମିତ ସାନ୍ୟାଲ ରୟାଲ ବ୍ୟାଙ୍କ ଅଫ୍ ସ୍କଟଲାଣ୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ପଦରୁ ଇସ୍ତଫା ଦେବା ପରେ ୨୦୧୪ରେ ମୁମ୍ବାଇ ଦକ୍ଷିଣ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ସାନ୍ୟାଲଙ୍କୁ ଜଣେ ବିଚକ୍ଷଣ ଅର୍ଥନୈତିଜ୍ଞ ଭାବେ ଅଭିହିତ କରି ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ମଧ୍ୟ ଶୋକବ୍ୟକ୍ତ କରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।



# ଗିରଫ ହୋଇପାରନ୍ତି ଅସ୍ଥାନା

ନୂଆଦିଲ୍ଲୀ,୧୧।୧(ପି.ଟି.)



ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିବା ଲାଗି ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏଥିସହିତ ତାଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ନ ଚଳାଇବାକୁ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ମଧ କୋର୍ଟ ରଦ୍ଦ କରିଦେଇଛନ୍ତି। ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ଅସ୍ଥାନାଙ୍କ ବିରୋଧରେ ଲାଞ୍ଚ ଅଭିଯୋଗର ତଦନ୍ତ ଚାଲିବ ଏବଂ ସେ ଗିରଫ ହୋଇପାରନ୍ତି ବୋଲି ଜଣାପଡ଼ିଛି। ଏଥିସହିତ ସିବିଆଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବେନ୍ଦ୍ର କୁମାର ଏବଂ ଅଭିଯୁକ୍ତ ମଧ୍ୟସ୍ଥ ମନୋଜ ପ୍ରସାଦଙ୍କ ବିରୋଧରେ ଦାଏର ଏତଲା ରଦ୍ଦ କରିବାକୁ ଜଷ୍ଟିସ୍ ନଜମି ୱଜିରି ମନା କରିଦେଇଛନ୍ତି। ଅସ୍ଥାନା ଏବଂ ଅନ୍ୟମାନଙ୍କ ବିରୋଧରେ ତଦନ୍ତ ୧୦ ସପ୍ତାହ ମଧ୍ୟରେ ଶେଷ କରିବାକୁ ସିବିଆଇକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦାଏର ଏତଲାକୁ ଚାଲେଞ୍ଜ କରି ଅସ୍ଥାନା, ଦେବେନ୍ଦ୍ର ଏବଂ ମନୋଜ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇଦ୍ରାବାଦର ଜଣେ ବ୍ୟବସାୟୀ ସଥୀଶ ବାବୁ ସାନାଙ୍କ ଅଭିଯୋଗ ଆଧାରରେ ଅସ୍ଥାନାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ଏକ ମାମଲାକୁ କୋହଳ କରିବା ଲାଗି ସେ ଅସ୍ଥାନାଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ କରିଥିଲେ।

## ବର୍ମା କରିଥିବା ଅଦଳବଦଳକୁ ରଦ୍ଦ କଲେ ନାଗେଶ୍ୱର

**ନୂଆଦିଲ୍ଲୀ,୧୧।୧(ପି.ଟି.):** ଆଲୋକ ବର୍ମା କରିଥିବା ସମସ୍ତ ବଦଳିକୁ ଅନ୍ତରୀଣ ସିବିଆଇ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓ ରଦ୍ଦ କରିଛନ୍ତି। ଫଳରେ ଜାନୁୟାରୀ ୮ର ସ୍ଥିତାବସ୍ଥା ଫେରିଆସିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବର୍ମା ସିବିଆଇ ନିର୍ଦ୍ଦେଶକ ଭାବେ ପୁନଃ ଅବସ୍ଥାପିତ ହେବା ପରେ ନାଗେଶ୍ୱର କରିଥିବା କେତେକ ବଦଳି ଆଦେଶକୁ ବାତିଲ କରିଥିଲେ। ଏଥିସହିତ ସେ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ମାମଲାର ତଦନ୍ତ ପାଇଁ ଜଣେ ନୂଆ ତଦନ୍ତକାରୀ ଅଫିସର ନିଯୁକ୍ତ କରିଥିଲେ। ଚୟନ କମିଟି ବର୍ମାଙ୍କୁ ବଦଳି କରି ନାଗେଶ୍ୱରଙ୍କୁ ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତ କରିଛନ୍ତି ।


ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ ତାଙ୍କର ରାଜନୈତିକ ସହଯୋଗୀ ସୁ ସେଙ୍ଗ୍-ଚାଙ୍ଗ୍‌ଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ସ୍ଥାନୀୟ ନିର୍ବାଚନରେ ଶାସକ ଡେମୋକ୍ରାଟିକ ପ୍ରୋଗ୍ରେସିଭ୍ ପାର୍ଟି (ଡିପିପି) ପରାଜିତ ହେବା ପରେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଛନ୍ତି।






# ଓଡ଼ିଶା କନ୍ଦମୂଳରେ ୧ ନମ୍ବର

ଭୁବନେଶ୍ୱର,୧୧।୧(ବ୍ୟୁରୋ)

- ‘କୃଷି-୨୦୧୯’ ମାସ୍କଟ ଉନ୍ମୋଚିତ
- ବାର୍ଷିକ ଉତ୍ପାଦନ ହେଉଛି ୩.୮୨ଲକ୍ଷ ଟନ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ‘କୃଷି-୨୦୧୯’ ଲୋଗୋ ଉନ୍ମୋଚନ କରିଛନ୍ତି। ଓଡିଶା କନ୍ଦମୂଳ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ କୃଷି-୨୦୧୯କୁ ଚୟନ କରାଯାଇଛି। କନ୍ଦମୂଳ ଭିଟାମିନ-ଏ’ରେ ପରିପୂର୍ଣ୍ଣ। ଏହାକୁ ବିପର୍ଯ୍ୟୟ ପ୍ରଶମନ ଶସ୍ୟ କୁହାଯାଇଥାଏ। ବାତ୍ୟା ଓ ମରୁଡି ସମୟରେ ଏହି ଶସ୍ୟ ଉତ୍ପାଦନ ହୋଇଥାଏ।

କନ୍ଦମୂଳ ଏକ ଲାଭଜନକ ଫସଲ, ଯାହା କି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ବ୍ୟଞ୍ଜନରେ ବ୍ୟବହୃତ ହୁଏ। ସମଗ୍ର ଦେଶରେ କନ୍ଦମୂଳ ଉତ୍ପାଦନରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟରେ ସମୁଦାୟ ୪୦,୪୦୯ ହେକ୍ଟର ଜମିରେ ଏହା ଚାଷ କରାଯାଏ। ସେଥିରୁ ମୋଟ ୩.୮୨ ଲକ୍ଷ ମେଟ୍ରିକ ଟନ ଉତ୍ପାଦିତ ହୋଇଥାଏ। ଭିଟମିନ-ଏ’ରେ ପରିପୂର୍ଣ୍ଣ ଏହି ଫସଲର ୨ଟି କିସମ କଞ୍ଚନଗଡ ଓ ବିଧାନଜ୍ୟୋତି ଭାରତରେ ଅତ୍ୟନ୍ତ ଆଦୃତି ଲାଭ କରିଛି। ଏହି ଫସଲ ଓ ଚାଷର ଆୟତନ ବୃଦ୍ଧି ପାଇଁ ଗେନ୍ସ


ସଚିବାଳୟରେ ‘କୃଷି-୨୦୧୯’ ମାସ୍କଟକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ନାମକ ଏକ ପ୍ରକଳ୍ପ ୨୦୧୬-୧୭ରୁ ରାଜ୍ୟରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ଆନୁକୂଲ୍ୟରେ ଗଞ୍ଜାମ, ଢେଙ୍କାନାଳ, କୋରାପୁଟ ଓ ସୁନ୍ଦରଗଡ ଜିଲାରେ କାର୍ଯ୍ୟ କରୁଛି। ଏହାଦ୍ୱାରା ୬ ହଜାର ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଫସଲ ଓ ଚାଷୀମାନଙ୍କୁ ଖାଦ୍ୟ ନିରାପତ୍ତା, ପୁଷ୍ଟି ଯୋଗାଣରେ ଏହା ବିଶେଷ ସହାୟକ ହୋଇପାରିବ। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କନ୍ଦ ଜାତୀୟ ଫସଲ ଗବେଷଣା କେନ୍ଦ୍ର (ସିଟିସିଆରଆଇ) ଠାରେ କନ୍ଦମୂଳ ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇ ଚିପ୍‌ସ, ପାସ୍ତା, ଅଟା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏଥିସହିତ ଚାଷୀମାନଙ୍କୁ ମଧ୍ୟ ତାଲିମ ଦେବାର ବ୍ୟବସ୍ଥା କରାଯାଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲୋଗୋ ଉନ୍ମୋଚନ ସମୟରେ ଅର୍ଥ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା, ଏମ୍‌ପି ତଥାଗତ ସତପଥୀ, କୃଷି ବିଭାଗ ସଚିବ, ଜଳ ସମ୍ପଦ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତିରାଜ: ପୂରଣ ହେବ ୯୦୮ କନିଷ୍ଠ ଯନ୍ତ୍ରୀ ପଦବୀ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପଞ୍ଚାୟତିରାଜ ବିଭାଗରେ ୯୦୮ଟି କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ଲାଗି ନିଷ୍ପତ୍ତି ନେଇଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବ୍ଲକସ୍ତରୀୟ ଯୋଜନା ଲାଗି ଅଧିକ କନିଷ୍ଠ ଯନ୍ତ୍ରୀ ପଦବୀର ଆବଶ୍ୟକତା ଥିବାରୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ପଞ୍ଚାୟତିରାଜ ବିଭାଗରେ କନିଷ୍ଠ ଯନ୍ତ୍ରୀ ସଂଖ୍ୟା ୧୭୬୧କୁ ବୃଦ୍ଧି ପାଇବ।

■ ପଶ୍ଚିମ, ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ

## ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ସ୍ଥାନୀୟ ଜନସାଧାରଣ ଦୀର୍ଘଦିନ ଧରି ଦାବି କରିବା ସହ ଆନ୍ଦୋଳନ କରି ଆସୁଛନ୍ତି। ଏହା ଦ୍ୱାରା ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। କେନ୍ଦ୍ର ସରକାର ଉକ୍ତ ଦୁଇଟି ଭାଗରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ବିହୀତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ସେ ଚିଠି ଲେଖି କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ପୂର୍ବରୁ ସମାନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବର ୫ରେ ମଧ୍ୟ ଏକ ଚିଠି ଲେଖିଥିଲେ। ଏହା ପୂର୍ବରୁ ୨୦୧୩ ସେପ୍ଟେମ୍ବର ୨୮ ଏବଂ ୨୦୧୪ ଫେବୃୟାରୀ ୧୩ରେ ଚିଠି ଲେଖି ସାରିଛନ୍ତି। ନିକଟରେ ପଶ୍ଚିମ ଓଡ଼ିଶାର ବିଧାୟକମାନଙ୍କର ଏକ ପ୍ରତିନିଧି ଦଳ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି କରିଥିଲା।

ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜଷ୍ଟିସ ଯଶୱନ୍ତ ସିଂ କମିଶନଙ୍କ ସୁପାରିସ ଅନୁଯାୟୀ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ପ୍ରତିଷ୍ଠା କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି। ତେଣୁ ରାଜ୍ୟରେ ବେଞ୍ଚ ପ୍ରତିଷ୍ଠା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ଏହାକୁ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ଉକ୍ତ ଅଞ୍ଚଳଗୁଡିକରେ ଜନଆନ୍ଦୋଳନ ଜାରି ରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ନବୀନ କହିଛନ୍ତି।

Required School Building on lease
Podar Education Network requires land or school building as per their specifications on lease for school premises in Bhubaneswar & Cuttack (Municipal limits)
• 1.5 acres
• Minimum 30 year lease
Email proposals to gm.nagpur2@podar.org
OR Contact
Mr. Aman Temurde
88796 11070
www.podareducation.org

kutchina.com
ବିଶ୍ୱସ୍ତରୀୟ ଆପ୍ଲାଏନସ୍ ର ବର୍ଣ୍ଣମାଳା, ବିଶ୍ୱସ୍ତରୀୟ ସୁବିଧା ସହିତ




ଆମର ପ୍ରତ୍ୟେକଟି ଉତ୍ପାଦର ନିଖୁଣ କାରିଗରୀ, ଆମର ୧୫ ବର୍ଷର ଅଭିଜ୍ଞତାକୁ ପ୍ରତିପାଦିତ କରୁଛି।
KUTCHINA KITCHEN APPLIANCES
CHIMNEYS • WATER PURIFIERS • HOBS • BUILT-IN OVENS • DISHWASHERS
Authorised Retailer: Central Odisha : PURI, BHUBANESWAR, KHURDA, NAYAGARH, BALUGAON, KAKATPUR: DIPAK:9439365422, ANUP: 9438303507, BIJAYA: 8280083418, SOUTH ODISHA: BERHAMPUR, BHANJANGAR, RAYAGADA, JEYPORE, SIMILIGUDA, KORAPUT, MALKANGIRI, NABARANGPUR, BHAWANIPATANA. PHULBANI, BUGUDA: DIPAK: 9439365422, SUKANTA: 9438014722, Costal Odisha : CUTTACK, PARADEEP, JAGASINGPUR, KENDAPADA, ANUGUL, DHENKANAL, TALCHER: ASWINI: 8763193670, SIBANANDA: 9853631877, Western Odisha : SAMBALPUR, ROURKELA, JHARSUGUDA, SUNDARGARH, RAJGANGPUR, BARGARH, BOLANGIR: ASWINI: 8763193670, North Odisha : BALASORE, BARIPADA, RAIRANGPUR,KARANJIA, JODA, BARBIL, JALESWAR, BHADRAK,KEONJHAR: SHIBA:7978937351.
TRADE ENQUIRY- 9437055920, 9438506791.
Sales: kutchinabbsr@rediffmail.com, Service: kutchinaservice@gmail.com
Follow us on: Kutchinaconnect / customercare@kutchina.com
TOLL FREE NO. : 1800 4197 333

## ଇସ୍ତଫା ଦେଲେ ଆଲୋକ ବର୍ମା

ନୂଆଦିଲ୍ଲୀ,୧୧।୧(ପି.ଟି.)



ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏହା ସାମୂହିକ ଆତ୍ମନିରୀକ୍ଷଣର ସମୟ ବୋଲି ବର୍ମା ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଲୋକସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟି ୧୯୭୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟାଇ ଅଗ୍ନିଶମ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ବର୍ମା ଲେଖିଛନ୍ତି, ୨୦୧୭ ଜୁଲାଇ ୩୧ରେ ସେ ସର୍ବବରିଷ୍ଠ ଆଇପିଏସ୍ ଅଫିସର ବିବେଚିତ ହୋଇଥିବାରୁ ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ କେବଳ ସିବିଆଇ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିପାରିବେ। ତାହା ହେଉଛି ଧାର୍ଯ୍ୟ କାର୍ଯ୍ୟକାଳ। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମ୍‌ଗାର୍ଡ ଡିଜି ହେବା ବୟସ ତାଙ୍କର ଅତିକ୍ରାନ୍ତ ହୋଇସାରିଛି। ତେଣୁ ସେ ଆଜିଠାରୁ ନିଜକୁ ସେବାନିବୃତ୍ତ ମନେକରୁଥିବା ବର୍ମା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମଗାର୍ଡ ଡିଜି ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ମନାକରିବା ସହ ବର୍ମା କହିଛନ୍ତି, ତାଙ୍କୁ ବଦଳି କରିବା ଲାଗି ନିଷ୍ପତ୍ତି ନେବା ପୂର୍ବରୁ ଚୟନ କମିଟି ସିଭିସିଙ୍କ ଦ୍ୱାରା ରେକର୍ଡ ହୋଇଥିବା ବିବରଣୀ ସମ୍ପର୍କରେ ମତ ରଖିବାକୁ ମଧ୍ୟ ସୁଯୋଗ ଦେଲାନାହିଁ। ବାସ୍ତବ ନ୍ୟାୟଠାରୁ ଦୂରେଇ ଯାଇ କମିଟି ତାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ବହିଷ୍କାର କରିବା ଲାଗି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଓଲଟପାଲଟ କରିଦେଇଥିବା ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ନାଁ ନ ନେଇ ସିବିଆଇ ତଦନ୍ତାଧୀନ ଥିବା ଜଣେ ଅଫିସରଙ୍କ ଅଭିଯୋଗ ଉପରେ ସିଭିସି ରିପୋର୍ଟ ପ୍ରସ୍ତୁତ ହୋଇଥିଲାବେଳେ ଚୟନ କମିଟି ଏହାର ସତ୍ୟାସତ୍ୟକୁ ମଧ୍ୟ ବିଚାରକୁ ନେଇନାହିଁ ବୋଲି ବର୍ମା ଲେଖିଛନ୍ତି।

ଗୋଡ଼ ଫଟା ପାଇଁ ଚିନ୍ତିତ କି ?




ତରୁଣ ଆୟୁର୍ବେଦିକ ଫାର୍ମାସୀର
ହାଇପାୱାର
ସ୍କେବିଡଲ
ଏବେ ଗୋଡଫଟା ପାଇଁ

## କାଳିଆ ପାଇଁ ଓଏଏସ୍ ଅଧିକାରୀ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଏହାକୁ ପ୍ରକୃତ ହିତାଧିକାରୀ ନିକଟରେ ପହଞ୍ଚାଇବା ସକାଶେ ୩୦ ଜିଲା ପାଇଁ ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସରମାନଙ୍କୁ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏମ୍‌ଏସଏମ୍‌ଇ ବିଭାଗ ଅତିରିକ୍ତ ସଚିବ ମନ୍ମଥ ବିଶ୍ୱାଳଙ୍କୁ କଟକ ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡାଙ୍କୁ ବାଲେଶ୍ୱର, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଇଷ୍ଟେଟ) ସୁଶାନ୍ତ କୁମାର ଦାଶଙ୍କୁ ମୟୂରଭଞ୍ଜ, ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ କୃପାସିନ୍ଧୁ ମିଶ୍ରଙ୍କୁ ଅନୁଗୋଳ, ଇଡ୍‌କୋ ସିଜିଏମ୍ (ପିଆଣ୍ଡଏ) ଗଣେଶ୍ୱର ଜେନାଙ୍କୁ ବରଗଡ, ଲ୍ୟାଣ୍ଡ ଅଫିସର ଦେବାଶିଷ ସିଂଙ୍କୁ ଭଦ୍ରକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ବିଜୟ କୁମାର ପୁଷ୍ଟିଙ୍କୁ କଟକ, ଜଳ ସମ୍ପଦ ବିଭାଗ ଯୁଗ୍ମ ସଚିବ ଲାଲା ମନୋଜ କୁମାର ରାୟଙ୍କୁ ବଲାଙ୍ଗୀର, ଓମ୍‌ସା ରାଜ୍ୟ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଚିତ୍ରସେନ ପଶାୟତଙ୍କୁ ବୌଦ୍ଧ ଓ ସୋନପୁର, ସେରିଫେଡ ଏମ୍‌ଡି ସତ୍ୟରଞ୍ଜନ ସାହୁଙ୍କୁ ଦେବଗଡ ଓ ସମ୍ବଲପୁର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଏମ.କ୍ୟୁ. ହକ୍‌ଙ୍କୁ ଢେଙ୍କାନାଳ, ଓଏସସିଏସସି ଜେନେରାଲ ସେକ୍ରେଟାରୀ ସନ୍ତୋଷ କୁମାର ଦାଶଙ୍କୁ ଗଜପତି, ଏନଆରଏଚଏମ୍ ଯୁଗ୍ମ ସଚିବ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଜଗତ୍‌ସିଂହପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଥିବା ମନୋରଞ୍ଜନ ମହାପାତ୍ରଙ୍କୁ ଯାଜପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଯୁଗ୍ମ ସଚିବ ସୁଶାନ୍ତ ମିଶ୍ରଙ୍କୁ କଳାହାଣ୍ଡି, ଗୋପବନ୍ଧୁ ଏକାଡେମୀର ଯୁଗ୍ମ ସଚିବ ପ୍ରଫୁଲ୍ଲ ସ୍ୱାଇଁଙ୍କୁ କେନ୍ଦ୍ରାପଡା, ସମବାୟ ବିଭାଗ ଯୁଗ୍ମ ସଚିବ ସାଇଦତ୍ତ ବିପ୍ଲବ କେଶରୀ ପ୍ରଧାନଙ୍କୁ କେନ୍ଦୁଝର, ବୋର୍ଡ ଅଫ ରେଭିନ୍ୟୁର ଏଫ.ଏ. ସୁବ୍ରତ ଶତପଥୀଙ୍କୁ କୋରାପୁଟ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ସଚିବ କୈଳାସ ଚନ୍ଦ୍ର ସାହୁଙ୍କୁ ମାଲକାନଗିରି, ବୋର୍ଡ ଅଫ ରେଭିନ୍ୟୁର ଯୁଗ୍ମ ସଚିବ ନିଗମାନନ୍ଦ ପଣ୍ଡାଙ୍କୁ ନବରଙ୍ଗପୁର ଜିଲାର ପର୍ଯ୍ୟବେକ୍ଷକ ରୂପେ ନିଯୁକ୍ତି ଦିଆଯାଇଛି । ଅନୁରୂପ ଭାବେ ଗୃହ ବିଭାଗ ଯୁଗ୍ମ ସଚିବ ବିଭୂତିଭୂଷଣ ମିଶ୍ରଙ୍କୁ ନୟାଗଡ, ଏସସି/ଏସଟି ଉନ୍ନୟନ ବିଭାଗ ଯୁଗ୍ମ ସଚିବ ନୃପରାଜ ସାହୁଙ୍କୁ ନୂଆପଡା, ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ ସୁବାସ ଦାଶଙ୍କୁ ପୁରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ବ୍ରହ୍ମାନନ୍ଦ ବେହେରାଙ୍କୁ ରାୟଗଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶ୍ରୀଧର ନାୟକଙ୍କୁ ଝାରସୁଗୁଡା, ଇପିଏମ୍ ଯୁଗ୍ମ ସଚିବ ମନୋଜ ପାଢୀଙ୍କୁ କନ୍ଧମାଳ ଏବଂ ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ସଚିବ ସୁକାନ୍ତ ପଟ୍ଟନାୟକଙ୍କୁ ସୁନ୍ଦରଗଡର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

HONDA
A style to wow. A legend to follow.
A Honda to celebrate.




WR-V
BENEFITS UP TO
₹49,000/-#
CITY
BENEFITS UP TO
₹87,000/-#
Benefits on MY 2018 till stocks last. Benefits valid till 31st Jan 2019.
Special additional offers for Government Employees, Pensioners, Teachers, CSD Customers, Selected Corporates, Self-Employed Professionals (Doctors, CAs, Lawyers and Architects).
i-DTEC i-VTEC CVT
Honda Auto Terrace
Honda ProCARE
Central Honda
Showroom : City Centre A5/1, Unit-9, Sachivalaya Marg, Bhubaneshwar - 751022, PH: 9078000333, 8599005859,
Workshop : 125 Sec-A, Zone-B, M.I.E., Bhubaneshwar-751010
Highway Honda
Showroom & Workshop - Bhubaneshwar: NH5, Rudrapur
PH: 0674-7112222, 7873999819
Showroom : Lewis Road, Opp. Kedar Gauri Temple, PH: 7873999881



ଚିଟ୍ ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ସାରଦା ଗ୍ରୁପ ଅଫ କମ୍ପାନିଜ୍‌ଠାରୁ ୧.୪ କୋଟି ଟଙ୍କା ଗ୍ରହଣ କରିବା ଅଭିଯୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମଙ୍କ ସ୍ତ୍ରୀ ନଳିନୀଙ୍କ ବିରୋଧରେ ସିବିଆଇ ଶୁକ୍ରବାର ଚାର୍ଜସିଟ ଦାଖଲ କରିଛି। ସାରଦା କମ୍ପାନୀ ମୁଖ୍ୟ ସୁଦୀପ୍ତ ସେନ୍ ଓ ଅନ୍ୟ ଅଭିଯୁକ୍ତଙ୍କ ସହ ନଳିନୀ ଅପରାଧ ଷଡଯନ୍ତ୍ରରେ ସାମିଲ ଥିବା ଅଭିଯୋଗ ହୋଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସାଇ ରାମ
ପରିବାରବର୍ଗ



ଅପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10485

Hyundai Creta- 2016, Sx(0), Cruze- 2014, LTZ, Lancer Cedia Sports red, Skoda Octavia, Nissan Teanna, Land Rover. 7381091234, 9861194627. D-65330




### SALE

Bhubaneswar AIIMS Hospital, NMIET, DOON School, ନିକଟରେ 30' roadଥିଲା gharabari plot. 9777553622. D-64769

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10517

3BHK luxurious flats available for booking at BJB Nagar extension (1km. from Kalpana Square, facing 60ft. Canal Road) price 66 lakh to 73.50 lakh. Contact: 9439543532, 9861157958. D-10505

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-10474

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାକୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

ନଖରା ତ୍ରିନାଥ ବଜାରଠାରେ sc plot ଘରବାରି ପାଚେରିସହ 1200 sqft., 3,40,000/- ରେ ବିକ୍ରିହେବ। (outright) 9776934361, 9938177361. D-65325

3600 sqft. (1200x3floor) commercial building for sale in Indradhanu Market, Bhubaneswar. Expected cost- 1.5 crores. Contact: 7894416003, 7008994500. D-65502

4BHK duplex at Balianta (land- 1400 construction- 2100) @ 50 lakh, 3BHK apartment at Patia @ 90 lakh, 3BHK apartment at Baramunda @ 55 lakh. Contact- Mplanets: 9861022055, 9938219397. D-10457

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10518

Booking 1 lakh simplex 2BHK 1000 sqft. land 18,30,000/- BDA area Tankapani Road Sai Temple, installment available. 7735738102. D-10498




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10519

## GENERAL

### SALE

Labrador Pups for sale. 104 Surya Nagar, Bhubaneswar. Contact: 9778129944. D-64934

Beauty Spa sale includes equipments to location, running parlour. 9861061565. D-52886




1400 sqft. commercial space at BMC Bhabani mall sqft. 50/-. 9337119834. D-65331

ଭୁବନେଶ୍ୱରରେ ଆଜବେଷ୍ଟସ ଘର ସହ ଖୋଲା ଜାଗା ଆବଶ୍ୟକ। Contact: 8018172594. D-62915

Sahidnagar, commercial rent. For 2000 sqft. @ 35/- for office, showroom available near Maharana Hardware. Mobile: 9861256033. D-63899

1000, 750, 700, 650, 450 sqft. available for office purpose at Centrally located Unit-9, 2300 sqft. office space available at Metro House, Vani Vihar, 3BHK available for rent at Damayanti Apartment Nayapalli. Mob: 7789837712, 9861256148. D-10483

Granite floor single room attached kitchen toilet for rent at Nayapali for single male bachelor 5000/-. 9437231108. D-47995




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Newly opening ayurvedic massage smart therapist, Shree herbal. 7750020754. D-65295

Herbal full body massage with refreshment by well trained therapist. 7381239385. D-65299

Improving your health, skin care through expert therapist, excellent offer. 9668374480. D-65296

Pamper yourself this Mansoon professional massage. Contact Purple Orchid. 9776598888. D-65297

Ayurvedic full body massage ladies/ gents experts therapist. 8338097451. D-64683

Experience full body massage with us by expert Enquiry: 06742597822, 7377048581. D-65300

Ayurvedic full body massage ladies/ gents smart experts therapist. 9114697517. D-64686

Herbal full body massage by smart/ expert therapist. Contact: 8338067247. D-65294

Physiotherapy, full body massage by trained ladies/ gents therapist: 7008773793. D-65441

Tareni Healthcare full body massage ladies/ gents therapy. 7327869094. D-64771

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### In Fond Memory



**Late Snigdha Mohapatra**
**(Founder Secretary)**
**Gourisankar Residential English Medium School, Bhubaneswar-751002**
Birth: 12.01.1961
Demise: 12.01.2000
Late her Soul rest in peace and be a source of inspiration to all of us. Students, Staff, Management and Relatives.
D-58030

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**ସ୍ୱର୍ଗତା ରମାମଣି ପରିଡ଼ା**
ଆଙ୍କୋ, ରୂପ୍‌ସା, ବାଲେଶ୍ୱର
ଆବିର୍ଭାବ: ୧୯୨୭
ତିରୋଧାନ: ୧୩।୦୧।୨୦୧୮
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ତୁମ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ଶୋକସନ୍ତପ୍ତ: ପୁଅ- ଦାମୋଦର, ନରେନ୍ଦ୍ର, ଅମୂଲ୍ୟ, ପୁତ୍ରବଧୂ, ନାତି, ନାତୁଣୀ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ। ଧ-୧୦୪୯୭

### ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଜୀବନାନନ୍ଦ ଦାଶ**
ବରିମୁଣ୍ଡ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ
ଆବିର୍ଭାବ: ୧୨।୦୭।୧୯୨୯
ତିରୋଧାନ: ୩୦।୧୨।୨୦୧୮
ଆପଣଙ୍କର ସେହି ହସ ହସ ମୁହଁ, ସ୍ନେହ, ଶ୍ରଦ୍ଧା, ସରଳତା ଓ ପରୋପକାର ଆମ ଚଲାପଥରେ ସହାୟକ ହେଉ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବରିମୁଣ୍ଡ ଗ୍ରାମବାସୀବୃନ୍ଦ, ବନ୍ଧୁ ଓ ପରିବାରବର୍ଗ। ଧ-୬୨୯୧୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦିଗମ୍ବର ପତି**
ସମେଇଗାଡ଼ିଆ ଗାଁ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୯।୧୯୩୪
ତିରୋଧାନ: ୦୨।୦୧।୨୦୧୯
ତୁମ ସ୍ନେହ, ସରଳ ଜୀବନ, ନିରପେକ୍ଷ ବିଚାର, ସର୍ବୋପରି ଈଶ୍ୱରଙ୍କ ବିଶ୍ୱାସ ଓ ସମସ୍ତଙ୍କ ସହିତ ସୁସମ୍ପର୍କ ସ୍ଥାପନ ଥିଲା। ଆମ ପାଇଁ ପ୍ରେରଣାର ଉତ୍ସ। ଶ୍ରୀକ୍ଷେତ୍ରରେ ତୁମର ଜନ୍ମ, ସ୍ୱର୍ଗଦ୍ୱାରରେ ଚିତାଗ୍ନି, ତୁମକୁ ଚିରଦିନ ପାଇଁ ହରାଇ ଆମେ ଶୋକାକୁଳ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଧ-୬୫୪୪୦

ପ୍ରଥମ ପୃଷ୍ଠାରୁ...

## ପ୍ରତି ବ୍ଲକରେ ସ୍ଥାପନ...

ବୈଷୟିକ ଅଧିକାରୀ ଏହି ସଂଖ୍ୟାକୁ ୪୭ ବୋଲି ଦର୍ଶାଇଛନ୍ତି। କୃଷିମନ୍ତ୍ରୀ ଏବଂ ଅଧିକାରୀଙ୍କ ମଧ୍ୟରେ ମାତ୍ର ଗୋଟିଏ ଶୀତଳ ଭଣ୍ଡାର ତଫାତ୍ ରହୁଛି। ରାଜ୍ୟର ୧୪ଟି ଜିଲାରେ ଆଦୌ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉନାହିଁ। ଏହି ଜିଲାଗୁଡିକ ହେଉଛି-ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି, ନୂଆପଡା,ସୋନପୁର, ଢେଙ୍କାନାଳ, ନୟାଗଡ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡା, ବରଗଡ, ଦେବଗଡ, ବୌଦ୍ଧ ଓ ଫୁଲବାଣୀ। ଏହି ତାଲିକାରେ ୮ଟି ଜିଲା ଏପରି ରହିଛି, ଯେଉଁ ଜିଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ। କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରଗୁଡିକ ମଧ୍ୟରୁ ମାତ୍ର ୫ଟି ସରକାରଙ୍କ ନିଜସ୍ୱ। ଓଡ଼ିଶାର ଅନ୍ୟତମ ଭାତହାଣ୍ଡି କୁହାଯାଉଥିବା ଜିଲା ବରଗଡରେ ସମସ୍ତ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ କୃଷିଜାତ ସାମଗ୍ରୀ ସାଇତି ରଖିବା ପାଇଁ ୨,୧୭,୮୮୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ରହିଛି।

ରାଜ୍ୟର ଆବଶ୍ୟକତା ଦୃଷ୍ଟିରୁ ପ୍ରାୟ ୩ ଲକ୍ଷ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି। ଶୀତଳ ଭଣ୍ଡାର ଅଭାବରୁ ରାଜ୍ୟରେ ଆଳୁ ମିଶନ୍ ଫେଲ ମାରିଛି। ୨୦୧୪-୧୫ ଆର୍ଥିକ ବର୍ଷରୁ ଆଳୁମିଶନ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏକା ସାଙ୍ଗରେ ସମସ୍ତ ଜିଲାରେ ଏହି ମିଶନ୍ କାର୍ଯ୍ୟକ୍ଷମ କରାଯାଇଥିଲା। ମାତ୍ର ଆବଶ୍ୟକୀୟ ଶୀତଳ ଭଣ୍ଡାର ନ ଥିବାରୁ ତାହା ସଫଳ ହୋଇପାରି ନ ଥିଲା ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୁହାଯାଇଛି।

**-ରିପୋର୍ଟ : ଚିଦାନନ୍ଦ ଜେନା**

## ଗଣିତରେ ଦୁର୍ବଳ ପିଲାଙ୍କ ...

ତ୍ରୁଟି ପରିଲକ୍ଷିତ ହେଲେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିବିଏସ୍‌ଇ ପକ୍ଷରୁ ମୂଲ୍ୟାଙ୍କନ କରୁଥିବା ଶିକ୍ଷକଙ୍କୁ ନିଲମ୍ବନ କିମ୍ବା ଆବଶ୍ୟକ ପଡ଼ିଲେ ବହିଷ୍କାର କରାଯିବ ବୋଲି ତ୍ରିପାଠୀ କହିଛନ୍ତି। ପୂର୍ବଭଳି ପ୍ରସ୍ତୁତ ଗଣିତ ପ୍ରଶ୍ନପତ୍ରକୁ 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' ଓ ସହଜ ପ୍ରଶ୍ନପତ୍ରକୁ 'ମ୍ୟାଥ୍‌ମେଟିକ୍ସ ବେସିକ' ଭାବେ ନାମିତ କରାଯାଇଛି। ଛାତ୍ରୀଛାତ୍ରମାନେ ଚାହିଁଲେ ଯେକୌଣସି ପ୍ରଶ୍ନପତ୍ରକୁ ବାଛିପାରିବେ। ଯଦି କୌଣସି ଛାତ୍ରୀଛାତ୍ର 'ମ୍ୟାଥ୍‌ମେଟିକ୍ସ ବେସିକ'ରେ ଫେଲ୍ ହୁଅନ୍ତି, ତେବେ ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷାରେ କେବଳ 'ମ୍ୟାଥ୍‌ମେଟିକ୍ସ ବେସିକ' ପ୍ରଶ୍ନପତ୍ରରେ ହିଁ ପରୀକ୍ଷା ଦେବେ। ଯଦି କେହି 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' ପ୍ରଶ୍ନପତ୍ରରେ ଫେଲ୍ ହୁଅନ୍ତି, ତେବେ ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷାରେ 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' କିମ୍ବା 'ମ୍ୟାଥ୍‌ମେଟିକ୍ସ ବେସିକ' ପ୍ରଶ୍ନପତ୍ରରେ ପରୀକ୍ଷା ଦେଇପାରିବେ। ସେହିପରି ବୋର୍ଡର ନିୟମାନୁସାରେ ଯଦି କୌଣସି ଛାତ୍ରୀଛାତ୍ର 'ମ୍ୟାଥ୍‌ମେଟିକ୍ସ ବେସିକ' ପ୍ରଶ୍ନପତ୍ରରେ ପାସ୍ ହୋଇଥିବେ ଏବଂ ଗଣିତରେ ଅଧିକ ପଢ଼ିବାକୁ ଚାହୁଁଥିବେ ତେବେ ସେମାନେ କମ୍ପାର୍ଟମେଣ୍ଟ ପରୀକ୍ଷାରେ 'ମ୍ୟାଥ୍‌ମେଟିକ୍ସ ଷ୍ଟାଣ୍ଡାର୍ଡ' ପ୍ରଶ୍ନପତ୍ରରେ ପରୀକ୍ଷା ଦେଇପାରିବେ ବୋଲି କର୍ମଶାଳାରେ ସୂଚନା ଦିଆଯାଇଛି। ସେହିପରି ପରୀକ୍ଷାକୁ ତ୍ରିସ୍ତରୀୟ ମୂଲ୍ୟାୟନ ପାଇଁ ଅଧକ୍ଷମାନଙ୍କୁ କୁହାଯାଇଛି। ଏହାବ୍ୟତୀତ ରାଜ୍ୟରେ ଜାଲ ସିବିଏସ୍‌ଇ ସ୍କୁଲଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତ୍ରିପାଠୀ କହିଛନ୍ତି।

ସିବିଏସ୍‌ଇ ଡାଇରେକ୍ଟର(ସ୍କିଲ୍ ଏଜୁକେଶନ୍ ଏବଂ ଟ୍ରେନିଂ) ଡ. ବିଶ୍ୱଜିତ୍ ସାହା ଯୋଗଦେଇଙ୍କ ସମେତ ସବିଏସ୍‌ଇ ଯୁଗ୍ମ ସଚିବ ପ୍ରଜ୍ଞା ଏମ୍. ସିଂ, ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀ ଥୋଙ୍ଗୋଖୋଲେଟ୍ ମେଟ୍, ସ୍କୁଲର ପ୍ରିନ୍ସିପାଲ୍ ହରିଶ୍ ସାନ୍ଦୁଜା ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ଭୁବନେଶ୍ୱର ରିଜିଅନ୍ (ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼)ର ୯୦୦ ଶିକ୍ଷାବିତ୍ ଏବଂ ୧୮୭ ଅଧକ୍ଷ ଯୋଗଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ଗ୍ରୁପ୍‌ର ଚେୟାରମ୍ୟାନ୍ ଡ. ବିଜୟ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍କୁଲର ରେଡିଓ ଅରେଞ୍ଜ ଓ ସାଇନ୍ସ ପାର୍କ ଉଦ୍‌ଘାଟିତ ହୋଇଥିଲା।

## ଫେବୃୟାରୀରେ ୫ ଦିନିଆ ...

ତେବେ ଗତ କିଛି ବର୍ଷ ହେବ ରାଜ୍ୟ ସରକାର କେନ୍ଦ୍ର ବଜେଟ ପରେ ରାଜ୍ୟ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରୁଛନ୍ତି। କେନ୍ଦ୍ର ସରକାର କେଉଁ ଯୋଜନା ପାଇଁ କେତେ ଅର୍ଥ ବରାଦ କରୁଛନ୍ତି ତାହା ସ୍ପଷ୍ଟ ହେବା ପରେ ରାଜ୍ୟ ସରକାର ସେହି ଆଧାରରେ ରାଜ୍ୟ ଯୋଜନା ସହ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ବଜେଟ ପ୍ରସ୍ତୁତ କରାଯାଉଛି ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ଚଳିତ ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ଫେବୃୟାରୀରେ କେବଳ ବଜେଟ ପାଇଁ ଅଧିବେଶନ ବସିବ ବୋଲି ଜଣାପଡିଛି। ତେବେ ଆସନ୍ତା ଅଧିବେଶନ ନେଇ ବିଧାନସଭା ସଚିବାଳୟ ପକ୍ଷରୁ କୌଣସି ପ୍ରସ୍ତାବ ସରକାରଙ୍କୁ ଦିଆଯାଇ ନାହିଁ। ଚଳିତ ମାସରେ ଅଧିବେଶନ ଡାକିବା ପାଇଁ ପ୍ରସ୍ତାବ ଦିଆଯିବ ବୋଲି ଜଣାପଡିଛି।

## ଖାକି ବାବୁଙ୍କ ...

କରି ରହୁଛନ୍ତି ସେ ଅତିବେଶିରେ ୩ବର୍ଷରୁ ଉର୍ଦ୍ଧ୍ୱ ରହି ପାରିବେ ନାହିଁ। କିନ୍ତୁ ଏହି ନିୟମକୁ ପୋଲିସ ମୁଖ୍ୟାଳୟ ଓ କମିଶନରେଟ ପୋଲିସର ଅନେକ ଅଧିକାରୀ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଆରଟିଆଇ ତଥ୍ୟ ଅନୁଯାୟୀ, କମିଶନରେଟ ପୋଲିସରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରହିଥିବା ପୋଲିସ ଅଫିସରମାନେ ହେଲେ କଟକରେ କାର୍ଯ୍ୟ କରୁଥିବା ଡବ୍ଲ୍ୟୁଏସ୍‌ଆଇ ଚମ୍ପାବତୀ ପାଟ, କଟକରେ କାର୍ଯ୍ୟ କରୁଥିବା ଏସ୍‌ଆଇ ହରିଶଙ୍କର ଭୋଇ, ଭୁବନେଶ୍ୱର ଯୁପିଡିରେ କାର୍ଯ୍ୟରତ ମଞ୍ଚେଶ୍ୱର ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର। ନିକଟରେ ମିଶ୍ରଙ୍କର ଜଗତ୍‌ସିଂହପୁର ଜିଲାକୁ ବଦଳି ହୋଇଛି। ବଦଳିର ୨ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେ ନୂଆ ଜାଗାକୁ ଯାଇନାହାନ୍ତି। ଭୁବନେଶ୍ୱରରେ ଥିବା ଇନ୍ସପେକ୍ଟର ଅମିତା ତ୍ରିପାଠୀ, ଇନ୍ସପେକ୍ଟର ସୁକାନ୍ତ ପତି, ଭୁବନେଶ୍ୱର ଜୋନ-୧ ଏସିପି ଅସୀମ କୁମାର ପଣ୍ଡା, ଜୋନ-୬ ଏସିପି ରବୀନ୍ଦ୍ରନାଥ ଶତପଥୀ, କଟକରେ ଥିବା ଅତିରିକ୍ତ ଡିସିପି ମାୟାଧର ସେଠୀ।

ସେହିପରି ଏସିପି ର୍‍ୟାଙ୍କ୍‌କୁ ପଦୋନ୍ନତି ପାଇବା ପରେ ଅନ୍ୟତ୍ର ବଦଳି ହୋଇଥିଲେ ହେଁ ରାଜଧାନୀ ଛାଡ଼ି ନ ଥିବା ୨ ଅଧିକାରୀ ହେଉଛନ୍ତି ଏୟାରଫିଲ୍ଡ ଥାନା ଅଧିକାରୀ ଦେବୀଶଙ୍କର ପ୍ରତାପ ଏବଂ ଇନ୍ସପେକ୍ଟର ଅତନୁ କୁମାର ରାଉତ। ଗତ ଅକ୍ଟୋବରରେ ଦେବୀଶଙ୍କର ଏବଂ ଅତନୁଙ୍କର ସୁନ୍ଦରଗଡ ଏସ୍‌ପି ମୁଖ୍ୟାଳୟକୁ ବଦଳି ହୋଇଥିଲେ ମଧ୍ୟ ଉଭୟେ ଯାଇନାହାନ୍ତି। ଏହାବ୍ୟତୀତ ଅନ୍ୟ କେତେଜଣ ଅଧିକାରୀ ରାଜଧାନୀରେ ୧୦ ବର୍ଷରୁ ଉର୍ଦ୍ଧ୍ୱ କାଳ ରହିସାରିଛନ୍ତି। ସେମାନଙ୍କୁ ଭୁବନେଶ୍ୱରରେ ଥିବା ପୋଲିସ ବିଭାଗର ବିଭିନ୍ନ ସଂସ୍ଥାକୁ ଲୋକ ଦେଖାଣିଆ ଭାବେ ବଦଳି କରାଯାଇ ପୁଣି କମିଶନରେଟ ପୋଲିସରେ ଅବସ୍ଥାପିତ କରାଯାଇଛି।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ରାଜଧାନୀରେ ଅନେକ ପୋଲିସ ଅଫିସର ୮/୧୦ ବର୍ଷ ରହିଲେଣି। କେତେଜଣ ଅଫିସର ବିଲ୍ଡର, କୁଜି ନେତା ଓ ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଇ ପରୋକ୍ଷରେ ସେମାନଙ୍କଠାରୁ ସୁବିଧା ପାଉଛନ୍ତି। ଦୀର୍ଘଦିନ ଧରି ରହିଥିବାରୁ ଅନେକ ପୋଲିସ ଅଧିକାରୀ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଛନ୍ତି। ରାଜଧାନୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ସେମାନେ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି। ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରାଗଲେ ଏସବୁର ସତ୍ୟତା ଜଣାପଡ଼ିବ। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ବଦଳି ସତ୍ତ୍ୱେ କେଉଁମାନେ ଯାଉନାହାନ୍ତି ତାହା ସେ ବୁଝିବେ। ଏହାସହ ଦୀର୍ଘଦିନ ଧରି ଅଫିସରମାନେ ଏଠାରେ ରହୁଥିବାରୁ ସେମାନଙ୍କ ବଦଳି ସମ୍ପର୍କରେ ଚିନ୍ତା କରାଯିବ ବୋଲି ସେ କହିଛନ୍ତି।

## ଇନ୍ଦ୍ରାଣୀ ପଟ୍ଟନାୟକ ...

କେନ୍ଦୁଝର ଜିଲା ଯୋଡା ଉଁଚବାଲି ମହାପର୍ବତସ୍ଥିତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣି କାର୍ଯ୍ୟାଳୟ ଏବଂ ସ୍ଥାନୀୟ ଡି. ଆର. ପଟ୍ଟନାୟକ ଖଣି କାର୍ଯ୍ୟାଳୟରେ ଚଢାଉ କରିଥିଲେ। ସେଠାରେ ଅଧିକାରୀମାନେ ବିଭିନ୍ନ କାଗଜପତ୍ର ଯାଞ୍ଚକରିବା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ସାଥିରେ ନେଇଥିବା ଜଣାପଡିଛି। ସେହିଭଳି ରାଉରକେଲାରେ ଥିବା ଇନ୍ଦ୍ରାଣୀଙ୍କ ଅଫିସ ଓ ଟାଉନଶିପ୍‌ଠାରେ ଥିବା ଏକ୍ସ/୬ ଘର ଏବଂ ତାଙ୍କର ଦୁଇ ସହଯୋଗୀଙ୍କ ଘରେ ଚଢାଉ କରାଯାଇଛି। ଇନ୍ଦ୍ରାଣୀଙ୍କ ପରିଚାଳନାଧୀନ କୋଇଡା ମାଇନ୍ସ ଅଞ୍ଚଳରେ ଥିବା କାର୍ଯ୍ୟାଳୟ, ଭୁବନେଶ୍ୱର ଶହୀଦନଗରସ୍ଥିତ ଇନ୍ଦ୍ରାଣୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଆୟକର ବିଭାଗର ୨ଟି ଟିମ୍ ଚଢାଉ କରିଥିଲେ। ସୂଚନା ମୁତାବକ, କିଛିବର୍ଷ ହେବ ଦୀପ୍ତିରଞ୍ଜନ ପଟ୍ଟନାୟକ ରାଜ୍ୟରେ ସବୁଠାରୁ ଅଧିକ ଆୟକର ପଇଠ କରୁଥିଲେ। କିନ୍ତୁ ଗତ କିଛିବର୍ଷ ଧରି ସେ ଆୟକର ଫାଙ୍କିଚାଲିଥିଲେ। ଫଳରେ ତାଙ୍କ ଉପରେ ଆୟକର ବିଭାଗର ନଜର ପଡିଥିଲା। ସୂଚନାଯୋଗ୍ୟ, ଇନ୍ଦ୍ରାଣୀ ପଟ୍ଟନାୟକ ହେଉଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଭାଇବୋହୂ ଏବଂ ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଭାଉଜ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ସହ ମଙ୍ଗଳ ଯୋଗ ଲକ୍ଷ୍ମୀଯୋଗ ସୃଷ୍ଟି କରୁଥିବାରୁ ଯେମିତି ପାଇବେ ବ୍ୟସ୍ତ ହେତୁ ସେମିତି ମଧ୍ୟ ଖର୍ଚ୍ଚ କରିବେ। ବାଧବାଧକତାରେ ପଡ଼ି ଯାତ୍ରା କରିବେ। ସ୍ୱଗୃହାଭିମୁଖୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଆନୁଷ୍ଠାନିକ କାମ, ପ୍ରଶାସନ, ପ୍ରକାଶନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ**
ଅଷ୍ଟମସ୍ଥ ରବି ସହ ଶନି ଓ ବୁଧ ଆପଣଙ୍କୁ ବିଭିନ୍ନ ସମସ୍ୟା ମଧ୍ୟରେ ବ୍ୟଥିତ କରାଇପାରେ। କର୍ମ କ୍ଷେତ୍ରରେ ଯାହାକୁ ଯାହା କହିବେ, ଭୁଲ୍ ବୁଝାମଣା କ୍ରମରେ ସେହି ବ୍ୟକ୍ତି ତାହାକୁ ଓଲଟା ଅର୍ଥରେ ଗ୍ରହଣ କରିବ। ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ଓ କାର୍ଯ୍ୟ ସଫଳ ହେବାରେ ଅସୁବିଧା ହେବନାହିଁ।

**ମିଥୁନ**
ଶନି ଓ କେତୁଙ୍କ ସ୍ଥିତି ଫଳରେ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ଆକସ୍ମିକ ଭାବରେ ଖର୍ଚ୍ଚଭାର ବୃଦ୍ଧି ପାଇବା କାରଣରୁ ଚିନ୍ତା ପ୍ରକଟ କରିବେ। ଆଲୋଚନା ପରିସରରେ ବିରକ୍ତିକର କଥା କହି ସଂଯମତା ହରାଇ ଅପଦସ୍ଥ ହୋଇପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ**
ବିଭିନ୍ନ ପ୍ରକାର ଦାୟିତ୍ୱ ସମ୍ଭାଳିବାରେ ନୟାନ୍ତ ହୋଇପାରନ୍ତି। କିନ୍ତୁ ଶୁଭ ଗ୍ରହମାନଙ୍କ ସୁପ୍ରଭାବରେ କୌଣସି କାମରେ ଓହରି ଆସିବେ ନାହିଁ। ବନ୍ଧୁମାନଙ୍କ ପରାମର୍ଶରେ ଅର୍ଥ ଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିପାରନ୍ତି। ତଥାପି ରାହୁଙ୍କ କୁପ୍ରଭାବରୁ ଅଧିକାଂଶ ସମୟ ଅନ୍ୟମନସ୍କତା ହେତୁ କେତେକ ଭୁଲ୍ କରିବେ।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ବିଷମ ପରିସ୍ଥିତି ସୃଷ୍ଟି କରିବ। ସେହିଭଳି ପରିସ୍ଥିତିରେ ମଧ୍ୟ ନିକଟ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାରେ ସହାୟକ ହେବ। ପାରିବାରିକ କ୍ଷେତ୍ରରେ କିଛି ନ କହି ନୀରବ ରହିବା ଭଲ ହେବ। ସଭାସମିତିରେ ସମ୍ମାନ ଲାଭ ସାଙ୍ଗକୁ ଆଇନ ଅଦାଲତର ରାୟ ସପକ୍ଷରେ ଯିବାରୁ ଖୁସି ରହିବେ।

**କନ୍ୟା**
ନିଜ ସହ ଭଲ ସମ୍ପର୍କ ରହିଥିବା ଲୋକମାନଙ୍କ ସହଯୋଗ ଲାଭକରି ଅଭିଳଷିତ କାମ ହାସଲ କରିବେ। ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସାମୟିକ ଭାବରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ପିଲାଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ଭ୍ରମଣଜନିତ କ୍ଳାନ୍ତି ଦେଖାଦେଇପାରେ।

**ତୁଳା**
ଅଫିସରେ କିମ୍ବା କର୍ମକ୍ଷେତ୍ରରେ ରହିଥିବା କେତେକ କାରଣରୁ ଗୁଡ଼ାଏ କାମ ହାତକୁ ନେଇ ବ୍ୟଥିତ ହେବେ। ବନ୍ଧୁଙ୍କ ସହ ଆଲୋଚନାରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ହେତୁ ପରୋକ୍ଷ ଶତ୍ରୁତା ସୃଷ୍ଟି ହୋଇପାରେ। ଆଜିର ଯାତ୍ରାରେ ସଫଳତା ପାଇବେ, କିନ୍ତୁ ଫେରନ୍ତା ସମୟ ମନସ୍ତାପରେ କଟିବ। ବାଣିଜ୍ୟ, ବ୍ୟବସାୟ, କ୍ରୟବିକ୍ରୟ କ୍ଷେତ୍ରରେ ସଫଳତା ପାଇବେ।

**ବିଛା**
ଶୁଭଗ୍ରହ ପ୍ରଭାବରେ ଚିନ୍ତାଧାରା ଭଲ ହେଲେ ମଧ୍ୟ ବ୍ୟବହାରରେ ବ୍ୟତିକ୍ରମ ପରିସ୍ଥିତିକୁ ଓଲଟପାଲଟ କରିଦେଇପାରେ। କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି, ବରଂ କୌଶଳ ପ୍ରୟୋଗ କରି କାମ ହାସଲ ପାଇଁ ଚେଷ୍ଟା କରିବା ଭଲ ହେବ। ଏଜେନ୍ସି, ରାଜନୀତି, ନୂତନ କର୍ମାରମ୍ଭ, କଳା ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ**
ପରିସ୍ଥିତିର ବିଷମତାରେ ଅଧିକାଂଶ ସମୟ ନେଗେଟିଭ୍ ଚିନ୍ତାଧାରା ମନକୁ ବିବ୍ରତ କରାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାର କୁପ୍ରଭାବ ଅନୁଭବ କରିପାରନ୍ତି। ସହକର୍ମୀ, ଭାଇଭଉଣୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଅନ୍ୟମାନଙ୍କଠାରୁ ଅର୍ଥ, କାମ ଆଦାୟ କରିବାରେ ସଫଳ ହେବେ।

**ମକର**
ଆଜି କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ରହିଲେ ମଧ୍ୟ ସଫଳତା ଆପଣଙ୍କ ପଛରେ ରହିଛି। ସମ୍ପର୍କୀୟ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ**
କୌଣସି ବ୍ୟକ୍ତିଙ୍କ ଅର୍ଥ ତୋସରପାତକୁ କେନ୍ଦ୍ରକରି କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ପୂର୍ବରାଗକୁ ନେଇ କାହା କଥାକୁ କିଏ ସମର୍ଥନ କରି ନ ପାରନ୍ତି। ଯାତ୍ରା, ବାଣିଜ୍ୟ,ବ୍ୟବସାୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସାୟାହ୍ନେ କୌଣସି ଶୁଭଖବର ମନକୁ ହାଲୁକା କରିଦେବ।

**ମୀନ**
ରାଶିରେ ଚନ୍ଦ୍ର ଧନାଧିପତିଙ୍କ ସଙ୍ଗ ଲାଭକରି ଅର୍ଥଲାଭ,ସମ୍ମାନପ୍ରାପ୍ତି ସାଙ୍ଗକୁ ପ୍ରତ୍ୟେକ କାମରେ ସିଦ୍ଧିଲାଭ କରାଇବ। ଶାରୀରିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା,ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବ୍ୟବସାୟ ଓ ପରିବହନରୁ ଲାଭବାନ୍ ହେବେ।

ଆଜି ପୌଷ ଶୁକ୍ଳ ଷଷ୍ଠୀ ଶନିବାର, ଜାନୁୟାରୀ ୧୨ ତାରିଖ, ଜାତୀୟ ଯୁବଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର- ପୂର୍ବଭାଦ୍ରପଦ/ମୀନ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସିଂହ, ଧନୁ ରାଶିର ରାଶିର ଘାତଚନ୍ଦ୍ର। ଦିବା ଘ୧୨।୦୨ମି. ଗତେ ଘ୧।୨୫ମି. ମଧ୍ୟେ, ଘ୨।୪୮ମି. ଗତେ ଘ୪।୧୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୯।୧୧ମି. ଗତେ ଘ୧୦।୩୩ମି. ମଧ୍ୟେ ରାହୁକାଳ।



ଆଇପିଏସ୍ ଅଫିସର କୁମାର ରାଜେଶ ଚନ୍ଦ୍ରା ସଶସ୍ତ୍ର ସୀମା ବଳ ମହାନିର୍ଦ୍ଦେଶକ ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୮୫ ବ୍ୟାଚର ବିହାର କ୍ୟାଡର ଆଇପିଏସ୍ ଅଫିସର ଚନ୍ଦ୍ରା ବରିଷ୍ଠ ଅଧିକାରୀ ଏସ.ଏସ. ଦେଶ୍ୱାଲଙ୍କ ଠାରୁ ଏହି ଦାୟିତ୍ୱ ନେଇଛନ୍ତି। ଦେଶ୍ୱାଲ ଗତ ଅକ୍ଟୋବର ୩୧ରୁ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ।



ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

## ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ମଥୁରା ନଗରୀ,୧୧।୧

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ମୁକେଶ କୁମାର ଭାମୁ, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ଉଦ୍‌ଘାଟନ ପରେ ବରଗଡ଼ ମଥୁରାନଗରୀ ପାଲଟି ଯାଇଛି ଏବଂ ଏଠାରେ କଂସଙ୍କ ରାଜୁତି ଆରମ୍ଭ ହୋଇଛି ।

ମହୋତ୍ସବର ପ୍ରଥମ ଦିବସରେ ମହାରାଜା ଉଗ୍ରସେନ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ତାଙ୍କ ଅଳିଅଳ କନ୍ୟା ଦେବକୀଙ୍କ ବିବାହ ସମ୍ପନ୍ନ କରୁଥିବାବେଳେ ଯୁବରାଜ କଂସ ସେଠାରେ ପହଞ୍ଚିଥିଲେ । ଦେବକୀଙ୍କ ଅଷ୍ଟମ ସନ୍ତାନ ତାଙ୍କ ମୃତ୍ୟୁର କାରଣ ହେବ ବୋଲି ଶୂନ୍ୟବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ ଏବଂ ଦେବକୀ, ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ) ମଧ୍ୟକୁ ପଠାଇ ଦେଇଥିଲେ । ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ମଥୁରା ଶାସନ ଭାର ନିଜ ହାତକୁ ନେଇଥିଲେ । କଂସ ଉଗ୍ରସେନଙ୍କୁ କଟୁଆଳ ପଦବୀରେ ନିଯୁକ୍ତି ଦେବା ସହିତ ତାଙ୍କ ଭୃତ୍ୟ, ମନ୍ତ୍ରୀ, ପାତ୍ର, ଅମାତ୍ୟଙ୍କୁ ରାଜସେବାରୁ ନିବୃତ୍ତ କରିଥିଲେ। କଂସଙ୍କ ଏଭଳି ରାଜୁତି ପରେ ସମଗ୍ର ମଥୁରାନଗରୀ ଅଶାନ୍ତ ହୋଇପଡ଼ିଛି । ନିଜ ମନକୁ ଶାନ୍ତ କରିବା ପାଇଁ ମହାରାଜ କଂସଙ୍କ ନିର୍ଦ୍ଦେଶରେ ରାଜ ଦରବାରରେ ନୃତ୍ୟ ପରିବେଷଣ କରାଯାଇଥିଲା ।

ଏହା ପୂର୍ବରୁ ଅପରାହ୍ନ ପ୍ରାୟ ଦେଢ଼ଟାରେ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀଛକ କଲ୍ୟାଣ ମଣ୍ଡପରୁ ବାହାରିଥିଲା । ଜିଲାପାଳ ତ୍ରିପାଠୀ, ଏସପି ଭାମୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ଶତପଥୀ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ସ୍ଥାନୀୟ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରକୁ ପହଞ୍ଚିଥିଲା । ସେଠାରେ ପୂଜାର୍ଚ୍ଚନା ସରିବା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ସାଂସ୍କୃତିକ ଶୋଭାଯାତ୍ରା ହାଟପଦାସ୍ଥିତ ରାଜ ଦରବାର ମଞ୍ଚକୁ ଆସିଥିଲା । ପରେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା ।

## ନବୀନଙ୍କୁ ଶୁଭେଚ୍ଛା ଦେଲେ ଦେବେଗୌଡ଼ା

ଭୁବନେଶ୍ୱର,୧୧।୧(ବ୍ୟୁରୋ)

**ମହିଳା ସଂରକ୍ଷଣ ପାଇଁ ପ୍ରୟାସ**

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ। ଏହାକୁ ଆଇନରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରୟାସ ଜାରି ରଖିଛନ୍ତି। ଏଭଳି ଉଦ୍ୟମକୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜନତା ଦଳ(ଧର୍ମନିରପେକ୍ଷ) ମୁଖ୍ୟ ଏଚ୍.ଡି. ଦେବେଗୌଡ଼ା ସ୍ୱାଗତ କରିବା ସହ ନବୀନଙ୍କୁ ଶୁକ୍ରବାର ଫୋନ କରି ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ପ୍ରତିନିଧି ଏମ୍‌ପି ନଗେନ୍ଦ୍ର ପ୍ରଧାନ ଓ ରବୀନ୍ଦ୍ର ଜେନା ଦେବେଗୌଡ଼ାଙ୍କୁ ଗୁରୁବାର ସାକ୍ଷାତ କରିସାରିଛନ୍ତି।

## ୩୦ ଫୁଟ ମୃତ ତିମି ଉଦ୍ଧାର



ବୈତରଣୀ ନଦୀ କୂଳରେ ଲାଗିଥିବା ମୃତ ତିମି।

ରାଜନଗର,୧୧।୧(ଡିଏନଏ)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ସୀମାବର୍ତ୍ତୀ ଅହିରାଜପୁର ଗ୍ରାମ ନିକଟରେ ପ୍ରବାହିତ ବୈତରଣୀ ନଦୀ କୂଳରୁ ଶୁକ୍ରବାର ଏକ ୩୦ ଫୁଟ ଲମ୍ବର ମୃତ ତିମି ଉଦ୍ଧାର କରାଯାଇଛି। ତିମିଟି ଦିନେ ଦୁଇ ଦିନ ତଳେ ମରିଥିବା ଅନୁମାନ କରାଯାଉଛି। ଏହା ଭାସି ଆସି ନଦୀକୂଳରେ ଲାଗିବା ପରେ ଗାଁର ପିଲାମାନେ ସେଠାରେ ଭିଡ ଜମାଇବା ସହ ଫଟୋ ଉଠାଇବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ଖବରପାଇ ରାଜନଗର ବନବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତ ତିମକୁ ଉଦ୍ଧାର କରିଥିଲେ। ଶନିବାର ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପତିତପାବନ ବଳ ଏବଂ ସହକାରୀ ଚିକିତ୍ସାଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡଙ୍କ ଦ୍ୱାରା ତିମିର ବ୍ୟବଚ୍ଛେଦ କରାଯିବ ବୋଲି ଜାତୀୟ ଉଦ୍ୟାନ ଦାୟିତ୍ୱରେ ଥିବା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର ସୂଚନା ଦେଇଛନ୍ତି। ଗଭୀର ସମୁଦ୍ରରେ ଚଳପ୍ରଚଳ କରୁଥିବା ଶକ୍ତିଶାଳୀ ଯନ୍ତ୍ରଚାଳିତ ଟ୍ରଲର ମାଡରେ ତିମିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ, ମୃତ ତିମି ପଡିଥିବା ସ୍ଥାନଠାରୁ ଅଳ୍ପ ଦୂରରେ ଧାମରା ମୁହାଣ ଅବସ୍ଥିତ ।

### ଅବିଭକ୍ତ କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

## ମୁଖ୍ୟ ବିଚାରପତିଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

କଟକ ଅଫିସ, ୧୧।୧

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଏବେ ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ଶୁକ୍ରବାର ସେଠାକାର ମିଳିତ କ୍ରିୟାନୁଷ୍ଠାନ କମିଟି ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀଙ୍କୁ ଭେଟିଛନ୍ତି। ବେଞ୍ଚ ପ୍ରତିଷ୍ଠା ନେଇ ଯେଉଁସବୁ ନିୟମାବଳୀ ରହିଛି ତାହା ଅବିଭକ୍ତ କୋରାପୁଟ ଜିଲା ପାଇଁ ପ୍ରଯୁଜ୍ୟ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ବୀରେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ୧୦ ଜଣ ଆଇନଜୀବୀ ମୁଖ୍ୟ ବିଚାରପତି ଝାବେରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିର କାର୍ଯ୍ୟରତ ଓକିଲମାନଙ୍କୁ ନେଇ ଏହି ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ବିଭିନ୍ନ ସମୟରେ କୋର୍ଟ କାର୍ଯ୍ୟ ନେଇ ଅବିଭକ୍ତ କୋରାପୁଟ ଜିଲାର ଲୋକମାନଙ୍କୁ କଟକକୁ ଆସିବାକୁ ପଡୁଛି। ଯେଉଁଥିପାଇଁ ଅର୍ଥ ଖର୍ଚ୍ଚ ସହିତ ସମୟ ନଷ୍ଟ ହେଉଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ତେଣୁ ଉପରୋକ୍ତ ଜିଲାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଗଲେ ସାଧାରଣ ଲୋକ ଉପକୃତ ହେବେ ବୋଲି କମିଟି ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। ଶନିବାର କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

### ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ

## ପ୍ରତିଷ୍ଠା ହେବ ମହାକାଶ ପ୍ରଯୁକ୍ତି ଇନ୍‌କ୍ୟୁବେଶନ ସେଣ୍ଟର

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

**ଇସ୍ରୋ ଦେବ ୫୦ ଲକ୍ଷ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିଏସ୍‌ଏସ୍‌ୟୁଟି)ଠାରେ ମହାକାଶ ପ୍ରଯୁକ୍ତି ଇନ୍‌କ୍ୟୁବେଶନ ସେଣ୍ଟର ପ୍ରତିଷ୍ଠା କରାଯିବ। ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ଉଚ୍ଚମାନର ଭିଏସ୍‌ଏଲ୍‌ଭିରକେଟ୍‌ନିର୍ମାଣ କରାଯାଇପାରିଛି। ଛାତ୍ରୀଛାତ୍ରମାନଙ୍କ ବୈଷୟିକ ଦକ୍ଷତା ଓ ଉତ୍କର୍ଷ ରକେଟ୍ ଲଞ୍ଚିଙ୍ଗ୍ ଗବେଷଣା କ୍ଷେତ୍ରରେ ଏକ ମାନକ ସୃଷ୍ଟି କରିଛି। ଓଡ଼ିଶା ପାଇଁ ଏହା ଗର୍ବ ଓ ଗୌରବର ବିଷୟ। ଇସ୍ରୋର ଏକ ପ୍ରତିନିଧି ଦଳ ଭିଏସ୍‌ଏସ୍‌ୟୁଟି ପରିଦର୍ଶନ କରି ଏହାର ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ରକେଟ୍ ଓ ଏହାର ନମୁନା ବିକାଶ ଦେଖି ଇସ୍ରୋ କର୍ତ୍ତୃପକ୍ଷ ଅଭିଭୂତ ହୋଇଥିଲେ। ଭିଏସ୍‌ଏସ୍‌ୟୁଟିର ଗବେଷଣାରତ ଛାତ୍ରୀଛାତ୍ରମାନଙ୍କ ଅଭିନବ ବୈଜ୍ଞାନିକ ଚିନ୍ତାଧାରା ଓ ମହାକାଶ ଗବେଷଣା କ୍ଷେତ୍ରରେ ଅପୂର୍ବ ଉତ୍ସାହ ଇସ୍ରୋର ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ଇସ୍ରୋ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ସ୍ୱରୂପ ଏଠାରେ ସ୍ୱତନ୍ତ୍ର ମହାକାଶ ଗବେଷଣା ଲ୍ୟାବ୍ ପ୍ରତିଷ୍ଠା ନିମନ୍ତେ ଇସ୍ରୋର ଚେୟାରମ୍ୟାନ ସମ୍ମତି ପ୍ରଦାନ କରିଛନ୍ତି।

ସୁରେନ୍ଦ୍ର ସାଏ ସ୍ପେସ୍ ଇନ୍‌କ୍ୟୁବେଶନ୍ ସେଣ୍ଟର ନାମରେ ନାମିତ ଏହି ଲ୍ୟାବ୍‌କୁ ଇସ୍ରୋ ପକ୍ଷରୁ ଇନ୍‌କ୍ୟୁବେଶନ୍ ସେଣ୍ଟର ସିଡ୍ ପାଣ୍ଠି ଭାବେ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥି ସହିତ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ସମସ୍ତ ପରାମର୍ଶ ଓ ସହାୟତା ଯୋଗାଇ ଦିଆଯିବ। ଏହି କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ରକେଟ୍ ପରୀକ୍ଷଣ ପଦ୍ଧତି ଓ ଉପକରଣ ନିମନ୍ତେ ଇସ୍ରୋ ସମସ୍ତ ପ୍ରକାର ସହାୟତା କରିବ। ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ମଧ୍ୟ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ତତ୍‌ସମ୍ପର୍କୀୟ ପାଣ୍ଠି ଯୋଗାଇଦେବେ। ଏହି ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଛାତ୍ରୀଛାତ୍ରମାନେ ଥୁମ୍ବା, ଶ୍ରୀହରିକୋଟା କିମ୍ବା ବାଲେଶ୍ୱରସ୍ଥିତ ରକେଟ୍ ଉତ୍କ୍ଷେପଣ କେନ୍ଦ୍ରକୁ ସେମାନଙ୍କ ଲଞ୍ଚିଙ୍ଗ୍ ପ୍ୟାଡ୍ ଭାବେ ବ୍ୟବହାର କରିପାରିବେ। ଛାତ୍ରୀଛାତ୍ରମାନଙ୍କ ଏହି ପ୍ରଚେଷ୍ଟା ଆଗାମୀ ଦିନରେ ଓଡ଼ିଶାର ମହାକାଶ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ଦଇତାପତି ନିଯୋଗ ଦୁଇ ଫାଳ

ପୁରୀ ଅଫିସ,୧୧।୧

**ଖୁବ୍‌ଶୀଘ୍ର ହୋଇପାରେ ନିର୍ବାଚନ**

ଦଇତାପତି ନିଯୋଗ ଭିତରେ ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। କ୍ଷମତା ହାତେଇବାକୁ ନେଇ ନିଯୋଗ ଏବେ ଦୁଇଫାଳ ହୋଇଛି। ଗୋଟିଏ ଗୋଷ୍ଠୀ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ମୁତାବକ ନିର୍ବାଚନ କରିବାକୁ ଅଡ଼ି ବସିଥିବା ବେଳେ କ୍ଷମତାସୀନ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ଏନେଇ ଶୁକ୍ରବାର ନିଯୋଗର ଦୁଇ ଗୋଷ୍ଠୀଙ୍କ ସମାନ୍ତରାଳ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଗୋଟିଏ ଗୋଷ୍ଠୀ ଶ୍ରୀମନ୍ଦିର ଭିତରେ ଏକାଠି ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ରାଧାବଲ୍ଲଭ ମଠରେ ବସି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିଥିବା ସୂଚନା ମିଳିଛି। ନିର୍ବାଚନ ସପକ୍ଷରେ ଥିବା ଗୋଷ୍ଠୀଙ୍କ ସଂଖ୍ୟା ଗରିଷ୍ଠତା ଥିବାରୁ ଦଇତାପତି ନିଯୋଗ ନିର୍ବାଚନ ହେବା ନିଶ୍ଚିତ ବୋଲି କୁହାଯାଉଛି। ଏ ନେଇ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ କରାଯାଇ ଖୁବ୍‌ଶୀଘ୍ର ନିର୍ବାଚନ ହେବ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି। କିଛିଦିନ ପୂର୍ବରୁ ଗୋଟିଏ ଗୋଷ୍ଠୀ ଦସ୍ତଖତ ଅଭିଯାନ ଚଳାଇଥିଲେ। ସେମାନେ ନିଯୋଗ ସଭ୍ୟଙ୍କଠାରୁ ଦସ୍ତଖତ ସଂଗ୍ରହ କରିଥିଲେ। ଏହି ଦସ୍ତଖତ ଅଭିଯାନ ପଛରେ ରହିଥିଲା ନିଯୋଗର ସାନି ନିର୍ବାଚନ ପ୍ରସ୍ତାବ। ପରେ ଏହି ଦସ୍ତଖତକୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ମନ୍ଦିର ପ୍ରଶାସନ ଏହା ଉପରେ ନିଯୋଗର ସ୍ଥାୟୀ ସଭାପତିଙ୍କ ମତାମତ ଲୋଡିଥିଲା। ଅନ୍ୟପକ୍ଷରେ ନିଯୋଗର ନିର୍ବାଚିତ ପ୍ରତିନିଧି ଏହାକୁ ବିରୋଧ କରିଥିଲେ। ନିଯୋଗର କାର୍ଯ୍ୟକାଳ ପୂରି ନ ଥିବାବେଳେ କାହିଁକି ନିର୍ବାଚନ ପ୍ରସଙ୍ଗ ଉଠୁଛି ବୋଲି ସେମାନେ ଅଭିଯୋଗ ବାଢିଥିଲେ। ମନ୍ଦିର ଭିତରେ ବସିଥିବା ବୈଠକରେ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିବା ବେଳେ ଏ ନେଇ ସିଂହଦ୍ୱାର ଥାନାକୁ ଅବଗତ କରାଯାଇଥିବା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି।



ଭଗବାନ ଆମର ଚୈତ୍ୟରେ ପ୍ରେମରୂପେ, ମନରେ ଜ୍ଞାନରୂପେ, ପ୍ରାଣରେ ଶକ୍ତିରୂପେ ଏବଂ ଶରୀରରେ ସୌନ୍ଦର୍ଯ୍ୟରୂପେ ପ୍ରକାଶିତ ହୁଅନ୍ତି।
-ଶ୍ରୀମା

# ପ୍ରଶାସନିକ ନିଅଣ୍ଟ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାର ସ୍ପଷ୍ଟ କରିଛନ୍ତି ଯେ, ନୀତି ଆୟୋଗ ଦେଇଥିବା ପ୍ରସ୍ତାବ ଅନୁଯାୟୀ ସାଧାରଣ ଆଇଏଏସ୍-ଆଇପିଏସ୍ ଆଶାୟୀମାନଙ୍କ ବୟସସୀମା ୩୨ରୁ ୨୭ ବର୍ଷକୁ କମାଇବାକୁ କୌଣସି ଯୋଜନା ନାହିଁ। ଯେଉଁମାନଙ୍କୁ ନିଯୁକ୍ତି ପାଇଁ ଚୟନ କରାଯିବ, ସେମାନଙ୍କୁ ଏକ କେନ୍ଦ୍ରୀୟ ପ୍ରତିଭା ପୁଲ୍ ମଧ୍ୟରେ ରଖାଯିବ। ତା'ପରେ ସେମାନଙ୍କୁ ନିଜର ଯୋଗ୍ୟତା, ଦକ୍ଷତା ଓ ପଦବୀର ଆବଶ୍ୟକତା ଅନୁଯାୟୀ ନିଯୁକ୍ତି ଦିଆଯିବ। ଏହା ପୂର୍ବରୁ ଅନ୍ତତଃ ତିନୋଟି କମିଟି ଏକ 'ଅତି ପ୍ରୟୋଜନୀୟ' ସଂସ୍କାରସ୍ୱରୂପ ପ୍ରଶାସନିକ ସେବା ପାଇଁ ପ୍ରାର୍ଥୀମାନଙ୍କ ବୟସସୀମା ହ୍ରାସ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏ ସୁପାରିସକୁ ମାନିଲେ ଖୁବ୍ ବଡ଼ ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ମନେକରି ସରକାର ଏହା ଗ୍ରହଣ କରିବାକୁ ଅନିଚ୍ଛୁକ। ସରକାରଙ୍କର ଏହି ସ୍ପଷ୍ଟୀକରଣ ପ୍ରଶାସନିକ ସେବା ପରୀକ୍ଷା ଦେବା ପାଇଁ ବିଳମ୍ବରେ ପ୍ରସ୍ତୁତି ଆରମ୍ଭ କରିଥିବା ଆଶାୟୀମାନଙ୍କୁ ଆଶ୍ୱସ୍ତି ଦେଇଛି। ତେବେ ସରକାର ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୪୦୦ରୁ ଅଧିକ ଆଇଏଏସ୍ ଓ ଆଇପିଏସ୍ ପଦବୀ ଖାଲି ପଡ଼ିଥିବା ବେଳେ ତାକୁ କେମିତି ପୂରଣ କରାଯିବ, ସେ ପ୍ରଶ୍ନର ଉତ୍ତର ବାବଦରେ ନୀରବ। ଆଇପିଏସ୍ ବାବୁମାନଙ୍କ ଅଭାବଜନିତ ପରିସ୍ଥିତି କ୍ରମଶଃ ଉତ୍କଟତର ହେବାରେ ଲାଗିଛି, କାରଣ ଗତବର୍ଷ ତୁଳନାରେ ସେମାନଙ୍କ ସଂଖ୍ୟା ଏ ବର୍ଷ ଆହୁରି କମିଯାଇଛି। ତେବେ ସେହି ତୁଳନାରେ ଆଇଏଏସ୍ ଅଫିସରଙ୍କ ସଂଖ୍ୟାରେ କିଛିଟା ବୃଦ୍ଧି ଘଟିଛି। କାର୍ମିକ, ଜନଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ଦ୍ୱାରା ୨୦୧୭ ମସିହାରେ ପ୍ରଦତ୍ତ ସରକାରୀ ତଥ୍ୟ ଅନୁସାରେ ୯୦୮ ଆଇପିଏସ୍ ଅଫିସରଙ୍କ ଅଭାବ ଥିବାବେଳେ ତାହା ବୃଦ୍ଧି ପାଇ ୨୦୧୮ ଜାନୁୟାରୀ ସୁଦ୍ଧା ୯୭୦ରେ ପହଞ୍ଚିଛି। ଅଫିସରମାନଙ୍କ ଉତ୍କଟ ଅଭାବକୁ ନେଇ ସଂସଦୀୟ ସ୍ଥାୟୀ କମିଟି ପକ୍ଷରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି କୋଟା ଅଧୀନରେ ଅଧିକ ସଂଖ୍ୟକ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କୁ ନିଆଯାଉଛି ବୋଲି ସରକାର ଦାବି କରିଛନ୍ତି।

## ୟୁପି ବାବୁଙ୍କ ଅବହେଳା

ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବ ଅନୁପ ଚନ୍ଦ୍ର ପାଣ୍ଡେ ପ୍ରମୁଖ ସଚିବ, ସଚିବ ଓ ସ୍ୱତନ୍ତ୍ର ସଚିବ ପାହ୍ୟାର ଅନେକ ସହକର୍ମୀଙ୍କ କାର୍ଯ୍ୟକୁ ନେଇ ନୈରାଶ୍ୟ ପ୍ରକାଶ କରିଛନ୍ତି। କାରଣ ସେମାନେ ସରକାରଙ୍କ ପ୍ରମୁଖ ପ୍ରକଳ୍ପଗୁଡ଼ିକର ଅବସ୍ଥା ସମ୍ପର୍କରେ ବୁଝିବା ପାଇଁ କ୍ଷେତ୍ର ପରିଦର୍ଶନରେ ଯାଇ ଏ ପର୍ଯ୍ୟନ୍ତ ରିପୋର୍ଟ ପ୍ରଦାନ କରିନାହାନ୍ତି। ପାଣ୍ଡେ ସମସ୍ତ ୭୫ ଜଣ ଅଫିସରଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି ଯେ, ଗତ ୨୦୧୮ ଅଗଷ୍ଟମାସରେ ୧୬ ଜଣ ଅଫିସର, ସେପ୍ଟେମ୍ବରରେ ୩୧ ଜଣ ଅଫିସର ଏବଂ ଅକ୍ଟୋବରରେ ୪୭ ଜଣ ଅଫିସର ସେମାନଙ୍କ କ୍ଷେତ୍ର ପରିଦର୍ଶନ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିନାହାନ୍ତି। ପାଣ୍ଡେଙ୍କ କହିବା ଅନୁସାରେ ଭବିଷ୍ୟତରେ ଜିଲା ପରିଦର୍ଶନ ସମୟରେ ରିପୋର୍ଟ ଦେବାରେ ଏପରି ଅବହେଳା କଲେ ସମ୍ପୃକ୍ତ ବାବୁମାନଙ୍କ ବିରୋଧରେ ପ୍ରତିକୂଳ ରିପୋର୍ଟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ସେ ମଧ୍ୟ କହିଛନ୍ତି ଯେ, ଏଥିରୁ ଜଣାପଡୁଛି ନୋଡାଲ ଅଫିସରମାନେ ସେମାନଙ୍କ ଜିଲା ପରିଦର୍ଶନ ଦାୟିତ୍ୱ ସମ୍ପର୍କରେ ଆଦୌ ସମ୍ବେଦନଶୀଳ ବା ନିଷ୍ଠାବାନ୍ ନୁହନ୍ତି। ଭବିଷ୍ୟତରେ ସେ ନିଜେ ବାବୁମାନଙ୍କ କ୍ଷେତ୍ର ପରିଦର୍ଶନ ବିଷୟ ମନିଟର କରିବାକୁ ନିର୍ଦ୍ଦେଶିତ ହୋଇଛନ୍ତି ବୋଲି ଏହି ଚିଠିରେ ସହକର୍ମୀମାନଙ୍କୁ ଜଣାଇଛନ୍ତି। ଏଥିରୁ ଜଣାପଡୁଛି ଯୋଗୀଙ୍କ ଶାସନରେ ବାବୁମାନେ ପ୍ରଶାସନିକ ନୀତିନିୟମକୁ ଉପେକ୍ଷା କରିପାରିବେ ନାହିଁ।

## ସିଆଇସି ନିଯୁକ୍ତି

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି)ରେ ନିକଟରେ ଚାରିଜଣ ନୂଆ ସୂଚନା କମିଶନର ଓ ଜଣେ ମୁଖ୍ୟ ସୂଚନା କମିଶନରଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ସରକାର ଏହି କାର୍ଯ୍ୟ କଲେ ବହୁ ବିଳମ୍ବରେ। ମୁଖ୍ୟ ସୂଚନା ଆୟୁକ୍ତ ଆର୍.କେ. ମାଥୁର ଏବଂ ସୂଚନା କମିଶନର ଯଶୋବର୍ଦ୍ଧନ ଆଜାଦ, ଶ୍ରୀଧର ଆଚାର୍ଯ୍ୟୁଲୁ ଏବଂ ଅମିତାଭ ଭଟ୍ଟାଚାର୍ଯ୍ୟ ଅବସର ନେବା ପରେ ସିଆଇସିରେ ଅନୁମୋଦିତ ସଂଖ୍ୟା ୧୧ ସ୍ଥାନରେ ଆଉ ମାତ୍ର ତିନିଜଣ ସୂଚନା କମିଶନର ରହିଥିଲେ। ତେବେ ବିଳମ୍ବରେ ହେଲେ ବି ସରକାର ସୂଚନା କମିଶନର ସୁଧୀର ଭାର୍ଗବଙ୍କୁ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଏବଂ ପୂର୍ବତନ ଆଇଏଫ୍‌ଏସ୍ ଅଫିସର ଯଶୋବର୍ଦ୍ଧନ କୁମାର ସିହ୍ନା, ପୂର୍ବତନ ଆଇଆର୍‌ଏସ୍ ଅଫିସର ବନଜ ଏନ୍. ସର୍ନା, ପୂର୍ବତନ ଆଇଏଏସ୍ ଅଫିସର ନୀରଜ କୁମାର ଗୁପ୍ତା ଏବଂ ପୂର୍ବତନ ଆଇନ ସଚିବ ସୁରେଶ ଚନ୍ଦ୍ରଙ୍କୁ ସୂଚନା କମିଶନର ଭାବେ ନିଯୁକ୍ତି ଦେଇ ଉକ୍ତ ଅଭାବକୁ କିଛି ପରିମାଣରେ ପୂରଣ କରିଛନ୍ତି। କିନ୍ତୁ ଏହି ନୂତନ ନିଯୁକ୍ତିକୁ ନେଇ ସମସ୍ତେ ଖୁସି ନୁହନ୍ତି। ସୂଚନା ଅଧିକାର ଆଇନ ଅନୁଯାୟୀ ଆୟୋଗରେ ଅଣ-ବାବୁମାନଙ୍କୁ ଯଥେଷ୍ଟ ଅଧିକ ପ୍ରତିନିଧିତ୍ୱ ଦେବା ଲାଗି ହେଉଥିବା ଆବେଦନକୁ ସରକାର ଉପେକ୍ଷା କରିଛନ୍ତି। ବର୍ତ୍ତମାନ ସିଆଇସି ଏକ ପ୍ରକାର ପୂର୍ବତନ ବାବୁମାନଙ୍କ କ୍ଲବ୍‌ରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ତେବେ ଅବଶିଷ୍ଟ ପଦଗୁଡ଼ିକ ଶୀଘ୍ର ପୂରଣ କରାଯିବ ବୋଲି ସରକାର ଆଶା ଦେଖାଇଛନ୍ତି। କିନ୍ତୁ ସରକାର ଏହି ପଦଗୁଡ଼ିକୁ ଅମଲାତନ୍ତ୍ର ବାହାରୁ ପୂରଣ କରିବେ ବୋଲି ବେଶି ଲୋକ ଆଶା କରିପାରୁ ନାହାନ୍ତି।

Email: dilipcherian@gmail.com

# ସ୍ୱର୍ଗକୁ ନିଶୁଣି



ମନ-ମାନଚିତ୍ର

ଡ. ନରହରି ବେହେରା

ମଣିଷ ସବୁବେଳେ ସ୍ୱତନ୍ତ୍ର ହେବାକୁ ପ୍ରୟାସ କରେ। କାରଣ ଏହି ସ୍ୱତନ୍ତ୍ରତା ତାକୁ ନିଆରା ପରିଚୟ ଦିଏ। ଏହି ପ୍ରୟାସ ତାକୁ କଷ୍ଟସହିଷ୍ଣୁ ଓ ଆତ୍ମାନୁବର୍ତ୍ତୀ କରିଥାଏ। ଆଜି ଆମେ ଯାହା ପାଇଛୁ, ତାହା କେବଳ ସମ୍ଭବ ହୋଇଛି ଏହି ସ୍ୱତନ୍ତ୍ର ହେବାର ପ୍ରୟାସରୁ। ମାତ୍ର ଏହି ପ୍ରୟାସ ଯେତେବେଳେ ତୁଚ୍ଛା ଅହମିକା ପାଇଁ କରାଯାଏ, ତାହା ଜନନେତ୍ରରେ ଏକ ନଗଣ୍ୟ ପ୍ରୟାସ ଭାବେ ବିବେଚିତ ହୋଇଥାଏ। ରାମାୟଣରେ ମହାପ୍ରତାପୀ ରାବଣ ସ୍ୱର୍ଗକୁ ନିଶୁଣି ବାନ୍ଧିବାର ପ୍ରୟାସ କରିବା କଥା ଏବେ ବି ଜନମୁଖରେ ପ୍ରଚଳିତ। ତାହା ପୂର୍ଣ୍ଣ ହେଲାନାହିଁ। ଅହମିକାର ଏକ ବୃଥା ଆସ୍ଫାଳନ ଭାବେ ଏହା କାଳକାଳକୁ ରହିଯାଇଛି। ଏପରି ଆସ୍ଫାଳନ ସାଧାରଣତଃ କ୍ଷମତାଶାଳୀ ଏବଂ ଧନାଢ୍ୟ ବ୍ୟକ୍ତିଙ୍କ ନିକଟରେ ଅଧିକ ଦେଖାଯାଇଥାଏ।

ଭାରତରେ ଏବେ ମୂର୍ତ୍ତି ଏବଂ ସୌଧ ନିର୍ମାଣ କରିବାର ପ୍ରତିଯୋଗିତା ବଢ଼ି ଚାଲିଛି। ପରିସ୍ଥିତି ଏବଂ ପରିବେଶକୁ ଲକ୍ଷ୍ୟ କଲେ ଏହି ସବୁ ପ୍ରତିଯୋଗିତାରେ ସ୍ୱତନ୍ତ୍ରତା ପ୍ରତିପାଦନ ଅପେକ୍ଷା ନିଜର ରାଜନୈତିକ ଅଭିସନ୍ଧି ଅଧିକ ଥିବାପରି ମନେହୁଏ। ଏହାଦ୍ୱାରା ଏ ଦେଶର କି ଉନ୍ନତି ହେବ, ଆର୍ଥିକ ଅବସ୍ଥା ଉପରେ ଏହାର କି ପ୍ରଭାବ ପଡିବ, ସେ ବିଷୟରେ କିଛି ଚିନ୍ତା କରାଯାଉଥିବା ମନେହୁଏ ନାହିଁ। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପରେ ଭାରତରେ ଏହି ପ୍ରତିଯୋଗିତାର ସୂତ୍ରପାତ ହୋଇଛି।

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଜଣେ ସର୍ବମାନ୍ୟ ନମସ୍ୟ ନେତା। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ଗୁଜରାଟ ସରକାର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପ୍ରତିମୂର୍ତ୍ତି ଭାରତକୁ ଜନନେତାଙ୍କ ସର୍ବୋଚ୍ଚ ମୂର୍ତ୍ତି ସ୍ଥାପନ କ୍ଷେତ୍ରରେ ପ୍ରଥମ ଦେଶର ମାନ୍ୟତା ଆଣିଦେଇଛି। କାରଣ ଭାରତର ଏହି ମୂର୍ତ୍ତି ୧୮୨ ମିଟର ଥିବାବେଳେ ଏ ପର୍ଯ୍ୟନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ଚାଇନାର ସ୍ପ୍ରିଙ୍ଗ୍ ଟେମ୍ପଲ୍ ବୁଦ୍ଧ (୧୨୮ ମିଟର) ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। କୁହାଯାଉଛି, ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ୧୮୨ ମିଟର ହେବା ପଛରେ ଏକ ଗଭୀର ଉଦ୍ଦେଶ୍ୟ ରହିଛି। ଗୁଜରାଟ ବିଧାନସଭାର ମୋଟ ଆସନ ସଂଖ୍ୟା ହେଉଛି ୧୮୨। ଏହି ଆସନ ଅନ୍ୟ ସବୁ ରାଜ୍ୟଠାରୁ ଊର୍ଦ୍ଧ୍ୱରେ ବୋଲି ଦେଖାଇବା ପାଇଁ ଲୌହମାନବଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ୧୮୨ ମିଟର ରଖାଯାଇଛି। ଏଥିପାଇଁ ୨,୯୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରତିମୂର୍ତ୍ତି ସ୍ଥାପନ ପରେ ଗୁଜରାଟର ଅଖ୍ୟାତ ନର୍ମଦା ସରୋବର ଡ୍ୟାମ୍ ଏବେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି। ଏହି 'ଷ୍ଟାଚ୍ୟୁ ଅଫ୍ ୟୁନିଟି'କୁ ଦେଖିବା ପାଇଁ ପର୍ଯ୍ୟଟକଙ୍କର ଭିଡ଼ ଲାଗିଛି। ଭାରତ ମଧ୍ୟ ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରି ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ମାତ୍ର ଗୁଜରାଟ ସରକାରଙ୍କର ଏହି କୃତିତ୍ୱକୁ ଅନ୍ୟ ରାଜନୈତିକ ଦଳମାନେ ଏକ ଚାଲେଞ୍ଜ ଭାବରେ ଗ୍ରହଣ କରିଛନ୍ତି। ଏକଥା ସତ କୌଣସି କୃତି ପ୍ରଶଂସାଭାଜନ ହେଲେ ଅନ୍ୟମାନେ ସେହିପରି କୃତି ବା ତା'ଠାରୁ ଅଧିକ ସୁନ୍ଦର କୃତି ଗଢ଼ିବାକୁ ପ୍ରୟାସ କରିଥାନ୍ତି।

ଗୁଜରାଟ ସରକାରଙ୍କ ଏହି କୃତିତ୍ୱକୁ ପଛରେ ପକାଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୨୫୦ ମିଟର ଉଚ୍ଚର ତିନି ମହଲା ବିଶିଷ୍ଟ ରାଜ୍ୟ ବିଧାନସଭା ସୌଧ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଚ୍ଚତାଠାରୁ ୬୮ ମିଟର ଅଧିକ ଉଚ୍ଚ ହେବ। ସୁତରାଂ ଆନ୍ଧ୍ରପ୍ରଦେଶର ବିଧାନ ସୌଧ ହେବ ବିଶ୍ୱର ଉଚ୍ଚତମ ସୌଧ। ଫଳରେ ଆନ୍ଧ୍ରପ୍ରଦେଶ ଗୁଜରାଟକୁ ପଛରେ ପକାଇ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିବ। ଏହି ଦୁଇ ରାଜ୍ୟର ରାଜନୈତିକ ଛକାପଞ୍ଝାକୁ ଲକ୍ଷ୍ୟକରି ଏବେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଅନ୍ୟ ରାଜ୍ୟ ସରକାରମାନେ ମଧ୍ୟ ଅଣ୍ଟା ଭିଡ଼ି ନିଜର ପତିଆରା ଜାହିର କରିବାକୁ ବାହାରିଛନ୍ତି। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟାରେ ୧୫୧ ମିଟର ଉଚ୍ଚତା ବିଶିଷ୍ଟ ରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବେ ବୋଲି ଘୋଷଣା କରିଛନ୍ତି। ରାଜସ୍ଥାନ ସରକାର ୧୦୭ ମିଟର ଉଚ୍ଚତା ବିଶିଷ୍ଟ ଶିବମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିସାରିଲେଣି। ୨୦୧୯ ମାର୍ଚ୍ଚ ସୁଦ୍ଧା ଏହି ମୂର୍ତ୍ତି ଉନ୍ମୋଚିତ ହେବ ବୋଲି ସେ ଘୋଷଣା କରିଛନ୍ତି। ଏହା ସମ୍ପୂର୍ଣ୍ଣ ହେଲେ ବିଶ୍ୱରେ ଚତୁର୍ଥ ଉଚ୍ଚତମ ପ୍ରତିମୂର୍ତ୍ତି ହେବାର ଗୌରବ ଅର୍ଜନ କରିବ। ପ୍ରତିମୂର୍ତ୍ତି ନିର୍ମାଣ କରି ବାହାବା ନେବା ପାଇଁ କର୍ଣ୍ଣାଟକ ସରକାର ମଧ୍ୟ ପଛରେ ପଡ଼ିଯାଇ ନାହାନ୍ତି। ସେ ମା' କାବେରୀଙ୍କ ୩୮ ମିଟର ଉଚ୍ଚର ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଯୋଜନା ମଧ୍ୟ କରିଛନ୍ତି।

ଏହିପରି ପ୍ରତିମୂର୍ତ୍ତି ନିର୍ମାଣର ପ୍ରତିଯୋଗିତାକୁ ଲକ୍ଷ୍ୟ କଲେ ଜଣାଯାଉଛି ସତେଯେମିତି କିଛିବର୍ଷ ପରେ ସମଗ୍ର ଭାରତବର୍ଷ କେବଳ ମୂର୍ତ୍ତିମୟ ହିଁ ହୋଇଯିବ। କେବେଠାରୁ ଆମ ସମାଜରେ ଏହି ମୂର୍ତ୍ତି ପ୍ରତିଷ୍ଠାର ନିଶା ଲାଗିଲା ତାହା ଜଣା ନାହିଁ, ମାତ୍ର ରାସ୍ତାଘାଟ, ମନ୍ଦିର, ଖୋଲା ପଡ଼ିଆ ସବୁଠି ମୂର୍ତ୍ତିମାନ ଠିଆ ହୋଇଥିବା ଦେଖାଯାଉଛି। କିନ୍ତୁ ଅଧିକାଂଶ ମୂର୍ତ୍ତି ସରକାରୀ ଜାଗାଗୁଡ଼ିକୁ ମାଡ଼ି ବସିଥିବା ଦେଖାଯାଏ। ମୂର୍ତ୍ତିଗୁଡ଼ିକ ସ୍ଥାପନ ହେବା ପରେ ସେଗୁଡ଼ିକ ଉପରେ ସାଧାରଣତଃ ଦୃଷ୍ଟି ଦିଆଯାଏ ନାହିଁ। ମୁକ୍ତ ଆକାଶ ତଳେ ଏହି ଦିଅଁ ଦେବତା ଏବଂ ମହାପୁରୁଷମାନଙ୍କର ମୂର୍ତ୍ତି ଖରାବର୍ଷା ସହି ଅତ୍ୟନ୍ତ ବିକଳ ଅବସ୍ଥାରେ ଠିଆ ହୋଇଥାନ୍ତି। ବହଳ ଧୂଳି ଜମିଯାଇଥାଏ, ପକ୍ଷୀମାନଙ୍କର ମଳମୂତ୍ରର ଛାପ ମଧ୍ୟ ଥାଏ। ଯେଉଁମାନେ ଭକ୍ତିରେ ଗଦ୍ ଗଦ୍ ହୋଇ ପ୍ରତିମୂର୍ତ୍ତି ସ୍ଥାପନ କରିଥାନ୍ତି, ସେମାନେ କେବଳ ଜନ୍ମଦିନ କିମ୍ବା ପୂଜୋତ୍ସବ ଦିନ ପାଣି ଢାଳି ଫୁଲହାର ଝୁଲାଇ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି। ପ୍ରତିମୂର୍ତ୍ତି ସ୍ଥାପନ କରି ତା'ର ଉପଯୁକ୍ତ ଯତ୍ନ ନିଆ ନ ଗଲେ ଏହା ମହାମାନବ ବା ଦେବତାମାନଙ୍କ ପ୍ରତି ଅପମାନ ହେବ। ଅବଶ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କିମ୍ବା ଅନ୍ୟାନ୍ୟ ପ୍ରତିମୂର୍ତ୍ତି ସ୍ଥାପନ କ୍ଷେତ୍ରରେ ଏକଥା ହୋଇ ନ ପାରେ। କାରଣ ସରକାରୀ ସ୍ତରରେ ଏତେ ଅର୍ଥ ବ୍ୟୟ ହେଉଥିବାରୁ ସେଗୁଡ଼ିକର ଖୁବ୍ ଯତ୍ନ ନିଆଯିବ ବୋଲି ଆଶା କରାଯାଏ। ମାତ୍ର ଏଠାରେ ପ୍ରଶ୍ନ ଉଠେ, ନିଜକୁ ସ୍ୱତନ୍ତ୍ର ଭାବରେ ପରିଚିତ କରାଇବା ପାଇଁ ଏବଂ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ କେବଳ ପ୍ରତିମୂର୍ତ୍ତି ବା ସୌଧ ସ୍ଥାପନ କ'ଣ ଏକମାତ୍ର ମାଧ୍ୟମ? ନିଜକୁ ସ୍ୱତନ୍ତ୍ର ଏବଂ ବିଶ୍ୱରେ ପ୍ରଥମ କରି ପ୍ରତିଷ୍ଠା କରିବା ପାଇଁ ଅନ୍ୟ କିଛି ମାଧ୍ୟମ ନାହିଁ? ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ପରମ ସମ୍ମାନନୀୟ ବ୍ୟକ୍ତିତ୍ୱ। ତାଙ୍କର ସର୍ବୋଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସର୍ଦ୍ଦାରଜୀଙ୍କ ଦଶମିଟରର ପ୍ରତିମୂର୍ତ୍ତି ସ୍ଥାପନ କରି ଯଦି ବିଶ୍ୱର ଗୋଟିଏ ସର୍ବବୃହତ୍ ଚିକିତ୍ସାଳୟ କରାଯାଇଥାନ୍ତା, ତାହାହେଲେ ଭାରତ ନାଁ ବି ବିଶ୍ୱର ଏକ ନମ୍ବର ତାଲିକାରେ ରହିଥାନ୍ତା। ବହୁଲୋକ ନିଯୁକ୍ତି ପାଇବା ସହିତ କେତେ ମୁମୂର୍ଷୁ ଜୀବନ ଲାଭ କରିପାରିଥାନ୍ତେ। ଭାରତରେ ପ୍ରାଚୀନ କାଳରେ ନାଳନ୍ଦା ବିଶ୍ୱବିଦ୍ୟାଳୟ, ବିକ୍ରମଶିଳା ବିଶ୍ୱବିଦ୍ୟାଳୟ, ପୁଷ୍ପଗିରିବିହାର ପରି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ବହୁ ବିଦେଶୀ ବିଦ୍ୟାର୍ଥୀ ଧାଇଁ ଆସୁଥିଲେ। ଆମେ କାହିଁକି ଆଉ ଗୋଟିଏ ସେହିପରି ବିଶ୍ୱବିଦ୍ୟାଳୟ ଗଢ଼ି ପାରିବା ନାହିଁ? ଏ ବିଷୟରେ ଚିନ୍ତା ନ କରି କାହିଁକି ଆମ ସରକାରମାନେ ପ୍ରତିମୂର୍ତ୍ତି ଗଢ଼ି ଆକାଶକୁ ନିଶୁଣି ବାନ୍ଧୁଛନ୍ତି? ସର୍ବବୃହତ୍ ବିଶ୍ୱବିଦ୍ୟାଳୟ ହେଉ କି ଚିକିତ୍ସାଳୟ ହେଉ ତା'କୁ ସ୍ଥାପନ କରି ସେହି ଅନୁଷ୍ଠାନର ନାମକରଣ ରାମଚନ୍ଦ୍ର, ଶିବ କିମ୍ବା ମା' କାବେରୀଙ୍କ ନାଁରେ କରାଗଲେ ସେଥିରେ କାହାରି ହୁଏତ ଆପତ୍ତି ରହିବ ନାହିଁ। ମାତ୍ର ଦୁଃଖର ବିଷୟ ଆମ ନେତୃମଣ୍ଡଳୀ କେବଳ ପ୍ରତିମୂର୍ତ୍ତି ନିର୍ମାଣ କରି, ସହଜ ସୁବିଧାରେ ସ୍ୱର୍ଗକୁ ନିଶୁଣି ବାନ୍ଧିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ଏପରି ଉଦ୍ୟମ ରାବଣର ସେହି ପ୍ରୟାସର ନାମାନ୍ତର ହେବ ନାହିଁ ତ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ,
ଭଦ୍ରକ, ଫୋନ୍: ୭୯୭୮୯୦୩୫୦୯

# ବିବେକାନନ୍ଦଙ୍କ ଭାରତ

ଡ. ଭାରତ ଭୂଷଣ ରଥ

ସ୍ୱାମୀ ବିବେକାନନ୍ଦ ଜଣେ ମହାପୁରୁଷ, ଯେ କି ୧୮୬୩ ଜାନୁୟାରୀ ୧୨ ତାରିଖରେ ଏ ଧରାପୃଷ୍ଠରେ ଅବତରଣ କରିଥିଲେ। ସ୍ୱାମିଜୀଙ୍କର ଜନ୍ମ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ହୋଇଥିଲା ଯେତେବେଳେ ଭାରତବର୍ଷର ବୈଦିକ ଆର୍ଯ୍ୟ ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଥିଲା। ପବିତ୍ର ଭାରତବର୍ଷ ଇଂରେଜମାନଙ୍କ ଦ୍ୱାରା ଶୋଷିତ ହେଉଥିଲା। ଗୋଟିଏ ପଟେ ଇଂରେଜ ଏବଂ ସାମନ୍ତ ରାଜାମାନଙ୍କର ତାଡ଼ନା, ଅନ୍ୟପଟେ ମୁଷ୍ଟିମେୟ ରାଜକର୍ମଚାରୀଙ୍କର ଦୌରାତ୍ମ୍ୟ ଏବଂ କିଛି ପାଖଣ୍ଡିଙ୍କର ଅନ୍ଧବିଶ୍ୱାସର ମାୟାଜାଲରେ ଏ ଦେଶର ନିରୀହ ଜନସାଧାରଣ ଆବଦ୍ଧ ଥିଲେ। ଭାରତର ଶାଶ୍ୱତ ଏବଂ ପରିମାର୍ଜିତ ପରମ୍ପରା ତଥା ଜୀବନଶୈଳୀ ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଠିକ୍ ଏତିକି ବେଳେ ଜନ୍ମ ନେଲେ ସ୍ୱାମୀ ବିବେକାନନ୍ଦ। ଯେମିତି ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ମାତ୍ର ୩୨ ବର୍ଷର ଜୀବନାବଧି ଭିତରେ ଭାରତରେ ଅନେକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣି ପାରିଥିଲେ, ସେମିତି ଭାରତର ଦୁର୍ଦ୍ଦିନ ସମୟରେ ସ୍ୱାମୀ ବିବେକାନନ୍ଦଙ୍କର ଅଦମ୍ୟ ଉତ୍ସାହ ଓ ସଂଘର୍ଷର ପରିଣାମ ସ୍ୱରୂପ ଭାରତୀୟ ପରମ୍ପରା ଏବଂ ଜୀବନଦର୍ଶନର ଯତ୍କିଞ୍ଚିତ୍ ଆଜି ବଞ୍ଚି ରହିଛି ତାହା ହିଁ ବର୍ତ୍ତମାନ ଆମ ଦୃଷ୍ଟିଗୋଚର ହୁଏ। ମାତ୍ର ୩୮ ବର୍ଷର ଆୟୁ ନେଇ ସେ କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱରେ ପ୍ରଚାର କରିଯାଇଛନ୍ତି ମାନବିକତାର ମହନୀୟ ଗୁଣାବଳୀ।

ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନର ଏକ ବିଶିଷ୍ଟ ତତ୍ତ୍ୱ ଥିଲା ସେ ପ୍ରାନ୍ତୀୟତାରେ ବିଶ୍ୱାସ ନ କରି ଜାତୀୟତାରେ ବିଶ୍ୱାସ ରଖୁଥିଲେ। ଭାରତଭୂମିର ମହତ୍ତ୍ୱକୁ ପ୍ରତିପାଦନ କରିବା ପାଇଁ ସେ କହିଥିଲେ, ଏ ଦେଶର ମାନବିକତା ଅତି ଉଚ୍ଚ ସ୍ତରରେ ଉଦାରତା, ପବିତ୍ରତା, ପ୍ରଶାନ୍ତି, ଆତ୍ମ ବିଶ୍ଳେଷଣ ଏବଂ ଆଧ୍ୟାତ୍ମିକତାକୁ ସମ୍ମାନ ଦେଇ ବିଶ୍ୱ ମଙ୍ଗଳର କାମନା କରେ। ଯଥା ''The land where humanity has attained its highest towards generosity, towards purity, towards calmness, above all, the land of introspection and of spirituality – it is India.'' ଏଥିରୁ ଜଣାଯାଏ, ଏ ଦେଶର ମୁଠାଏ ମାଟି, ବିନ୍ଦୁଏ ପାଣି ଏବଂ ଟୋପାଏ ରକ୍ତ ମଧ୍ୟ ଭ୍ରଷ୍ଟାଚାର, ଅଧର୍ମ ଏବଂ ଅସତ୍ୟକୁ ପ୍ରଶ୍ରୟ ଦିଏ ନାହିଁ। ଏହା ହିଁ ଭାରତର ଚରିତ୍ର। ତେବେ ଏଠି ପ୍ରଶ୍ନ ଉଠେ ଏତେ ଲକ୍ଷଣଯୁକ୍ତ ଭାରତର ଏ ଦୁରବସ୍ଥା କ'ଣ ସ୍ୱତଃ ନା ମାନବକୃତ? ପ୍ରଶ୍ନର ଉତ୍ତର ଗୋଟିଏ ଛୋଟ ଉଦାହରଣରେ ମିଳିଯିବ।

ତାହା ହେଲା, ଦେବଭୂମି ହିମାଳୟର ଗିରିଗହ୍ୱରରୁ ପ୍ରବାହିତ ହୋଇ ଅନେକ ଔଷଧୀୟ ବୃକ୍ଷଙ୍କର ପାଦସ୍ପର୍ଶ କରି ନିଜର ଶୁଦ୍ଧ ବୁଦ୍ଧ ଏବଂ ପବିତ୍ର ଭାବକୁ ନେଇ କଳକଳ ନାଦରେ ବହିଯାଉଥିବା ଗଙ୍ଗାନଦୀ



ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ଉପଲକ୍ଷେ

ହିମାଳୟ ଛାଡି ତଳକୁ ଆସିଗଲେ ଏତେ ଦୂଷିତ ହେଉଛି କ'ଣ ନିଜ ଦୋଷରୁ ନା ମାନବର ଅଜ୍ଞାନତା ଓ ଅପାରଗରୁ? ଅନେକ ପାରିପାର୍ଶ୍ୱିକ କାରଣକୁ ନେଇ ଆଜକୁ ପ୍ରାୟ ୪୦୦ ବର୍ଷ ତଳର ଭାରତ ଏବଂ ଆଜିର ଭାରତ ଭିତରେ ଆକାଶପାତାଳର ତାରତମ୍ୟ ପରିଲକ୍ଷିତ ହୁଏ। ବିଗତ ୪୦୦ ବର୍ଷ ସମୟର ପ୍ରବାହରେ ଏ ଦେଶ କ୍ରମାନୁସାରେ କିଛି ଅସାମାଜିକ ଲୋକଙ୍କ ଯୋଗୁ ନିଜର ପ୍ରାଚୀନ ଗୌରବକୁ ହରାଇଛି। ସର୍ବପ୍ରଥମେ କିଛି ଏକଛତ୍ରବାଦୀ ଶାସକଙ୍କର ଲୋଲୁପ ଦୃଷ୍ଟିର ଶିକାର ହୋଇଛି ଭାରତବର୍ଷ। ତା'ର ଠିକ୍ ପରେ ପରେ ଇଂରେଜମାନଙ୍କର ତାଡ଼ନାରେ ମୂର୍ଚ୍ଛିତ ହୋଇଛି ଏ ଦେଶର ପୁରପଲ୍ଲୀ। ଏହା ଭିତରେ ଅନ୍ତର୍ଦ୍ଦେଶୀୟ ବିଶ୍ୱାସଘାତୀଙ୍କର ନିର୍ଘାତ ପ୍ରହାରରେ ସଂଜ୍ଞାହୀନ ହୋଇଛି ଏ ଜାତିର ପ୍ରାଣ। ସବୁଠାରୁ ଦୁଃଖଦ ବିଷୟ ହେଲା ବିଗତ କିଛିବର୍ଷ ହେଲା କୁତ୍ସିତ ରାଜନୀତି ଏବଂ ମୁଷ୍ଟିମେୟ ରାଷ୍ଟ୍ର ବିଭାଜନକାରୀ ଶକ୍ତିଙ୍କ ଚକ୍ରବ୍ୟୂହର ଏ ଦେଶ ଏକ ନୀରବ ଦର୍ଶକ ସାଜିଛି।

ସ୍ୱାମୀ ବିବେକାନନ୍ଦ ଯେବେ ଜନ୍ମଗ୍ରହଣ କଲେ ସେତେବେଳକୁ ଏ ଦେଶର ବାତାବରଣ ଭିତରକୁ ପ୍ରବେଶ କରିସାରିଥିଲା ଅନେକ ନକାରାତ୍ମକ ଶକ୍ତି। ନିଜକୁ ଦେବତା ଏବଂ ଗୁରୁ ବୋଲାଉଥିବା କିଛି ଅଜ୍ଞାନଙ୍କର ବାକ୍‌ପ୍ରବାହରେ ଦୂଷିତ ହୋଇ ସାରିଥିଲା ଏ ଦେଶର କୋଟିକୋଟି ସରଳ ଜୀବନ। ଅନ୍ଧବିଶ୍ୱାସ, ଧନୀ-ଗରିବର ଭେଦଭାବ, ଜାତିପ୍ରଥା ତଥା ଅନେକ କୁସଂସ୍କାର କବଳିତ କରିସାରିଥିଲା ମାନବର ସରଳ ମନକୁ। ତା' ଭିତରେ ଯଥାସମ୍ଭବ ସଂଘର୍ଷ କରି ସମାଜରେ ସତ୍ୟ, ଧର୍ମ ଓ ଶାନ୍ତି ପ୍ରତିଷ୍ଠା ପାଇଁ ସ୍ୱାମିଜୀ ଖୁବ୍ ପ୍ରୟାସ କରିଛନ୍ତି ଏବଂ ଅନେକାଂଶରେ ସଫଳ ମଧ୍ୟ ହୋଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏ ଦେଶର ବାସ୍ତବ ଚିତ୍ରକୁ ସ୍ୱାମିଜୀ ଯେଭଳି ଉପସ୍ଥାପନ କରିଛନ୍ତି ତାକୁ ଅବଗମନ କରି ଆଜିର ମାନବ କେତେଦୂର ନିଜ ମାନବିକତାର ମାପକାଠିରେ ନିଜକୁ ମାପି ପାରୁଛି। ସମସ୍ତ ତତ୍ତ୍ୱରେ ପରିପୂରିତ ଏ ଦେଶ ପାଇଁ ନୂତନ କିଛି କରିବାର ଆବଶ୍ୟକତା ନାହିଁ କିନ୍ତୁ ଆବଶ୍ୟକତା ରହିଛି ଯାହା ବର୍ତ୍ତମାନ ରହିଯାଇଛି ଏବଂ ଯାହା ଦିନୁଦିନ କ୍ଷୟ ହୋଇଯାଉଛି ତା'ର ସୁରକ୍ଷା। ଏହାର ଉପାୟ ଏ ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ ହିଁ ରହିଛି। ଏକ ସଚେତନ ମନ, ଦେଶପ୍ରେମର ଭାବ ଏବଂ ସମାଜ ପ୍ରତି ଆମର ଉତ୍ତରଦାୟିତ୍ୱକୁ ଚିନ୍ତନ କରି ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତକୁ ସାକାର କରିବା ମାନବର ଲକ୍ଷ୍ୟ ହେଉ।

ଭଗବାନ ସମସ୍ତଙ୍କ ହୃଦୟରେ ବିରାଜମାନ ଅଛନ୍ତି, ସେଥିପାଇଁ ଉପନିଷଦ କହିଛନ୍ତି, ଅହଂ ବ୍ରହ୍ମାସ୍ମି ଅର୍ଥାତ୍ ମୁଁ ନିଜେ ବ୍ରହ୍ମ। ତେଣୁ ମାନବ ଚାହିଁଲେ ନିଜର ଦିବ୍ୟତ୍ୱକୁ ପରିପ୍ରକାଶ କରି ଏ ସମାଜ ପାଇଁ ଅନେକ କିଛି ଆଦର୍ଶପୂର୍ଣ୍ଣ କାର୍ଯ୍ୟ କରିପାରିବ। ଯେପରି ସ୍ୱାମୀ ବିବେକାନନ୍ଦ ନିଜର ଦିବ୍ୟ ଭାବନାକୁ ଉଦ୍ରେକକରି ଭାରତକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ପୂର୍ଣ୍ଣତଃ ସମର୍ଥ ହୋଇଥିଲେ।

ଅଧ୍ୟାପକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ମୋ- ୮୮୯୭୪୨୬୨୪୩

## ଏଇ ଭାରତରେ

ମାନବର ସେବା କରିବା ମାଧବଙ୍କ ସେବା କରିବା ସହିତ ସମାନ। କିନ୍ତୁ ମୃତବ୍ୟକ୍ତିର ବ୍ୟବଚ୍ଛେଦ କରାଇ ଜଣେ ପୋଲିସ କନ୍‌ଷ୍ଟେବଲ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେବା ମନୋବୃତ୍ତି ରଖି ସେ ଦୀର୍ଘ ୧୦ବର୍ଷ ଧରି ଶବ ବ୍ୟବଚ୍ଛେଦ ବେଳେ ଉପସ୍ଥିତ ରହି ଆସୁଛନ୍ତି। ପୋଲିସ ବିଭାଗରେ ଯୋଗଦେଇଥିବା ଏହି ଜନସେବୀ ହେଉଛନ୍ତି କନ୍‌ଷ୍ଟେବଲ ଅଙ୍ଗଦ ବାଲ୍ମୀକି। ସେ ଏବେ ଜନସେବାକୁ ପ୍ରମୁଖ କାର୍ଯ୍ୟ ବୋଲି ଧରି ନେଇଛନ୍ତି। ସେ ଗତ ୧୦ବର୍ଷ ଧରି ରାଜସ୍ଥାନର ଜୟ ଆରୋଗ୍ୟ ହସ୍ପିଟାଲ ଫାଣ୍ଡିରେ ମୁତୟନ ଅଛନ୍ତି। ଏଠାରେ ତାଙ୍କୁ ପୋଷ୍ଟମର୍ଟମ ରୁମ୍‌ରେ ଅଧିକ ସମୟ ଉପସ୍ଥିତ ହେବାକୁ ପଡେ। କେତେକ ମୃତଦେହ ପଚିଶଢ଼ି ଗଲେ ପୋଷ୍ଟମର୍ଟମ ସମୟରେ ଦୁର୍ଗନ୍ଧ ହୋଇଥାଏ। ତେବେ ତାଙ୍କର ଆତ୍ମୀୟସ୍ୱଜନଙ୍କ ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଅଙ୍ଗଦ ଶୀଘ୍ର ପଞ୍ଚନାମାର ବ୍ୟବସ୍ଥା କରାଇଥାଆନ୍ତି। ମୃତଦେହ ସହିତ ୫ଜଣ ଲୋକ ଆସି ନ ଥିଲେ ଏପରିସ୍ଥଳେ ଅଙ୍ଗଦ ଅନ୍ୟ ଲୋକଙ୍କୁ ଯୋଗାଡ଼ କରିଥାଆନ୍ତି। ବେଳେବେଳେ ପୋଷ୍ଟମର୍ଟମ ପରେ ମୃତଦେହକୁ ନେବା ପାଇଁ ଆତ୍ମୀୟସ୍ୱଜନଙ୍କ ପାଖରେ ଅର୍ଥ ନ ଥାଏ। ଅଙ୍ଗଦ ନିଜ ପକେଟରୁ ଟଙ୍କା ଦେଇ ସେମାନଙ୍କୁ ଘରକୁ ଫେରିବାର ବନ୍ଦୋବସ୍ତ କରିଥାଆନ୍ତି। ଗତ ୧୦ବର୍ଷ ମଧ୍ୟରେ ସେ ୯ ହଜାରରୁ ଅଧିକ ମୃତଦେହର ପଞ୍ଚନାମା କରାଇଛନ୍ତି। ପୋଲିସ ବିଭାଗ ତାଙ୍କ ସେବା ମନୋବୃତ୍ତିକୁ ଦୃଷ୍ଟିରେ ରଖି ତାଙ୍କର ବଦଳି ଆଦେଶ ଦେଇନାହିଁ।

## ଚିରନ୍ତନୀ

ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।
ଦୟା ପ୍ରେମ ଜ୍ଞାନ ଧ୍ୟାନ ଦୁଃଖ ସୁଖ
ମାନ ଅପମାନ
ସକଳ ଉର୍ଦ୍ଧ୍ୱରେ ଉଡ଼େ ଜୀବନର
ବିଜୟ ନିଶାଣ।
ତାହାରି ଉଦ୍ଦେଶ୍ୟେ ଜାତ ସବୁ ଧର୍ମ
ନୀତି ଆଲୋଚନା
ସକଳ ସମସ୍ୟା ଦ୍ୱନ୍ଦ୍ୱ ଦିବା ନିଶି
ପ୍ରାଣାନ୍ତ ସାଧନା।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚଜାତି ଗରିବଙ୍କୁ ସଂରକ୍ଷଣ

ମହାଶୟ,

ଭାରତ ପରି ଏକ ଜନମଙ୍ଗଳ ରାଷ୍ଟ୍ରରେ ଆର୍ଥିକ ଅନଗ୍ରସର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ହେଲେ ଜାତିଭିତ୍ତିକ ସଂରକ୍ଷଣ ଫଳରେ ଉଚ୍ଚଜାତିର ଗରିବମାନେ ଦିନକୁ ଦିନ ଗରିବ ହେଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉଚ୍ଚଜାତିର ଗରିବଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଅତୀତରେ ପ୍ରବାଦପୁରୁଷ ବିଜୁବାବୁ ମଧ୍ୟ କହିଥିଲେ ଯେ ଗରିବର ଜାତି ନାହିଁ। ତେଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ ସଂରକ୍ଷଣ ବ୍ୟବସ୍ଥା କରାଗଲେ ଗରିବମାନଙ୍କ ବାସ୍ତବ ବିକାଶ ହୋଇପାରିବ। ଉଚ୍ଚଜାତିର ଅନଗ୍ରସର ଲୋକଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ବିଲ୍ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାସ ହୋଇଛି। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜାତିଭିତ୍ତିକ ସଂରକ୍ଷଣ ନୁହେଁ ବରଂ ଯୋଗ୍ୟତା ଭିତ୍ତିରେ ଚାକିରି ମିଳିବା ଦରକାର। ତେବେ ଆର୍ଥିକ ଦୃଷ୍ଟିରୁ ଗରିବ ଛାତ୍ରୀଛାତ୍ରଙ୍କୁ ସରକାର ପାଠ ପଢିବା ପାଇଁ ଆବଶ୍ୟକ ଆର୍ଥିକ ସହଯୋଗ କରି ସେମାନଙ୍କୁ ଅଧିକ ଦକ୍ଷ ଏବଂ ଯୋଗ୍ୟ କରି କେବଳ ଯୋଗ୍ୟତା ଓ ଦକ୍ଷତା ଭିତ୍ତିରେ ଚାକିରି ପ୍ରଦାନ କଲେ ଦେଶ ସମୃଦ୍ଧ ହେବ।

ସନ୍ତୋଷ କୁମାର ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### କୋଟିପତି ଜୁନିୟର ଏମ୍‌ଭିଆଇ

କିଛିଦିନ ତଳେ ଭଦ୍ରକର ଜୁନିୟର ଏମ୍‌ଭିଆଇ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ ଯିବା ଘଟଣା ଧରିତ୍ରୀରେ ପ୍ରକାଶ ପାଇଥିଲା। ଅବଶ୍ୟ ଏପରି କୋଟିପତିଙ୍କ ସଂଖ୍ୟା କମ୍ ନୁହେଁ। କେବଳ ସମୟାନ୍ତରରେ ଗୋଟେ ଅଧେ ଘଟଣା ପଦାକୁ ଆସି ହଇଚଇ ସୃଷ୍ଟି କରିବା ପରେ ପୁଣି ସବୁ ଚୁପ୍‌ଚାପ ହୋଇଯାଏ। ଓଡ଼ିଶା ଦରିଦ୍ର ରାଜ୍ୟ ରୂପେ ପରିଗଣିତ ହୋଇ ସ୍ୱତନ୍ତ୍ର ପାହ୍ୟା ଦାବି କରୁଥିବା ବେଳେ ପ୍ରଶାସନରେ ଥିବା ପିଅନ, ଡ୍ରାଇଭରଠାରୁ ଆରମ୍ଭ କରି ଉଚ୍ଚ ପଦପଦବୀରେ ଥିବା ବାବୁମାନେ କୋଟିପତି ହେବାର ସୁଯୋଗ ହାତଛଡ଼ା କରୁନାହାନ୍ତି। ଏପରି ଲାଞ୍ଚଖୋରମାନଙ୍କୁ ପ୍ରଥମେ ଚାକିରିରୁ ବହିଷ୍କାର କରାଯାଉ ଓ ପରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଜାନୁୟାରୀ, ୨୦୧୯



ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର କିଣା ଦୁର୍ନୀତି ମାମଲାର ମଧ୍ୟସ୍ଥ ବ୍ରିଟିଶ ନାଗରିକ ଖ୍ରୀଷ୍ଟିଆନ ମିଶେଲଙ୍କୁ ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା ଯୋଗାଇ ଦେବାକୁ ଭାରତ ଅନୁମତି ଦେଇଛି। ମିଶେଲ ଗିରଫ ହେବା ପରେ ତାଙ୍କୁ ଆଇନଗତ ସହାୟତା ଯୋଗାଇବା ଲାଗି ବ୍ରିଟିଶ ହାଇକମିଶନଙ୍କ ପକ୍ଷରୁ ଆବେଦନ କରାଯାଇଥିଲା।



## ସଂକ୍ଷେପରେ

### ଓଏଏସ୍ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୧୧।୧(ବ୍ୟୁରୋ):ରାଜ୍ୟ ପ୍ରଶାସନରେ କାର୍ଯ୍ୟରତ କେତେକ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀସ୍ତରରେ ସାମାନ୍ୟ ଅଦଳବଦଳ କରାଯାଇଛି। ସୁରଥ କୁମାର ମଲିକଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି। ବ୍ରଜଗୋପାଳ ଆଚାର୍ଯ୍ୟ କୃଷି ବିଭାଗର ଅତିରିକ୍ତ ଶାସନ ସଚିବ, ସ୍ୱୟଂପ୍ରଭା ମହାନ୍ତି ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ, ଅଞ୍ଜନା ପଣ୍ଡାଙ୍କୁ ହସ୍ତତନ୍ତ ବିଭାଗ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଇନ୍ଦ୍ରମଣି ନାୟକ ଯାଜପୁର ଜିଲା ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ, ବିକାଶ ବାଇଁ ସମ୍ବଲପୁର ଡିୟୁଡିଏର ପ୍ରକଳ୍ପ ନିର୍ଦ୍ଦେଶକ(ଅତିରିକ୍ତ ଦାୟିତ୍ୱ) ଏବଂ ମଞ୍ଜୁଲତା ମଲ୍ଲିକ ମାଧ୍ୟମିକ ଶିକ୍ଷା ପରିଷଦର ଏଷ୍ଟାବ୍ଲିଶ୍ମେଣ୍ଟ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି।

### ଭାଜପା ରାଷ୍ଟ୍ରୀୟ ଅଧିବେଶନରେ ଓଡ଼ିଶାରୁ ୩୦୮

ଭୁବନେଶ୍ୱର, ୧୧।୧(ବ୍ୟୁରୋ): ଭାଜପାର ଦୁଇଦିନିଆ ରାଷ୍ଟ୍ରୀୟ ଅଧିବେଶନ ଶୁକ୍ରବାରଠାରୁ ନୂଆଦିଲ୍ଲୀସ୍ଥିତ ରାମଲୀଳା ମଇଦାନରେ ଆରମ୍ଭ ହୋଇଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଦଳୀୟ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅଧିବେଶନରେ ଓଡ଼ିଶାରୁ ୩୦୮ ଜଣ ଦଳୀୟ ନେତୃବୃନ୍ଦ ସାମିଲ ହୋଇଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲା ସଭାପତି, ପ୍ରତି ଜିଲାର ୩ଜଣ ଲେଖା ସାଧାରଣ ସମ୍ପାଦକ, ରାଜ୍ୟ ପଦାଧିକାରୀ, ଦଳର ବିଭିନ୍ନ ମୋର୍ଚ୍ଚା ସଭାପତିଙ୍କ ସମେତ କୋର୍ କମିଟି ଏବଂ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟମାନେ ଅଧିବେଶନରେ ଯୋଗଦେଇଛନ୍ତି। ରାଜ୍ୟର କୋର୍ କମିଟିରୁ ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡା, ପ୍ରତାପ ଷଡଙ୍ଗୀ, ସୁରେଶ ପୂଜାରୀ, ମନମୋହନ ସାମଲ ପ୍ରମୁଖ ଯୋଗଦେଇଥିବା ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

### ହାତୀ ଆକ୍ରମଣରେ ମହିଳା ଗୁରୁତର

ନିରାକାରପୁର,୧୧।୧(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନ ନୂଆଗଡ ପଞ୍ଚାୟତସ୍ଥ ବୃନ୍ଦାବନପୁର ଗ୍ରାମର ଜନୈକ ମହିଳା ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ନାମ ବାସନ୍ତୀ ବଳବନ୍ତରାୟ(୫୦)। ଶୁକ୍ରବାର ଭୋର ସମୟରେ ବାସନ୍ତୀ ଶୌଚ ହେବା ପାଇଁ ବାରି ପଛପଟକୁ ଯାଇଥିବା ବେଳେ ଏକ ହାତୀ ଆକ୍ରମଣ କରିବାରୁ ଗୁରୁତର ହୋଇଥିଲେ। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗ୍ରାମବାସୀଙ୍କ ସୂଚନା ଅନୁସାରେ, ଖାଦ୍ୟ ଅନ୍ୱେଷଣରେ ଗାଁକୁ ପଶି ଆସିଥିବା ଏକ ହାତୀ ବାସନ୍ତୀଙ୍କୁ ଶୁଣ୍ଢରେ କଚାଡ଼ି ଦେଇଥିଲା। ଏ ନେଇ ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି, ଆମର ଫିଲ୍ଡ ଷ୍ଟାଫ୍ ଏହାର ରିପୋର୍ଟ ଆଣିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବଡ଼ବିଲ, ୧୧।୧(ସ୍ୱ.ପ୍ର.): ଯୋଡା ବ୍ଲକ ତଥା ଗୁରୁଡି ଥାନା ଅଞ୍ଚଳରେ ଜଣେ ୭ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୁରୁଡି ଥାନା ଗୁଆଲି ପଞ୍ଚାୟତ ନଦୀଡିହୀ ଗ୍ରାମର। ଗତ ବୁଧବାର ରାତିରେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ଗୁରୁବାର ଗୁରୁଡି ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ୪ ପୋକସୋ ଆକ୍ଟରେ ବଡବିଲ ଜେଏମ୍ଏଫସି କୋର୍ଟଙ୍କ ବିଚାରାଧୀନ ଯୋଗ୍ୟ ନ ଥିବାରୁ ଅଭିଯୁକ୍ତଙ୍କୁ କେନ୍ଦୁଝରସ୍ଥିତ ରେଜିଷ୍ଟ୍ରାର କମ୍ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଏଣ୍ଡ ଜୁଭେନାଇଲ ଜଷ୍ଟିସ୍ ବୋର୍ଡଙ୍କ କୋର୍ଟରେ ହାଜର କରାଯିବାକୁ ପଠାଯାଇଥିବା ଜଣାପଡିଛି।

# ବଲାଙ୍ଗୀର-ବିଚ୍ଛୁପାଲି ରୁଟ୍‌ରେ ଗଡ଼ିବ ଟ୍ରେନ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

**୧୫ରେ ମୋଦିଙ୍କ ବଲାଙ୍ଗୀର ଗସ୍ତ**
- ଲୋକାର୍ପଣ ହେବ ୧୫୫୦ କୋଟି ଟଙ୍କାର ପ୍ରକଳ୍ପ
- ଝାରସୁଗୁଡ଼ାରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ
- ଆଉ ୬ ଡାକଘରେ ପାସ୍‌ପୋର୍ଟ ସେବା କେନ୍ଦ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୫ ତାରିଖରେ ପୁଣିଥରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ବଲାଙ୍ଗୀରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ୧୫୫୦ କୋଟି ଟଙ୍କା ବିନିଯୋଗରେ ରାଜ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଥିମଧ୍ୟରେ ସୋନପୁରଠାରେ ୧୫.୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ସେହିଭଳି ଝାରସୁଗୁଡ଼ାରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ (୧୦୦ କୋଟି ଟଙ୍କା) ଲୋକାର୍ପଣ ହେବାକୁ ଥିବାବେଳେ ୧୧୫ କୋଟି ଟଙ୍କାରେ ନିର୍ମିତ ବଲାଙ୍ଗୀର-ବିଚ୍ଛୁପାଲି ନୂଆ ରେଳଲାଇନରେ ଗଡ଼ିବ ଟ୍ରେନ। ଏହି ନୂତନ ଟ୍ରେନ ଚଳାଚଳକୁ ମୋଦି ଶୁଭାରମ୍ଭ କରିବେ ବୋଲି ଭୁବନେଶ୍ୱରର ରେଳ ସଦନଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏହାବାଦ୍ ୧୦୮୫ କୋଟି ଟଙ୍କା ବ୍ୟୟରେ ଝାରସୁଗୁଡ଼ା-ବିଜୟନଗରମ ଓ ସମ୍ବଲପୁର-ଅନୁଗୋଳ ମଧ୍ୟରେ ମୋଟ୍ ୮୧୩ କିମି ରେଳଲାଇନର ବିଦ୍ୟୁତୀକରଣ କାର୍ଯ୍ୟ, ୧୮୯.୩୨ କୋଟି ଟଙ୍କା ବିନିଯୋଗରେ ବରପାଲି-ଡୁଙ୍ଗୁରିପାଲି ଏବଂ ବଲାଙ୍ଗୀର-ଦେଓଗାଁ ରୋଡ୍‌ର ୩୧.୫୬ କିମି ରେଳ ଟ୍ରାକ୍‌ର ଦୋହରୀକରଣ, ରାୟଗଡା ଥେରୁବାଲି-ସିଙ୍ଗାପୁର ରେଳଷ୍ଟେଶନ ବ୍ରିଜ ୫୮୮ ମଧ୍ୟ ଏହି ଅବସରରେ ଲୋକାର୍ପଣ ହେବ। ସେହିପରି ବୌଦ୍ଧ ଜିଲାର ଗନ୍ଧରଡ଼ିସ୍ଥିତ ନୀଳମାଧବ ଏବଂ ସିଦ୍ଧେଶ୍ୱର ମନ୍ଦିର, ବଲାଙ୍ଗୀର ଜିଲାର ରାଣୀପୁର ଝରିଆଲ କୀର୍ତ୍ତିରାଜି ସମୂହ, ବୌଦ୍ଧ ଜିଲାର ପଶ୍ଚିମ ସୋମନାଥ ମନ୍ଦିରର ପୁନରୁଦ୍ଧାର ତଥା ଉନ୍ନତୀକରଣ, କଳାହାଣ୍ଡିର ଅସୁରଗଡ଼ ଦୁର୍ଗର ଉନ୍ନତୀକରଣ କାର୍ଯ୍ୟ ଏବଂ ରାଜ୍ୟରେ ୬ ଡାକଘରେ ପାସ୍‌ପୋର୍ଟ ସେବାକେନ୍ଦ୍ରକୁ ମୋଦି ଶୁଭାରମ୍ଭ କରିବେ ବୋଲି ସୂଚନା ରହିଛି। ଏହା ମଧ୍ୟରେ ଜଗତସିଂହପୁର, କେନ୍ଦ୍ରାପଡା, ପୁରୀ, କନ୍ଧମାଳ, ବରଗଡ଼, ବଲାଙ୍ଗୀର ଜିଲା ସ୍ଥାନିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍ଆଇ) ସଂସ୍ଥାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ରାଜୀବ ଦ୍ୱିବେଦୀ, କଳିଙ୍ଗ ବିଦ୍ୟାଳୟ ସଙ୍ଗଠନର ଡେପୁଟି କମିଶନର ଏଭିଏଲ୍ ଜଗନ୍ନାଥ ରାଓ, ପୂର୍ବତଟ ରେଳପଥର ଚିଫ୍ ଆର୍‌ପିଓ ଜେ.ପି. ମିଶ୍ର, ଆଞ୍ଚଳିକ ପାସପୋର୍ଟ ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ୧ ମାସ ମଧ୍ୟରେ ମୋଦିଙ୍କର ଏହା ତୃତୀୟ ଗସ୍ତ। ସେ ଡିସେମ୍ବର ୨୪ରେ ଖୋର୍ଦ୍ଧା ଏବଂ ଜାନୁୟାରୀ ୫ରେ ବାରିପଦା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।

# ସିରିଆରୁ ସେନା ପ୍ରତ୍ୟାହାର ଆରମ୍ଭ



ବିରୁଟ୍,୧୧।୧(ଏଏଫ୍‌ପି)

ସିରିଆରୁ ଆମେରିକା ନେତୃତ୍ୱାଧୀନ ସେନା ପ୍ରତ୍ୟାହାର ଆରମ୍ଭ ହୋଇଥିବା ମୁଖପାତ୍ର କଲୋନେଲ ସିଆନ୍ ର୍ୟାନ ସୂଚନା ଦେଇଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ ସେ ସେନା ପ୍ରତ୍ୟାହାରର ନିର୍ଦ୍ଦିଷ୍ଟ ସମୟ, ସ୍ଥାନ ଏବଂ ଗତିବିଧି ସମ୍ପର୍କରେ କହିବାକୁ ମନା କରିଦେଇଛନ୍ତି। ହାସାକେହ ପ୍ରଦେଶ ଉତ୍ତରପୂର୍ବାଞ୍ଚଳସ୍ଥିତ ମେଇଲାନ ଏୟାରଫିଲ୍ଡରେ ମୁତୟନ ଥିବା ସୈନ୍ୟସଂଖ୍ୟା ହ୍ରାସ ପାଇଥିବା ସିରିଆ ମାନବାଧିକାର ପର୍ଯ୍ୟବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘୋଷଣା ପରେ ଏହା ପ୍ରଥମ ସେନା ପ୍ରତ୍ୟାହାର ବୋଲି ଜଣାପଡିଛି। ସିରିଆରୁ ସେନା ପ୍ରତ୍ୟାହାର ଲାଗି ଟ୍ରମ୍ପ ଗତ ଡିସେମ୍ବର ୧୯ରେ ଘୋଷଣା କରିଥିଲେ।




ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀ ମାନ୍ୟତା ଦେବା ସହ ମାସିକ ୧୮ ହଜାର ଟଙ୍କା ଦରମା ପ୍ରଦାନ ଦାବିରେ ଅଲ୍ ଓଡ଼ିଶା ଲେଡିଜ ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ, ସମ୍ବଲପୁର ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ଦିଆଯାଇଥିବା ଧାରଣା।

# ବିକ୍ରି ହେବ ଏଭରେଡି




ନୂଆଦିଲ୍ଲୀ, ୧୧।୧: ବି.ଏମ୍ ଖୈତାନଙ୍କ ନେତୃତ୍ୱାଧୀନ ୱିଲିୟାମଶନ ମେଗର ଗ୍ରୁପ୍ ନିଜର ଫ୍ଲାଗଶିପ୍ କମ୍ପାନୀ ଏଭରେଡି ଇଣ୍ଡଷ୍ଟ୍ରିଜ ଇଣ୍ଡିଆ ଲିମିଟେଡକୁ ବିକ୍ରି କରିବାକୁ ଯାଉଛି। ଡ୍ରାଇ ସେଲ୍ ବ୍ୟାଟେରି ଏବଂ ଫ୍ଲାଶଲାଇଟ୍ସ ସେକ୍ଟରରେ ଭାରତର ସର୍ବବୃହତ କମ୍ପାନୀ ଏଭରେଡି ୧୦୦ ବର୍ଷରୁ ଅଧିକ ପୁରୁଣା। ଏହାକୁ ବିକ୍ରି ଲାଗି ଖୁବଶୀଘ୍ର ବିଡ୍ ଆହ୍ୱାନ କରାଯିବ। ପ୍ରମୋଟର ବି.ଏମ୍. ଖୈତାନ ପରିବାରଙ୍କ ନିକଟରେ ଏଭରେଡି କମ୍ପାନୀର ୪୫ ପ୍ରତିଶତ ଅଂଶଧନ ରହିଛି। ବିକ୍ରି ପ୍ରକ୍ରିୟାକୁ ଚୂଡାନ୍ତ ରୂପ ଦେବା ଲାଗି କୋଟାକ ମହିନ୍ଦ୍ରା ବ୍ୟାଙ୍କକୁ ନିଯୁକ୍ତ କରାଯାଇଛି। ବ୍ୟବସାୟ ଧିମା ପଡିବା ଓ ଅତିରିକ୍ତ ଋଣବୋଝ କାରଣରୁ ୧୫୦୦ କୋଟି ଟଙ୍କାର କାରବାର କରୁଥିବା ଏଭରେଡିକୁ ବିକ୍ରି କରାଯିବ। ତେବେ ୱିଲିୟମଶନ ମେଗର ଗ୍ରୁପ୍ ନିଜର ଅଂଶଧନ ବିକ୍ରି କରିବ କି ନା ଜଣାପଡି ନାହିଁ। ସୂଚନାଥାଉ କି, ଏଭରେଡି ଗ୍ରୁପ୍ କମ୍ପାନୀରେ ବଙ୍କ ଚା' ଉତ୍ପାଦକ ମ୍ୟାକଲିୟଡ ରସେଲ, କିଲବର୍ନ ଇଞ୍ଜିନିୟରିଂ ଓ ମ୍ୟାକନେଲି ଭାରତ ଆଦି ବୃହତ କମ୍ପାନୀ ସାମିଲ ରହିଛି। ୧୯୦୫ରେ ଏଭରେଡିର ମାଲିକ ଥିଲା ଆମେରିକାର ଭାରତୀୟ କମ୍ପାନୀ ୟୁନିୟନ କାର୍ବାଇଡ ଇଣ୍ଡିଆ। ଖୈତାନ ପରିବାର ୧୯୯୩ରେ ୱିଲିୟାମଶନ ମେଗର ସହ ମିଶି ଏହାକୁ ନିଜ କବ୍ଜାକୁ ନେଇଥିଲେ। ସେତେବେଳେ ଏହାକୁ ନେଇ ବମ୍ବେ ଡାଇଂ ମାଲିକ ନୁସଲି ୱାଡିଆଙ୍କ ସହିତ ତୀବ୍ର ବିଡିଂ ଲଢ଼େଇ ହୋଇଥିଲା। ଶେଷରେ ୩୦୦ କୋଟି ଟଙ୍କାରେ ଏଭରେଡି କମ୍ପାନୀ ଖୈତାନ ପରିବାର ହାତକୁ ଯାଇଥିଲା। ବଜାର ମୂଲ୍ୟକୁ ହିସାବକୁ ନେଲେ ବର୍ତ୍ତମାନ ଏଭରେଡିର ମୂଲ୍ୟ ୧୩୫୦ କୋଟି ଟଙ୍କା ହେବ। ପରିବାର ସୂତ୍ରରୁ ଜଣାପଡିଛି ଯେ, ପ୍ରଥମ ବିକଳ୍ପ ସ୍ୱରୂପ କମ୍ପାନୀର ପ୍ରମୋଟରମାନେ ଏକ ଷ୍ଟ୍ରାଟେଜିକ ପାର୍ଟନର ଖୋଜିବା ଆରମ୍ଭ କରିଛନ୍ତି। ସେମାନେ ପ୍ରାୟ ୩୦ ପ୍ରତିଶତ ଶେୟାର ଏହି ପାର୍ଟନରଙ୍କୁ ବିକିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତି ବର୍ଷ ପ୍ରାୟ ୧୨୦ କୋଟିରୁ ଅଧିକ ବ୍ୟାଟେରି ଓ ୨.୫ କୋଟି ଫ୍ଲାଶ୍‌ଲାଇଟ ବିକ୍ରି କରୁଥିବା ଏଭରେଡି ଉପରେ ଏବେ ଭାରି ଋଣ ବୋଝ ରହିଛି।

# ୯୫ ଲକ୍ଷ ପରିବାର ପାଇବେ ଏଲଇଡି ବଲ୍‌ବ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

**ଆମ ଗାଁ ଆମ ବିକାଶ**
- 'ଆମ ଘରେ ଏଲଇଡି' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ପ୍ରତି ପରିବାରକୁ ମିଳିବ ୪ଟି ଲେଖାଏ ବଲ୍‌ବ
- ୧୦୬ ପଞ୍ଚାୟତ ପାଇଁ ୮୭୭ ପ୍ରକଳ୍ପ ମଞ୍ଜୁର



ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ୪ଟି ଲେଖାଏ ଏଲଇଡି ବଲ୍‌ବ ମାଗଣାରେ ଦିଆଯିବ। ଏହାଦ୍ୱାରା ପ୍ରାୟ ୯୫ଲକ୍ଷ ହିତାଧିକାରୀ ପରିବାର ଉପକୃତ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଶୁକ୍ରବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅବସରରେ 'ଆମ ଘରେ ଏଲଇଡି' ନାମରେ ଏକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୧୫ ତାରିଖରେ ହେବାକୁ ଥିବା ପିଠା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଉକ୍ତ ଏଲଇଡି ବଲ୍‌ବ ଯୋଗାଇ ଦିଆଯିବ। ଏହାଦ୍ୱାରା ବିଜୁଳି ଖର୍ଚ୍ଚ କମିବା ସହିତ ପିଲାମାନଙ୍କ ପାଠପଢ଼ାରେ ମଧ୍ୟ ସୁବିଧା ହେବ। ଏହି ଅବସରରେ ଏକ ଭିଡିଓ ରିଲିଜ କରାଯାଇଛି। ଏନେଇ ଶକ୍ତି ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଉଭୟ ରାଜ୍ୟ ଏବଂ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମାଗଣାରେ ଏଲ୍‌ଇଡି ବଲ୍‌ବ ଦିଆଯିବ, ଯାହାର ବଜାର ମୂଲ୍ୟ ରହିଛି ଗୋଟାକୁ ୩୨୦ଟଙ୍କା।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ନିଜ ନାଁରେ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି ଭାଜପା ମୁଖପାତ୍ର ଗୋଲୋକ ମହାପାତ୍ର। କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡପ କରିବାରେ ବିଜେଡି ସରକାର ମାହିର, ଯାହାର ଅଂଶବିଶେଷ ହେଉଛି ଏହି ଏଲଇଡି ଯୋଜନା। ୧୯ ବର୍ଷ ଶାସନରେ ରହି ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ବିଜୁଳି ସେବା ଦେଇ ପାରୁ ନ ଥିବା ବିଜେଡି ସରକାର ନିର୍ବାଚନର କିଛିଦିନ ପୂର୍ବରୁ ଏଲ୍‌ଇଡି ଯୋଜନାରେ ଲୋକମାନଙ୍କୁ ଠକିବା ପାଇଁ ଅପଚେଷ୍ଟା କରୁଛନ୍ତି ବୋଲି ଗୋଲୋକ ଅଭିଯୋଗ କରିଛନ୍ତି ।

ଅପରପକ୍ଷରେ ଆମ ଗାଁ ଆମ ବିକାଶ ଯୋଜନାରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ୫ ଜିଲା ୭ ବ୍ଲକର ୧୦୬ ପଞ୍ଚାୟତ ପାଇଁ ୨୪.୨୫ କୋଟି ଟଙ୍କାରେ ୮୭୭ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ସେଥିମଧ୍ୟରେ ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକର ୨୨ପଞ୍ଚାୟତ ପାଇଁ ୫.୫ କୋଟି ଟଙ୍କାରେ ୧୦୭ପ୍ରକଳ୍ପ, ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ୮ ପଞ୍ଚାୟତ ପାଇଁ ୨କୋଟି ଟଙ୍କାରେ ୧୧୬ ପ୍ରକଳ୍ପ, ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ୧୩ ପଞ୍ଚାୟତ ପାଁଇ ୧.୬ କୋଟି ଟଙ୍କାରେ ୮୪ ପ୍ରକଳ୍ପ, ବଲାଙ୍ଗୀର ସଦର ବ୍ଲକର ୨୫ ପଞ୍ଚାୟତ ପାଇଁ ୬.୩ କୋଟି ଟଙ୍କାରେ ୨୪୭ ପ୍ରକଳ୍ପ, ଝାରସୁଗୁଡା ଜିଲା କିରିମିରା ବ୍ଲକର ୮ ପଞ୍ଚାୟତ ପାଇଁ ୨ କୋଟି ଟଙ୍କାରେ ୪୭ ପ୍ରକଳ୍ପ, ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ୨୦ ପଞ୍ଚାୟତ ପାଇଁ ୪.୮ କୋଟି ଟଙ୍କାରେ ୨୨୯ ପ୍ରକଳ୍ପ ଏବଂ ବାରିପଦା ବ୍ଲକର ୧୦ ପଞ୍ଚାୟତ ପାଇଁ ୨.୭୫ କୋଟି ଟଙ୍କାରେ ୪୭ ପ୍ରକଳ୍ପ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୮୫ ବ୍ଲକର ୬୨୧୧ ପଞ୍ଚାୟତ ପାଇଁ ୧୪୨୨.୮୭ କୋଟି ଟଙ୍କାରେ ୫୭ହଜାର ୧୦୭ ପ୍ରକଳ୍ପ ମଞ୍ଜୁର ହୋଇଛି।

## କଂଗ୍ରେସ ଛାଡ଼ିବେନି ନବ

ଭୁବନେଶ୍ୱର, ୧୧।୧ (ବ୍ୟୁରୋ): ଝାରସୁଗୁଡା ବିଧାୟକ ତଥା ପିସିସି କାର୍ଯ୍ୟକାରୀ ସଭାପତି ନବ ଦାସ ଦଳ ଛାଡିବେ ନାହିଁ। ପୂର୍ବଥର ଭଳି ଚଳିତବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ କଂଗ୍ରେସ ଦଳରୁ ହିଁ ପ୍ରାର୍ଥୀ ହେବେ। ସେ ଶୁକ୍ରବାର ଭୁବନେଶ୍ୱରରେ ଏହି ଘୋଷଣା କରିଛନ୍ତି। ନବ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ନେଇ କିଛି ମାସ ଧରି ଚର୍ଚ୍ଚା ହେଉଥିଲା, ଯେଉଁଥିରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି। ନବ କହିଛନ୍ତି ଯେ, ସେ କଂଗ୍ରେସ ଦଳରେ ଅଛନ୍ତି। ତେଣୁ କଂଗ୍ରେସର ଦଳୀୟ ଚିହ୍ନରେ ହିଁ ସେ ଆଗାମୀ ନିର୍ବାଚନ ଲଢିବେ। କିଛିଦିନ ପୂର୍ବେ କଂଗ୍ରେସ ବ୍ୟାନର ବିନା ନବ ନିଜ ନିର୍ବାଚନମଣ୍ଡଳୀରେ ସଭା ଆୟୋଜନ କରିଥିଲେ। ସେ ଯଦି ଅନ୍ୟ କୌଣସି ଦଳକୁ ଯାଆନ୍ତି, ତେବେ ତାଙ୍କ ପ୍ରତି ସମର୍ଥନ ରହିବ ନା ନାହିଁ ବୋଲି ପ୍ରଶ୍ନ କରୁଥିଲେ। ସେହିପରି ଲଇକେରାକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ କରିବା ସର୍ତ୍ତରେ ନବ ବିଜେଡିରେ ଯୋଗଦାନ କରିବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। ୨୦୦୯ ଏବଂ ୨୦୧୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତିଙ୍କୁ ସେ ପରାସ୍ତ କରି ଆସୁଛନ୍ତି।

## ୭ମ ଶ୍ରେଣୀ ଛାତ୍ରଙ୍କୁ ପୋତି ହତ୍ୟା ଉଦ୍ୟମ

**ମୁଖ୍ୟ ଅଭିଯୁକ୍ତ ନାବାଳକ ଅଟକ**

କୁଜଙ୍ଗ,୧୧।୧(ସ୍ୱ.ପ୍ର.): କୁଜଙ୍ଗ ଥାନା ଜିଲାନାସୀ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୭ମ ଶ୍ରେଣୀ ଛାତ୍ରଙ୍କୁ ଜୀବନ୍ତ ବାଲିରେ ପୋତି ହତ୍ୟା ଉଦ୍ୟମ କରିଛନ୍ତି ଜଣେ ନାବାଳକ। ଏନେଇ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଛି। ଏହି ଘଟଣାରେ ଆଉ ୨ ଜଣ ସମ୍ପୃକ୍ତ ଥିବା ଜଣାପଡିଛି। ଜିଲାନାସୀ ପଞ୍ଚାୟତର କିଶୋର ଦାସଙ୍କ ପୁଅ କ୍ରାନ୍ତିବୀର(ଗୁଡ୍ଡୁ) ସ୍ଥାନୀୟ ତେନ୍ତୁଳିଆ ଖମାର ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢନ୍ତି। ସେ ଜିଲାନାସୀଠାରେ ପ୍ରତ୍ୟହ ଟ୍ୟୁଶନ ଯାଆନ୍ତି। ତାଙ୍କ ସହ ଅନ୍ୟ ଜଣେ ନାବାଳକ ମଧ୍ୟ ସେଠାରେ ଟ୍ୟୁଶନ ହେଉଥିଲେ। ଦିନେ ସମ୍ପୃକ୍ତ ନାବାଳକଙ୍କ ଦୁଷ୍ଟାମି ସମ୍ପର୍କରେ ଗୁଡୁ ସାର୍‌ଙ୍କୁ କହିଦେବାରୁ ନାବାଳକ ଜଣଙ୍କ ତାଙ୍କ ଉପରେ ରାଗ ରଖି ମାଡ଼ ମାରିଥିଲେ। ମାଡ଼ରୁ ରକ୍ଷା ପାଇବା ପାଇଁ ଗୁଡୁ ପ୍ରତିଦିନ କିଛି ଟଙ୍କା ଘରୁ ଚୋରି କରି ଆଣି ସମ୍ପୃକ୍ତ ନାବାଳକଙ୍କୁ ଦେଉଥିଲେ। ପ୍ରତିଦିନ ସନ୍ଧ୍ୟା ୫ଟାରେ ଟ୍ୟୁଶନ ହେଉଥିବାବେଳେ ଗତ ୯ ତାରିଖରେ ଅପରାହ୍ନ ୧.୩୦ରେ ଟ୍ୟୁଶନ ହୋଇଥିଲା। ସେଦିନ ଗୁଡୁ ଟଙ୍କା ଦେଇପାରି ନ ଥିଲେ। ତେଣୁ ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ନାବାଳକ ଅନ୍ୟ ଜଣେ ଯୁବକଙ୍କ ସହ ମିଶି ଗୁଡୁଙ୍କୁ ଟ୍ୟୁଶନ ପରେ ଜିଲାନାସୀ ଛକରୁ ଉଠାଇ ନେଇଥିଲେ। ସେମାନେ ବାଇକରେ ବସାଇ ତାଙ୍କୁ ଡିଙ୍ଖିରି ନଦୀପଠାକୁ ନେଇଯାଇଥିଲେ। ସେଠାରେ ମଶାଣି ପାଖରେ ଅନ୍ୟ ଜଣେ ଯୁବକ ବାଲିରେ ଗାତ ଖୋଳି ଅପେକ୍ଷା କରିଥିଲେ। ୩ ଅଭିଯୁକ୍ତ ମିଶି ସେଠାରେ ଗୁଡୁଙ୍କୁ ପଇସା କାହିଁକି ଆଣିନୁ ବୋଲି କହି ଧମକାଇଥିଲେ। ଏହାପରେ ବାଲିରେ ବେକ ପର୍ଯ୍ୟନ୍ତ ପୋତି ଦେଇଥିଲେ। କିଛି ସମୟ ଏମିତି ରହିବା ପରେ ଗୁଡୁ କାନ୍ଦି କାନ୍ଦି ତାଙ୍କୁ ଛାଡ଼ିଦେବାକୁ ଅନୁରୋଧ କରିବା ସହ ଟଙ୍କା ଆଣି ଦେବେ ବୋଲି କହିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ବାଲିରୁ କାଢିଥିଲେ। ଗୁଡୁ ଭୟରେ ଏ ସମ୍ପର୍କରେ ଘର ଲୋକଙ୍କୁ କହି ନ ଥିଲେ। ଅଭିଯୁକ୍ତମାନଙ୍କୁ ଟଙ୍କା ଦେବା ପାଇଁ ସେ ମା'ଙ୍କ ବ୍ୟାଗରୁ ୫ଶହ ଟଙ୍କା ଲୁଚାଇ ନେଇ ନିଜ ସ୍କୁଲ ବ୍ୟାଗରେ ରଖିଥିଲେ। ମା' ଟଙ୍କା ନ ପାଇ ଗୁଡୁଙ୍କୁ ପଚାରିବାରୁ ସବୁ କଥା ଜଣାପଡିଥିଲା। ଏ ସମ୍ପର୍କରେ ତାଙ୍କ ବାପା କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।

■ ଏକାଦିନରେ ୩ଟି ପରୀକ୍ଷା ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ର

## ଓପିଏସ୍‌ସି ପଦବୀ ବିକ୍ରି କରିଦେବାକୁ ଯୋଜନା: କଂଗ୍ରେସ

ଭୁବନେଶ୍ୱର, ୧୧।୧ (ବ୍ୟୁରୋ): ସରକାରୀ ଚାକିରିକୁ ନେଇ ଓଡ଼ିଶା ସରକାର ରାଜ୍ୟର ଲକ୍ଷ ଲକ୍ଷ ଶିକ୍ଷିତ ଯୁବତୀ ଓ ଯୁବକଙ୍କ ଭାଗ୍ୟ ସହ ଖେଳୁଥିବା କଂଗ୍ରେସ ଅଭିଯୋଗ କରିଛି। ରେଳୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ପରିଚାଳନା କରୁଥିବା ସହାୟକ ଲୋକୋ ପାଇଲଟ୍ ପାଇଁ ମୁଖ୍ୟ ପରୀକ୍ଷା ଆସନ୍ତା ୨୦ପୂର୍ବରୁ ସ୍ଥିରୀକୃତ ହୋଇଛି । ସେହିପରି ଆଇ.ବି.ପି.ଏସ୍. ପରିଚାଳନା କରୁଥିବା ବ୍ୟାଙ୍କସେବା ସମ୍ପର୍କିତ ସର୍ବ ଭାରତୀୟସ୍ତରର ପରୀକ୍ଷା ମଧ୍ୟ ସମାନ ଦିନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦୁଇଟି ସର୍ବ ଭାରତୀୟସ୍ତରର ମୁଖ୍ୟ ପରୀକ୍ଷା ପାଇଁ ଓଡିଶାର ୧୦ହଜାରରୁ ଊର୍ଦ୍ଧ୍ୱ ମେଧାବୀ ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଛନ୍ତି। ଏପରିସ୍ଥଳେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳନା କରୁଥିବା ପରୀକ୍ଷାକୁ ସମାନ ତାରିଖରେ କରିବାକୁ ନେଇ ଲକ୍ଷ ଲକ୍ଷ ଓଡିଆ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବୋଲି କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି। କଂଗ୍ରେସ ଉକ୍ତ ପରୀକ୍ଷାକୁ ବାତିଲ କରିବାକୁ ଦାବି କରୁଥିବା ସେ କହିଛନ୍ତି। ସର୍ବଭାରତୀୟ ସ୍ତରର ଦୁଇଟି ପରୀକ୍ଷା ରେଳୱେ ବୋର୍ଡ ଏବଂ ଆଇ.ବି.ପି.ଏସ୍. ଦ୍ୱାରା ପୂର୍ବରୁ ସ୍ଥିରୀକୃତ ହୋଇସାରିଛି। ଏଥିପାଇଁ ରାଜ୍ୟର ଅଧିକାଂଶ ଛାତ୍ରୀଛାତ୍ର ରାଜ୍ୟ ବାହାରକୁ ଯିବା ନିଶ୍ଚିତ। ଏପରିସ୍ଥଳେ ଓପିଏସ୍‌ସି ପକ୍ଷରୁ ହେବାକୁ ଥିବା ପରୀକ୍ଷାର ତାରିଖ ସେହି ଆସନ୍ତା ୨୦ରେ ରଖିବାକୁ ନେଇ କଂଗ୍ରେସ ପ୍ରଶ୍ନ କରିଛି। ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷାରେ ବସିବାକୁ ସୁଯୋଗ ନ ଦେଇ ଏହିସବୁ ପଦବୀ ବିକ୍ରି କରିଦେବା ପାଇଁ ଶାସକ ଦଳ ଷଡ଼ଯନ୍ତ୍ର କରୁଥିବା ସତ୍ୟପ୍ରକାଶ ଅଭିଯୋଗ କରିଛନ୍ତି।

■ ପ୍ରଦେଶ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

## ପିପିଲି ଗଣବଳାତ୍କାର ଘଟଣାକୁ ପ୍ରସଙ୍ଗ କରିବ ମହିଳା କଂଗ୍ରେସ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ ସୁମିତ୍ରା ଜେନା ଓ ରାଷ୍ଟ୍ରୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ସୁସ୍ମିତା ଦେବ।

ପିପିଲି ଗଣବଳାତ୍କାର ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରି ବିଧାନସଭା ଘେରିବ କଂଗ୍ରେସ। ଏନେଇ ଚୂଡାନ୍ତ ତାରିଖ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଫେବୃୟାରୀ ୭ରୁ ୧୨ ମଧ୍ୟରେ ହୋଇପାରେ ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି। ପ୍ରଦେଶ ମହିଳା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏନେଇ ଆଲୋଚନା କରାଯାଇଛି। ସ୍ଥାନୀୟ ଏକ ହୋଟେଲ୍‌ରେ ଶୁକ୍ରବାର ଆୟୋଜିତ ମହିଳା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ସୁମିତ୍ରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନିରଞ୍ଜନ କହିଛନ୍ତି ଯେ, ଶାସକ ବିଜେଡିର ଶାସନକାଳ ମଧ୍ୟରେ ନାରୀମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ ଦେବାର ନାରା ଆଜି ଫେଲ ମାରିଛି। ୩୩ ପ୍ରତିଶତ ମହିଳାମାନଙ୍କୁ ବିଧାନସଭା ଓ ଲୋକ ସଭା ସଂରକ୍ଷଣ କଥା ଏକ ନିର୍ବାଚନ ଚାଲ୍ ବୋଲି ନିରଞ୍ଜନ କହିଛନ୍ତି। ରାଷ୍ଟ୍ରୀୟ ମହିଳା କଂଗ୍ରେସ ଅଧ୍ୟକ୍ଷା ତଥା ଏମ୍‌ପି ସୁସ୍ମିତା ଦେବ ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ବାଚନ ପୂର୍ବର ମିଛ ପ୍ରତିଶ୍ରୁତିକୁ ଲୋକେ ବୁଝିସାରିଲେଣି ବୋଲି କହିଛନ୍ତି। ସୁସ୍ମିତା କହିଛନ୍ତି, ମହିଳା କଂଗ୍ରେସ ସୁସଙ୍ଗଠିତ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହିଳାମାରଣ ନୀତି ବିରୋଧରେ ଆନ୍ଦୋଳନ କରାଯିବ। ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦକ ଜି. ରୁଦ୍ରରାଜୁ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଛନ୍ତି, ମହିଳା କଂଗ୍ରେସ ରାଜ୍ୟର ପରିବର୍ତ୍ତନର ବାହାକ ହେବ। ପିପିଲି ଗଣବଳାତ୍କାର ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବ। ଅପରାହ୍ନରେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ସୁମିତ୍ରା ଜେନା ଏବଂ ସୁଶ୍ରୀ ସୁସ୍ମିତା ଦେବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି।



ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ଘୋଡ଼ାହାଡ଼ ଡ୍ୟାମରେ ଶୁକ୍ରବାର କୁମ୍ଭୀର ଗଣନା ଶେଷ ହୋଇଛି। ଡ୍ୟାମରେ ଚଳିତ ବର୍ଷ ୪୩ କୁମ୍ଭୀର ଥିବାବେଳେ ଆଖପାଖ ଗ୍ରାମର ୧୦ଟି ପୋଖରୀରେ ୧୫ କୁମ୍ଭୀର ଥିବା ଗଣନାରୁ ଜଣାପଡ଼ିଛି ବୋଲି ଦିଗପହଣ୍ଡି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ କହିଛନ୍ତି।

## ସଂକ୍ଷେପରେ

### ପିଠା କାର୍ଯ୍ୟକ୍ରମ ଶ୍ରେଷ୍ଠ ପଞ୍ଚାୟତକୁ ୨୬ରେ ମିଳିବ ପୁରସ୍କାର

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** ସଫଳଭାବେ ପିଠା କାର୍ଯ୍ୟକ୍ରମର ଆୟୋଜନ କରୁଥିବା ପଞ୍ଚାୟତକୁ ରାଜ୍ୟ ସରକାର ପ୍ରତ୍ୟେକ ମାସର ୨୩ତାରିଖରେ ପୁରସ୍କାର ଦେବା ଲାଗି ଏକ ବିଜ୍ଞପ୍ତି ଜାରି କରିଥିଲେ। ସେହିକ୍ରମରେ ଏଥର ୩୧୪ବ୍ଲକର ଗୋଟାଏ ଲେଖାଏଁ ପଞ୍ଚାୟତ ଭଲଭାବେ ପିଠା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ତାଲିକାରେ ସ୍ଥାନ ପାଇଥିବା ପଞ୍ଚାୟତଗୁଡିକୁ ଆସନ୍ତା ୨୬ରେ ରାଜ୍ୟ ସରକାର ପୁରସ୍କାର ପ୍ରଦାନ କରିବେ। ଏହିସବୁ ପଞ୍ଚାୟତଗୁଡିକୁ ୫ଲକ୍ଷ ଟଙ୍କା ଲେଖାଏଁ ମିଳିବ।

### ଖରିଫ ଧାନ ସଂଗ୍ରହ ୧୮% ବୃଦ୍ଧି

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** ଚଳିତ ଖରିଫ ଋତୁରେ ୨୦୧୯ ଜାନୁୟାରୀ ୯ ସୁଦ୍ଧା ୨୧ ଲକ୍ଷ ୬୧ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ଗତବର୍ଷ ଏହି ସମୟ ମଧ୍ୟରେ ୧୮ ଲକ୍ଷ ୨୪ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିଲା। ଗତବର୍ଷ ତୁଳନାରେ ଚଳିତ ବର୍ଷ ୧୮% ଅଧିକ ଧାନ ସଂଗ୍ରହ କରାଯାଇଛି। ଗତବର୍ଷ ୨୯୨୯ଟି ଧାନମଣ୍ଡି ଖୋଲା ଯାଇଥିଲା। ଚଳିତବର୍ଷ ୩୦୧୩ ମଣ୍ଡିରେ ଧାନ କିଣାଯାଉଛି। ଚଳିତ ଖରିଫ ଋତୁରେ ୩ ଲକ୍ଷ ୭୧ ହଜାର ଚାଷୀ ଧାନ ବିକ୍ରି କରିଛନ୍ତି। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୩ ହଜାର ୮୯ କୋଟି ଟଙ୍କା ପ୍ରେରଣ କରାଯାଇଛି। ଚଳିତ ଋତୁରେ ୨ ଲକ୍ଷ ୨୨ ହଜାର ନୂତନ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିବାକୁ ପଞ୍ଜୀକୃତ ହୋଇଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି।

### ଦୁବାଇରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ଆଳି, ୧୧।୧ (ଡି.ଏନ୍.ଏ.):** ଦୁବାଇକୁ ପାଣିପାଇପ କାମ କରିବାକୁ ଯାଇ ପ୍ରାଣ ହରାଇଛନ୍ତି ଆଳି ଥାନା ଅଧୀନ ରାଧାନଗର ଗ୍ରାମର ଦୁଃଶାସନ ପାତ୍ର। ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଶୁକ୍ରବାର ପୂର୍ବାହ୍ଣରେ ତାଙ୍କ ମୃତଦେହ ଭୁବନେଶ୍ୱରରେ ପହଞ୍ଚିଥିଲା। ଏହାପରେ ମୃତଦେହକୁ ତାଙ୍କ ଗ୍ରାମକୁ ନିଆଯାଇଥିଲା। ଆଳି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଉପସ୍ଥିତ ଥିଲେ। ଦୁଃଶାସନଙ୍କ ସ୍ତ୍ରୀ ସରସ୍ୱତୀଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତ ୩୧ ତାରିଖରେ ହୃଦ୍‌ଘାତରେ ଦୁଃଶାସନଙ୍କ ମୃତ୍ୟୁ ଘଟିଥିଲା। ୮ଦିନ ପର୍ଯ୍ୟନ୍ତ ମୃତ ଦେହ ଓଡ଼ିଶା ନଆସି ପାରିବାରୁ ପରିବାର ଲୋକେ ପ୍ରଶାସନର ଦ୍ୱାରସ୍ଥ ହାଇଥିଲେ।

■ସୁରକ୍ଷା ମଞ୍ଚର ଅର୍ଥନୈତିକ ଅବରୋଧ ଆନ୍ଦୋଳନ

# ଖଣି ଅଞ୍ଚଳରେ ଅଖ, ଚକ ଠପ୍

**ତାଳଚେର,୧୧।୧(ନି.ପ୍ର.)**



ଆନ୍ଦୋଳନ ଯୋଗୁ ଦୋକାନ ବଜାର ବନ୍ଦ ରହିଛି।

୧୬ ଦଫା ଦାବି ନେଇ ଶୁକ୍ରବାରଠାରୁ ତାଳଚେର ସୁରକ୍ଷା ମଞ୍ଚ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଆରମ୍ଭ କରାଯାଇଛି। ଏହାଦ୍ୱାରା ସମଗ୍ର କୋଲ୍ ଫିଲଡ୍‌ସରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ ଓ କଣିହାଁ କୋଇଲା ଖଣି ସମେତ ମୋଟ୍ ୧୦ ଟି ଖଣିର ସମସ୍ତ କାର୍ଯ୍ୟ, ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାର ସମେତ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଛି।

ଆନ୍ଦୋଳନକାରୀମାନେ ସକାଳ ଠାରୁ ବିଭିନ୍ନ କୋଇଲା ଖଣି, ଜେନେରାଲ ମ୍ୟାନେଜରଙ୍କ ଅଫିସ, ପ୍ରକଳ୍ପ ଅଧିକାରୀଙ୍କ ଅଫିସ, ଟାଇମ୍ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଖଣି କାର୍ଯ୍ୟ ବନ୍ଦ କରାଇଥିଲେ। ଏଥିଯୋଗୁ ଖଣି କାର୍ଯ୍ୟ ସହ ରେଳ ଓ ସଡ଼କ ପଥରେ କୋଇଲା ପରିବହନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନକାରୀଙ୍କ ଅନୁରୋଧ କ୍ରମେ ସମସ୍ତ ଦେକାନ ବଜାର, ବ୍ୟାଙ୍କ ଆଦି ବନ୍ଦ ରହିଛି। ସରକାରୀ ଅଫିସ ନାମକୁ ମାତ୍ର ଖୋଲା ରହିଛି। ମଞ୍ଚ ସଭାପତି ମୁରଲୀଧର ସାହୁ, ସମ୍ପାଦକ ନରହରି ସାହୁ, ଲିପୁନା ଭୁକ୍ତା, ରାଜେଶ ଦାସ, ସନ୍ତୋଷ ପ୍ରଧାନ, ଅବନୀକାନ୍ତ ଦେହୁରୀ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ସୂଚନାଯୋଗ୍ୟ ଯେ, ଓଡ଼ିଶା ପୁନର୍ବାସ ଓ ଥଇଥାନ ନୀତି ୨୦୦୬, ଏହାର ସ୍ପଷ୍ଟୀକରଣ, ସଂଶୋଧନ ଏବଂ ଦଶମ ଆର୍‌ପିଡିଏସି ବୈଠକର ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା, ତାଳଚେର କୋଲ୍‌ଫିଲଡସ ନାମରେ ନୂତନ କୋଇଲା କମ୍ପାନୀ ପ୍ରତିଷ୍ଠା, ତାଳଚେର ମେଡିକାଲ କଲେଜକୁ କାର୍ଯ୍ୟକ୍ଷମ କରିବା, ଜଗନ୍ନାଥକ୍ଷେତ୍ରର ୩ ଓ ୪ ନମ୍ବର ରେଲୱେ ସାଇଡିଂରୁ ବହିଷ୍କୃତ ୧୩୧ ଠିକା ଶ୍ରମିକଙ୍କୁ ପୁନଃନିଯୁକ୍ତି, ବାଙ୍କଧରା ଛକ ଠାରୁ ବହ୍ଲର ଛକ ପର୍ଯ୍ୟନ୍ତ ଫ୍ଲାଇଓଭର ବ୍ରିଜ୍ ଓ ବଅଁରପାଳ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ, ତାଳଚେର ବିମଳାଗଡ ରେଳପଥର ହାଣ୍ଡିଧୂଆଁ-ଶର୍ମାଛକ ଲେଭଲ କ୍ରସିଂକୁ ରୋଡ୍ ଅଣ୍ଡରପାସ ବ୍ରିଜ କରାଯିବା, ତାଳଚେରରୁ ହିଙ୍ଗୁଳାମନ୍ଦିର ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ନିର୍ମାଣ ଆଦି ପୂରଣ ପାଇଁ ଦୀର୍ଘଦିନ ହେଲା ମଞ୍ଚ ପକ୍ଷରୁ ଦାବି କରାଯାଇ ଆସୁଛି। କିନ୍ତୁ ପ୍ରଶାସନ ତାହା ପୂରଣ କରୁ ନ ଥିବା ବେଳେ ଗୁରୁବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ ବିଫଳ ହୋଇଥିଲା। ଏହା ପରେ ମଞ୍ଚ ପକ୍ଷରୁ ଅର୍ଥନୈତିକ ଅବରୋଧ ଆରମ୍ଭ କରାଯାଇଛି।

ଅପରପକ୍ଷରେ ଏକ ପ୍ରେସ୍ ଇସ୍ତାହାରରେ ଏମ୍‌ସିଏଲ୍ ପକ୍ଷରୁ କୁହାଯାଇଛି ଯେ, ତାଳଚେର କୋଲ ଫିଲଡ୍‌ସରୁ ଦୈନିକ ୩ ଲକ୍ଷ ଟନ୍ କୋଇଲା ଉତ୍ପାଦନ ହୋଇଥାଏ। ବାରମ୍ବାର ଆନ୍ଦୋଳନ ଯୋଗୁ ଏମ୍‌ସିଏଲର ପ୍ରଭୂତ କ୍ଷତିହେବା ସହ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ଓ ଖଣିଜ ପାଣ୍ଠିର କ୍ଷତି ଘଟୁଛି। ଏହି ଆନ୍ଦୋଳନ ଯୋଗୁ ବିଦ୍ୟୁତ୍ ପ୍ରକଳ୍ପଗୁଡିକରେ କୋଇଲାର ଅଭାବ ଦେଖାଗଲାଣି ବୋଲି କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ଧ ଆଗେ ଦୀପ,**
**ବଧିର ଆଗେ ଗୀତ ।**

ଅନ୍ଧ କିଛି ଦେଖିପାରି ନ ଥାଏ। ଦୀପର ଜ୍ୟୋତି ତା'ର ଅନ୍ଧତ୍ୱକୁ ପ୍ରଜ୍ୱଳିତ କରିପାରି ନ ଥାଏ। ସେହିପରି କାନକୁ ଶୁଭୁ ନ ଥିବା ବ୍ୟକ୍ତି ଆଗରେ ସଙ୍ଗୀତର ମୂର୍ଚ୍ଛନା ବ୍ୟର୍ଥ ସାବ୍ୟସ୍ତ ହୋଇଥାଏ। କାଲ ଆଗରେ ମୂଳା ଚୋବାଇବା ଭଳି ଏସବୁ ମୂଲ୍ୟହୀନ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅତିଥି ପୂଜଇ ଯେ ଭାଗ୍ୟବନ୍ତ ଜାଣ,**
**ତାହା ସରି ଭାଗ୍ୟବନ୍ତ ନାହିଁ ସଂସାରେଣ ।**

ଅତିଥି ଦେବୋ ଭବଃ । ଆମ ସଂସ୍କୃତିରେ ଅତିଥିଙ୍କୁ ଉଚ୍ଚାସନ ଦିଆଯାଇଛି। ଅତିଥିଙ୍କୁ ଯିଏ ଦେବତା ଭଳି ପୂଜା କରନ୍ତି, ସମ୍ମାନ ଦିଅନ୍ତି ତାଙ୍କ ପ୍ରତି ଈଶ୍ୱର ପ୍ରୀତ ହୋଇଥାନ୍ତି। ଯଥାର୍ଥରେ ଏପରି ବ୍ୟକ୍ତି ହିଁ ସବୁଠାରୁ ବଡ଼ ଭାଗ୍ୟବନ୍ତ ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଗଣବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**କେନ୍ଦ୍ରାପଡା ଅଫିସ, ୧୧।୧**

୨୦୦୭ରେ ଡେରାବିଶ ଥାନା ଦେଶପୁର ମଠ ନିକଟରେ ଜନୈକା ଛାତ୍ରୀଙ୍କୁ ଗଣ ବଳାତ୍କାର ଓ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲା ଜଜ୍ ବାସୁଦେବ ପଣ୍ଡା ଏହି ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଥାନା ଅଧୀନ ଖମୋଳ ଗ୍ରାମର ଦିଲ୍ଲୀପ ବାରିକ(୩୪)ଙ୍କୁ ଆଜୀବନ ଜେଲ ଦଣ୍ଡ ଶୁଣାଇଛନ୍ତି। ତାଙ୍କର ଅନ୍ୟ ୪ ସହଯୋଗୀ ଅଦ୍ୟାବଧି ଫେରାର ଥିବାରୁ ମାମଲାର ବିଚାର ସରିନାହିଁ। ସେମାନେ ହେଲେ ଖମୋଳ ଗ୍ରାମର ଶ୍ରୀଧର ମଲ୍ଲିକ, ବାବୁଲି ଦାସ, ସରୋଜ ଜେନା ଓ ପ୍ରସନ୍ନ ଜେନା।

ପ୍ରକାଶ ଯେ, ଦିଲ୍ଲୀପ ସେହି ଥାନା ଅଞ୍ଚଳର ଜନୈକା ୧୯ ବର୍ଷିୟା ଛାତ୍ରୀଙ୍କୁ ଭଲ ପାଉଥିଲେ। ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଛାତ୍ରୀ ଜଣକ ଗର୍ଭବତୀ ହୋଇଥିଲେ। ତେବେ ଛାତ୍ରୀଙ୍କୁ ବିବାହ କରିବାକୁ କହି ୨୦୦୭ ସେପ୍ଟେମ୍ବର ୧୨ ତାରିଖରେ ଦେଶପୁର ମଠକୁ ଡାକିଥିଲେ। ଛାତ୍ରୀ ଜଣକ ସେଠାରେ ପହଞ୍ଚିବା ପରେ ଦିଲ୍ଲୀପ ୪ ଜଣ ସହଯୋଗୀଙ୍କ ସହ ମିଶି ତାଙ୍କୁ ଗଣ ବଳାତ୍କାର କରିବା ପରେ ହତ୍ୟା କରି ଫୋପାଡି ଦେଇଥିଲେ। ଏ ନେଇ ସମ୍ପୃକ୍ତା ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏପିପି ସଞ୍ଜୟ କୁମାର ଜେନାଙ୍କ ସୂଚନା ଅନୁଯାୟୀ, ଜିଲା ଜଜ୍ ପଣ୍ଡା ଅଭିଯୁକ୍ତ ଦିଲ୍ଲୀପଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିବା ବେଳେ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟରେ ୧ ମାସ ଅଧିକ ଜେଲ ଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ସେହିପରି ଏହି ମାମଲାର ଆଇପିସି ଧାରା ୩୭୮ରେ ୧୦ ବର୍ଷ ଓ ୨୧୧ରେ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଭୀମସେନ ଭୂୟାଁ ପରିଚାଳନା କରୁଥିଲେ।

# ପୋଖରୀରେ ବୁଡ଼ିଗଲେ ଭଉଣୀ ଭାଇ

**କାଲିମେଲା,୧୧।୧(ଡି.ଏନ.ଏ)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଞ୍ଚାୟତ ସାଲମାରିକୋଣ୍ଡା ଗ୍ରାମରେ ଶୁକ୍ରବାର ଏକ ଅଘଟଣ ଘଟିଛି। ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡିଯାଇ ୨ ଶିଶୁଙ୍କ ମୃତ୍ୟୁ ହୋଇଛି। ସେମାନେ ସମ୍ପର୍କୀୟ ଭାଇଭଉଣୀ ବୋଲି ଜଣାପଡିଛି। ଏଭଳି ହୃଦୟ ବିଦାରକ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ଖେଳାଇ ଦେଇଛି। ଖବରରୁ ଜଣାପଡିଛି, ଉକ୍ତ ଗ୍ରାମର ଦେବା ମାଡକାମିଙ୍କ ୫ ବର୍ଷର ପୁଅ ବିବେକ ଏବଂ ତାଙ୍କ ଘରକୁ ବୁଲିବାକୁ ଆସିଥିବା ଚିତ୍ରାଙ୍ଗପାଲି ପଞ୍ଚାୟତ ଉସକାପାଲି ଗ୍ରାମର ବଜା ପଡିଆମିଙ୍କ ୮ବର୍ଷର ଝିଅ ରାମେ ପଡିଆମି ଗୁରୁବାର ଅପରାହ୍ଣ ୨ଟାରେ ସାଲମାରିକୋଣ୍ଡା ଗ୍ରାମରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଉଭୟେ ଗାଧୋଉଥିବା ସମୟରେ ପୋଖରୀର ଗଭୀର ଜଳକୁ ଚାଲିଯାଇ ବୁଡି ଯାଇଥିଲେ । ଦୀର୍ଘ ସମୟ ଧରି ୨ ଶିଶୁ ଘରକୁ ନ ଫେରିବାରୁ ପରିବାର ଲୋକେ ସେମାନଙ୍କୁ ଖୋଜାଖୋଜି କରି ଗାଁ ପୋଖରୀ ନିକଟରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କ ପୋଷାକ ପଡିଥିବା ଦେଖିବାକୁ ପାଇଥିଲେ। ୨ ଶିଶୁ ନିଖୋଜ ଥିବା ସମ୍ପର୍କରେ ପରିବାର ଲୋକେ ଗ୍ରାମବାସୀଙ୍କୁ ଜଣାଇବା ପରେ ସମସ୍ତେ ପୋଖରୀର ଗଭୀର ଜଳରେ ପଶି ଶିଶୁଙ୍କୁ ଖୋଜିଥିଲେ । ପାଣିଭିତରୁ ଅପରାହ୍ଣ ପ୍ରାୟ ୪ଟାରେ ସେମାନଙ୍କ ମୃତଦେହ ଗ୍ରାମବାସୀ ଉଦ୍ଧାର କରିଥିଲେ। ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଲୋକେ କାଲିମେଲା ଥାନାରେ ଲିଖିତ ଏତଲା କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଶିଶୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ୩/୧୯ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଦେବା ହେଉଛନ୍ତି ରାମେଙ୍କ ସମ୍ପର୍କୀୟ ମାମୁ ।

# ଦୋଷୀ ହେଲା ଠିକା ସଂସ୍ଥା ମାନା ଟ୍ରଷ୍ଟ

■ଆହାର କେନ୍ଦ୍ରରେ ଖାଦ୍ୟ ଫିଙ୍ଗା ଘଟଣା
■କାରଣଦର୍ଶାଅ ନୋଟିସ, କଡ଼ା ତାଗିଦ
■୨୭ ଶହ ମିଲ୍‌ର ଟଙ୍କା ଦିଆଯିବନି



**ସମ୍ବଲପୁର,୧୧।୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନରେ ଚାଲିଥିବା ଆହାର କେନ୍ଦ୍ରରୁ ଗୁରୁବାର ପ୍ରାୟ ୮ ହଜାର ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ନଷ୍ଟ ହୋଇ ଫିଙ୍ଗା ଯାଇଥିଲା । ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ସହ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା । ଏହି ଘଟଣାରେ ଜିଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଜିଲାପାଳ ସମର୍ଥ ବର୍ମା ଠିକା ସଂସ୍ଥା ମାନା ଟ୍ରଷ୍ଟକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଏହା ସହ ୨ ଦିନରେ ୨୭ ଶହ ମିଲ୍‌ର ମୋଟ ୪୦ ହଜାର ୫ ଶହ ଟଙ୍କା ବିଲ୍‌ରୁ କାଟି ଦେବାକୁ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି। ଠିକା ସଂସ୍ଥାକୁ ଏଥିରେ ଦୋଷୀ କରାଯାଇଛି । ଯଦି ବନ୍ଦ ପାଳନ ହେବା ଫଳରେ ପ୍ରଥମ ଦିନରେ ଖାଦ୍ୟ ବଳିଥିଲା ତାହା ହେଲେ ସେ କାହିଁକି ମହାନଗର ନିଗମକୁ ଜଣାଇଲା ନାହିଁ। ଅନ୍ୟପକ୍ଷେ ଦ୍ୱିତୀୟ ଦିନରେ ପୁଣି ଜାଣିକି ଏତେ ପରିମାଣର ଖାଦ୍ୟ ରନ୍ଧା ଯାଇଥିଲା। ଖାଦ୍ୟ ବଳିଥିବା ନ ଜଣାଇ କାହିଁକି ଫିଙ୍ଗା ଗଲା ବୋଲି ଠିକା ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ ହୋଇଛି । ଅନ୍ୟପଟେ ଚଞ୍ଚକତା କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିବାର ଯୋଜନା ରହିଥିଲା। ଘଟଣା ପ୍ରଚାର ହେବା ପରେ ଏବେ ନିଜ ଦୋଷ ଚପାଇବାକୁ ପ୍ରଶାସନ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି । ଏଥିରୁ ସ୍ପଷ୍ଟ ହେଉଛି ଯେ, ମହାନଗର ନିଗମ ଓ ମାନା ଟ୍ରଷ୍ଟ ମଧ୍ୟରେ ସମନ୍ୱୟ ରହୁନାହିଁ। ପ୍ରତିଦିନ ଯାଞ୍ଚ କରାଯାଉ ନାହିଁ। ଠିକା ସଂସ୍ଥା କମ୍ ରୋଷେଇ କରି ନିୟମିତ ଅଧିକ ବିଲ୍ ତିଆରି କରୁଥିବା ସନ୍ଦେହ ରହୁଛି । ଜିଲା ସଦର ଡାକ୍ତରଖାନା, ବୁର୍ଲା ଡାକ୍ତରଖାନା, ଲକ୍ଷ୍ମୀ ଟକିଜ ଛକ, ଚେରୁଆପଡା, ଜେଲଛକରେ ଆହାର କେନ୍ଦ୍ର ରହିଛି । ସେଥିରୁ ସହରରେ ଥିବା ଆହାର କେନ୍ଦ୍ରରୁ ଗୁରୁବାର ସକାଳେ ଟ୍ରାକ୍ଟର ଯୋଗେ ବଳକା ଖାଦ୍ୟ ନେଇ ଦୁର୍ଗପାଲିସ୍ଥିତ ଡମ୍ପିଂୟାର୍ଡରେ ଫିଙ୍ଗା ଯାଇଥିଲା । ଓକିଲ ସଂଘର ୩ ଦିନିଆ ଅର୍ଥନୈତିକ ଅବରୋଧ ଓ ଭାରତ ବନ୍ଦ ପାଳନ ଯୋଗୁ ଏଭଳି ହୋଇଥିବା ମହାନଗର ନିଗମ ଓ ଠିକା କମ୍ପାନୀ ସଫେଇ ଦେଇଥିଲେ। ପ୍ରତିଦିନ ୪ ହଜାର ୫ ଶହ ଲୋକଙ୍କ ଖାଇବା ତିଆରି ଦର୍ଶାଇ ଠିକା ସଂସ୍ଥା ମାନା ଟ୍ରଷ୍ଟ ପ୍ରାୟ ୧ ଲକ୍ଷ ୩୫ ହଜାର ସରକାରୀ ଟଙ୍କା ଲୁଟିଥିବା ଭଳି ସାଂଘାତିକ ଅଭିଯୋଗ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ(FISSURE)
ଭଗନ୍ଦର(FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



"ମୋ ପାଇଁ ୨୦୧୮ ଏକ ସଫଳ ସଂଗୀତର ବର୍ଷ ହୋଇଥିବାରୁ ସ୍ୱପ୍ନ ସତ୍ୟ ହୋଇଛି ବୋଲି ଭାବୁଛି।
-ଭୂମି ତ୍ରିବେଦୀ, ପ୍ରଚ୍ଛଦପଟ ଗାୟିକା।

# ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ

**ମୁମ୍ବାଇ:** ମହିଳାମାନେ ୪୦ବର୍ଷରେ ସ୍ୱାସ୍ଥ୍ୟବତୀ ଓ ଆକର୍ଷଣୀୟ ଦେଖାଯାଉଥିବାବେଳେ ସେମାନଙ୍କୁ ଅଭିନୟର ସୁଯୋଗ ମିଳେନାହିଁ। ଅଥଚ ପୁରୁଷ ବୟସ୍କ ହେଲେ ବି ଚରିତ୍ରାଭିନୟ ଜାରିରଖନ୍ତି ବୋଲି ଅଭିନେତ୍ରୀ-ନିର୍ଦ୍ଦେଶିକା ପୂଜା ଭଟ୍ଟ କହିଛନ୍ତି। ଦୀର୍ଘ ୧୮ବର୍ଷର ବ୍ୟବଧାନ ପରେ ପୁଣି ରୂପେଲି ପରଦାକୁ ଫେରିଛନ୍ତି। ସେ ଅଭିନୟକୁ ଗୁଡ୍‌ବାଏ କହିଥିଲେ ମଧ୍ୟ 'ସଡ଼କ-୨' ଆଉଥରେ ତାଙ୍କୁ ଅଭିନୟ ଜଗତକୁ ଟାଣି ଆଣିଛି। ସେ କହନ୍ତି, 'ଦିନେ ଅଭିନୟକୁ ବାଏ ବାଏ କହିଥିଲି। କିନ୍ତୁ ଜଣେ ଅଭିନେତ୍ରୀ ସବୁବେଳେ ହିଁ ଅଭିନେତ୍ରୀ। ଅଭିନେତ୍ରୀ ନୁହେଁ ବରଂ ଜଣେ ସ୍ଥପତି କିମ୍ବା ମହାକାଶଚାରୀ ହେବାକୁ ଚାହିଁଥିଲି। କିନ୍ତୁ ପିତାଙ୍କ ପ୍ରେରଣାରେ ମୁଁ ଆଗକୁ ବଢ଼ିଥିଲି। ଏହାପରେ ଆଉ ପଛକୁ ଫେରି ଚାହିଁନାହିଁ।


ପୂଜା ଭଟ୍ଟ

# ୨୦୨୧ରେ ମହାକାଶକୁ ମାନବ ପଠାଇବ ଭାରତ

ବେଙ୍ଗାଲୁରୁ

ଭାରତ ୨୦୨୧ ଡିସେମ୍ବରରେ ଏହାର ମଧ୍ୟମ ଧରଣର ସ୍ପେସ୍ ମିଶନ୍ 'ଗଗନୟାନ' ମହାକାଶକୁ ପ୍ରେରଣ କରିବ। ପ୍ରଥମକରି ୩ ଜଣିଆ ଟିମ୍‌ରେ ଜଣେ ମହିଳାଙ୍କୁ ମହାକାଶକୁ ପଠାଯିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଚେୟାରମ୍ୟାନ୍ କେ. ଶିବନ୍ ଶୁକ୍ରବାର ପ୍ରକାଶ କରିଛନ୍ତି। ମହାକାଶ ଗବେଷଣା ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବା ସହିତ ଅଧିକ ଅର୍ଥ ବ୍ୟୟ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଇସ୍ରୋ ଏକ ମାନବବାହୀ ମହାକାଶଯାନ ନିର୍ମାଣ କରୁଛି। ଏ ସମ୍ପର୍କରେ ଶିବନ୍ କହନ୍ତି, ଏଥିପାଇଁ ପ୍ରସ୍ତୁତି ଜାରି ରହିଛି। ମହାକାଶକୁ



ମାନବ ପଠାଇବା ପୂର୍ବରୁ ୨୦୨୦ ଡିସେମ୍ବର ଏବଂ ୨୦୨୧ ଜୁଲାଇରେ ଏପରି ଦୁଇ ପର୍ଯ୍ୟାୟରେ ମାନବବିହୀନ ମହାକାଶଯାନ ପ୍ରେରଣ କରାଯିବ। ଏହାପରେ ୨୦୨୧ ଡିସେମ୍ବରରେ ଭାରତ ମହାକାଶକୁ ମାନବ ପଠାଇବ। ନିକଟରେ ୯,୦୨୩ କୋଟି ଟଙ୍କାର ମହାକାଶ ଗବେଷଣା ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଗତବର୍ଷ ଲାଲକିଲ୍ଲାରେ ସ୍ୱାଧୀନତା ଦିବସ ଅଭିଭାଷଣରେ ମୋଦି କହିଥିଲେ, ୨୦୨୨ ସୁଦ୍ଧା ଇସ୍ରୋ ନିଜର ଦକ୍ଷତା ପ୍ରତିପାଦନ କରି ଚନ୍ଦ୍ରକୁ ମାନବ ପଠାଇବା ସହିତ ସେଠାରେ ତ୍ରିରଙ୍ଗା ପତାକା ଉଡାଇବାକୁ ସକ୍ଷମ ହୋଇପାରିବ। ସେହିପରି ଆସନ୍ତା ଏପ୍ରିଲ ମଧ୍ୟଭାଗରେ ଲୁନାର ମିଶନ ଚନ୍ଦ୍ରୟାନ-୨ ମହାକାଶକୁ ପ୍ରେରଣ କରାଯିବ ବୋଲି ଶିବନ୍ କହିଛନ୍ତି।

# ଚାଇନା ପ୍ରକାଶ କଲା ଚନ୍ଦ୍ରପୃଷ୍ଠର ଫଟୋ

**ବେଜିଂ:** ଚାଇନାର ଲୁନାର ଏକ୍ସପ୍ଲୋରର ଚେଞ୍ଜ-୪ ପ୍ରୋବ୍ ଚନ୍ଦ୍ରପୃଷ୍ଠର ପ୍ରଶସ୍ତ ଦୃଶ୍ୟରାଜିର ଫଟୋଚିତ୍ର ପ୍ରେରଣ କରିଛି। ଆଦୌ ଦୃଶ୍ୟମାନ ହେଉ ନ ଥିବା ଚନ୍ଦ୍ରପୃଷ୍ଠରେ ପ୍ରଥମ କରି ଚାଇନାର ଏକ ସ୍ପେସ୍‌କ୍ରାଫ୍ଟ ଜାନୁୟାରୀ ୩ରେ ଅବତରଣ କରିଥିଲା। ଏହି ମହାକାଶଯାନ ଚନ୍ଦ୍ରପୃଷ୍ଠର ଅନ୍ଧକାର ଦିଗରେ ଅବତରଣ କରିବା ବିଶ୍ୱରେ ପ୍ରଥମ। ଏହାଦ୍ୱାରା ମହାକାଶ ଗବେଷଣା କ୍ଷେତ୍ରରେ ଚାଇନା ଏକ ସୁପରପାୱାର ହେବାକୁ ଯେଉଁ ଉଦ୍ୟମ ଜାରି ରଖିଛି ସେଥିପାଇଁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଲୁନାର ଏକ୍ସପ୍ଲୋରର ଶୀର୍ଷଦେଶରେ ଖଞ୍ଜାଯାଇଥିବା କ୍ୟାମେରା ଚନ୍ଦ୍ରପୃଷ୍ଠରେ ଯେଉଁ ବିସ୍ତୃତ ଫଟୋ ଉଠାଇଛି ତାହାକୁ ଚାଇନା ନ୍ୟାଶନାଲ ସ୍ପେସ ଆଡମିନିଷ୍ଟ୍ରେଶନ (ସିଏନ୍‌ଏସ୍‌ଏ) ପ୍ରକାଶ କରିଥିବା ସରକାରୀ ଖବର ସରବରାହ ସଂସ୍ଥା ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି।


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୧.୪ |
| ଚାନ୍ଦବାଲି | ୨୫.୪ | ୧୩.୬ |
| କଟକ | ୨୫.୪ | ୧୨.୫ |
| ପାରାଦ୍ୱୀପ | ୨୫.୮ | ୧୫.୦ |
| ଭୁବନେଶ୍ୱର | ୨୭.୭ | ୧୪.୦ |
| ଗୋପାଳପୁର | ୨୭.୫ | ୧୪.୫ |
| ପୁରୀ | ୨୬.୬ | ୧୫.୨ |
| ଅନୁଗୋଳ | ୨୫.୭ | ୦୮.୦ |
| ବାରିପଦା | ୨୪.୪ | ୧୧.୪ |
| ଝାରସୁଗୁଡ଼ା | ୨୬.୪ | ୦୯.୮ |
| କେନ୍ଦୁଝର | ୨୩.୬ | ୦୯.୯ |
| ସମ୍ବଲପୁର | ୨୭.୫ | ୯.୫ |
| ସୁନ୍ଦରଗଡ଼ | ୨୬.୬ | ୧୦.୮ |
| ହୀରାକୁଦ | ୨୬.୫ | ୧୦.୬ |
| ତାଲଚେର | ୨୯.୫ | ୧୦.୫ |
| ଭବାନୀପାଟଣା | ୨୬.୮ | ୦୮.୫ |
| ବଲାଙ୍ଗୀର | --- | ୦୯.୮ |
| କୋରାପୁଟ | ୨୫.୨ | ୧୧.୦ |
| ଫୁଲବାଣୀ | ୨୫.୨ | ୦୭.୫ |
| ଟିଟିଲାଗଡ଼ | --- | ୦୯.୫ |
| ମାଲକାନଗିରି | ୩୦.୫ | ୧୪.୦ |
| ସୋନପୁର | ୨୮.୨ | ୧୧.୬ |
| ଦାରିଙ୍ଗିବାଡ଼ି | ୨୩.୨ | ୦୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## [ଇତିହାସର ଆଇନାରେ]
## ଜାନୁୟାରୀ ୧୨ର ପ୍ରମୁଖ ଘଟଣା

୨୦୧୦ ଜାନୁୟାରୀ ୧୨ରେ ହାଇଟିରେ ଭୂକମ୍ପ ଯୋଗୁ ୧ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାର ରାଜଧାନୀ ପୋର୍ଟ-ଅଉ-ପ୍ରିନ୍ସରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୨୦୧୫ରେ ଏହାର ଲୋକସଂଖ୍ୟା ଥିଲା ୯୮୭,୩୧୦। ହାଇଟିର ମେଟ୍ରୋପଲିଟାନ୍ ନଗରୀ ପୋର୍ଟ-ଅଉ-ପ୍ରିନ୍ସ, ଡେଲମାସ୍, ସିଟେ ସୋଲେଇଲ୍, ଟାବାରେ, କ୍ୟାରିଫୋର ଏବଂ ପେଟିଅନ୍-ଭିଲ୍ଲେକୁ ନେଇ ଗଠିତ।

୨୦୦୪ ଜାନୁୟାରୀ ୧୨ରେ ବିଶ୍ୱର ସର୍ବବୃହତ୍ ଜାହାଜ ଆରଏମ୍‌ଏସ୍ କୁଇନ୍ ମେରି ୨ ଏହାର ଜଳଯାତ୍ରା ଆରମ୍ଭ କରିଥିଲା। ଉକ୍ତ ଜାହାଜକୁ ସଂକ୍ଷିପ୍ତରେ କ୍ୟୁଏମ୍୨ କୁହାଯାଏ। କୁଇନ ମେରି ୨ ହେଉଛି ଏକମାତ୍ର ଯାତ୍ରିବାହୀ ଜାହାଜ ଯାହା କି ଆଟଲାଣ୍ଟିକ ସାଗର ଦେଇ ମାଲ ମଧ୍ୟ ପରିବହନ କରୁଛି।


**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/21, ତା.08.01.2019ରିଖ
ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ।
ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍(Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ।
PR-427/J/18-19
ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
**ଗୃହ ଆବଶ୍ୟକ**
ବ୍ୟାଙ୍କ ଏହାର ବର୍ତ୍ତମାନର ଶାଖା ସ୍ଥାନାନ୍ତର କରିବା ନିମନ୍ତେ ୧୦୦୦ ବର୍ଗଫୁଟ କାର୍ପେଟ୍ ଏରିଆ ବିଶିଷ୍ଟ ନିମ୍ନଲିଖିତ ସ୍ଥାନରେ ଭଡା ସୂତ୍ରରେ ଗୃହ ଆବଶ୍ୟକ କରୁଅଛି। ତଳ ମହଲା ଗୃହକୁ ଅଗ୍ରାଧିକାର ଦିଆଯିବ।

| କ୍ର.ନଂ. | ଶାଖାର ନାମ | କେଉଁଥି ପାଇଁ ଗୃହ ଆବଶ୍ୟକ | କାର୍ପେଟ୍ ଏରିଆ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|
| ୧. | କୋକଲବା | ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ୧୦୦୦ ବର୍ଗଫୁଟ | ସା/ପୋ.: କୋକଲବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, ୩/୧-ବି, ଆଇ.ଆର୍.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫** ରୁ ସଂଗ୍ରହ କରିପାରିବେ କିମ୍ବା କୋକଲୋବା ଶାଖାରୁ କିମ୍ବା ଆମର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ। ଇଚ୍ଛୁକ ପକ୍ଷମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଜଉମୁଦ ଦିଆ ଲଫାପାରେ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ: **୩୦.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା।**
ତାରିଖ: ୧୧.୦୧.୨୦୧୯ — ଉପ-ମହାପ୍ରବନ୍ଧକ

**State Level Flower Show, 2019**
Botanic Gardens (Ekamrakanan)
Regional Plant Resource Centre, Nayapalli, Bhubaneswar
12th - 13th January, 2019
(9 AM to 7 PM)
ENTRY TO GARDEN FREE
FREE PARKING INSIDE GARDEN
*Organised by :*
Regional Plant Resource Centre, Bhubaneswar
*in collaboration with*
Plant Lovers' Association, Bhubaneswar
*Supported by :*
नालको NALCO
&
Directorate of Horticulture, Odisha

**ଏସ୍.ଇ. ରେଳପଥ ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୫-୨୦୧୮-୧୯, (୨) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୭-୨୦୧୮-୧୯, ତାରିଖ: ୧୦।୦୧।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ବଣ୍ଡମୁଣ୍ଡା, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ଲାଗି ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା, କାର୍ଯ୍ୟର ଆନୁମାନିକ ମୂଲ୍ୟ, ଅମାନତ ରାଶି ନିମ୍ନ ଅନୁଯାୟୀ ହେବ:** (୧) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ବଡି ୱାଶିଂ, ଅଭ୍ୟନ୍ତର ସଫେଇ, ଭୋଲ୍ଟସ୍ ଫିଲ୍ଟର୍ ସଫେଇ ଏବଂ ଫିଟ୍‌ମେଣ୍ଟ ଗ୍ରେଟିଂ ଓପନିଂ, ବ୍ଲୋଇଂ ତଥା ଗ୍ରେଟିଂ, ₹୬୪,୪୧,୦୦୦/-, ₹୧,୨୮,୮୨୦/-। (୨) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ହିଟାଚି ଟ୍ରାକ୍ସନ୍ ମୋଟରର ଆର୍ମାଚର୍ ଶାଫ୍ଟ ସଂଶୋଧନ, ₹୧,୮୮,୨୫୪.୮୦, ₹୩,୮୦୦/-। **ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୧।୦୨।୨୦୧୯ରିଖ ୧୫.୦୦ ଘଟିକା। ୱେବ୍‌ସାଇଟ୍‌ର ସବିଶେଷ ବିବରଣୀ ଓ ସୂଚନା: ପ୍ରତ୍ୟେକ କାର୍ଯ୍ୟ ପାଇଁ http://www.ireps.gov.in। ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।
PR-989

OFFICE OF THE
**SUPERINTENDING ENGINEER, RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287
NATIONAL COMPETITIVE BIDDING THROUGH "e"-Procurement
ADB Assisted PMGSY Packages
Identification No. Online Tender/32-2018-19/PMGSY(ADB)/BPR
ADB// 105 // RWC // BAM // Dated. 08.01.2019

**No.1354-O:-** Superintending Engineer, Rural Works Circle, Berhampur on behalf of the employer invited online item rates bids from eligible bidders for Construction of Road and C.D. works including maintenance for 5 years of Rural Roads [RCIP-2 Tr-I (2017-18) Batch-I] under Pradhan Mantri Gram Sadak Yojana (ADB Rural Connectivity investment programme).
**Period of Availability of tenders online :- The details are as below.**

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works Circle, Berhampur | Online Tender / 32-2018-19 / PMGSY(ADB)/BPR | 01 (One) | 16.01.2019 at 11.00 A.M. | 30.01.2019 at 3.00 P.M. |

One PDF file is created under Cover-II i.e. Envelope for Financial Bid with the heading "Letter of Financial Bid" and "Summary of Bill of Quantities". The Bidder will upload "Letter of Financial Bid" and "Summary of Bill of Quantities" in PDF format with their Bid as per requirement of SBD.
**Key dates are:**
1. Submission of Original Bid Security Instrument, Bid Submission Fee & Original Affidavit : From 21.01.2019 at 11.00 A.M. to 30.01.2019 at 3.30 P.M.
2. Opening of "Bid Security" (Bid Security Instrument, Bid Submission fee & Original Affidavit) & Technical Bid : 30.01.2019 at 3.30 P.M.
3. Opening of Financial Bid : 04.02.2019 at 11.00 A.M.

Detailed NIB, other details and corrigendum if any can be viewed on website www.pmgsytenders.gov.in
The Original EMD, DD towards paper cost, Affidavit regarding Correctness in a sealed cover shall be physically furnished by the tenderer in original before the Procurement Officer (Superintending Engineer, R.W.Circle, Berhampur) within the specified period as mentioned in the NIT, otherwise his tender will entail rejection and blacklist of his Licence.
25071/11/0049/1819 — Sd./- Superintending Engineer, R.W.Circle, Berhampur

See Career Appointment on every Wednesday & Saturday

**ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ରିହାବିଲିଟେସନ୍ ଟ୍ରେନିଙ୍ଗ୍ ଓ ରିସର୍ଚ୍ଚ**
ଓଲଟପୁର, ବାଇରୋଇ, କଟକ, ଓଡ଼ିଶା - ୭୫୪୦୧୦, ଫୋନ ନଂ.୦୬୭୧-୨୮୦୫୫୫୨
**ନୋଟିସ**
ଏତଦ୍ୱାରା ନିମ୍ନଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ତୁମ୍ଭମାନଙ୍କୁ କୋର୍ଟ ସହାୟତାରେ ଓ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ କେସ୍‌ର ନୋଟିସ୍ ପଠାଯାଇଥିଲା। କିନ୍ତୁ ତୁମ୍ଭେ ବିଭିନ୍ନ କାରଣ ଦର୍ଶାଇ ସେ ନୋଟିସ ଗ୍ରହଣ ନ କରିବାରୁ ତାହା ଫେରସ୍ତ ଆସିଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ତୁମ୍ଭମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକଙ୍କ ଇଜିଲାସରେ ତା୩୧।୦୧।୨୦୧୯ରିଖ ଦିବା ୧୨ ଘଟିକା ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଛି।
ତେଣୁ ଆପଣ ନିଜେ ବା ନିଜର ଓକିଲ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ, ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ତଦଦ୍ୱୀର କରିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ। ଉକ୍ତ ନୋଟିସ୍ ଅତିରିକ୍ତ କମିଶନର (ଏସ୍ ଓ ଜି) ଙ୍କ ଆଦେଶ କ୍ରମେ ବିଜ୍ଞାପନ କରାଗଲା।

| କ୍ରମିକ ନଂ. | ଚକବନ୍ଦୀ କେସ୍ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା | ଜମିର ବିବରଣୀ |
|---|---|---|---|
| ୦୧. | ୨୯୮/୨୦୦୬ ପ୍ରତିବାଦୀ ଉଷା ଜେନା ଓ ଓଗେର | ୦୧. ଉଷା ଜେନା, ପିତା ନଟ ଜେନା, ୦୨. କୁଶି ଜେନା, ପିତା ନଟ ଜେନା ଓଲଟପୁର, ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୬, ପ୍ଲଟ ନଂ.- ୧୮୨, ରକବା ଏ୦.୦୬ ଡି., ବନ୍ଦୋବସ୍ତ ଖାତା ନଂ.- , ପ୍ଲଟ ନଂ.- ୧୬୮, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ. ୧୯୯ (ପି) ରକବା ଏ୦.୦୬ ଡି ରେ ମୋକଦ୍ଦମା ହୋଇଅଛି। |
| ୦୨. | ୩୦୨/୨୦୦୬ ପ୍ରତିବାଦୀ ନରେଶ ନନ୍ଦ ଓ ଓଗେର | ୦୧. ନରେଶ ନନ୍ଦ, ପିତା ୰ନରହରି ନନ୍ଦ, ସା./ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା- କଟକ, ଚକ ଖାତା ନଂ.- ୧୫୨, ପ୍ଲଟ ନଂ.-୧୪୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.-୧୪୯, ପ୍ଲଟ ନଂ.- ୧୨୦, ସାବିକ ଖାତା ନଂ.- ୧୪୭, ପ୍ଲଟ ନଂ.୧୦୨ରେ ମୋକଦ୍ଦମା ହୋଇଅଛି। |
| ୦୩. | ୩୦୧/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା ୰ନନ୍ଦ ଜେନା, ସା./ପୋ.ଅ/ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୭, ପ୍ଲଟ ନଂ.- ୧୭୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.- ୨୬୭, ପ୍ଲଟ ନଂ.- ୧୬୪, ସାବିକ ଖାତା ନଂ.- ୧୩୭/୩୬, ପ୍ଲଟ ନଂ.- ୧୯୯ (ପି)ରେ ମୋକଦ୍ଦମା ହୋଇଅଛି। |
| ୦୪. | ୩୦୦/୨୦୦୬ ପ୍ରତିବାଦୀ ବନମାଳୀ ନାୟକ ଓ ଓଗେର | ୦୧. (କ) ବନମାଳୀ ନାୟକ, ପିତା ୰ଟିମା ନାୟକ, ସା.ପୋ.ଅ., ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୩୩, ପ୍ଲଟ ନଂ.- ୧୭୫, ରକବା ଏ୦.୩୪ଡି., ବନ୍ଦୋବସ୍ତ ଖାତା ନଂ.୧୬୧, ପ୍ଲଟ ନଂ.-୧୬୦, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୫. | ୨୯୭/୨୦୦୬ ପ୍ରତିବାଦୀ ଡା. ଅନ୍ନପୂର୍ଣ୍ଣା ମିଶ୍ର ଓ ଓଗେର | ୦୧. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଚ) ଡା.ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର କ୍ରମିକ ନଂ. ୧ (କ) ରୁ (ଚ) ସା.,ପୋ.,ଅ., ଥାନା, ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୫୫, ପ୍ଲଟ ନଂ.- ୩୧୪, ରକବା ଏ.୦.୩୫ଡି., ପ୍ଲଟ ନଂ.- ୨୯୫, ରକବା ଏ ୦.୨୪ଡି (ପି) ପ୍ଲଟ ନଂ.- ୩୨୩, ରକବା ଏ୦.୦୪ଡି., ବନ୍ଦୋବସ୍ତ ଖାତା ନଂ.- ୩୫୬, ପ୍ଲଟ ନଂ.- ୧୨୭, ପ୍ଲଟ ନଂ.- ୧୨୪, ସାବିକ ଖାତା ନଂ.- ୨୩୭, ପ୍ଲଟ ନଂ.- ୨୦୫ (ପାର୍ଟ) ରକବା ଏ୦.୫୯ଡି., ଖାତା ନଂ.- ୯୪, ପ୍ଲଟ ନଂ.- ୨୦୬ (ପାର୍ଟ), ରକବା ଏ୦.୦୪ଡି. ରେ ମୋକଦ୍ଦମା ହୋଇଅଛି। |
| ୦୬. | ୨୯୯/୨୦୦୬ ପ୍ରତିବାଦୀ ରବି ନାୟକ ଓ ଓଗେର | ୦୧. (କ) ରବି ନାୟକ, ପିତା ୰ଝରି ନାୟକ, ୦୧. (ଖ) କବି ନାୟକ, ପିତା ୰ ଝରି ନାୟକ ସା., ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୨୯, ପ୍ଲଟ ନଂ.-୩୦୪, ରକବା ଏ୦.୦୭ଡି., ପ୍ଲଟ ନଂ.- ୩୦୫, ଏ୦.୨୫ଡି., ବନ୍ଦୋବସ୍ତ ଖାତା ନଂ.- ୧୦୬, ପ୍ଲଟ ନଂ.-୧୩୩ ଓ ୧୩୪, ସାବିକ ଖାତା ନଂ.- ୨୮୬/୨, ପ୍ଲଟ ନଂ- ୨୦୧, ରକବା ଏ୦.୩୨ଡି.ରେ ମୋକଦ୍ଦମା ହୋଇଅଛି। |
| ୦୭. | ୨୯୬/୨୦୦୬ ପ୍ରତିବାଦୀ କେଶବ କାଣ୍ଡି ଓ ଓଗେର | ୦୧. (କ) କେଶବ କାଣ୍ଡି, ପିତା ୰ମାଗୁଣି କାଣ୍ଡି, ୦୨. (କ) ବୃନ୍ଦାବନ କାଣ୍ଡି, ପିତା ୰ପ୍ରାଣକୃଷ୍ଣ କାଣ୍ଡି, ୦୩. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଚ) ଡା. ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର, କ୍ରମିକ ନଂ. ୧(କ) ଓ ୨(କ) ସା- ଶିଶୁଆ, ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ। କ୍ରମିକ ନଂ. ୩(କ) ରୁ ୩(ଚ) ପର୍ଯ୍ୟନ୍ତ ସା.,ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର ନଂ.୫୯ ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୦୮, ପ୍ଲଟ ନଂ.-୧୫୮, ରକବା ଏ୦.୧୮ଡି., ବନ୍ଦୋବସ୍ତ ଖାତା ନଂ.- ୨୬୬, ପ୍ଲଟ ନଂ.- ୧୪୦, ସାବିକ ଖାତା ନଂ.- ୨୦୭, ପ୍ଲଟ ନଂ.- ୧୦୫ରେ ମୋକଦ୍ଦମା ହୋଇଅଛି। |
| ୦୮. | ୨୯୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. (କ) କୈଳାସ ଜେନା, ପିତା- ୰ନନ୍ଦ ଜେନା, ୦୨. (କ) ଅରକ୍ଷିତ ଜେନା, ପିତା- ୰ ସିନ୍ଧୁ ଜେନା, ୦୨. (ଖ) ଅନୁ ଜେନା, ପିତା- ୰ସିନ୍ଧୁ ଜେନା, ୦୩. ବାନ ଜେନା, ପିତା ୰ମହଣି ଜେନା, ୦୪. (କ) ଶୁକ ଜେନା, ପିତା ୰ମାନ ଜେନା, ୦୪. (ଖ) ହରି ଜେନା, ପିତା- ୰ମାନ ଜେନା, ୦୪. (ଗ) ବାବୁଲି ଜେନା, ପିତା- ୰ମାନ ଜେନା, ୫. ବେଣୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୬. କାହ୍ନୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୭. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୮. ଧରମୁ ଜେନା, ପିତା ୰ଗନ୍ଧର୍ବ ଜେନା, ୯. ମଷି ଜେନା, ପିତା ୰ଗନ୍ଧର୍ବ ଜେନା କ୍ରମିକ ନଂ. ୧(କ) ରୁ ୯ ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.-୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୯, ପ୍ଲଟ ନଂ.- ୧୭୬ ରକବା ଏ୦.୧୩ଡି., ବନ୍ଦୋବସ୍ତ ଖାତା ନଂ.- ୧୪୭, ପ୍ଲଟ ନଂ.- ୧୫୯, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୯ | ୩୦୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା- ୰ ବନ୍ଧୁ ଜେନା, ୦୨. ଆଦିକନ୍ଦ ଜେନା, ପିତା ୰ମଦନ ଜେନା, ୦୩. ପଦ ଜେନା, ପିତା ୰ ମଦନ ଜେନା, ୦୪. କୈଳାସ ଜେନା, ପିତା ୰ନନ୍ଦ ଜେନା, ୦୫. (କ) ଅରକ୍ଷିତ ଜେନା, ପିତା ୰ସିନ୍ଧୁ ଜେନା, ୦୫. (ଖ) ଜଗବନ୍ଧୁ ଜେନା, ପିତା ୰ସିନ୍ଧୁ ଜେନା, ୦୬. ବାନ ଜେନା, ପିତା ୰ମହଣି ଜେନା, ୭. (କ) ଶୁକ ଜେନା, ପିତା ୰ମାନ ଜେନା, ୭. (ଖ) ଭୈରବ ଜେନା, ପିତା ୰ମାନ ଜେନା, ୦୭ (ଗ) ହରି ଜେନା, ପିତା ୰ମାନ ଜେନା, ୦୮. ବେଣୁ ଜେନା, ପିତା ୰ଗନ୍ଧର୍ବ ଜେନା, ୦୯. କାହ୍ନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୦. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୧.ଧନୁ ଜେନା ପିତା ୰ଗନ୍ଧର୍ବ ଜେନା, ୧୨.ମୁଷି ଜେନା, ପିତା ୰ଗନ୍ଧର୍ବ ଜେନା, ୧୩. ବଂଶୀଧର ନାୟକ, ପିତା ୰ମଗୁ ନାୟକ, ୧୪. ବନମାଳୀ ନାୟକ, ପିତା ୰ମଗୁ ନାୟକ, ୧୫. ମୁରଲୀ ନାୟକ, ପିତା ୰ମଗୁ ନାୟକ, ୧୬. (କ) ଗଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, ୧୬. (ଖ) ସଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, କ୍ରମିକ ନଂ.୧(କ) ରୁ ୧୬(ଖ) ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.-୨୮୨, ପ୍ଲଟ ନଂ.- ୧୭୭, ରକବା ଏ୦.୦୮ଡି., ପ୍ଲଟ ନଂ.- ୧୭୪, ରକବା ଏ୦.୨୯ଡି. ବନ୍ଦୋବସ୍ତ ଖାତା ନଂ. ୧୮୯, ପ୍ଲଟ ନାଂ. ୧୬୫ ଓ ୧୬୩, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ ନଂ.୧୯୯(ପି) ରେ ମୋକଦ୍ଦମା ହୋଇଅଛି। |

ସ୍ୱା: ନିର୍ଦ୍ଦେଶକ



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ଜିଆଇ ମାନ୍ୟତା ପ୍ରସଙ୍ଗ
### ମହାପ୍ରଭୁଙ୍କ ସବୁ ଭୋଗକୁ ବାଦ୍ ଦିଆଯାଉ

**ପୁରୀ ଅଫିସ,୧୧।୧:** ଶ୍ରୀମନ୍ଦିରର ସଂସ୍କୃତି ଓ ପରମ୍ପରା ସ୍ୱତନ୍ତ୍ର। ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ବି ଅନ୍ୟ ଦେବଦେବୀଙ୍କଠାରୁ ଭିନ୍ନ। ତେଣୁ ଜିଆଇ ମାନ୍ୟତା ପ୍ରସଙ୍ଗରେ ମହାପ୍ରଭୁଙ୍କ ସବୁ ଭୋଗକୁ ବାଦ୍ ଦେବାକୁ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଶୁକ୍ରବାର ସେନା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଦାବିପତ୍ର ପଠାଇଛି। ଜଗନ୍ନାଥ ମହାପ୍ରଭୁଙ୍କ ସବୁ ଭୋଗକୁ ଜିଆଇ ମାନ୍ୟତାରୁ ବାଦ୍ ଦେବାକୁ ସରକାର ଆଇନ ଆଣନ୍ତୁ ବୋଲି ସେନା ଦାବି କରିଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, ଧାର୍ମିକ ପରମ୍ପରା ସହ ଜଡ଼ିତ ରସଗୋଲା, ଖଜା, ଜଗନ୍ନାଥବଲ୍ଲଭ, ମହାପ୍ରସାଦ, ସମସ୍ତ ଶୁଖିଲି ଭୋଗ ଏବଂ ୫୬ ଭୋଗକୁ ଜିଆଇ ମାନ୍ୟତା ନ କରିବା ପାଇଁ ସରକାର ଆଇନ ଆଣନ୍ତୁ। କାରଣ ଧାର୍ମିକ ପରମ୍ପରା ସହ ଜଡ଼ିତ ଭୋଗକୁ କେହି ମାନ୍ୟତା ଦେଇପାରିବେ ନାହିଁ। ଧର୍ମ ସହ ଜଡ଼ିତ ଭୋଗକୁ ଆଇନ ପରିସରଭୁକ୍ତ କରାଯାଏ ନାହିଁ। ନଚେତ ଦେଶ, ଜାତି ତଥା ବର୍ଣ୍ଣ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବ ବୋଲି ପଟ୍ଟନାୟକ କହିଛନ୍ତି।

### ପିଅନ ପଦବୀକୁ ନେଇ ହାଇକୋର୍ଟରେ ମାମଲା
### ଗଣଶିକ୍ଷା ବିଭାଗ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ



**କଟକ ଅଫିସ, ୧୧।୧:** କେନ୍ଦ୍ରାପଡ଼ା ଜିଲା ନଇନ୍ଦିପୁର ଉଚ୍ଚ ବିଦ୍ୟାଳୟର ପିଅନ ପଦବୀକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ଗଣଶିକ୍ଷା ବିଭାଗ ସଚିବଙ୍କୁ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ନଇନ୍ଦିପୁର ସ୍କୁଲରେ ପ୍ରମୋଦ ମଲ୍ଲ ନାମକ ଜଣେ ବ୍ୟକ୍ତି ପିଅନ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଏହି ପଦବୀକୁ ସରକାରୀ ଅନୁମୋଦନ ମିଳି ନ ଥିଲା। ଫଳରେ ସେ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ୟାଟ୍ ଏହି ମାମଲାରେ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ମଲ୍ଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଲ୍ଲଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କ ପଦବୀକୁ ଅନୁମୋଦନ ଦେବା ସହିତ ତାଙ୍କର ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗଣଶିକ୍ଷା ବିଭାଗ ଏହାକୁ କାର୍ଯ୍ୟକାରୀ କରି ନ ଥିଲେ। ଫଳରେ ମଲ୍ଲ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ର ଜାନୁୟାରୀ ୧୫ ମଧ୍ୟରେ ମଲ୍ଲଙ୍କୁ ବକେୟା ପ୍ରାପ୍ୟ ଦେବା ପାଇଁ ଆଦେଶ ଦେଇଛନ୍ତି। ନଚେତ ଗଣଶିକ୍ଷା ସଚିବଙ୍କ ସମେତ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲା ମଣ୍ଡଳ ଅଧିକାରୀ ପ୍ରମୁଖ ବ୍ୟକ୍ତିଗତ ଭାବେ ଖଣ୍ଡପୀଠ ଆଗରେ ଆସନ୍ତା ୧୮ରେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ମହମ୍ମଦ ଆରିଫ କଂଗ୍ରେସ ମାନବାଧିକାର ବିଭାଗ କାର୍ଯ୍ୟକାରୀ ଅଧ୍ୟକ୍ଷ

**କଟକ ଅଫିସ, ୧୧।୧:** ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅନୁମୋଦନ କ୍ରମେ ଆଇନଜୀବୀ ମହମ୍ମଦ ଆରିଫ ଉଦ୍ଦିନ ଖାନ୍‌ଙ୍କୁ ପ୍ରଦେଶ କଂଗ୍ରେସ କମିଟି ମାନବାଧିକାର ବିଭାଗର ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ରୂପେ ନିଯୁକ୍ତି ମିଳିଛି। ଖାନ ଛାତ୍ର ଜୀବନରୁ କଂଗ୍ରେସରେ ସକ୍ରିୟ ରହିଛନ୍ତି। ପୂର୍ବରୁ ସେ ଦଳର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି।



ମହୋତ୍ସବରେ ମଞ୍ଚାସୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଧାୟକ ସଞ୍ଜୟ ଦାଶବର୍ମା, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡ.ସାର୍ଥକ ଷଡ଼ଙ୍ଗୀ ଓ ଅନ୍ୟ ଅତିଥିମାନେ।

## ୭ମ ଚିଲିକା ମହୋତ୍ସବ ଉଦ୍‌ଘାଟିତ
# 'ଜଗନ୍ନାଥଙ୍କ ପ୍ରିୟତମା ରୂପମୟୀ ଚିଲିକା'

ବ୍ରହ୍ମଗିରି, ୧୧।୧(ଡି.ଏନ୍.ଏ.)

ଯେଉଁଠି ଜଗନ୍ନାଥ ବିରାଜମାନ କରିଛନ୍ତି, ସେଠି ସାରା ବିଶ୍ୱ ଅଛି। ବିଶ୍ୱରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ଚିଲିକା ସମ୍ପର୍କରେ ବର୍ଣ୍ଣନା କରିବା କଷ୍ଟକର। ଏହାର ଅପରୂପ ଶୋଭାକୁ କେବଳ ଅନୁଭବ କରିହୁଏ। ଚିଲିକା ପ୍ରଭୁ ଜଗନ୍ନାଥଙ୍କୁ ଅନେକଥର ନିଜ ବକ୍ଷରେ ଧାରଣ କରିଛି। ତେଣୁ ଚିଲିକା ହେଉଛି ଜଗନ୍ନାଥଙ୍କ ପ୍ରିୟତମା। ଚିଲିକା କୋଳରେ ଲକ୍ଷ ଲକ୍ଷ ପକ୍ଷୀ ଆଶ୍ରୟ ନେଇଛନ୍ତି। ଚିଲିକା ଅମୃତମୟୀ, ଲାସ୍ୟମୟୀ ଜନନୀ। ଚିଲିକା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ପାଳଟିଛି ବୋଲି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସପ୍ତମ ଚିଲିକା ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତଥା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଶୁକ୍ରବାର ସାତପଡା ପର୍ଯ୍ୟଟନସ୍ଥଳ ମୁକ୍ତାକାଶ ରଙ୍ଗମଞ୍ଚରେ ସପ୍ତମ ଚିଲିକା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଅଧ୍ୟକ୍ଷତା କରି କହିଲେ ଯେ, ଚିଲିକା କେବଳ ହ୍ରଦ ନୁହେଁ ଏକ କିମ୍ବଦନ୍ତୀ। ଚିଲିକା କୂଳରେ ଅବସ୍ଥିତ ମାଣିକପାଟଣାର ମାଣିକ ଗୌଡୁଣୀ ଜଗନ୍ନାଥଙ୍କୁ ଦହି ଖୁଆଇ ସ୍ୱର୍ଣ୍ଣାକ୍ଷରରେ ନିଜର ନାମକୁ ଲିପିବଦ୍ଧ କରିଛି। ଚିଲିକା ଦେଇ ଉତ୍କଳର ବଣିକ ପୁଅମାନେ ଦେଶବିଦେଶ ଯାଉଥିଲେ। ଚିଲିକାରେ ପର୍ଯ୍ୟଟନର ବିକାଶ ହେଲେ ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କର ଆର୍ଥିକ ବିକାଶ ଘଟିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ପୁରୀ ଏସ୍‌ପି ଡ.ସାର୍ଥକ ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ପରେ ଗଞ୍ଜାମ ବାଲାଜୀ ପଲ୍ଲୀରୁ ଆସିଥିବା କଳାକାରମାନେ ରଣପା ଓ ଯୋଡ଼ି ଶଙ୍ଖ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲେ।

ଏହା ପୂର୍ବରୁ ସକାଳ ୧୦ଟାରେ ଚିଲିକାର ଆରାଧ୍ୟ ଠାକୁରାଣୀ ମା'କାଳିଜାଈ ପୀଠରୁ ଏକ ଶୋଭାଯାତ୍ରା ବାହାରି ମଶାଲ ଜ୍ୟୋତି ନେଇ ସାତପଡାରେ ପହଞ୍ଚିଥିଲା। ବିଧାୟକ ଦାସବର୍ମା ପତାକା ଦେଖାଇବା ପରେ ବାଲୁଗାଁ ୱାଇଲ୍ଡ ଲାଇଫ୍ ଡିଭିଜନର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ମଶାଲ ଜ୍ୟୋତି ରାଲିକୁ ମା'କାଳିଜାଈ ପୀଠରେ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ୩ଟାରେ ମଶାଲ ଜ୍ୟୋତି ସାତପଡ଼ାଠାରେ ପହଞ୍ଚିବା ପରେ ପୁରୀ ଜିଲା ପିଡିଡିଆରଡିଏ ଡ.ଉଦ୍ଧବ ଚରଣ ମାଝି, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ ଏବଂ ସମ୍ରାଟ ଗୌଡା ଖାଦ୍ୟ ମେଳା ଓ ବିଭିନ୍ନ ଷ୍ଟଲର ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରଜାତିର ମାଛ, ଚିଙ୍ଗୁଡ଼ି, କଙ୍କଡାରେ ପ୍ରସ୍ତୁତ ହୋଇଥିବା ସୁସ୍ୱାଦୁ ଖାଦ୍ୟ ଷ୍ଟଲରେ ଲୋକମାନଙ୍କ ଭିଡ ଲାଗିଥିବା ଦେଖିବାକୁ ମିଳିଥିଲା। ଏହି ମହୋତ୍ସବ ୪ଦିନ ଧରି ଅନୁଷ୍ଠିତ ହେବ।



ମହୋତ୍ସବରେ ପରିବେଷିତ ଯୋଡ଼ି ଶଙ୍ଖ ନୃତ୍ୟ।

### ସୂଚନା ଓ ଲୋକସମ୍ପର୍କ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ

**ପୁରୀ ଅଫିସ,୧୧।୧:** ୭ମ ଚିଲିକା ମହୋତ୍ସବ ଉପଲକ୍ଷେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ପ୍ରଦର୍ଶନୀକୁ ବିଧାୟକ ସଞ୍ଜୟ ଦାସବର୍ମା ଉଦ୍‌ଘାଟନ କରି ବୁଲି ଦେଖିଥିଲେ। ଏହି ଅବସରରେ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସୌଦାମିନୀ ମାନସିଂ, ଲୋକସମ୍ପର୍କ ବିଭାଗର ସ୍ୱତନ୍ତ୍ର ପ୍ରଦର୍ଶନୀ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ପ୍ରଦର୍ଶନୀ ସଙ୍ଗଠକ ରବିନାରାୟଣ ବେହେରା, ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ଉପଖଣ୍ଡ ସୂଚନା ଅଧିକାରୀ ଜିତେନ୍ଦ୍ରୀୟ କୁମାର ଜେନାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଫଟୋଚିତ୍ର ପ୍ରଦର୍ଶନୀରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯେପରି କି ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କୃଷକ ସଶକ୍ତୀକରଣ ଯୋଜନା, ହକି ବିଶ୍ୱକପ ଆୟୋଜନ ପ୍ରଭୃତି ବହୁ ଫଟୋଚିତ୍ର ସ୍ଥାନ ପାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।



ଚିଲିକା ତଟରେ ଥିବା ନୌସେନା ତାଲିମ କେନ୍ଦ୍ରରେ ଅନୁଷ୍ଠିତ ପାସିଂଆଉଟ୍ ପରେଡ୍।

## ୩୪୭୨ ପ୍ରଶିକ୍ଷାର୍ଥୀଙ୍କ ପାସିଂଆଉଟ୍ ପରେଡ

ବାଲୁଗାଁ,୧୧।୧(ଡି.ଏନ.ଏ.)

**ଭାରତୀୟ ନୌସେନା**

ଚିଲିକା ତଟରେ ଥିବା ନୌସେନା ତାଲିମ କେନ୍ଦ୍ରରେ ଦୀର୍ଘ ୬ମାସ ଧରି ପ୍ରଶିକ୍ଷଣ ଗ୍ରହଣ କରିଥିବା ୩୪୭୨ଜଣ ନାବିକଙ୍କ ଶୁକ୍ରବାର ପାସିଂଆଉଟ୍ ପରେଡ ଅନୁଷ୍ଠିତ ହୋଇଯାଇଛି। ନୌସେନା ବିଭାଗ ଦକ୍ଷିଣାଞ୍ଚଳ ମୁଖ୍ୟ ପତାକାଧିକାରୀ ଭାଇସ୍ ଆଡ୍‌ମିରାଲ୍ ଅନିଲ କୁମାର ଚାୱଲା ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ।

ନୌସେନା ବିଭାଗର ଚିଲିକା ଶାଖା ହେଉଛି ନାବିକଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ର। ବର୍ଷକୁ ଦୁଇଟି ପର୍ଯ୍ୟାୟରେ ୨୧ସପ୍ତାହ ଧରି ଏଠାରେ ନାବିକଙ୍କୁ ଆଧୁନିକ ତଥା ବୈଜ୍ଞାନିକ ପ୍ରଣାଳୀରେ ପ୍ରଶିକ୍ଷଣ ଦିଆଯାଇଥାଏ। ଯୁଦ୍ଧ କୌଶଳଠାରୁ ଆରମ୍ଭ କରି ନୌଚାଳନା, ଶିକ୍ଷା ଓ କମ୍ପ୍ୟୁଟର ଶିକ୍ଷା ସମେତ ପ୍ରଶିକ୍ଷାର୍ଥୀଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ବିଭିନ୍ନ ପ୍ରକାର ଦୁଃସାହସିକ ରଣକୌଶଳ ମଧ୍ୟ ତାଲିମ୍ ଦିଆଯାଏ। ଗତ ୨୧ ସପ୍ତାହ ଧରି ଏଠାରେ ପ୍ରଶିକ୍ଷଣ ସମାପ୍ତି ପରେ ଶୁକ୍ରବାର ନାଭାଲ ପରିସର ଟ୍ରେନିଂ ପଡ଼ିଆରେ ଦୀକ୍ଷାନ୍ତ ଉତ୍ସବ ପରେଡ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୪୭୨ଜଣ ପ୍ରଶିକ୍ଷାର୍ଥୀ ନାବିକ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଆଡମିରାଲ୍ ଚାୱଲା ଯୋଗଦେଇ ପ୍ରଥମେ ଶହୀଦଙ୍କୁ ସଲାମି ଅର୍ପଣ କରିଥିଲେ। ପରେ ପରେଡ୍ ଅଭିବାଦନ ଗ୍ରହଣ କରି ପ୍ରଶିକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ନିଜର ପଦ ସମ୍ଭାଳିଲା ବେଳେ ସମ୍ମାନ, ଗର୍ବ ଓ ପ୍ରତିଶ୍ରୁତି ସହ କାମ କରିବାକୁ ପଡ଼ିବ। ଦେଶ ସୁରକ୍ଷା ଦିଗରେ ନାବିକ ହେଉଛନ୍ତି ମେରୁଦଣ୍ଡ, ପ୍ରତ୍ୟେକ ନାବିକ ଏଥିପାଇଁ ସଚେତନ ରହିବା ସହ ନିଜର କର୍ତ୍ତବ୍ୟବୋଧ ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ପିତାମାତାଙ୍କ ପ୍ରମୁଖ ଭୂମିକାକୁ ପ୍ରଶଂସା କରି ସେ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଯୋଗ୍ୟତା ମୂଳକ ପ୍ରଦର୍ଶନ ନିମନ୍ତେ ଅମ୍ରିତ ପି. ସିଂ (ଏସ୍‌ଏସ୍ଆର), ୟୁ. ଗୋପୀ (ନାବିକ ଜିଡ଼ି), ଏସ୍‌ଏଚ୍ ହୁସେନ୍ ଓ ଏ.ନୟିତିୟାଲ୍ (ଏମ୍ଆର) ବିବେଚିତ ୪ ଶ୍ରେଷ୍ଠ ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

### ରେଳଷ୍ଟେଶନରେ ଶିଶୁ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ରାଜ୍ୟ ଏବଂ ରାଜ୍ୟ ବାହାରକୁ ରେଲୱେଷ୍ଟେଶନ ଦେଇ ଅନେକ ଶିଶୁ ଶ୍ରମିକ ଚାଲାଣ ହେଉଛନ୍ତି। ଏହି ନୀରିହ ଶିଶୁମାନଙ୍କ ଅବାଧ ଚାଲାଣ ଉପରେ ନଜର ରଖିବା ସହ ଏହା ଉପରେ ରୋକ ଲଗାଇବା ନେଇ ରେଲୱେ ଚାଇଲ୍ଡ ଲାଇନ ଏବଂ ହମାରା ବଚପନ ତରଫରୁ ଭୁବନେଶ୍ୱର ରେଲୱେଷ୍ଟେଶନରେ ଏକ ଶିଶୁ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁରକ୍ଷା କମିଶନ ଚୈତନ୍ୟ ମାରାଣ୍ଡି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହମାରା ବଚ୍‌ପନ୍ ଟ୍ରଷ୍ଟର ନିର୍ଦ୍ଦେଶକ ସୁଧିର କୁମାର ଦିଗାଲ୍ ଏବଂ ରେଲୱେ ଚାଇଲ୍ଡ ଲାଇନର ପୋଗ୍ରାମ ଡାଇରେକ୍ଟର ଅନିଶ୍ୱିକା ଦାସଙ୍କ ସହ ସମସ୍ତ କର୍ମଚାରୀ, ଉପସ୍ଥିତ ରହି ଶିଶୁ ଚାଲାଣ ରୋକିବା ସହ ସେମାନଙ୍କ ସୁରକ୍ଷା ନେଇ ଷ୍ଟେଶନରେ ଉପସ୍ଥିତ ଲୋକମାନଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ରେଳ ଷ୍ଟେଶନର ମୁଖ୍ୟ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ, ଜିଆରପି ଥାନା ଅଧିକାରୀ ଭରତ କୁମାର ସାହୁ, ଆରପିଏଫ ଥାନା ଅଧିକାରୀ ନୃସିଂହ ପଟ୍ଟନାୟକ, ସିଡବ୍ଲ୍ୟୁସି କର୍ମଚାରୀ ସନ୍ତ ବଳିଆରସିଂ ଏବଂ ରାଜଲକ୍ଷ୍ମୀ ଦାସ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ସେଲ୍ଫି କର୍ଣ୍ଣର



ଶ୍ୟାମସୁନ୍ଦର



ଅଜୟ



ଅନୁସୂୟା



ପ୍ରିୟଦର୍ଶିନୀ



ପ୍ରିନ୍ସ



ଜନ୍ମେଜୟ



ଲାବଣ୍ୟନିଧି



କୁଳଦୀପ

# ଓଜନ ମାପ ଉପନିୟନ୍ତ୍ରକ ଗିରଫ

- ଗାଡ଼ିରୁ ବାହାରିଲା ୧ ଲକ୍ଷ ୮ହଜାର ୪୦୦ ଟଙ୍କା
- ଭିଜିଲାନ୍ସକୁ ଦେଇପାରିଲେନି ହିସାବ

କଟକ ଅଫିସ, ୧୧।୧

ଓଜନ ମାପ ବିଭାଗର ଉପନିୟନ୍ତ୍ରକ ସନାତନ ବାରିଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଗୁରୁବାର ବାରି ନିଜ ସରକାରୀ ଗାଡ଼ି (ଓଡି୦୨ଏଡି-୬୭୯୫) ଯୋଗେ ଅଫିସ୍‌ରୁ ନିଜ ଘର ଭୁବନେଶ୍ୱରର ଗୋଠପାଟଣାକୁ ଯାଉଥିଲେ। ତେବେ ସେ ବିପୁଳ ଟଙ୍କା ଧରି ଘରକୁ ଫେରୁଥିବା ଖବର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ନିକଟରେ ପହଞ୍ଚିଥିଲା। ଖଣ୍ଡଗିରି ଉଦୟଗିରି ମୁଖ୍ୟରାସ୍ତା ମଝିରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ତାଙ୍କ ନିକଟରୁ ବହୁ ପରିମାଣର ଲଫାପା ବାହାରିଥିଲା। ଲଫାପା ଭିତରେ ୧ ଲକ୍ଷ ୮ହଜାର ୪୦୦ ଟଙ୍କା ଥିବା ଭିଜିଲାନ୍ସ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଅଫିସ ତନଖି କରିଥିଲେ। ଅଫିସରୁ ଆହୁରି ୮ହଜାର ଟଙ୍କା ବାହାରିଥିଲା। ଉପରୋକ୍ତ ଟଙ୍କା ସମ୍ପର୍କରେ ବାରି ଭିଜିଲାନ୍ସ ଅଧିକାରୀମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏ ନେଇ ବାରିଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୨/୨୦୧୯ରେ ଏକ ଫୌଜଦାରି ମାମଲା ରୁଜୁ କରାଯାଇଛି। ମାମଲା ରୁଜୁ ପରେ ବାରିଙ୍କ ଗୋଠପାଟଣା ଘର ସମେତ ମୟୂରଭଞ୍ଜ ଜିଲାର ଜଳାସାହି ଗ୍ରାମରେ ଥିବା ଘରକୁ ଭିଜିଲାନ୍ସ ଯାଞ୍ଚ କରୁଛି।



ଈର୍ଷା କାହାର କୌଣସି କ୍ଷତି କରିପାରେ ନାହିଁ, ବରଂ ନିଜର ଅଶେଷ ଅନିଷ୍ଟ କରେ।
- ଚାଣକ୍ୟ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ୧୪ଶ ନବଯୁଗ ଭୁବନେଶ୍ୱର କର୍ପୋରେଟ୍ ଗଲ୍ଫ କପ୍-୨୦୧୯, ଭୁବନେଶ୍ୱର ଗଲ୍ଫ କ୍ଲବ, ଇନ୍‌ଫୋସିଟି, ସକାଳ ୬ଟା ୧୫।
- ୧୦୮ ସାମୂହିକ ଚାଳିଶା ପାଠ, ରେଲୱେ ୱାର୍କଶପ୍ ଗ୍ରାଉଣ୍ଡ, ସ୍ପୋର୍ଟସ୍ କମ୍ପ୍ଲେକ୍ସ, ମଞ୍ଚେଶ୍ୱର, ସକାଳ ୭ଟା। ସାମୂହିକ ସୁନ୍ଦରାକାଣ୍ଡ ପାଠ, ସନ୍ଧ୍ୟା ୬ଟା।
- କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଗଣ ଶୋଭାଯାତ୍ରା, ଗେଟ୍ ନଂ.୩, କଳିଙ୍ଗ ଷ୍ଟାଡିୟମ୍, ସକାଳ ୭ଟା ୧୫।
- ଓଡ଼ିଶା କେନେଲ କ୍ଲବ ପକ୍ଷରୁ ଡଗ୍ ଶୋ ଆରମ୍ଭ, ଓବିଡିଏଣ୍ଟ ଟ୍ରାଏଲ, ହକି ଷ୍ଟାଡିୟମ୍, କିଟ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ, କ୍ୟାମ୍ପସ୍-୧୩, ସକାଳ ୮ଟା। ଜର୍ମାନ ସେଫର୍ଡ ସ୍ପେଶିଆଲିଟି ଶୋ, ପୂର୍ବାହ୍ନ ୧୦ଟା।
- ଜାତୀୟ ଯୁବ ଦିବସ ପାଳନ, ବିବେକାନନ୍ଦ ହଲ୍, ରାମକୃଷ୍ଣ ମିଶନ, ବିବେକାନନ୍ଦ ମାର୍ଗ, ପୂର୍ବାହ୍ନ ୧୦ଟା।
- ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିବସର ଶୁଭାରମ୍ଭ, ସରକାରୀ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସେକ୍ଟର-୬, ଆଇଆର୍‌ସି ଭିଲେଜ, ପୂର୍ବାହ୍ନ ୧୦ଟା।
- ଦୁଇଦିନିଆ ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ, ବଟାନିକ୍ ଗାର୍ଡେନ(ଏକାମ୍ର କାନନ), ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୭ଟା।
- ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ ଉଦ୍‌ଘାଟନ, ଧଉଳି କ୍ରାଫ୍ଟ ବଜାର, ପୂର୍ବାହ୍ନ ୧୧ଟା।
- ୧୩ଶ ତୋଷାଳି ଜାତୀୟ କ୍ରାଫ୍ଟସ୍ ମେଳା, ଜନତା ମଇଦାନ, ଅପରାହ୍ନ ୨ଟାରୁ ଆରମ୍ଭ।
- ଓର୍‌ମାସ ପକ୍ଷରୁ 'ଶିଶିର ସରସ', ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୨ଟା। ମ୍ୟୁଜିକାଲ୍ ନାଇଟ୍‌ରେ ଅନନ୍ୟା ଶ୍ରୀତମ ନନ୍ଦ ଶୋ ଓ ନୃତ୍ୟ କାର୍ଯ୍ୟକ୍ରମ, ରାତି ୭ଟାରୁ ୯ଟା।
- ଜାତୀୟ ଯୁବ ଦିବସ ପାଳନ, ରେଡ୍‌କ୍ରସ ଭବନ, ୟୁନିଟ୍-୯, ଅପରାହ୍ନ ୨ଟା।
- ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆର୍‌ସି ଭିଲେଜର ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୟୁନିଟ୍-୪ର ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା ୩୦।
- ପରିବେଶ ଏବଂ ଖଣିଜ ଦ୍ରବ୍ୟ ସମ୍ପର୍କିତ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସୋସାଇଟି ଅଫ୍ ଜିଓସାଇଣ୍ଟିଷ୍ଟସ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିଷ୍ଟସ୍, ଏସ୍‌ଜିଏଟି ବିଲ୍ଡିଂ, ନୟାପଲ୍ଲୀ, ଅପରାହ୍ନ ୪ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଇନ୍ଦିରା କଲୋନୀ, ଲିଙ୍ଗିପୁରର ବାର୍ଷିକ ଉତ୍ସବ, ଲିଙ୍ଗରାଜ ନଗର ଖେଳପଡ଼ିଆ, ଶିଶୁପାଳଗଡ଼, ଅପରାହ୍ନ ୫ଟା।
- ପୂର୍ବତନ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ୯୦ତମ ଜୟନ୍ତୀ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- 'ଓଡ଼ିଆ ପର୍ବ'ର ୨୧ତମ ପ୍ରତିଷ୍ଠା ଦିବସ ଓ ସମ୍ମାନ ପ୍ରଦାନ ଉତ୍ସବ, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା।
- ରେନେନ୍‌ସା ୟୁନିଭର୍ସାଲର ମାସିକ ଆଲୋଚନାଚକ୍ର, ହୋଟେଲ ଏମ୍ପାୟର୍, ଶହୀଦ ନଗର, ସନ୍ଧ୍ୟା ୬ଟା ୩୦।
- ଦ୍ୱିତୀୟ ସୋସିଆଲ ଇମ୍ପାକ୍ଟ ଆୱାର୍ଡସ୍-୨୦୧୯, ରୋଟାରି କ୍ଲବ ଭବନ, ୟୁନିଟ୍-୪, ସନ୍ଧ୍ୟା ୬ଟା ୪୫।

### କଟକ

- ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ, ରାମକୃଷ୍ଣ କୁଟୀର, ବଙ୍ଗାଳିସାହି, ପୂର୍ବାହ୍ନ ୧୦ଟା।
- ଦ ଲୟର୍ସ ଏକାଡେମୀ, ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର, ଓଡ଼ିଶା ଜୁଡିସିଆଲ ଏକାଡେମୀ ବିଲ୍ଡିଂ, ସେକ୍ଟର-୧, ସିଡିଏ, ପୂର୍ବାହ୍ନ ୧୦ଟା ୩୦।
- ନମିତା ସ୍ମାରକୀ ବକ୍ତୃତା, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜୁଲୋଜି ବିଭାଗ, ପୂର୍ବାହ୍ନ ୧୧ଟା।
- ଅଭୀପ୍ସା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ପାଳନ, ଗାନ୍ଧୀଭବନ, ବାଖରାବାଦ, ଅପରାହ୍ନ ୩ଟା।
- ବାରବାଟୀ ନୃତ୍ୟୋତ୍ସବ ଓ ପୁସ୍ତକ ମେଳା, ବାରବାଟୀ ଦୁର୍ଗ ଗେଟ୍ ନିକଟ, ଅପରାହ୍ନ ୫ଟା।
- କାଠଗଡ଼ା ସାହିସ୍ଥିତ ମାତୃ ନିକେତନ ବିଦ୍ୟାଳୟର ତ୍ରୟୋଦଶତମ ବାର୍ଷିକ ଉତ୍ସବ, ଗାନ୍ଧୀଭବନ, ବାଖରାବାଦ, ସନ୍ଧ୍ୟା ୬ଟା।

### ପୁରୀ

- ଭାରତ ବିକାଶ ପରିଷଦ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଦିଗବାରେଣୀ ଖୁଣ୍ଟି, ସକାଳ ୮ଟା।
- ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡ଼ାବଜାର, ସକାଳ ୮ଟା।
- ସିନର୍ଜି ଟ୍ରଷ୍ଟ ପକ୍ଷରୁ ମାଲ୍ୟାର୍ପଣ, ଦିଗବାରେଣୀ ଖୁଣ୍ଟିସ୍ଥିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି, ସକାଳ ୮ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ ପକ୍ଷରୁ ବିବେକାନନ୍ଦଙ୍କ ଜୟନ୍ତୀ ଓ ପୁରସ୍କାର ବିତରଣ, ବିଦ୍ୟାଳୟ ପରିସର, ସକାଳ ୯ଟା।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କର୍ମଶାଳା, ରାଜଯୋଗ କେନ୍ଦ୍ର, ବଳିଆପଣ୍ଡା, ସକାଳ ୯ଟା ୩୦।
- ପୁରୀ ଜିଲା ସ୍କୁଲ ବାର୍ଷିକ ଉତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ପୁସ୍ତକ ମେଳା, ଶରଧାବାଲି, ଅପରାହ୍ନ ୨ଟା।
- ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ପକ୍ଷରୁ ମାନବ ଶୃଙ୍ଖଳ, ପୁରୀ ହୋଟେଲ ସମ୍ମୁଖ, ଅପରାହ୍ନ ୩ଟା ୩୦।
- ଚାଖି ଖୁଣ୍ଟିଆଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ, ସଦ୍‌ଭାବନା ସଭାଗୃହ, ରାତି ୭ଟା ୩୦।

### ଖୋର୍ଦ୍ଧା

- ରାଜ୍ୟସ୍ତରୀୟ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ ସମାରୋହ, ଗୀତା ଭବନ ପଡ଼ିଆ, ଅପରାହ୍ନ ୩ଟା।

### ବାଲିଅନ୍ତା

- ମହାରଥା ବିଦ୍ୟାପୀଠ ବାର୍ଷିକ ଉତ୍ସବ, ନହରକଣ୍ଟା, ପୂର୍ବାହ୍ନ ୧୧ଟା।

### ସାକ୍ଷୀଗୋପାଳ

- ବୈଦିକ ସନାତନ ଧର୍ମ ସମ୍ମିଳନୀ ଓ ସତ୍‌ସଙ୍ଗ ସଭା, ସାକ୍ଷୀଗୋପାଳ ମନ୍ଦିର ନିକଟ, ପୂର୍ବାହ୍ନ ୧୦ଟା।

# ମାଗଣା ମହାପ୍ରସାଦ ବଣ୍ଟନ ବନ୍ଦ

**ପୁରୀ ଅଫିସ,୧୧।୧**

ବାଇଶି ପାହାଚରେ ଭକ୍ତଙ୍କୁ ବଣ୍ଟା ଯାଉଥିଲା ମାଗଣା ମହାପ୍ରସାଦ। ଖୁସି ମନରେ ମହାପ୍ରଭୁଙ୍କ ମହାପ୍ରସାଦ ପାଇ ଫେରୁଥିଲେ ଦର୍ଶନାର୍ଥୀ। ଏବେ ଭକ୍ତଙ୍କୁ ଆଉ ବଣ୍ଟାଯାଉନି ଏହି ମହାପ୍ରସାଦ। ଶ୍ରୀମନ୍ଦିର ବଜେଟରେ ସ୍ୱତନ୍ତ୍ର ଅନୁଦାନ ଥାଇ ମଧ୍ୟ ଇଚ୍ଛାଶକ୍ତି ଅଭାବରୁ ଏହା ବନ୍ଦ ହୋଇଯାଇଥିବା କୁହାଯାଉଛି।

ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରକୁ ପ୍ରତ୍ୟହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ପରେ ମହାପ୍ରସାଦ ପାଇବା ପାଇଁ ପ୍ରାୟ ପ୍ରତ୍ୟେକଙ୍କ ଇଚ୍ଛା ରହିଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଖାଇବାକୁ ସମର୍ଥ ହୋଇ ନ ଥାନ୍ତି। ତେଣୁ ମହାପ୍ରସାଦ ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ ଅବଢା ଦେବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା



**ଅନୁଦାନ ଅଛି, ଇଚ୍ଛାଶକ୍ତି ନାହିଁ**

ମହାପ୍ରସାଦ (ମିଷ୍ଟାନ୍ନ) ବଣ୍ଟନ। ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ୨ହାଣ୍ଡି ମିଷ୍ଟାନ୍ନ ଭକ୍ତଙ୍କୁ ବାଣ୍ଟିବା ଲାଗି ବ୍ୟବସ୍ଥା କରାଯାଇଥିଲା। ୨ ଜଣ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇଟି ବଡ଼ ଆଟିକାରେ ପ୍ରତ୍ୟହ ଏହି ମିଷ୍ଟାନ୍ନ ବଣ୍ଟନ କରୁଥିଲେ। ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ହେବ ଏହା ବନ୍ଦ ହୋଇଯାଇଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଶ୍ରୀମନ୍ଦିରର ୨୦୧୮-୧୯ ବଜେଟରେ ଏଥିଲାଗି ୧.୫ କୋଟି ଟଙ୍କାର ବଜେଟ୍ କରାଯାଇଛି। ପ୍ରଦୀପ ଜେନା ମୁଖ୍ୟ ପ୍ରଶାସକ ଥିବା ବେଳେ ଏହାର ପରିମାଣ ବଢାଇ ୨୦ ଆଟିକା ମହାପ୍ରସାଦ ଚାରିଦ୍ୱାରରେ ଭକ୍ତଙ୍କୁ ବଣ୍ଟାଯିବା ନିମନ୍ତେ ଯୋଜନା ହୋଇଥିଲା। ଏପରି କି ଭକ୍ତଙ୍କୁ ଖଲି ଦନାରେ ମହାପ୍ରସାଦ ଦିଆଯିବା ଲାଗି ପ୍ରଶାସନ ସ୍ଥିର କରିଥିଲା। ହେଲେ ଏହି ଯୋଜନା କାର୍ଯ୍ୟକାରୀ ପୂର୍ବରୁ ମାଗଣା ମହାପ୍ରସାଦ ବଣ୍ଟନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ହଠାତ୍ ଏହାକୁ କ'ଣ ପାଇଁ ବନ୍ଦ କରାଗଲା ଏହା ପଛରେ ଆଉ କିଛି କାରଣ ରହିଛି କି ଏମିତି ସନ୍ଦେହ ଏବେ ଭକ୍ତଙ୍କ ମନରେ ସୃଷ୍ଟି ହୋଇଛି।

ନୟାଗଡ଼ର ଶରତ ପାଣିଗ୍ରାହୀ କୁହନ୍ତି, ପୂର୍ବରୁ ଶ୍ରୀମନ୍ଦିରକୁ ଆସି ଦର୍ଶନ କରି ଫେରିବା ବେଳେ ବାଇଶି ପାହାଚରେ ମହାପ୍ରସାଦ ମିଳୁଥିଲା। ପୂର୍ବରୁ ମୁଁ ଏକାଧିକ ଥର ବାଇଶି ପାହାଚରେ ବଣ୍ଟା ଯାଉଥିବା ଅବଢା ପାଇଛି। ହେଲେ ଏବେ ଆଉ ତାହା ମିଳୁନାହିଁ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ବିଚାର କରି ଏହି ବ୍ୟବସ୍ଥା ପୁଣି ଆରମ୍ଭ କରିବା ଦରକାର। ଅନ୍ୟ ଜଣେ ଶ୍ରଦ୍ଧାଳୁ କଟକର ପବିତ୍ର ସାହୁ କହିଛନ୍ତି, ପୂର୍ବରୁ ୨ ଆଟିକା ବଣ୍ଟା ଯାଉଥିଲା। ମଝିରେ ଏହା ୨୦ ଆଟିକା ବଣ୍ଟାଯିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଯୋଜନା କରୁଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଥିଲୁ। ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଏହା କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ହଠାତ୍ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଦୁର୍ଭାଗ୍ୟଜନକ।

ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏହାକୁ ପୁନର୍ବାର ଆରମ୍ଭ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରୁଛି ବୋଲି କହିଛନ୍ତି।




ଜାତୀୟ ଯୁବ ଦିବସ ଉପଲକ୍ଷେ ସବୁଜ ପରିବେଶ ସୃଷ୍ଟି କରିବାର ବାର୍ତ୍ତା ଦେଇ ପୁରୀ ବେଳାଭୂମିରେ ଶୁକ୍ରବାର ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ତିଆରି ହୋଇଥିବା ବାଲୁକା କଳା।

# ନିର୍ମାଣ କରାଯିବ ରେଡିଓଥେରାପି ବଙ୍କର

**କଟକ ଅଫିସ, ୧୧।୧**

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ଦୁଇଟି ଲିନାକ ଆକ୍ସିଲେରଟର ଓ ଗୋଟିଏ କୋବାଲ୍ଟ ରେଡିଓଥେରାପି ବଙ୍କର ନିର୍ମାଣ କରାଯିବ। ଦୈନିକ ୪୦୦ରୁ ୪୫୦ ରୋଗୀଙ୍କ ପାଇଁ ରେଡିଏଶନ ଚିକିତ୍ସାର ଆବଶ୍ୟକତା ପଡୁଛି। ମାତ୍ର ମେଡିକାଲରେ ଉପରୋକ୍ତ ମେଶିନ୍‌ରୁ ଦୁଇଟି ଲେଖାଏ ଅଛି। ତେଣୁ ଆଉ ଦୁଇଟି ଲେଖାଏ ମେଶିନ୍ ଆସିବା ଦ୍ୱାରା ଏହା ରୋଗୀ ସେବାକୁ ସହଜ ଓ ସରଳ କରିହେବ। ଏତଦ୍‌ବ୍ୟତୀତ ଏହି ସ୍ୱାସ୍ଥ୍ୟାନୁଷ୍ଠାନକୁ ଲାଗି ରହିଥିବା ଶିଳ୍ପ ବିଭାଗ ଅଧିକୃତ ୪ ଏକର ଜମିରେ ତାହାର ସମ୍ପ୍ରସାରଣ କରାଯିବ। ଶୁକ୍ରବାର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରର ଉନ୍ନତି ସମ୍ପର୍କରେ ବହୁ ଆଲୋଚନା ହୋଇଥିଲା। ଏହି ସ୍ୱାସ୍ଥ୍ୟାନୁଷ୍ଠାନ ପୂର୍ବଭାରତର ଏକ ପ୍ରମୁଖ କର୍କଟ କେନ୍ଦ୍ର ହୋଇଥିବାରୁ ଏଠାକୁ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ୨୪ ଘଣ୍ଟିଆ ଜରୁରିକାଳୀନ ସେବାର ଉନ୍ନତୀକରଣ ଉପରେ ମନ୍ତ୍ରୀ ଜେନା ଗୁରୁତ୍ୱ ଦେଇଥିଲେ। ସେହିପରି ରେସିଡେଣ୍ଟ ଡାକ୍ତରଙ୍କ ପାଇଁ ହଷ୍ଟେଲ, ଏକାଡେମିକ ବିଲ୍ଡିଂ, ଅଡିଟୋରିୟମ, ପାଠାଗାର, ଗବେଷଣା କେନ୍ଦ୍ର ଓ ପରୀକ୍ଷା ହଲ୍‌ର ଆବଶ୍ୟକତା ଥିବାରୁ ଏ ସବୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ଅତିରିକ୍ତ ସ୍ୱାସ୍ଥ୍ୟ ସଚିବ ହରିବଲ୍ଲଭ ମିଶ୍ରଙ୍କ ସହିତ କେନ୍ଦ୍ରର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ, ଡିନ୍ ଡା. ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ପରିଚାଳନା କମିଟି ବୈଠକ**

# ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ନାମ ବଦଳିବ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର (ଏଏଚ୍‌ଆର୍‌ସିସି)ର ନାମ ବଦଳି ଆଚାର୍ଯ୍ୟ ହରିହର ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍‌ସର ହେବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ କର୍କଟ କେନ୍ଦ୍ରର ବିକାଶ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯିବା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କ ପାଇଁ ସ୍ଥାନାଭାବ ଦୂର କରାଯିବା ଲାଗି କେନ୍ଦ୍ରର ପରିସରକୁ ବୃଦ୍ଧି କରାଯିବ। ପରିସରକୁ ଲାଗି ପୂର୍ତ୍ତ ବିଭାଗ ଅଧୀନରେ ଥିବା ଶିଳ୍ପ ବିଭାଗ ଏବଂ ଜିଏ ବିଭାଗର ପ୍ରାୟ ୪ ଏକର ଜମି କର୍କଟ କେନ୍ଦ୍ରକୁ ହସ୍ତାନ୍ତର କରାଯିବ। ଖୁବ୍‌ଶୀଘ୍ର ଏଠାରେ ରୋଗୀଙ୍କ ନିମନ୍ତେ ପେଟ୍, ସିଟି ଓ ଏମ୍‌ଆର୍‌ଆଇ ସ୍କାନ ସୁବିଧା ପିପିପି ମୋଡ୍‌ରେ ଉପଲବ୍ଧ ହେବ। ସେହିପରି ସ୍ତ୍ରୀ ଓ ପ୍ରସୂତି ଅନ୍‌କୋଲୋଜି, ସର୍ଜରୀ ଅନ୍‌କୋଲୋଜି ଓ ମେଡିକାଲ ଫିଜିକ୍ସରେ ପିଜି ପାଠ୍ୟକ୍ରମ ଜାରି ରହିବ ଏବଂ ଆଗାମୀ ଦିନରେ ଅନ୍ୟାନ୍ୟ ବିଷୟରେ ମଧ୍ୟ ପିଜି ପାଠ୍ୟକ୍ରମ ଆରମ୍ଭ କରାଯିବା ନିମନ୍ତେ ବ୍ୟବସ୍ଥା ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର ପକ୍ଷରୁ ପ୍ରକାଶିତ ବାର୍ଷିକ ପତ୍ରିକା-୨୦୧୭' ଉନ୍ମୋଚିତ ହୋଇଥିଲା।

# ଖସିବେନି ଅଭିଯୁକ୍ତ, ବଢ଼ିବ ଦୋଷୀ ସାବ୍ୟସ୍ତ ହାର: ଡିଜିପି

**କଟକ ଅଫିସ,୧୧।୧**

ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ଢ଼େର କମ ରହିଛି। ଜଣେ ଅଭିଯୁକ୍ତକୁ ଦୋଷୀ ବୋଲି ପ୍ରମାଣ କରିବାରେ ପୋଲିସ କେତେକ କ୍ଷେତ୍ରରେ ସମସ୍ୟାରେ ପଡ଼ିଛି। ହେଲେ ଏବେ ଏହି ଧାରାକୁ ବଦଳାଯିବ। ତଦନ୍ତ ପ୍ରକ୍ରିୟାରେ ବୈଷୟିକ ଜ୍ଞାନକୌଶଳର ବହୁଳ ବ୍ୟବହାର କରାଯାଇ ଦୋଷୀ ସାବ୍ୟସ୍ତ ହାରକୁ ବୃଦ୍ଧି କରାଯିବ ବୋଲି କହିଛନ୍ତି ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା।

ସୂଚନାଥାଉ କି, ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ଏବେ ୧୨% ରହିଛି। ଆଗାମୀ ବର୍ଷ ପହିଲା ପୂର୍ବରୁ ଏହି ହାରକୁ ୨୦%ରେ ବଦଳାଯିବାର ପ୍ରଚେଷ୍ଟା କରାଯାଉଛି ବୋଲି ଡିଜିପି ଶର୍ମା କହିଛନ୍ତି। ଶୁକ୍ରବାର କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ଡିଜିପି ଶର୍ମା ଉପରୋକ୍ତ ବକ୍ତବ୍ୟ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଓ ସାକ୍ଷୀଙ୍କ ମଧ୍ୟରେ ସମନ୍ୱୟକୁ ଶକ୍ତ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଗଞ୍ଜେଇ ଚାଷକୁ ଓଡ଼ିଶାରେ ନିୟନ୍ତ୍ରଣକୁ ଅଣାଯାଉଛି ବୋଲି ଶର୍ମା କହିଥିଲେ। ଏହି ଉତ୍ସବରେ ବିଭିନ୍ନ ଜିଲାର ୪୪ଜଣ ସଫଳ ତଦନ୍ତକାରୀ ପୋଲିସ ଅଧିକାରୀ ଓ ୫ ପବ୍ଲିକ ପ୍ରସିକ୍ୟୁଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି କ୍ରାଇମବ୍ରାଞ୍ଚ ଅରୁଣ ବୋଥ୍ରା, ଏସ୍‌ପି ସନ୍ଦୀପ ସମ୍ପଦ, ଏସପି ରାଧାବିନୋଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

**ସଫଳ ତଦନ୍ତକାରୀ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧନା**



ନୀଳମାଧବ-ବିଗ୍ ଡିଲ୍‌ଙ୍କ କମ୍ବୋ ପ୍ୟାକେଜ୍

# 'ଧନ ତୁ ହେଲୁ ସ୍କିଲ୍‌ଡ ଇନ୍ ଓଡ଼ିଶା...'




**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ଦକ୍ଷତା ବିକାଶ ଉପରେ ଗତ କିଛିବର୍ଷ ହେବ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ସରକାରଙ୍କ 'ସ୍କିଲ୍‌ଡ ଇନ୍ ଓଡ଼ିଶା' କ୍ୟାମ୍ପେନ୍ ରାଜ୍ୟ ଏବଂ ଦେଶ ବାହାରେ ଆଦୃତ ହୋଇଛି। କେବଳ ଶିକ୍ଷା ନୁହେଁ, ଦକ୍ଷତା ବିକାଶ ମାଧ୍ୟମରେ ରାଜ୍ୟର ଯୁବପିଢ଼ିଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଦେବାକୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପେନ୍ ସଫଳ ରୂପ ନେଇଛି। ଭୁବନେଶ୍ୱରକୁ ଦେଶର ସ୍କିଲ୍ କ୍ୟାପିଟାଲ ବା ଦକ୍ଷତା ରାଜଧାନୀରେ ପରିଣତ କରିବାକୁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଦକ୍ଷତା ବିକାଶ କେନ୍ଦ୍ର ବିଶେଷ ଗୁରୁତ୍ୱ ଦେଉଛି। ଏହି କ୍ରମରେ 'ସ୍କିଲ୍‌ଡ ଇନ୍ ଓଡ଼ିଶା' କ୍ୟାମ୍ପେନ୍‌ର ପ୍ରଚାର ପ୍ରସାର ପାଇଁ ପ୍ରସ୍ତୁତ ହୋଇଥିବା ଏକ ମ୍ୟୁଜିକ୍ ଭିଡିଓ ଏବେ ଇଣ୍ଟରନେଟ୍‌ରେ ଚହଳ ସୃଷ୍ଟି କରିଛି। ଓଡ଼ିଶାର ଦୁଇ ଲୋକପ୍ରିୟ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ଭିଡିଓ ରିଲିଜ ହେବାର ମାତ୍ର ଦିନ କେଇଟା ମଧ୍ୟରେ ୪୨ ହଜାର ଭ୍ୟୁ ସାଉଁଟିବା ସହ ସବୁ ସ୍ତରରେ ପ୍ରଶଂସିତ ହୋଇପାରିଛି।

ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଛି ଏହି ମ୍ୟୁଜିକ୍ ଭିଡିଓ। ଏହାର ଲିରିକ୍ସକୁ ଲେଖିବା ସହ ଏଥିରେ ସ୍ୱର ସଂଯୋଜନା ଏବଂ ଏହାକୁ ଗାଇଛନ୍ତି ଓଡ଼ିଶା ଜନ୍ମିତ ର୍‍ୟାପର୍ ବିଗ୍ ଡିଲ୍ ବା ସମୀର ରିସୁ ମହାନ୍ତି। ଭିଡିଓରେ ଅଭିନୟ କରିଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଅଭିନେତ୍ରୀ ପ୍ରକୃତି ମିଶ୍ର, ନବାଗତ ପ୍ରଭେଜ କୁମାର ଓ ରୁଦ୍ର। ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କ ମଧ୍ୟରେ ର୍‍ୟାପିଂର ଲୋକପ୍ରିୟତା ବୃଦ୍ଧି ପାଇଥିବା ବେଳେ ଏହି 'ସ୍କିଲ୍‌ଡ ଇନ୍ ଓଡ଼ିଶା' ଆନ୍ଥେମ୍‌କୁ ର୍‍ୟାପ୍ ମାଧ୍ୟମରେ ପରିବେଷଣ କରାଯାଇଛି। ଗୀତର ଲିରିକ୍ସରେ ଉଭୟ ଓଡ଼ିଆ ଏବଂ ହିନ୍ଦୀ ରହିଥିବା ବେଳେ ଓଡ଼ିଆ ଲିରିକ୍ସକୁ ବେଶ୍ ଭଲ ଭାବେ ସଜାଇଛନ୍ତି ସମୀର। 'ତୁ କରି ଯା, ତୁ ଲଢ଼ି ଯା, ତୁ ବଢ଼ି ଯା...ଧନ ତୁ ହେଲୁ ସ୍କିଲ୍‌ଡ ଇନ୍ ଓଡ଼ିଶା' ଓ 'ଭୁଲିବନି ତମେ ହେଲ ଓଡ଼ିଶାର କୌଶଳ...ବୟସରେ କମ୍ କିନ୍ତୁ ହବ ତମେ ବାହୁ ବଡ଼' ଭଳି କିଛି ପଂକ୍ତି ଲୋକଙ୍କ ଦ୍ୱାରା ଆଦୃତ ହୋଇଛି। ଗତ ଡିସେମ୍ବର ୨୮ରେ ବିଗ୍ ଡିଲ୍ ୟୁଟ୍ୟୁବ୍ ଚ୍ୟାନେଲରେ ରିଲିଜ ହୋଇଥିବା ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ରାଜ୍ୟରେ ମ୍ୟାଲେରିଆ ନିରାକରଣ

# ପରୀକ୍ଷଣ ଜ୍ଞାନକୌଶଳ, ଆର୍ଥିକ ସହାୟତା ଯୋଗାଇବ ଆବୋଟ୍




**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ଓଡ଼ିଶାରେ ମ୍ୟାଲେରିଆ ନିରାକରଣ ପାଇଁ ଆବୋଟ୍ ପକ୍ଷରୁ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଏ ସମ୍ପର୍କରେ ଶୁକ୍ରବାର ଆବୋଟ୍ ପକ୍ଷରୁ ଘୋଷଣା କରାଯାଇଛି। ରାଜ୍ୟକୁ ମ୍ୟାଲେରିଆମୁକ୍ତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ମିଳିତ ସହଯୋଗ ଦ୍ୱାରା ଗତବର୍ଷ ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତ ମୃତ୍ୟୁ ସଂଖ୍ୟାରେ ଯଥେଷ୍ଟ ହ୍ରାସ ପରିଲକ୍ଷିତ ହୋଇଛି। ରାଜ୍ୟର ଜନସଂଖ୍ୟା ୪୨ ନିୟୁତ ଥିବାବେଳେ ଭାରତରେ ଦେଖାଦେଉଥିବା ମ୍ୟାଲେରିଆ ରୋଗୀଙ୍କ ମଧ୍ୟରୁ ରାଜ୍ୟର ୪୦ ପ୍ରତିଶତ ଲୋକ ରହିଥିବା ୨୦୧୬ ରିପୋର୍ଟରେ ଉଲ୍ଲେଖ ରହିଛି। ଏହା ଦକ୍ଷିଣ ପୂର୍ବ ଏସିଆ ରୋଗୀଙ୍କ ସଂଖ୍ୟାର ଏକତୃତୀୟାଂଶ। ୨୦୩୦ ସୁଦ୍ଧା ଭାରତକୁ ମ୍ୟାଲେରିଆମୁକ୍ତ କରିବା ପାଇଁ ୨୦୧୫ରେ ଭାରତ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟଧାରା ପ୍ରସ୍ତୁତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ ମ୍ୟାଲେରିଆମୁକ୍ତ ତଥା ଏଠାରେ ଏହାର ନିୟନ୍ତ୍ରଣ ପାଇଁ ଅଭିଯାନ ଆରମ୍ଭ ହୋଇଛି। 'ମ୍ୟାଲେରିଆ ନୋ ମୋର୍' ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଆବୋଟ୍ ପକ୍ଷରୁ ରାଜ୍ୟକୁ ୧ ନିୟୁତ ରାପିଡ୍ ଚିହ୍ନଟ ପରୀକ୍ଷଣ(ଆର୍‌ଡିଟିଏସ୍), ଆବଶ୍ୟକ ଜ୍ଞାନକୌଶଳ ଓ ବିଶେଷଜ୍ଞ ଯୋଗାଇ ଦିଆଯିବ। ଏହାଦ୍ୱାରା ସର୍ଭେଲାନ୍ସ ଏବଂ ଚିହ୍ନଟ ପ୍ରକ୍ରିୟା ବେଶ୍ ସଶକ୍ତ ହୋଇପାରିବ। ଏହା ସହିତ ଆବୋଟ୍ ପକ୍ଷରୁ ଅତିରିକ୍ତ ଭାବେ ୩ ବର୍ଷ ପାଇଁ ୭୫୦,୦୦୦ ଆମେରିକୀୟ ଡଲାର( ୫୨ ନିୟୁତ ଟଙ୍କା)ର ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ରାଜ୍ୟରେ ମ୍ୟାଲେରିଆ ନିରାକରଣ ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟଧାରା ପ୍ରସ୍ତୁତ କରାଯାଇ ଓଡ଼ିଶାକୁ ଏକ ମଡେଲ୍ ଭାବେ ଗ୍ରହଣ କରାଯିବାର ଯୋଜନା ରହିଛି ବୋଲି ଆବୋଟ୍ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା, 'ମ୍ୟାଲେରିଆ ନୋ ମୋର୍' ସିଇଓ ମାର୍ଟିନ୍ ଇଡଲୁଣ୍ଡ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପାତ୍ରପଡ଼ାର ୩ ସ୍ଥାନରେ ବୋମାମାଡ଼

**ପାତ୍ରପଡା,୧୧।୧(ଡି.ଏନ.ଏ)**

ଖଣ୍ଡଗିରି ଥାନା ଅଧୀନ ପାତ୍ରପଡା ଅଞ୍ଚଳରେ ୩ ସ୍ଥାନରେ ଗୁରୁବାର ବିଳମ୍ବିତ ରାତିରେ ବୋମାମାଡ ହୋଇଛି। ଏଥିରେ ବିଶେଷ କିଛି କ୍ଷୟକ୍ଷତି ହୋଇ ନ ଥିବାବେଳେ ଶୁକ୍ରବାର ଏ ନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରୁ ଦୁଇଟି ଅଫୁଟା ବୋମା ସହ କିଛି ସୁତୁଲି ସଂଗ୍ରହ କରିଛି। ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ସାଢେ ୨ଟାରେ ପାତ୍ରପଡା ଗାଁର ମନୋଜ ରାଉତରାୟ, ମାନସ କୁମାର ପାଇକରାୟଙ୍କ ଘରକୁ ଲକ୍ଷ୍ୟ କରି ବୋମାମାଡ ହୋଇଥିଲା। ପରେ ଦୁର୍ବୃତ୍ତମାନେ ଅନ୍ୟ ଦୁଇଗୋଟି ଜାଗାରେ ବୋମା ଫିଙ୍ଗି ଥିଲେ। ପୋଲିସ ଘଟଣାସ୍ଥଳରେ ଲାଗି ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଜାଣିବାକୁ ପାଇଛି। ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ବୋମା ଫିଙ୍ଗୁ ଥିବା ଦେଖିବାକୁ ମିଳିଛି। ହେଲେ ସେମାନଙ୍କ ଫଟୋ ଚିତ୍ର ସ୍ପଷ୍ଟ ହେଉ ନ ଥିବାରୁ ପରିଚୟ ମିଳି ପାରିନାହିଁ। ଏ ନେଇ ମନୋଜ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପାତ୍ରପଡା ଅଞ୍ଚଳରେ ପୂର୍ବ ବିବାଦକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ଦୀର୍ଘଦିନ ହେଲା ବିବାଦ ଲାଗି ରହିଛି। ଏହାକୁ ଆଳ କରି କୌଣସି ଏକ ଗୋଷ୍ଠୀ ଏଭଳି ଘଟାଉଥିବା ନେଇ ଅଭିଯୋଗ ହୋଇଛି। ଏ ଘଟଣା ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ

# ହାଇକୋର୍ଟର ପୂର୍ବତନ ଅଧିକାରୀଙ୍କ ଗଳିତ ମୃତଦେହ ଉଦ୍ଧାର

■ ଡିସେମ୍ବର ୩୧ରୁ ନିଖୋଜ ଥିଲେ

■ ମୃତ୍ୟୁ କାରଣ ଖୋଜିବା ପାଇ ଦାବି କଲେ ପୁଅ



**କଟକ ଅଫିସ, ୧୧।୧**

ଗତ ୩୧ ତାରିଖରୁ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ମର୍କତନଗର ଥାନା ଅଧୀନ ସେକ୍ଟର-୮ ଅଞ୍ଚଳର ଏକ ବୁଦାମୂଳରୁ ସୋମବାର ପୋଲିସ ଉଦ୍ଧାର କରିଛି। ସେ ହେଲେ ହାଇକୋର୍ଟର ପୂର୍ବତନ ବରିଷ୍ଠ ସଚିବ ପ୍ରଦୀପ ପ୍ରଧାନ(୫୬)। ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି। ଅନ୍ୟପକ୍ଷରେ କିପରି ପରିସ୍ଥିତିରେ ପ୍ରଦୀପଙ୍କ ମୃତ୍ୟୁ ଘଟିଛି ତା'ର କାରଣ ଖୋଜିବା ପାଇଁ ପ୍ରଦୀପଙ୍କ ପୁଅ ସୁପ୍ରୀତ ମର୍କତନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ବିଶ୍ୱାଳଙ୍କ କହିବାନୁଯାୟୀ, ପ୍ରଦୀପ ନିଜ ପରିବାର ସହିତ ଲାଲବାଗ ଥାନା ଅଧୀନ ଚାନ୍ଦିନୀଚୌକ ଅଞ୍ଚଳରେ ରୁହନ୍ତି। କିଛିଦିନ ତଳେ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତେବେ ଡିସେମ୍ବର ୩୧ ତାରିଖ ସକାଳେ ପ୍ରଦୀପ ନିଜ ସ୍କୁଟିରେ ଘରୁ ବାହାରି ଆସିଥିଲେ। ଏହାପରେ ସେ ପୁଅଙ୍କୁ ଫୋନ କରି କହିଥିଲେ, ମୁଁ ସବୁଦିନ ପାଇଁ ଏ ଦୁନିଆ ଛାଡ଼ି ଚାଲିଯାଉଛି। ତୁମେମାନେ କେହି ମନ ଦୁଃଖ କରିବ ନାହିଁ। ଏହା କହିସାରି ସେ ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ସହିତ ଲାଲ୍‌ବାଗ ଥାନାରେ ନିଖୋଜ ସମ୍ପର୍କରେ ଜଣାଇଥିଲେ। ଏହାପରେ ପ୍ରଦୀପଙ୍କ ସ୍କୁଟି ଓ ହେଲ୍‌ମେଟ୍ ସିଡିଏ ରାସ୍ତାକଡ଼ରୁ ଉଦ୍ଧାର କରାଯାଇଥିଲା। ହେଲେ ପ୍ରଦୀପଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ଏଭଳି ସ୍ଥିତିରେ ଶୁକ୍ରବାର ସକାଳେ ସେକ୍ଟର-୮ ଅଞ୍ଚଳର ଉକ୍ତ ବୁଦାମୂଳରୁ ଦୁର୍ଗନ୍ଧ ବାହାରିଥିଲା। ଲୋକେ ଖୋଜାଖୋଜି କରିବାରୁ ସେଠାରେ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ମୃତଦେହରୁ ବାମଗୋଡ଼ ନ ଥିବା ବେଳେ ଅନେକ ସ୍ଥାନରୁ ମାଂସ ଝଡ଼ିଯାଇଛି। ଘଟଣାସ୍ଥଳରେ ଏକ ଜ୍ୟାକେଟ୍, ଘଣ୍ଟା, ମୁଦି, ଲାଇଟର ଇତ୍ୟାଦି ପଡିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହିତ ପହଞ୍ଚି ତଦନ୍ତ କରିଥିଲା। ଆଇଆଇସି ବିଶ୍ୱାଳଙ୍କ କହିବା ଅନୁଯାୟୀ, କିଛିଦିନ ପୂର୍ବରୁ ପ୍ରଦୀପ ଲେଖିଥିବା ଏକ ଚିଠି ତାଙ୍କ ଘରୁ ମିଳିଛି। ଯେଉଁଥିରେ ସେ ଉଲ୍ଲେଖ କରିଥିଲେ ଯେ, ମୋ ବାଟରେ ମୁଁ ଚାଲିଯାଉଛି। ମୋ ପାଇଁ କେହି ଦୁଃଖ କରିବନି କି ବ୍ୟସ୍ତ ହେବନି। ଅନ୍ୟପକ୍ଷରେ ପ୍ରଦୀପଙ୍କ ମୃତ୍ୟୁ କିଭଳି ଘଟିଛି ତାହାକୁ ନେଇ ପୁଅ ସୁପ୍ରୀତ ସନ୍ଦେହବ୍ୟକ୍ତ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ବିଶ୍ୱାଳ କହିଛନ୍ତି।

■ ଗୋଲଡେନ ବାବାଙ୍କ ସହ ରାଜନେତାଙ୍କ ସମ୍ପୃକ୍ତି ଅଭିଯୋଗରେ ଛାତ୍ର କଂଗ୍ରେସର ବିକ୍ଷୋଭ

# ଅଟକାଇବାରୁ ପୋଲିସକୁ ଅଣ୍ଡାମାଡ଼

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ଗୋଲ୍‌ଡେନ ବାବାଙ୍କ ସହ ମେୟର ଅନନ୍ତ ନାରାୟଣ ଜେନା ଓ ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁଙ୍କ ଲିଙ୍କ୍ ଥିବା ଅଭିଯୋଗ କରିଛି ଛାତ୍ର କଂଗ୍ରେସ। ଉଭୟଙ୍କୁ ଗିରଫ ଦାବିରେ ଶୁକ୍ରବାର ଦଳ ପକ୍ଷରୁ ନୀବନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ତେବେ ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇବାରୁ ସେମାନେ ପୋଲିସ ଉପରକୁ ଅଣ୍ଡା ଏବଂ ଟାମାଟୋ ମାଡ଼ କରିଥିଲେ। ଡିସିପି ଅନୁପ ସାହୁ ମଧ୍ୟ ଏଥିରୁ ବର୍ତ୍ତି ନ ଥିଲେ।

ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଇଟୀଶ୍ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏବଂ ସମର୍ଥକ କଂଗ୍ରେସ ଭବନରୁ ଶୋଭାଯାତ୍ରାରେ ବାହାରି ଶିଶୁଭବନ ଅଭିମୁଖେ ଯାଇଥିଲେ। ବିକ୍ଷୋଭକାରୀମାନେ ଶିଶୁ ଭବନ ଛକରେ ପହଞ୍ଚିବା ପରେ ମେୟର ଏବଂ ଚିନ୍ମୟ ସାହୁଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହାପରେ ସେମାନେ ପୋଲିସ ବ୍ୟାରିକେଡ ଭାଙ୍ଗି ଆଗକୁ ଯିବାକୁ ଉଦ୍ୟମ କରିବାବେଳେ ପୋଲିସ ଅଟକାଇଥିଲା। ଛାତ୍ର କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ପୋଲିସ ଉପରକୁ ଅଣ୍ଡା ଏବଂ ଟମୋଟୋ ମାଡ କରିଥିଲେ। ଡିସିପି ସାହୁଙ୍କ ମୁଣ୍ଡ ଏବଂ ଗୋଡ଼କୁ ବିକ୍ଷୋଭକାରୀ ଅଣ୍ଡା ଫିଙ୍ଗିଥିଲେ। ଏହାପରେ ପୋଲିସ ୪୦ ବିକ୍ଷୋଭକାରୀଙ୍କୁ କାବୁ କରି ନେଇଥିଲା। ଆଇନକୁ ହାତକୁ ନେଇଥିବାରୁ କ୍ୟାପିଟାଲ ଥାନା ପୋଲିସ ଏକ ମାମଲା(୧୩/୧୯) ରୁଜୁ କରି ଇଟୀଶ୍ ପ୍ରଧାନଙ୍କ ସମେତ, ସୌଭାଗ୍ୟନଗରର ବିଶ୍ୱରଞ୍ଜନ ପାଣିଗ୍ରାହୀ, ସାଲେପୁରର ଅହମଦ ଖାଁ, ଗୌତମନଗରର ଆଦିତ୍ୟ ପ୍ରୀତମ ଦାଶ, ପାରାଦୀପଗଡର ବିପ୍ଳବ କେଶରୀ ପରିଡା ଓ ନୟାଗଡ ବେଗୁନିଆର ଅକ୍ଷର କୁମାର ମଲ୍ଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଅନ୍ୟପକ୍ଷରେ ଛାତ୍ର କଂଗ୍ରେସର ଏଭଳି ଅଭିଯୋଗକୁ ମେୟର ଅନନ୍ତ ନାରାୟଣ ଜେନା ଓ ଚିନ୍ମୟ ସାହୁ ଖଣ୍ଡନ କରିଛନ୍ତି। ରାଜନୈତିକ ଫାଇଦା ପାଇଁ ଛାତ୍ର କଂଗ୍ରେସ ଏଭଳି କରୁଥିବା ଉଭୟେ କହିଛନ୍ତି।

**ଇଟୀଶ ପ୍ରଧାନଙ୍କ ସମେତ ୬ ଗିରଫ**



ଛାତ୍ର କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଉଛି।

# ଏୟାରପୋର୍ଟ ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାରକୁ ନେଇ ଉତ୍ତେଜନା

**ପୁରୁଣା ଭୁବନେଶ୍ୱର, ୧୧।୧(ଡି.ଏନ.ଏ.)**

ଅନ୍ତର୍ଜାତୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡା ଜମୁଛି। ଏପରିକି ପୋଲିସର କୋହଳ ପଦକ୍ଷେପ ଏବଂ ଢିଲା ସୁରକ୍ଷା ବ୍ୟବସ୍ଥା, ପାଟ୍ରୋଲିଂ ଯୋଗୁ ପ୍ରତ୍ୟହ କିଛି ନା କିଛି ଅପରାଧ ଘଟୁଛି। ଏପରି କି ଏବେ ଏହି ଅଞ୍ଚଳର ମୁଖ୍ୟ ଟ୍ରାଫିକ୍ ଛକ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ବ୍ରାଉନ ସୁଗାର କାରବାର ହେଉଥିବା ଜଣାପଡ଼ିଛି। ଏହା ଆଜିର ଘଟଣା ନୁହେଁ ପୂର୍ବରୁ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଛି। ଶୁକ୍ରବାର ଏୟାର ପୋର୍ଟ ଅଞ୍ଚଳରେ କେତେଜଣ ଯୁବକ ଖୋଲା ବଜାରରେ ଏହି ପାଉଡ଼ର ବିକ୍ରି କରୁଥିବା ଜଣାପଡ଼ିବା ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର କେତେକ ମହିଳା ବିରୋଧ କରିଥିଲେ। ଘଟଣାସ୍ଥଳରେ ମହିଳାମାନେ ହୋହଲ୍ଲା କରିବାରୁ ପୋଲିସ କେତେଜଣ ଯୁବକଙ୍କୁ ଉଠାଇ ନେଇ ଥାନାରେ ପଚରାଉଚରା କରୁଛି। ଏ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଏୟାରପୋର୍ଟ ଥାନାର ଜଣେ କର୍ମଚାରୀ କୁହନ୍ତି, ଘଟଣା ଉପରେ ଖବରପାଇ ପୋଲିସ ଅନୁସନ୍ଧାନ ଚଳାଇଛି। ସେଭଳି କୌଣସି ଅପ୍ରୀତିକର ଘଟଣା ଘଟିନାହିଁ ବୋଲି ସେ କହିଛନ୍ତି।


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

**No. 236 / 2019 (F.W), Rayagada, dated, the 10.01.2019**

**TENDER CALL NOTICE**

**No.764-E:-** Sealed tenders are invited from the eligible Printers/Suppliers/Firms/Govt Supplier for supply of IEC/ BCC MATERIALS & FIXATION OF HOARDINGS with reference to the Advt. No. 1/IEC/BCC Rayagada/2018-19.

The tender papers with all terms and conditions in respect of printing of IEC/BCC materials may be collected from CDM&PHO Rayagada, (ADPHO F.W Wing) with submitting demand draft of Rs. 1000/- in favour of CDM&PHO Rayagada as tender paper cost which is not refundable. Or the tender paper download the tender document from the district website www.rayagada.nic. in. The tender paper should reach to the undersigned by **Registered/Speed Post** only. The last date of receiving the tender papers is on or before 29.01.2019 up to 5.00 PM and will be opened on 30.01.2019 at 11.00 AM in the Office Chamber of CDM&PHO, Rayagada. The parties or authorized representative may present at the time of opening of tender. The tender paper received after due date and incomplete paper will not be entertained. The undersigned reserves the right to modify or cancel the tender call notice without assigning any reason thereof.

**Sd./- Chief District Medical & Public Health Officer, Rayagada**

10035/11/0029/1819

## GOVERNMENT OF ODISHA
## e-Procurement Notice, ANGUL (R&B) DIVISION

No.1119-B:- **Bid Identification No.-44 of 2018-19**

**e-mail ID: angulrbdivision@yahoo.co.in**

| | | | |
|---|---|---|---|
| 1. | Number of Works | : | 1 (One) number of road work |
| 2. | Approximate estimated cost | : | Rs. 96.62 lakh |
| 3. | Period of completion | : | 03 (Three) calendar month |
| 4. | Date & Time of availability of bid document in the portal | : | Dt. 16.01.2019 at 10.00 AM |
| 5. | Last date/ Time for receipt of bid in the portal | : | Dt. 31.01.2019 up to 5.00 PM |
| 6. | Date of opening of Bid | : | Dt. 01.02.2019 at 11.00 AM |
| 7. | Name and address of the Officer Inviting Bid | : | Executive Engineer, Angul (R&B) Division, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal https:/tendersodisha.gov.in.

**Sd./- Executive Engineer Angul (R&B) Division**

34074/11/0030/1819

## BERHAMPUR MUNICIPAL CORPORATION, BERHAMPUR

**Quotation Call Notice**

**Letter No. 450/ F1-IV-15/18 Dt. 11.01.19**

No.409-C:- Berhampur Municipal Corporation, Berhampur inviting sealed quotation from Agency/ firm having prior experience for printing of banners/ flex including flexication of frame, flex pasting and transportation cost at various locations under BeMC area.

1. Interested agency may send their financial quotations in the hard copy to Commissioner, Berhampur Municipal Corporation, Berhampur through speed post or by hand, on or before Dt. 21.01.2019.
2. The financial quotations should be enclosed in a sealed envelope, along with registration certificate and proof of prior wok with government.
3. The quotation should be submitted in the prescribed format. The details are available on the website www.berhampur.gov.in. For any clarification you can contact Commissioner Office during office hours.
4. Details of the subject to be printed on the Banner/Flex will provided by the BeMC.
5. The corporation has right to reject any or all quotation without assign thereof.
6. Bid should be accompanied with 2% of total quoted value as EMD.

**Sd./- Commissioner Berhampur Municipal Corporation**

13035/11/0185/1819


See Career Appointment on every Wednesday & Saturday

## ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ପୁରୁଣା ଭୁବନେଶ୍ୱର/ ପିପିଲି, ୧୧।୧(ଡି.ଏନ.ଏ.):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗୁଡ଼ିଆପୋଖରୀ ଛକ ନିକଟ ସିଉଳା ପେଟ୍ରୋଲ ଟାଙ୍କିଠାରେ ଶୁକ୍ରବାର ଗାଡ଼ି ଧକ୍କାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପୋଲିସ୍ ସୂଚନା ମୁତାବକ, ଭୋରରୁ ବୃଦ୍ଧ ବ୍ୟକ୍ତି ଜଣକ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଯାଉଥିବା ଗାଡ଼ି ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଉତ୍ତରା ଫାଣ୍ଡି ପୋଲିସ ମୃତଦେହ ଜବତ କରିବା ସହ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ୭୨ଘଣ୍ଟା ଭିତରେ ତାଙ୍କର ପରିଜନ ନ ପହଞ୍ଚିଲେ ମୃତଦେହ ସଂସ୍କାର କରାଯିବ ବୋଲି ଉତ୍ତରା ଫାଣ୍ଡି ଇନଚାର୍ଜ ଅଶୋକ ଗୋଚ୍ଛାୟତ କହିଛନ୍ତି। ଏ ନେଇ ଥାନାରେ ଦଫା ୨୭୯, ୩୦୪ରେ ନଂ. ୧୫/୧୯ରେ ମାମଲା ରୁଜୁ ହୋଇଛି।

## ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ୍ ଉଦ୍ୟମ: ୨ଗିରଫ

### 'ପିଠା' କ୍ୟାମ୍ପରେ ପଢ଼ିବ କାଳିଆ କଥା

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** ଆସନ୍ତା ଜାନୁୟାରୀ ୧୫ ରୁ ୨୦ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ସ୍ତରରେ ଅନୁଷ୍ଠିତ ହେବ 'ପିଠା' କ୍ୟାମ୍ପ। ଏହି କ୍ୟାମ୍ପରେ କାଳିଆ ଯୋଜନା ଉପରେ ଆଲୋଚନା କରାଯିବ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ମିଳୁଥିବା ସମସ୍ତ ସହାୟତା ବିଷୟରେ ଅବଗତ କରାଯିବ। କୃଷି ଓ କୃଷକର ବିକାଶ ସହିତ ରାଜ୍ୟରେ ଦାରିଦ୍ର୍ୟ ହ୍ରାସ ନିମନ୍ତେ ରାଜ୍ୟ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। କାଳିଆ ଯୋଜନାରେ ରାଜ୍ୟର ୯୨ ପ୍ରତିଶତ ଋଣୀ, ଅଣଋଣୀ, ଭୂମିହୀନ, କୃଷି ଶ୍ରମିକ ଓ ଭାଗଚାଷୀ (ପ୍ରକୃତ ଚାଷୀ)ଙ୍କୁ ରାଜ୍ୟ ସରକାର ସାମିଲ କରିଛନ୍ତି। ଯୋଜନାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ 'ପିଠା' କ୍ୟାମ୍ପରେ ଏହାର ବହୁଳ ପ୍ରଚାର ଓ ପ୍ରସାର କରିବା ନିମନ୍ତେ ଯୋଜନା କରାଯାଇଛି। ରାଜ୍ୟ ସରକାର ଥ୍ରୀ-ଟି(ବୈଷୟିକ ଜ୍ଞାନକୌଶଳ, ସ୍ୱଚ୍ଛତା ଏବଂ ଟିମ୍ ୱାର୍କ)ର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ 'ପିଠା' କ୍ୟାମ୍ପ ଆୟୋଜନ କରିଛନ୍ତି। ରାଜ୍ୟରେ ପ୍ରତ୍ୟେକ ମାସ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ସ୍ତରରେ 'ପିଠା' କ୍ୟାମ୍ପ ନାମକ ଏକ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ଏହା କରାଯିବାକୁ ସ୍ଥିର କରାଯାଇଛି। କାଳିଆ ଯୋଜନାର ସୂଚନା, ଶିକ୍ଷା, ପ୍ରସାରଣ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର 'ପିଠା' କ୍ୟାମ୍ପ ମାଧ୍ୟମରେ ଏକ ସୁବିଦିତ ପଦ୍ଧତି ଭାବରେ ସୂଚିତ କରି ସୂଚନା ପ୍ରଦାନର ଏକ ଫଳପ୍ରଦ ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି। ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ହେବେ। ସେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହିତ ସଂଯୋଜକ ଭାବରେ କାର୍ଯ୍ୟକରି ଗ୍ରାମପଞ୍ଚାୟତରେ କାଳିଆ ଯୋଜନାର ସୂଚନା, ଶିକ୍ଷା ଓ ପ୍ରସାରଣ କାର୍ଯ୍ୟକୁ ଭିଡ଼ିଓ ମାଧ୍ୟମରେ ସଚେତନତା ସୃଷ୍ଟି କରିବେ। 'କାଳିଆ' ବାର୍ତ୍ତା ହେଉଛି ରାଜ୍ୟ ସରକାରଙ୍କ 'କାଳିଆ ଯୋଜନା' ସୂଚନା ସମ୍ବନ୍ଧୀୟ ଏକ ଅଭିନବ ସେବା, ଯାହାକି ନୂତନ ଭାବେ ଶୁଭାରମ୍ଭ କରାଯାଇ ଯୋଜନା ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇଥାଏ। ଆଜି ସୁଦ୍ଧା ଏହି ସୂଚନା ପ୍ରକ୍ରିୟାରେ ୨.୬୩ ଲକ୍ଷ କୃଷକ ଯୋଗଦାନ କରିପାରିଛନ୍ତି। 'କାଳିଆ' ଯୋଜନା ବିଷୟରେ ଜାଣିବା ପାଇଁ ୨୦ ଲକ୍ଷ ୮ ହଜାରରୁ ଅଧିକ ଏସ୍‌ଏମ୍‌ଏସ୍ ଲୋକମାନଙ୍କୁ ପଠାଇ ଦିଆଯାଇଛି ଏବଂ ଆଜି ସୁଦ୍ଧା ୨୬ ଲକ୍ଷ ୧୦ ହଜାର ଲୋକ 'କାଳିଆ ୱେବସାଇଟ୍'କୁ ବ୍ୟବହାର କରି ଏହି ଯୋଜନା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିପାରିଛନ୍ତି।

# ପୁଣି ଏକ ଶେଲ୍‌ଟର ହୋମ୍ ସିଲ୍

**ବ୍ରହ୍ମପୁର ଅଫିସ୍,୧୧।୧**

କିଶୋର ନ୍ୟାୟ ଆଇନ ଉଲ୍ଲଂଘନ କରୁଥିବା ଶେଲ୍‌ଟର ହୋମରେ ଗଞ୍ଜାମ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇ ସେଗୁଡିକୁ ବନ୍ଦ କରାଯାଉଛି। ଗୁରୁବାର ବ୍ରହ୍ମପୁର ସହରର ୨ଟି ଶିଶୁ ଭବନ ବ୍ଲେସିଂ ବଏଜ ହୋମ ଓ ଗ୍ରେସ ଗୋସ୍‌ପେଲ୍ ଗ୍ରେସ ହୋମରେ ଚଢ଼ାଉ କରାଯାଇଥିଲା। ଉଭୟ ସ୍ଥାନରେ ଶିଶୁମାନଙ୍କ ରହିବା ପାଇଁ ମୌଳିକ ସୁବିଧା ନ ଥିବା ଜଣାପଡ଼ିବା ପରେ ସେସବୁକୁ ବନ୍ଦ କରାଯାଇଥିଲା। ଶୁକ୍ରବାର ପୁଣି ସହରରେ ଥିବା ୱାର୍ଲ୍ଡ ମିଶନ୍ ଇଭାନ୍‌ଜେଲିଜମ୍ ନାମକ ଏକ ଶେଲ୍‌ଟର ହୋମ୍‌ରେ ଚଢ଼ାଉ କରାଯାଇ ତାହାକୁ ସିଲ୍ କରି ଦିଆଯାଇଛି ।

ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ଥିବା ୱାର୍ଲ୍ଡ ମିଶନ୍ ଇଭାନ୍‌ଜେଲିଜମ୍ ଶିଶୁ ଭବନରେ ପୂର୍ବରୁ ଚଢାଉ ହୋଇଥିଲା। ସର୍ବନିମ୍ନ ମୌଳିକ ସୁବିଧା ନ ଥିବା ହେତୁ ଏହାକୁ ବନ୍ଦ କରିବା ପାଇଁ ସେ ସମୟରେ ଜିଲାପ୍ରଶାସନ ପକ୍ଷରୁ ଶେଲ୍‌ଟର ହୋମ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଦିଆଯାଇଥିଲା। ତଥାପି ତାହା ବନ୍ଦ ହୋଇ ନ ଥିଲା। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ଏବଂ

**କ୍ୟାମ୍ପ୍ ମାଧ୍ୟମରେ ୧୧୬ ଶିଶୁଙ୍କୁ ହସ୍ତାନ୍ତର**

ଶିଶୁ କଲ୍ୟାଣ କମିଟି ସଦସ୍ୟ ହରିହର ପାଢୀ, ସିଏଚ୍.ଜ୍ୟୋତି କୁମାରୀ, ଡ.ଶ୍ୟାମାକାନ୍ତ, ମିନତି ପ୍ରଧାନ ଏବଂ ଟାଉନ ଥାନା ପୋଲିସ ଚଢାଉ କରି ଉକ୍ତ ଶେଲ୍‌ଟର ହୋମକୁ ସିଲ୍ କରିଛନ୍ତି। ସେଠାରେ କ୍ୟାମ୍ପ୍ ଆୟୋଜନ କରାଯାଇ ଉଦ୍ଧାର ୮୮ ଶିଶୁଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ହୋଇଥିବା ବିଭିନ୍ନ ଜିଲାର ଶିଶୁମାନଙ୍କର ତାଲିକା ସମ୍ପୃକ୍ତ ଜିଲାର ଶିଶୁ ସୁରକ୍ଷା ୟୁନିଟ୍‌କୁ ପଠାଇ ଦିଆଯାଇଛି। ସେଠାରେ ଏମାନଙ୍କ ଥାଇଥାନ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ସୁବୋଧ ଷଡଙ୍ଗୀ କହିଛନ୍ତି। ଅନ୍ୟପକ୍ଷରେ ଗ୍ରେସ୍ ଗୋସ୍‌ପେଲ୍ ଗ୍ରେସ୍ ହୋମ୍‌ରୁ ଉଦ୍ଧାର ହୋଇଥିବା ୩୫ ଅନ୍ତେବାସୀଙ୍କ ମଧ୍ୟରୁ ୨୮ ଜଣଙ୍କୁ ପୂର୍ବାହ୍ନରେ କ୍ୟାମ୍ପ୍ ଆୟୋଜନ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଦିଆଯାଇଥିବା ଡିସିପିଓ ସୂଚନା ଦେଇଛନ୍ତି ।

## ଥାନା ମାଲ୍‌ଖାନାରେ ଷ୍ଟିମ୍ ଇଞ୍ଜିନ ଚକ ଚର୍ଚ୍ଚା

**ଅନୁଗୋଳ ଅଫିସ, ୧୧।୧**



ଅନୁଗୋଳ ଜିଲା ତାଳଚେର ଥାନାର ମାଲଖାନା ସଫେଇ ବେଳେ ଶୁକ୍ରବାର ଏକ ବହୁ ପୁରାତନ ଷ୍ଟିମ୍ ଇଞ୍ଜିନ ରେଳ ଚକ ମିଳିଥିବା ଚର୍ଚ୍ଚା ହେଉଛି। ଏହା କେବେଠାରୁ ମାଲ୍ ଖାନାରେ ଥିଲା ତାହା ଜାଣିବାକୁ ପୋଲିସ କର୍ମଚାରୀଙ୍କ ସହ ସାଧାରଣରେ ମଧ୍ୟ ଉତ୍କଣ୍ଠା ପ୍ରକାଶ ପାଇଛି। ଏ ସମ୍ପର୍କରେ ଖବର ପାଇବା ପରେ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ଘଟଣାର ଖୋଳତାଡ଼ କରିବାକୁ ଥାନା ଅଧିକାରୀଙ୍କୁ କହିଛନ୍ତି। ଏପରି କି ଚକ ସମ୍ବନ୍ଧୀୟ ସମସ୍ତ ରେକର୍ଡ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ମିତ୍ରଭାନୁ ମହାପାତ୍ର ଏପରି କିଛି ମିଳିଥିବା କହିଥିଲେ ବି ଆବଶ୍ୟକ ଡକ୍ୟୁମେଣ୍ଟ ଦେଖିଲା ପରେ ଏହା ଷ୍ଟିମ୍ ଇଞ୍ଜିନ ଚକ କି ନାହିଁ ତାହା ଜଣାପଡ଼ିବ ବୋଲି କହିଛନ୍ତି।

# ବିଜେଡି, କଂଗ୍ରେସ କର୍ମୀ ମୁହାଁମୁହିଁ

**ଆମ ଗାଁ,ଆମ ବିକାଶ କାର୍ଯ୍ୟକ୍ରମ**

■ ଅଧାରୁ ଉଠି ପଳାଇଲେ ବିରୋଧୀଦଳ ନେତା

**ବଲାଙ୍ଗୀର ଅଫିସ, ୧୧।୧:** ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଶିବତଳାଠାରେ ଶୁକ୍ରବାର ଆମ ଗାଁ,ଆମ ବିକାଶ କାର୍ଯ୍ୟକ୍ରମ ଚାଲିଥିବାବେଳେ ଉଭୟ ବିଜେଡି ଓ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଅଧାରୁ ଉଠି ଚାଲିଯିବା ଘଟଣା ଏଠାରେ ଆଲୋଚ୍ୟ ବିଷୟ ହୋଇଛି । ସେଠାରୁ ଫେରିବା ପରେ ବିଧାୟକ ମିଶ୍ର ଖବରଦାତା ସମ୍ମିଳନୀ ଡାକି ବିଜେଡି ନେତୃବୃନ୍ଦ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସରକାରୀ କାର୍ଯ୍ୟକ୍ରମରେ ବିଜେଡି ନେତୃବୃନ୍ଦ ଦାଦାଗିରି କରୁଥିବା କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ମାଇକ୍ ବ୍ୟବହାର କରି କର୍ମୀମାନେ ସ୍ଥାନୀୟ ବିଜେଡି ନେତାଙ୍କ ଜିନ୍ଦାବାଦ କରିଥିଲେ । ଏଥିରେ ହସ୍ତକ୍ଷେପ କରିବା ପରିବର୍ତ୍ତେ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିଲେ ବୋଲି ମିଶ୍ର ଅଭିଯୋଗ କରିଥିଲେ। ବିଜେଡି କର୍ମୀ ଓ ବିଜୁ ଯୁବବାହିନୀ ସେଠାରେ ଜିନ୍ଦାବାଦ ସ୍ଲୋଗାନ ଦେବା ପରେ କଂଗ୍ରେସ କର୍ମୀମାନେ ପ୍ରତିକ୍ରିୟା ପ୍ରକାଶ କରି ନାରାବାଜି କରିଥିଲେ। ଏଭଳି ପରିସ୍ଥିତିରେ ଶାନ୍ତିଭଙ୍ଗ ହେବା ଆଶଙ୍କା କରି ସେହି ସ୍ଥାନ ଛାଡି ସେ ଚାଲିଆସିଥିଲେ ବୋଲି ମିଶ୍ର କହିଛନ୍ତି ।

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଚାଲିଥିଲାବେଳେ କିଛି ପରାଜିତ ପ୍ରାର୍ଥୀ ଓ ତାଙ୍କ ପରିବାର ଲୋକେ ନିର୍ବାଚିତ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଚୌକିରେ ବସି ଯାଇଥିଲେ । ଏହାପରେ ଜଣେ ବିଜେଡି କାର୍ଯ୍ୟକର୍ତ୍ତା ସରକାରୀ ମାଇକ୍‌ରେ ସ୍ଥାନୀୟ କେତେଜଣ ବିଜେଡି ନେତାଙ୍କ ଜିନ୍ଦାବାଦ ନାରା ଦେଇଥିଲେ । ଏହାର ପ୍ରତିକ୍ରିୟାରେ କଂଗ୍ରେସ କର୍ମୀମାନେ ମଧ୍ୟ ଜିନ୍ଦାବାଦ କରିଥିଲେ । ଏ ଦିଗରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ନ ଥିଲା । ଏହାକୁ ନିନ୍ଦା କରୁଛି ବୋଲି ମିଶ୍ର କହିଥିଲେ । ଏନେଇ ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କୁ ପଚରାଯିବାରୁ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରି ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ପାଇଁ ୬ କୋଟି ଟଙ୍କାର ବିକାଶ ପ୍ରକଳ୍ପ ଘୋଷଣା କଲେ । ଏଥିରେ ବ୍ୟତିବ୍ୟସ୍ତ ହୋଇ କଂଗ୍ରେସ କର୍ମୀମାନେ ନାରାବାଜି କରିଥିଲେ ଓ ଏହାଦ୍ୱାରା ଶାନ୍ତିଭଙ୍ଗ ହେବା ଆଶଙ୍କା ଦେଖାଦେଇଥିଲା ବୋଲି ସିଂଦେଓ କହିଛନ୍ତି । ଏ ନେଇ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ପଚରାଯିବାରୁ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ହେଉଛି ମୁଖ୍ୟମନ୍ତ୍ରୀଙ୍କ ଏକ ଜନପ୍ରିୟ କାର୍ଯ୍ୟକ୍ରମ। ଏଥିରେ ବହୁସଂଖ୍ୟାରେ ଲୋକେ ଯୋଗ ଦେଇଥିଲେ। ଏଥିରେ ଯୋଗଦେବାକୁ କାହାକୁ କିଛି ବାରଣ କରାଯାଇ ନ ଥାଏ ବୋଲି ସେ କହିଥିଲେ ।

# କାଳିଆ ଏବେ ବିଜେଡିର ପିସି ଯୋଜନାରେ ପରିଣତ ହୋଇଛି: ଭାଜପା

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ କାଳିଆ ଯୋଜନା ବିଜେଡିର ପିସି ଯୋଜନାରେ ପରିଣତ ହୋଇଯାଇଛି ବୋଲି ଭାଜପା ଅଭିଯୋଗ କରିଛି। କାଳିଆ ଯୋଜନା କୃଷକମାନଙ୍କ ପାଇଁ ବୋଲି ସରକାର କହୁଥିବାବେଳେ, ଏହା କିନ୍ତୁ ଦଳୀୟ ପାଣ୍ଠି ଭାବେ ଖର୍ଚ୍ଚ କରିବାକୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ଅପରପକ୍ଷରେ କଂଗ୍ରେସ ମଧ୍ୟ କାଳିଆ ଯୋଜନାର ପୋଷ୍ଟର ଏବଂ ବ୍ୟାନର ଛାପିବାକୁ ନେଇ ଟେଣ୍ଡର ଫିକ୍ସିଂ ହୋଇଥିବା ଅଭିଯୋଗ କରିଛି। ଭାଜପା ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବା ବଦଳରେ ଦଳୀୟ ଆଧାରରେ ହିତାଧିକାରୀ ଚୟନ କରାଯାଇଛି । ରାଜ୍ୟରେ ଭାଗଚାଷୀଙ୍କ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ଯାହାଫଳରେ ଲକ୍ଷଲକ୍ଷ ଭାଗଚାଷୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି । କାଳିଆ ଯୋଜନାକୁ ନେଇ ଗାଁ, ଗହଳିରେ ବାଡାବାଡି ଆରମ୍ଭ ହୋଇଯାଇଛି । ପ୍ରକୃତ ଚାଷୀମାନେ ହକ୍ ଦାବି କରୁଥିବାବେଳେ ବିଜେଡି ଗୁଣ୍ଡାବାହିନୀ ଏବେ ସେମାନଙ୍କୁ ବାଡାବାଡି କରୁଛନ୍ତି । ଯୋଗ୍ୟ ହିତାଧିକାରୀଙ୍କ ମୁହଁକୁ ଚୁପ୍ କରିବା ପାଇଁ ବିଜେଡି ଗୁଣ୍ଡାବାହିନୀକୁ କାମରେ ଲଗାଇଛି ବୋଲି ସମୀର କହିଛନ୍ତି। ରାଜ୍ୟ ସରକାର 'କାଳିଆ' ଯୋଜନା ପାଇଁ ପୋଷ୍ଟର ଓ ବ୍ୟାନର ଛାପିବା ଲାଗି ଟେଣ୍ଡର ପ୍ରକ୍ରିୟା ସାରି ନାହାନ୍ତି। ମାତ୍ର ବର୍ତ୍ତମାନ ଉକ୍ତ ଯୋଜନାର ପୋଷ୍ଟର ଏବଂ ବ୍ୟାନର ଏକ ନିର୍ଦ୍ଦିଷ୍ଟ ଛାପାଖାନାରେ ଛପା ଯାଉଥିବା ନେଇ କଂଗ୍ରେସ ପାଖରେ ତଥ୍ୟ ଥିବା ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି। ରାଜ୍ୟରେ ଟେଣ୍ଡର ଫିକ୍ସିଂ ଚରମସୀମାରେ ପହଞ୍ଚିଛି ଏବଂ ବିନା ଟେଣ୍ଡରରେ 'କାଳିଆ' ଯୋଜନା ପାଇଁ ପୋଷ୍ଟର ଓ ବ୍ୟାନର ପ୍ରଭୃତି ଛପା ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଟେଣ୍ଡର କାହାକୁ ଦିଆଯିବ ସେକଥା ଆଗରୁ ସ୍ଥିର ହୋଇସାରିଛି ଏବଂ ଲୋକ ଦେଖାଣିଆ ଭାବରେ ଟେଣ୍ଡର ପ୍ରକ୍ରିୟାକୁ ସମ୍ପାଦନ କରାଯାଉଛି। ଏହାଦ୍ୱାରା ପ୍ରାୟ ୧୫କୋଟି ଟଙ୍କାର ଫିକ୍ସିଂ ହୋଇଥିବା ସତ୍ୟ ପ୍ରକାଶ ଅଭିଯୋଗ କରିଛନ୍ତି।

**ବ୍ୟାନର, ପୋଷ୍ଟର ଛାପିବା ନେଇ ଟେଣ୍ଡର ଫିକ୍ସିଂ ହୋଇଛି: କଂଗ୍ରେସ**


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**PERMANENT JOB**
OPENING NEW OFFICE AT CUTTACK & BHUBANESWAR
Vacancy - 20, Qualification- 10th/+2/Graduation. Age (18-30) yrs. Monthly Rs.10000/- and Room free. Contact :
Bhubaneswar : 9437277519
Cuttack : 7978772624

**URGENT REQUIRED**
ରାୟଗଡ଼ା, ଅନୁଗୁଳ, ବ୍ରହ୍ମପୁର, ମୟୂରଭଞ୍ଜ, ଭଦ୍ରକ, କଟକ, ଭୁବନେଶ୍ୱର
OFFICE STAFF ଆବଶ୍ୟକ।
Salary: 24,000/-.
Qualification: 9th to 10th or above.
Contact: 8018284966

**DRIVER REQUIRED**
12/14 ଚକିଆ Fly Ash Bulker ଚଳାଇବା ପାଇଁ ଅନ୍ୟୂନ 5 ବର୍ଷର Experience ଥିବା Driver ଆବଶ୍ୟକ।
Salary Best in Industries.
Contact: 9090848325

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-. (Part Time/Full Time)
Contact: 9938676412

**DIRECT JOINING CUSTOMER CARE / BPO**
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 7894509327

**WANTED**
The following Staffs for Steel Industries at Cuttack.
• FIELD SUPERVISORS
Contact
9437496020
9437021279

ନିଶ୍ଚୁକ ଭର୍ତ୍ତି OMIରେ ପୁଅ/ ଝିଅ ଆବଶ୍ୟକତା
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
07303523302

**Urgent Required for BBSR AIRPORT**
Qualification : 10th To Graduate
Post : C.S.A, Ground Staff, Cabin, Crew, Loader, Helper
Salary : 18000-35000 + Free Accommodation + Food
7694934663, 9090391585

ଚେନ୍ନାଇରେ ଚାକିରି + ରୁମ୍। ଇଂଲିଶ୍ କିମ୍ବା ହିନ୍ଦୀ କହିପାରୁଥିବେ। ୧) ରୋଷେୟା ୨) ଅଫିସ୍ ଫାଇଲ୍ ହ୍ୟାଣ୍ଡଲିଂ କ୍ଲର୍କ ୩) ଘର ପିଅନ ୪) ମେଡିକାଲ ଆସିଷ୍ଟାଣ୍ଟ। ଟ.୧୨୦୦୦-୧୬୦୦୦ । ଅଗରୱାଲ, ଏଫ୍‌ଏଫ୍‌ଏଫ୍
9884761210

**WANTED**
Wanted Expert Girl for Travel Agency. Computer Knowledge and Spoken English and Hindi must.
Contact
9040056776/9348861961

OrissaPOST HERE. NOW
**WANTED**
TRANSLATORS:-
Well versed in English and Oriya.
Apply within 7 days to :
recruitment@orissapost.com
Pay & perks will be the best in the industry for deserving candidates.

**ZILLA SWASTHYA SAMITI, NUAPADA**
**OFFICE OF THE CDM & PHO, NUAPADA**
**DPMU, NATIONAL HEALTH MISSION**
E-mail: dpmunua@gmail.com, Phone: (06678) 223346
Advt. No.: 001/DPMU/NHM/19 Date: 9.1.19

**WALK-IN-INTERVIEW**

Walk-in-Interview will be conducted for filling up the following posts under Zilla Swasthya Samiti, Nuapada on contractual basis for a period of 11 months with monthly remuneration as noted against each and subject to renewal as per society norms basing on the performance and subject to continuance of the programme.

| Sl. No. | Name of the Post | Vacancy | Date of Walk-in-Interview |
|---|---|---|---|
| 1 | Consultant - Medicine, NPHCE | 01 | 29.01.2019 |
| 2 | Doctor - dist. NCD Clinic - NPCDCS | 02 | 29.01.2019 |
| 3 | Pediatrician at DEIC | 01 | 29.01.2019 |
| 4 | MO - MBBS at DEIC | 01 | 29.01.2019 |
| 5 | Medical Officer DTC - RNTCP | 01 | 29.01.2019 |
| 6 | Medical Officer (SNCU) | 03 | 29.01.2019 |
| 7 | Optometrist, DEIC | 01 | 29.01.2019 |
| 8 | Clinical Psychologist | 01 | 05.02.2019 |
| 9 | Psychiatric Social Worker | 01 | 05.02.2019 |
| 10 | Psychiatric Nurse | 01 | 05.02.2019 |
| 11 | Community Nurse | 01 | 05.02.2019 |
| 12 | AYUSH Doctor (Homoeopathy) - RBSK | Female - 7 (ST-2, SC-1 & UR-4) Male - 2 (ST-1 & UR-1) | 31.01.2019 |
| 13 | AYUSH Doctor (Ayurvedic) - RBSK | Female - 1 (ST-1) UR Female Candidate can also apply | 31.01.2019 |
| 14 | AYUSH Doctor (Homoeopathy) - MHU | 01 (SC - 1) | 31.01.2019 |
| 15 | Social Worker | 01 | 05.02.2019 |

Interested eligible candidates can log on to www.nuapada.nic.in for details of vacancy, eligibility criteria, age, application format & selection procedure etc. Candidates fulfilling the eligibility criteria may appear for Walk-in-Interview as per above schedule, **Registration timing will be from 9.30 A.M. to 12 Noon for all above posts.** No application will be received beyond the scheduled timing of registration. The undersigned reserves the right to cancel any or all the applications/positions at any stage of recruitment process without assigning any reason thereof.

Sd./- Chief District Medical & Public Health Officer
Cum District Mission Director, NHM, Nuapada

See Career Appointment on every Wednesday & Saturday

**କୁକ୍ ଆବଶ୍ୟକ**
ଭୁବନେଶ୍ୱରର ଏକ ରେଷ୍ଟୁରାଣ୍ଟ (ଫୁଡ୍ ଟ୍ରକ୍) ପାଇଁ ଅଭିଜ୍ଞ ଇଣ୍ଡିଆନ୍, ଚାଇନିଜ୍ ଓ ମେକ୍ସିକାନ୍ କୁକ୍ ଆବଶ୍ୟକ।
ଯୋଗାଯୋଗ
୮୩୨୮୮୩୭୭୪୭, ୯୩୪୮୪୬୫୫୯୦

JOBS IN AIRPORT (ONLY MALE)
**Post : GROUND STAFF**
➡ Qual. : 9th Pass,10th & +2
➡ Age : 18 To 28 Years
➡ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact:
8339922964

**JOIN LIC AS AGENT**
Get:
- Stipend Per Month
- Attractive Commission
- Gratuity & more

Age: 18+
Qualification: 10th & above
To join Contact: 7064693160
For Bhubaneswar & Near Areas.




SKY AUTOMOBILES is hiring for Dhenkanal & Jajpur Dealership.
☞ SERVICE ADVISORS & FLOOR SUPERVISORS.
Diploma or Degree or ITI in Automobiles or Mechanical Motor Mechanic having minimum 2 years of experience in automobile service. Minimum Diploma is mandatory for service advisors Freshers are also encouraged to appear the interview. For the above two positions, four wheeler driving license is a must.
Interested persons can attend Walk-In-Interview with their updated CV, one photograph and original certificates.
WALK IN INTERVIEW
12, 14 & 15 January 2019, Time - 10am to 3pm
SKY AUTOMOBILES sales • service • spares - SINCE 1987
P.O - Bhanpur, NH-5, CUTTACK - 753011
7440025916, 7873008800 skycuttack@gmail.com
Persons unable to attend walk in interview can forward their CV to hrodisha@skyautomobiles.in.

**ଶିକ୍ଷାର୍ଥୀ ଆବଶ୍ୟକ**
ଶୁଶ୍ରୂଷା ଅଧୀନରେ ଘରୋଇସେବା ବା ହୋମନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ। ୨ ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ଜାନୁଆରୀ ୧୬ ତାରିଖ ୨୦୧୯ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ୧୫ ଜାନୁଆରୀ ୨୦୧୯। ଟ୍ରେନିଂ ସମୟରେ କୌଣସି କୋର୍ସ ଫି ନିଆଯିବ ନାହିଁ ଏବଂ ହଷ୍ଟେଲ୍‌ରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା: ସମ୍ପାଦିକା ଶୁଶ୍ରୂଷା, ପ୍ଲଟ ନଂ: ୪୯୩, ଭୀମପୁର, କାର୍ଗିଲ୍ ରୋଡ୍, ପଲାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦, ଟେଲିଫୋନ: ୭୩୨୫୮୪୬୮୪୫, ମୋ: ୮୮୯୫୩୪୦୫୪୫, ୮୯୮୪୧୯୬୦୫୦, ଯୋଗାଯୋଗ ସମୟ: ୧୦.୩୦ ଠାରୁ ୪ଟା ପର୍ଯ୍ୟନ୍ତ

**Req. for Limited Co.**
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ
ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately:
Mob: 8763257042

An upcoming hotel group requires the following personnel for Its property In Bhubaneswar.
☞ SR.CAPTAIN & SR.STEWARDS IN F & B SERVICE & BAR. (Male/Female)
☞ FRONT OFFICE EXECUTIVES/ASSISTANTS. (Female/Male)
☞ ACCOUNTS MANAGER (Minimum 4years experience in Hotel industry)
☞ UTILITY (Male) ☞ JUGGLER BOY (For Bar)
Experience in hotel industry with strong command & fluency in English and Hindi is mandatory.Salary will not be a constraint for the suitable candidate. **WALK-IN INTERVIEW on13th & 14th January 2019**. Meet In person with Your CV at:
**HOTEL THE MIDDLETON**
Plot # 313, District Centre (Behind BPCL petrol pump), Chandrasekharpur, Bhubaneswar. Ph. 08637261334/ 06371593084. for outstation candidates, Email/ Whatsapp to: themiddletondc@gmail.com/ 08895816612.

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Dollar 70.49 (8) | Sensex 96.66 36,009.84 | Nifty 26.65 10,794.95 | Gold ₹40 33,030.00 | Silver ₹60 40,450.00

ଆମାଜନ ଗ୍ରେଟ୍ ଇଣ୍ଡିଆନ ସେଲ୍‌ରେ ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବିକ୍ରି କରାଯିବ।
– ମନୀଷ ତିୱାରୀ, ଭାଇସ ପ୍ରେସିଡେଣ୍ଟ, ଆମାଜନ ଇଣ୍ଡିଆ



ଭାରତରେ କୃଷି ଋଣ ଛାଡ଼ ଆର୍ଥିକ ସିଦ୍ଧାନ୍ତର ବିରୋଧାଭାସ କରୁଛି। ଏହାଦ୍ୱାରା ଚାଷୀଙ୍କର ସଙ୍କଟ ଦୂର ହେବ ନାହିଁ।
– କେନିଚି ୟୋକୋୟାମା, ଭାରତ ଲାଗି ଏଡିବି କଣ୍ଟ୍ରି ଡାଇରେକ୍ଟର



## ସଂକ୍ଷେପରେ

### ପେଟ୍ରୋଲ ମାସର ସର୍ବୋଚ୍ଚ ସ୍ତରରେ

ଡିଜେଲ ମଧ ମହଙ୍ଗା



**ନୂଆଦିଲ୍ଲୀ,୧୧-୧:** ବ୍ୟୟଭାର ବୃଦ୍ଧି କାରଣରୁ ପେଟ୍ରୋଲିୟମ କମ୍ପାନୀଗୁଡିକ ଶୁକ୍ରବାର ପେଟ୍ରୋଲ ଦାମ୍‌ରେ ୧୯ ପଇସା ଓ ଡିଜେଲ ଦାମ୍ ୨୮ ପଇସା ବୃଦ୍ଧି କରିଛନ୍ତି। ଜାରି ଅଧିସୂଚନାନୁଯାୟୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୬୮.୮୮ଟଙ୍କାରୁ ବଢ଼ି ୬୯.୦୭ ଟଙ୍କା ହୋଇଛି, ଯାହାକି ଚଳିତ ମାସର ସର୍ବୋଚ୍ଚ ସ୍ତର କୁହାଯାଉଛି। ସେହିପରି ଡିଜେଲ ଲିଟର ପିଛା ୬୨.୫୩ଟଙ୍କାରୁ ବୃଦ୍ଧି ପାଇ ୬୨.୮୧ ଟଙ୍କା ହୋଇଛି। ମୁମ୍ବାଇରେ ଏହା ଯଥାକ୍ରମେ ୭୪.୭୨ ଟଙ୍କା ଏବଂ ୬୫.୭୩ ଟଙ୍କା ରହିଛି। ସ୍ଥାନୀୟ କର ଅଥବା ଭାଟ୍ ହାର ଭିନ୍ନ ହେବା କାରଣରୁ ବିଭିନ୍ନ ରାଜ୍ୟରେ ଇନ୍ଧନ ଦରରେ ପାର୍ଥକ୍ୟ ଆସିବ। ନୂଆ ବର୍ଷର ପ୍ରଥମ ମାସରେ ଇନ୍ଧନ ଦର ତୃତୀୟ ଥର ବୃଦ୍ଧି ପାଇଛି। ଗୁରୁବାର ପେଟ୍ରୋଲ ଲିଟର ପିଛା ୩୮ ଓ ଡିଜେଲ ଲିଟର ପିଛା ୨୯ ପଇସା ବଢ଼ିଥିଲା। ଏଥିପୂର୍ବରୁ ଜାନୁୟାରୀ ୭ରେ ପେଟ୍ରୋଲ ୨୧ ଓ ଡିଜେଲ ୮ ପଇସା ବୃଦ୍ଧି ପାଇଥିଲା। ଫଳରେ ୩ ଦିନରେ ପେଟ୍ରୋଲ ମୋଟ୍ ୭୮ ଓ ଡିଜେଲ ୫୫ ପଇସା ବଢ଼ିସାରିଲାଣି।

ଏୟାରସେଲ-ମାକ୍ସିସ୍ ମାମଲା

### ଏନ୍‌ଏସ୍‌ଇ ଅଧକ୍ଷଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧-୧:** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ଅଧକ୍ଷ ଅଶୋକ ଚାଓଲା ଶୁକ୍ରବାର ଅଚାନକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ଏନ୍‌ଏସ୍‌ଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲେ ହେଁ ଇସ୍ତଫାର କାରଣ ଦର୍ଶାଯାଇ ନାହିଁ। ଅନ୍ୟପକ୍ଷରେ ଦିଲ୍ଲୀ ହାଇକୋର୍ଟରେ ସିବିଆଇ କହିଛି ଯେ, ଏୟାରସେଲ-ମାକ୍ସିସ୍ ମାମଲାରେ କେନ୍ଦ୍ର ସରକାର ୫ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅନୁମତି ଦେଇଛନ୍ତି। ତତ୍କାଳୀନ ଆର୍ଥିକ ବ୍ୟାପାର ଅତିରିକ୍ତ ସଚିବ ଚାଓଲା ସେମାନଙ୍କ ମଧ୍ୟରେ ଅନ୍ୟତମ। ତାଙ୍କ ବ୍ୟତୀତ ଅନ୍ୟମାନେ ହେଲେ ତତ୍କାଳୀନ ଆର୍ଥିକ ବ୍ୟାପାର ସଚିବ ଅଶୋକ ଝା, ଅର୍ଥ ମନ୍ତ୍ରଣାଳୟର ତତ୍କାଳୀନ ଯୁଗ୍ମ ସଚିବ କୁମାର ସଞ୍ଜୟ କ୍ରିଷ୍ଣା, ନିର୍ଦ୍ଦେଶକ ଦୀପକ କୁମାର ସିଂହ ଏବଂ ଅନୁ ସଚିବ ରାମ ଶରନ। ଏହି ୫ ଜଣଙ୍କ ମଧ୍ୟରୁ ୩ ଜଣ ଏବେ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ବେଳେ ଅନ୍ୟ ୨ ଜଣ ଅବସର ନେଇସାରିଲେଣି।

ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ର ସମ୍ପତ୍ତି ବିକ୍ରି

### ସୁପ୍ରିମକୋର୍ଟ ପୂର୍ବତନ ବିଚାରପତିଙ୍କୁ ନିଯୁକ୍ତି ପ୍ରସ୍ତାବ

**ନୂଆଦିଲ୍ଲୀ,୧୧-୧:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସିଂ ସର୍ଭିସେସ୍ (ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍)ର ସମ୍ପତ୍ତି ବିକ୍ରି ଜନିତ ସମସ୍ତ କାର୍ଯ୍ୟକଳାପ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ମାଧମରେ ହେବା ଉଚିତ୍ ବୋଲି ରାଷ୍ଟ୍ରୀୟ କମ୍ପାନୀ ଅପିଲୀୟ ନ୍ୟାୟାଧିକରଣ (ଏନ୍‌ସିଏଲ୍‌ଏଟି) ଶୁକ୍ରବାର ପ୍ରସ୍ତାବ ଦେଇଛନ୍ତି। କମ୍ପାନୀର ନୂଆ ମ୍ୟାନେଜମେଣ୍ଟ ଆର୍ଥିକ ସଙ୍କଟ ଦୂର କରିବା ଉଦ୍ଦେଶ୍ୟରେ କିଛି ସମ୍ପତ୍ତି ବିକ୍ରି କରିବାକୁ ଚାହୁଁଛି। ଏହାଉପରେ ଏବେ ପ୍ରାୟ ୯୦ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ଏହି ସମ୍ପତ୍ତି ବିକ୍ରି କରି ଋଣ ପରିଶୋଧ କରିବାକୁ ନୂଆ ମ୍ୟାନେଜମେଣ୍ଟ ଚାହୁଁଛନ୍ତି। ବିଚାରପତି ଏସ.ଜେ. ମୁଖୋପାଧାୟଙ୍କ ଅଧକ୍ଷତାରେ ଗଠିତ ଏନ୍‌ସିଏଲ୍‌ଏଟି ଖଣ୍ଡପୀଠ କହିଛନ୍ତି ଯେ, ଆଇଏଲ୍‌ଆଣ୍ଡଏଫ୍‌ଏସ୍ ପାଇଁ କର୍ପୋରେଟ ଦେବାଳିଆ ପ୍ରକ୍ରିୟା ଭଳି ବ୍ୟବସ୍ଥା ଆପଣାଇବାକୁ ପଡିବ ବୋଲି ମନେ କରାଯାଉଛି। ଏହାଦ୍ୱାରା ଆଇଏଲ୍‌ଆଣ୍ଡ୍‌ଏଫ୍‌ଏସ୍ ଓ ଏହାର ସହାୟକ କମ୍ପାନୀଙ୍କ ମାମଲାଗୁଡିକର ସମାଧାନ ସହଜ ହେବ।

# ବୀମାଭୁକ୍ତ ହେବେ ଜିଏସ୍‌ଟି ପଞ୍ଜୀକୃତ କ୍ଷୁଦ୍ର ବ୍ୟବସାୟୀ

**ନୂଆଦିଲ୍ଲୀ,୧୧-୧**

- ଚଳିତ ମାସରେ ହେବ ଘୋଷଣା
- ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା
- କମ୍ପ୍ୟୁଟରୀକରଣ ଲାଗି କମ୍ ସୁଧରେ ଋଣ




ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର କ୍ଷୁଦ୍ର ଓ ମଧମ ବ୍ୟବସାୟୀଙ୍କୁ ଆଉ ଏକ ଉପହାର ଦେବାକୁ ଯୋଜନା କରୁଛନ୍ତି। ଜିଏସ୍‌ଟିରେ ପଞ୍ଜୀକୃତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସରକାର ବୀମାଭୁକ୍ତ କରିବା ଲାଗି ବିଚାର କରୁଛନ୍ତି। ଏହାଦ୍ୱାରା ଛୋଟ ବ୍ୟବସାୟୀଙ୍କ ଚିନ୍ତାକୁ ସରକାର ଅନେକାଂଶରେ ଦୂର କରିପାରିବେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେନ୍ଦ୍ର ସରକାର କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା(ପିଏମ୍‌ଏସ୍‌ବିୱାଇ) ଢାଞ୍ଚାରେ କମ ପ୍ରିମିୟମରେ ଦୁର୍ଘଟଣା ବୀମା ଯୋଗାଇ ଦେବାକୁ ବିଚାର କରୁଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଏଭଳି ଏକ ଯୋଜନା ରାଜ୍ୟରେ ଲାଗୁ କରାଯାଇଛି। ଏହାକୁ ସାରା ଦେଶରେ ଲାଗୁ କରିବା ନେଇ ଆଲୋଚନା ଚାଲିଛି। ଏହା ଅଧୀନରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ତାଙ୍କ ପରିବାର ଆଧାରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ଦିଆଯିବ। ସରକାରଙ୍କ ମଞ୍ଜୁରୀ ମିଳିବା ପରେ ଚଳିତ ମାସରେ ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଏ ସମ୍ପର୍କରେ ଘୋଷଣା କରାଯିବ। ଏହାବ୍ୟତୀତ ନିଜର ବ୍ୟବସାୟକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ କରିବା ଲାଗି ଇଚ୍ଛାପ୍ରକାଶ କରୁଥିବା ଏବଂ କାରବାରକୁ ବୃଦ୍ଧି କରିବାକୁ ଚାହୁଁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ କମ୍ ସୁଧରେ ଋଣ ଦେବା ସଂକ୍ରାନ୍ତରେ ଏକ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ମଧ ଏଭଳି ଏକ ଯୋଜନା ଉପରେ ସରକାର ବିଚାରବିମର୍ଶ କରୁଛନ୍ତି। ସୂଚନାଥାଉ କି, ସରକାର ଏଥିପୂର୍ବରୁ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କାର ଋଣ ଦେବା ନେଇ ଯୋଜନା ପ୍ରଚଳନ କରିଛନ୍ତି। ସେହିପରି କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି କମ୍ପାନୀ ଆଇନରେ କେତେକ ସଂଶୋଧନ କରାଯାଇଛି। ଆଉ ମାସେ ଦୁଇମାସ ମଧ୍ୟରେ ସାଧାରଣ ନିର୍ବାଚନ ଘୋଷଣା ହେବାକୁ ଯାଉଥିବାରୁ ସରକାର ଏହାପୂର୍ବରୁ ଜନହିତକର ଯୋଜନାମାନ ଘୋଷଣା କରିବାକୁ ପ୍ରୟାସ କରୁଛନ୍ତି।

## ୧୭ ମାସର ସର୍ବନିମ୍ନ ସ୍ତରରେ ଆଇଆଇପି

**ନୂଆଦିଲ୍ଲୀ,୧୧-୧**

**ଅର୍ଥନୀତିକୁ ଝଟକା**



ମାନୁଫାକଚରିଂ ସେକ୍ଟର ବିଶେଷକରି ଉପଭୋକ୍ତା ଏବଂ ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ହ୍ରାସ ପାଇବା କାରଣରୁ ନଭେମ୍ବରରେ ଦେଶର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଅଭିବୃଦ୍ଧି ହାର ୧୭ ମାସର ସର୍ବନିମ୍ନ ସ୍ତର ୦.୫%କୁ ଖସି ଆସିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ, ଆଇଆଇପି ଆଧାର ମାନଦଣ୍ଡରେ ଔଦ୍ୟୋଗିକ ଉତ୍ପାଦନ ନଭେମ୍ବର ୨୦୧୭ରେ ୮.୫% ରହିଥିଲା। ଏଥିପୂର୍ବରୁ ଜୁନ୍ ୨୦୧୭ରେ ଆଇଆଇପି ଅଭିବୃଦ୍ଧି ହାର ୦.୩% ରହିଥିଲା। ତେବେ ୨୦୧୮ ଅକ୍ଟୋବର ଲାଗି ଅଭିବୃଦ୍ଧି ହାରକୁ ସଂଶୋଧନ କରାଯାଇ ୮.୧%ରୁ ୮.୪% କରାଯାଇଥିଲା। ସୂଚକାଙ୍କରେ ୭୭.୬୩ ପ୍ରତିଶତ ଅଂଶ ରହିଥିବା ମାନୁଫାକଚରିଂ ସେକ୍ଟରରେ ଅଭିବୃଦ୍ଧି ୦.୪% ହ୍ରାସ ପାଇଛି। ବର୍ଷକ ପୂର୍ବରୁ ସମାନ ଅବଧିରେ ଏହା ୧୦.୪% ହାରରେ ବଢ଼ିଥିଲା। ସମୀକ୍ଷାଧୀନ ଅବଧିରେ ଖଣି ଖନନ କ୍ଷେତ୍ରରେ ୨.୭% ଅଭିବୃଦ୍ଧି ଘଟିଛି, ଯାହାକି ୨୦୧୭ ନଭେମ୍ବରରେ ୧.୪% ଥିଲା। ସେହିପରି ଶକ୍ତି କ୍ଷେତ୍ର ମଧ ୫.୧% ବୃଦ୍ଧି ପାଇଛି, ଯାହାକି ବର୍ଷକ ପୂର୍ବରୁ ସମାନ ଅବଧିରେ ୩.୯% ଥିଲା। ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ହାର ୩.୪%କୁ ହ୍ରାସ ପାଇଛି, ଯାହାକି ଗତବର୍ଷର ସମାନ ଅବଧିରେ ୩.୭% ଥିଲା। ଉପଭୋକ୍ତା ବସ୍ତୁ ଉତ୍ପାଦନ ହାରରେ ୦.୬% ହ୍ରାସ ପାଇଛି, ଯାହା ବର୍ଷକ ପୂର୍ବରୁ ୨୩.୭% ଥିଲା।

ବିଶ୍ୱବ୍ୟାଙ୍କ ପରେ ଏଡିବିର ପୂର୍ବାନୁମାନ

# ଭାରତର ଜିଡିପି ହାର ୭.୩% ରହିବ

**ନୂଆଦିଲ୍ଲୀ,୧୧-୧**

**ପୁଞ୍ଜୀକରଣ ସୀମା ସାଢ଼େ ୪ ବିଲିୟନ ଡଲାରକୁ ବଢ଼ାଇବ**




ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୩% ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିବାର ଦୁଇ ଦିନ ପରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ମଧ ସମାନ ଅନୁମାନ କରିଛି। ଆସନ୍ତା ଆର୍ଥିକ ବର୍ଷରେ ନିବେଶ ବୃଦ୍ଧି ପାଇବା ତଥା ଜିଏସ୍‌ଟି ସଂଗ୍ରହ ବଢ଼ିବା କାରଣରୁ ଅର୍ଥନୀତି ଅଭିବୃଦ୍ଧି ହାର ୭.୬% ରେ ପହଞ୍ଚିବ ବୋଲି ଏହା ପୂର୍ବାନୁମାନ କରିଛି। ଏଡିବି କହିଛି ଯେ, ୨୦୧୯ରେ ଏହା ଭାରତକୁ ନିଜର ଆର୍ଥିକ ପୁଞ୍ଜୀକରଣ ସୀମାକୁ ବଢ଼ାଇ ସାଢ଼େ ୪ ବିଲିୟନ ଡଲାର(୩୧,୫୦୦ କୋଟି ଟଙ୍କା) ପର୍ଯ୍ୟନ୍ତ କରିବ। ଏଡିବି ଇଣ୍ଡିଆ ନିର୍ଦ୍ଦେଶକ କେନିଚି ୟୋକୋୟାମା ଏଠାରେ କହିଛନ୍ତି ଯେ, ଭାରତ ଲାଗି ଋଣ ସୀମାକୁ ବଢ଼ାଯିବ। ତନ୍ମଧ୍ୟରୁ ସାଢ଼େ ୩ ବିଲିୟନ ଡଲାର ସରକାରୀ ଖର୍ଚ୍ଚ ଓ ଗୋଟିଏ ବିଲିୟନ ଡଲାର ଘରୋଇ କ୍ଷେତ୍ରରେ ବିନିଯୋଗ କରାଯିବ। ପ୍ରକଳ୍ପର ପ୍ରଗତି ଋଣର ଆଧାର ହେବ। ଏଡିବିର ବରିଷ୍ଠ ଆର୍ଥିକ ଅଧିକାରୀ ଅଭିଜିତ୍ ସେନଗୁପ୍ତା କହିଛନ୍ତି ଯେ, ୨୦୧୯-୨୦ରେ ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିଶୀଳ ହେବ। ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ୭.୨% ରହିବ ବୋଲି କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ନିକଟରେ ପୂର୍ବାନୁମାନ କରିଥିଲା। ତେବେ ଏହା ୭.୪% ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ହାର ୭.୬% ରହିଛି।

# ରାଜ୍ୟରେ ବାର୍ଷିକ ହାରାହାରି ୧୧୬ କିମି ରେଲୱେ ଟ୍ରାକ୍ ନିର୍ମାଣ

**ଭୁବନେଶ୍ୱର,୧୧-୧**

ରାଜ୍ୟରେ ବାର୍ଷିକ ହାରାହାରି ୧୧୬ କି.ମି.ର ରେଲୱେ ଟ୍ରାକ୍ ନିର୍ମାଣ ହେଉଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ରେଲୱେ ଟ୍ରାକ୍ ନିର୍ମାଣ ଧାରା ଏପରି ରହିଛି, ଯାହା ଏହାର ପୂର୍ବବର୍ତ୍ତୀ ୫ ବର୍ଷରେ ବାର୍ଷିକ ହାରାହାରି ୯୮ କି.ମି. ରହିଥିଲା। ସେହିଭଳି ଏହି ଅବଧିରେ ଟ୍ରାକ୍ ଦୋହରୀକରଣ କାର୍ଯ୍ୟ ମଧ ଦୁଇଗୁଣ ବଢ଼ିଥିବା ଜଣାଯାଇଛି। ଏହା ପୂର୍ବରୁ ୧୫୭ କି.ମି. ରହିଥିବା ବେଳେ ବର୍ତ୍ତମାନ ସମୟରେ ବାର୍ଷିକ ହାରାହାରି ୩୩୦ କି.ମି.କୁ ବୃଦ୍ଧି ଘଟିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ବଜେଟରେ ଓଡ଼ିଶାକୁ ୪,୧୯୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ୨୦୧୪ ପରଠାରୁ ଏହି ଧାରାରେ ପରିବର୍ତ୍ତନ ଆସିଛି। ୨୦୧୪ ପରଠାରୁ ରାଜ୍ୟକୁ ବ୍ୟୟ ବରାଦ ୫ ଗୁଣ ବୃଦ୍ଧି ଘଟି ୨୦,୨୧୩ କୋଟି ଟଙ୍କା ରହିଥିବା ରେଲୱେ ପକ୍ଷରୁ ପ୍ରକାଶ।

# ଟିଭିଏସ୍ ବିକ୍ରିରେ ୬% ଅଭିବୃଦ୍ଧି

**ହୋସୁର,୧୧-୧**

ଟିଭିଏସ୍ ମୋଟର କମ୍ପାନୀ ଗତବର୍ଷ ଡିସେମ୍ବରରେ ୬% ବିକ୍ରି ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ କମ୍ପାନୀର ଗାଡି ବିକ୍ରି ବଢିବା ସହ ୨,୭୧,୩୫୯ ୟୁନିଟ ରହିଛି। ଏହା ୨୦୧୭ ଡିସେମ୍ବରରେ ୨,୫୬,୮୭୦ ୟୁନିଟ ରହିଥିଲା। ଡିସେମ୍ବରରେ ମୋଟ ଦୁଇଚକିଆ ଯାନ କ୍ଷେତ୍ରରେ ୪% ବିକ୍ରି ବୃଦ୍ଧି ଘଟିବା ସହ ୨,୫୮,୭୦୯ ୟୁନିଟ ରହିଛି। ଏହା ୨୦୧୭-୧୮ ବର୍ଷର ସମାନ ସମୟରେ ୨,୪୭,୫୯୧ ୟୁନିଟ ରହିଥିଲା। ଡିସେମ୍ବରରେ ଦେଶରେ କମ୍ପାନୀର ଦୁଇଚକିଆ ବିକ୍ରି ୧% ବଢି ୨,୦୯,୯୦୬ ୟୁନିଟ ରହିଛି। ସ୍କୁଟର ବିକ୍ରି ୯% ବୃଦ୍ଧି ହୋଇ ୯୧,୪୮୦ ୟୁନିଟ ରହିଛି। ମୋଟର ସାଇକେଲ ବିକ୍ରି ଅଭିବୃଦ୍ଧି ଏହି ସମୟରେ ୧୩% ବଢି ୧,୦୭,୧୮୯ ୟୁନିଟ ରହିଛି। କମ୍ପାନୀ ରପ୍ତାନି କ୍ଷେତ୍ରରେ ୨୬% ବୃଦ୍ଧି ହାସଲ କରିବା ସହ ୬୦,୨୬୧ ୟୁନିଟ ରହିଛି। ଦୁଇଚକିଆ ରପ୍ତାନି ୨୨% ବଢିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର ୩ ଚକିଆ ଯାନ ବିକ୍ରି ୩୭% ବଢିଥିବା ଜଣାପଡ଼ିଛି। ଏହି ସମୟରେ କମ୍ପାନୀ ୧୨,୬୮୬ ୟୁନିଟ ତିନିଚକିଆ ଯାନ ବିକିବାକୁ ସକ୍ଷମ ହୋଇଛି।

### ଡାକାର ର୍‍ୟାଲି ଷ୍ଟେଜ୍-୩ର ଅଷ୍ଟମ ସ୍ଥାନରେ ଓରିଏଲ୍ ମିନା

**ଭୁବନେଶ୍ୱର,୧୧-୧:** ହିରୋ ମୋଟୋ ସ୍ପୋର୍ଟ୍ସ ଟିମ୍ ରାଇଡର ଓରିଏଲ୍ ମିନା ଡାକାର ରାଲିର ଷ୍ଟେଜ-୩ରେ ଅଷ୍ଟମ ସ୍ଥାନ ହାସଲ କରିଛନ୍ତି। ଷ୍ଟେଜ-୩ରେ ରାଇଡରଙ୍କୁ ଘନ କୁହୁଡ଼ି, ବାଲୁକା ସ୍ତୂପର ରାସ୍ତା ଏବଂ ପାର୍ବତ୍ୟାଞ୍ଚଳ ମଧ ଦେଇ ଯିବାକୁ ପଡ଼ିଥିଲା। ହିରୋ ମୋଟୋ ସ୍ପୋର୍ଟ୍ସ ରାଇଡର ସି.ଏସ୍. ସନ୍ତୋଷ ଏବଂ ଜ୍ୟାକ୍ସିମ ରୋଡ୍ରିଗ୍ସ୍ ଟାଇମ୍ ସେଟ୍ ବ୍ୟାକ୍‌ର ଶିକାର ହୋଇଥିଲେ। ଉଭୟ ଚାଳକ ଫିନିଶିଂ ଲାଇନଠାରୁ ଦୂରେଇ ଯାଇଥିଲେ। ଏଥିରେ ସି.ଏସ୍. ସନ୍ତୋଷ ଏବଂ ଜ୍ୟାକ୍ସିମ ରୋଡ୍ରିଗ୍ସ୍ ୬୪ ଏବଂ ୪୬ତମ ସ୍ଥାନ ସହ ଶେଷ କରିଛନ୍ତି।

# ଆମ୍ରି ହସ୍ପିଟାଲ୍ସ ପକ୍ଷରୁ ପଞ୍ଚମ ବାର୍ଷିକୀ ପୂର୍ତ୍ତି

**ଭୁବନେଶ୍ୱର,୧୧-୧**




ଆମ୍ରି ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ପଞ୍ଚମ ବାର୍ଷିକୀ ପୂର୍ତ୍ତି ପାଳନ କରାଯାଉଛି। ବ୍ରାଣ୍ଡ ପ୍ରତିଶ୍ରୁତିକୁ ବଜାୟ ରଖି ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ଏହା ଦ୍ୱାରା ହସ୍ପିଟାଲର ବିଭିନ୍ନ ସ୍ପେଶିଆଲିଟିରେ ପ୍ୟାକେଜ ସୁବିଧା ଦିଆଯାଉଛି। ସେହିଭଳି ଅତ୍ୟାଧୁନିକ ଟ୍ରମା ସେଣ୍ଟର, ୧୩ ଶଯ୍ୟା ବିଶିଷ୍ଟ ସର୍ଜିକାଲ ଆଇସିୟୁ ବ୍ୟବସ୍ଥା କରାଯାଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଏକ ବିବିଧ ଶୃଙ୍ଖଳାର ମେଡିକାଲ ଟିମ୍ ସହ ପୂର୍ବ ଭାରତରେ ଉତ୍କୃଷ୍ଟ ପ୍ରଯୁକ୍ତି ସହ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେଉଛୁ ବୋଲି ଆମ୍ରି ହସ୍ପିଟାଲ୍ସର ଗ୍ରୁପ୍ ସିଇଓ ରୂପକ ବରୁଆ ସୂଚନା ଦେଇଛନ୍ତି। ପ୍ରତିଶ୍ରୁତିବଦ୍ଧ ଡାକ୍ତର, ମେଡିକାଲ ତଥା ପାରାମେଡିକାଲ ଟିମ୍ ସହ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଭୁବନେଶ୍ୱରର ୟୁନିଟ ମୁଖ୍ୟ ଏବଂ ଭିପି ସିଏଲ୍‌ଏନ୍ ରେଡ୍ଡୀ ସୂଚନା ଦେଇଛନ୍ତି।

PARADIP PORT TRUST
e-TENDER CALL NOTICE
NO. EM/IOHP-01/2019
Name of the work: "Replacement of Wagon Tippler-150". Estimated cost: ₹15,81,69,375/-, Last date & time of submission of bid: dt. 30.01.2019 up to 16:00 Hrs. Refer our website for details https://eprocure.gov.in/eprocure/app
Executive Engineer (M)
PPT/PR/583/18-19 Dt.11/01/2019 IOHP

# ୟୁବିଆଇ-ଶ୍ରେୟୀ ଇକ୍ୱିପମେଣ୍ଟ ଫାଇନାନ୍ସ ଚୁକ୍ତି

**କଲିକତା,୧୧-୧**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଶ୍ରେୟୀ ଇକ୍ୱିପମେଣ୍ଟ ଫାଇନାନ୍ସ ସହ ଚୁକ୍ତିରେ ସାମିଲ ହୋଇଛି। କୃଷିକ୍ଷେତ୍ର ଏବଂ କ୍ଷୁଦ୍ର ସଂସ୍ଥାଗୁଡ଼ିକୁ ଫାଇନାନ୍ସ ଯୋଗାଣ ନେଇ ଏହି ଚୁକ୍ତି ବିଶେଷ ସହାୟକ ହେବ। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ଉନ୍ନତି ସାଧନ ପାଇଁ ଏଭଳି ପଦକ୍ଷେପ ବିଶେଷ ଭାବେ ସହାୟକ ହୋଇ ପାରିବ ବୋଲି ୟୁବିଆଇର ଏମ୍‌ଡି ଏବଂ ସିଇଓ ଅଶୋକ କୁମାର ପ୍ରଧାନ ଏହି ଅବସରରେ ସୂଚନା ଦେଇଛନ୍ତି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ବିକାଶ ସାଧନ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର କହିଛନ୍ତି। ଏନ୍‌ବିଏଫ୍‌ସିଗୁଡ଼ିକ ପାଇଁ ଏଭଳି ଅଭିନବ ସଲ୍ୟୁଶନର ଆବଶ୍ୟକତା ରହିଥିବା ଶ୍ରେୟୀ ଉପାଧ୍ୟକ୍ଷ ସୁନୀଲ କାନୋରିଆ ସୂଚନା ଦେଇଛନ୍ତି।

OFFICE OF THE
SUPERINTENDING ENGINEER, RURAL WORKS CIRCLE, BERHAMPUR
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287
NATIONAL COMPETITIVE BIDDING THROUGH e-Procurement
No.1356-O:- Bid Identification No. Online Tender/34-2018-19/BPR

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 34-2018-19/BPR | Road Works under Periodical Maintenance | 11 Nos. | From Rs. 59.84 lakhs to Rs. 273.62 Lakhs | "B" or "A" Class as applicable | 03 (Three) Calendar Months as provided |

| Procurement Officer | Bid Identification No | Availability of tender online for bidding From | To |
|---|---|---|---|
| Superintending Engineer, R.W.Circle, Berhampur | Online Tender/34-2018-19/BPR | 16.01.2019 at 10.00 A.M. | 05.02.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in.
Sd./- Superintending Engineer
R.W.Circle, Berhampur
25071/11/0051/1819

ଓଡ଼ିଶା ସରକାର
ସୁନ୍ଦରଗଡ଼, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା
File No.- L.A.I.-12/2018/49/WE Dated: 2.01.19

No.: VII-49: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ବିଛଣାପଟି, ଥାନା- ବଣାଇ ନଂ.- ୧୯୩, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୪.୫୯୦ ଭୂମି-ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RECTLAR & R Act, 2013)ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 35854 Dt.28.10.17 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ:

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | ବିଛଣାପଟି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୧୨.୭୯୦ | ଏ.୪.୫୯୦ | ଏଥି ସହିତ ସଂଲଗ୍ନ ହୋଇଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ସୁନ୍ଦରଗଡ଼

ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ
ମୌଜା: ବିଛଣାପଟି, ତହସିଲ: ଲହୁଣିପଡ଼ା, ଥାନା: ବଣେଇ, ଥାନା ନଂ.- ୧୯୩, ଜିଲ୍ଲା: ସୁନ୍ଦରଗଡ଼

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୫ | ୯୪୦ସ୍ମ | ୧.୮୮୦ | ୦.୨୯୦ | ଗୋଡ଼ ଦୁଇ | ଉପେନ୍ଦ୍ର ନାୟକ, କରୁଣା ନାୟକ, କାଲ ନାୟକ, ପି.- ଭୂଜେଶ୍ୱର ନାୟକ, ପଦ୍ମଲୋଚନ ନାୟକ, ଦୋଳଗୋବିନ୍ଦ ନାୟକ, ପି.- ଧନୁଞ୍ଜୟ ନାୟକ, ଜା: ଗଣ୍ଡ, ବା: ସୁଆରପାଲି |
| ୨ | ୭ | ୯୨୬ | ୦.୬୧୦ | ୦.୬୧୦ | ବାହାଲ ସାଧାରଣ | କାନ୍ଦନ ସିଂ ଭୂମିଜ, ପି.- ଲକ୍ଷ୍ମଣ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୯୨୯ସ୍ମ | ୦.୭୪୦ | ୦.୫୬୦ | ବାହାଲ ସାଧାରଣ | |
| | | ୯୩୨ସ୍ମ | ୦.୬୫୦ | ୦.୧୧୦ | ଗୋଡ଼ ଦୁଇ | |
| | | ୯୩୪ସ୍ମ | ୦.୬୦୦ | ୦.୫୫୦ | ବାହାଲ ସାଧାରଣ | |
| ୩ | ୧୧ | ୯୨୫ସ୍ମ | ୧.୮୯୦ | ୦.୭୫୦ | ବାହାଲ ସାଧାରଣ | ଗଣେଶ୍ୱର ସିଂ ଭୂମିଜ, ପି.- ମଙ୍ଗଲ ସିଂ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| ୪ | ୨୪ | ୯୨୮ସ୍ମ | ୦.୯୫୦ | ୦.୩୪୦ | ବାହାଲ ସାଧାରଣ | ନବଘନ ବଡ଼ନାୟକ, ପି.- ମାଧ ବଡ଼ନାୟକ, ଜା: ଗଣ୍ଡ, ବା: ନିଜଗାଁ |
| ୫ | ୪୫/୧୩ | ୯୩୦ସ୍ମ | ୦.୨୩୦ | ୦.୧୫୦ | ବାହାଲ ସାଧାରଣ | ରବି ଭୂମିଜ, ପି.- ଗଣେଶ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୯୩୭ସ୍ମ | ୦.୬୭୦ | ୦.୦୩୦ | ବାହାଲ ସାଧାରଣ | |
| ୬ | ୪୫/୩୩ | ୭୪୫ସ୍ମ | ୨.୪୦୦ | ୦.୦୭୦ | ଗୋଡ଼ ଏକ | ଦେହୁରୀ ମୁଣ୍ଡା, ପି.- ଠବଳ ମୁଣ୍ଡା, ଜା: ମୁଣ୍ଡା, ବା: ବନ୍ଧବେର୍ଣ୍ଣା କୋଲନୀ |
| | | ୭୪୬ସ୍ମ | ୧.୫୨୦ | ୦.୫୮୦ | ମାଳ ସାଧାରଣ | |
| ୭ | ୪୫/୫୫ | ୯୨୪ସ୍ମ | ୦.୬୫୦ | ୦.୫୫୦ | ବେର୍ଣ୍ଣା ସାଧାରଣ | ଜୟନ୍ତୀ ଗଡ଼ତିଆ, ପି.- ମିତ୍ରଭାନୁ ଚାର୍ଦ୍ଦିଆ, ଜା: ଗଣ୍ଡ, ବା: ସୁଆର ପାଲି |
| ମୋଟ | | ୧୨ | ଏ. ୧୨.୭୯୦ | ଏ ୪.୫୯୦ | | |

ଭୂ-ଅର୍ଜନ ଜୋନ ଅଧିକାରୀ 24160/14/0048/1819
ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼

# ପାଣ୍ଡ୍ୟା, ରାହୁଲ ସସ୍‌ପେଣ୍ଡ

ନୂଆଦିଲ୍ଲୀ/ସିଡ୍‌ନୀ, ୧୧।୧ (ପି.ଟି.)



ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।

ଏକ ଟିଭି ଶୋ'ରେ ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ୍ ରାହୁଲ ଭାରତର କ୍ରିକେଟ ପ୍ରଶାସକ (ସିଓଏ) ଦ୍ୱାରା ଶୁକ୍ରବାର ସସ୍‌ପେଣ୍ଡ ହୋଇଛନ୍ତି। ଅଧିନାୟକ ବିରାଟ କୋହଲି ଖେଳାଳିଦ୍ୱୟଙ୍କ ମନ୍ତବ୍ୟକୁ ସମାଲୋଚନା କରିବାର କିଛି ଘଣ୍ଟା ପରେ ଏହି ଦଣ୍ଡବିଧାନ କରାଯାଇଛି। ଫଳରେ ସିଡ୍‌ନୀଠାରେ ଶନିବାର ଆରମ୍ଭ ହେବାକୁଥିବା ୩ ମ୍ୟାଚ ବିଶିଷ୍ଟ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରୁ ଏହି ଖେଳାଳିଦ୍ୱୟଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କୁ ତୁରନ୍ତ ଭାରତ ପଠାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ପାଣ୍ଡ୍ୟା ଓ ରାହୁଲଙ୍କ ବିରୋଧରେ ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରାଯିବ। ଏହା ପୂର୍ବରୁ ସେମାନଙ୍କ ବିରୋଧରେ ସାନି କାରଣଦର୍ଶାଅ ନୋଟିସ ଜାରି କରାଯିବ। ସିଓଏ ଚେୟାରମ୍ୟାନ ବିନୋଦ ରାୟ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଦୁଇ କ୍ରିକେଟରଙ୍କୁ ନେଇ 'କଫି ୱିଥ୍ କରନ'ର ଅଧ୍ୟାୟକୁ ସମ୍ପୃକ୍ତ ଚ୍ୟାନେଲ ଏହାର ଅନ୍‌ଲାଇନ୍ ପ୍ଲାଟଫର୍ମରୁ ହଟାଇ ଦେଇଛି। ବିଷୟର ତଦନ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଆଭ୍ୟନ୍ତରୀଣ କମିଟି କିମ୍ବା ଜଣେ ଆଡ୍‌ହକ୍ ଅମ୍ବୁଡ୍ସମ୍ୟାନଙ୍କ ଦ୍ୱାରା କରାଯିବ, ତାହା ସ୍ପଷ୍ଟ କରାଯାଇନାହିଁ। ରବିବାର ପ୍ରସାରଣ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସେକ୍ସିଷ୍ଟ ମନ୍ତବ୍ୟକୁ ନେଇ ପାଣ୍ଡ୍ୟା ତାଙ୍କ ଟ୍ୱିଟର ପେଜ୍‌ରେ ଅନୁତାପ କରିଛନ୍ତି। ଏହାଛଡ଼ା ବୁଧବାର ବିସିସିଆଇର କାରଣ ଦର୍ଶାଅ ନୋଟିସର ଜବାବ ମଧ ଦେଇଛନ୍ତି। ରାହୁଲ କିନ୍ତୁ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଦୁଇ ଖେଳାଳିଙ୍କ ଆଗକୁ ନ୍ୟୁଜିଲାଣ୍ଡ ଟୁର୍ ଯିବା ସମ୍ଭାବନା ମଉଳି ଯାଇଛି। ଟିଭି ଶୋ'ରେ ପାଣ୍ଡ୍ୟା ନିଜ ସେକ୍ସ ଲାଇଫ୍ ଉପରେ ଖୋଲାଖୋଲି ମନ୍ତବ୍ୟ ଦେବା ସହ ନିଜ ପରିବାର ସଦସ୍ୟଙ୍କ ଖୋଲା ଚିନ୍ତାଧାରା ନେଇ ନିଜର ମତ ରଖିଥିଲେ। ରାହୁଲ କିନ୍ତୁ ଏହି ପ୍ରସଙ୍ଗ ଉପରେ ତାଙ୍କ ମତ ଉପସ୍ଥାପନ କଲାବେଳେ ସଂଯମତା ଅବଲମ୍ବନ କରିଥିଲେ। ସମ୍ଭବତଃ ଏହି ଦୁଇ ଖେଳାଳିଙ୍କ ସ୍ଥାନରେ ରିଷଭ ପନ୍ତ ଓ ମନୀଷ ପାଣ୍ଡେଙ୍କୁ ନିଆଯାଇପାରେ। ସସ୍‌ପେଣ୍ଡ ହୋଇ ନ ଥିଲେ ଶନିବାର ମ୍ୟାଚରେ ପାଣ୍ଡ୍ୟା ଚୂଡ଼ାନ୍ତ ଏକାଦଶରେ ଖେଳିବା ନିଶ୍ଚିତ ଥିଲା। କିନ୍ତୁ ଫର୍ମରେ ନ ଥିବାରୁ ରାହୁଲଙ୍କର ସମ୍ଭାବନା ନ ଥିଲା। ସୂଚନାଯୋଗ୍ୟ, ବିସିସିଆଇ ଭବିଷ୍ୟତରେ ହୁଏତ ଖେଳାଳିମାନଙ୍କୁ ଟିଭି ରିୟଲିଟି ଶୋ'ରେ ଅଂଶଗ୍ରହଣ ନେଇ କଟକଣା ଜାରି କରିପାରେ।

## ସି.କେ. ନାଇଡୁ ଟ୍ରଫି: ଓଡ଼ିଶାର ବିଦାୟ

କଟକ ଅଫିସ,୧୧।୧: ଧର୍ମଶାଳାରେ ଚାଲିଥିବା ୨୩ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶାର ଅଭିଯାନ ଲଜ୍ଜାଜନକ ଭାବେ ଶେଷ ହୋଇଛି। ଏଲିଟ ଗ୍ରୁପ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ଚଳିତ ସିଜନରେ ଗୋଟିଏ ବି ମ୍ୟାଚ ଜିତି ପାରିନାହିଁ। ୮ଟି ମ୍ୟାଚ୍‌ରୁ ୪ଟି ପରାଜୟ ଓ ୪ଟି ଡ୍ର ବଳରେ ୮ ପଏଣ୍ଟ ପାଇ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଶୁକ୍ରବାର ଓଡ଼ିଶା ୯ ଉଇକେଟରେ ହିମାଚଳପ୍ରଦେଶଠାରୁ ପରାସ୍ତ ହୋଇଛି। ଓଡ଼ିଶା ପ୍ରଥମ ଇନିଂସରେ ୧୬୧ରନରେ ଅଲଆଉଟ ହୋଇଥିଲା। ଜବାବରେ ଘରୋଇ ହିମାଚଳପ୍ରଦେଶ ଡି.ବି ରାଙ୍ଗୀଙ୍କ ୧୦୬ରନ ସହାୟତାରେ ପ୍ରଥମ ଇନିଂସରେ ୩୨୪ରନ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ୨୪୩ ରନ୍‌ରେ ସୀମିତ ରହିବା ଯୋଗୁ ହିମାଚଳପ୍ରଦେଶ ସମ୍ମୁଖରେ ୮୧ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଗୋଟିଏ ଉଇକେଟ ହରାଇ ହିମାଚଳପ୍ରଦେଶ ବିଜୟୀ ହୋଇଛି।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
# କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ଉପ-ବିଭାଗ
## ଜାତୀୟ ରାଜପଥ ସଂଖ୍ୟା- ୫୭ ପ୍ରକଳ୍ପ, ଜିଲ୍ଲା- ନୟାଗଡ଼
## ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଧାରା ୩ (କ) ଉପଧାରା ୩ ମୁତାବକ ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୦୪୮ (E) ତା ୨୮।୦୯।୨୦୧୮ରିଖ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୩୦୬୫ ତା୧୫।୦୯।୨୦୧୭ରିଖ ପ୍ରୋକ୍ତ ଆଇନର ଧାରା ୩(ଈ)ରେ ଉଲ୍ଲେଖିତ ସର୍ବସାଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ନୟାଗଡ଼ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ସଂଖ୍ୟା-୫୭ର (ବଲାଙ୍ଗୀର-ଖୋର୍ଦ୍ଧା ଉପଖଣ୍ଡ) ସମ୍ପ୍ରସାରଣ ପାଇଁ ଧାରା ୩(ଘ) ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅନୁସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରାଯାଇ ଅଧିସୂଚନା ଜାରି ହୋଇଅଛି। ଯେହେତୁ ପ୍ରୋକ୍ତ ଆଇନ ଧାରା ୩(କ)ର ଉପଧାରା ୧, ୨, ୩ ଓ ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ନିମ୍ନରେ ଉଦ୍ଦିଷ୍ଟ ସ୍ଥାନ ଏବଂ ତାରିଖରେ ସକାଳ ୧୧ଘଟିକା ସମୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯଥା ପଟ୍ଟା, ବିକ୍ରୟ କବଲା, ଭାଗ ବଣ୍ଟରା, ଦାଖଲ ଖାରଜ, ଖଜଣା ପାଉତି ସହ ନିଜେ କିମ୍ବା ବିଧି ପୂର୍ବକ କ୍ଷମତା ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼
ଜାତୀୟ ରାଜପଥ ସଂଖ୍ୟା - ୫୭ ପ୍ରକଳ୍ପ, ନୟାଗଡ଼

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ନିର୍ଦ୍ଧାରିତ ତାରିଖ ଓ ସମୟ | ଦାବି ଦାଖଲ କରିବା ସ୍ଥାନ |
|---|---|---|---|---|---|
| ୧ | ନୟାଗଡ଼ | ନୟାଗଡ଼ | ବଡ଼ପଣ୍ଟସର<br>ହରେକୃଷ୍ଣପୁର | ତା୧୯।୦୧।୨୦୧୯ରିଖ ଠାରୁ ତା୨୫।୦୧।୨୦୧୯ ପର୍ଯ୍ୟନ୍ତ (ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ |

## NOTIFICATION
**New Delhi the 28th September 2018**

S.O. 5048(E). Whereas by the notification of the Government of India in the Ministry of Road Transport and Highways No. S.O. 3065 (E) dated 15.09.2017, published in the Gazette of India, Extraordinary, Part II, Section-3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the schedule annexed to the said notification for building (widening/fourlaning etc.) Maintenance, management and operation of National Highways No. 57 on the stretch of land from Km 239/900 to Km 294/300 (Nayagarh Khordha Section) in the district of Nayagarh in the State of Odisha.

And whereas the substance of the said notification has been published in "The Prameya" and "The Dharitri" both dated 20th November 2017; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section(1) of section 3D of the said Act, the Central Government hereby declares that the land specified in the said schedule should be for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

**SCHEDULE**

Brief description of the land to be acquired with or without, falling within the stretch of land from Km 239/900 to 294/300 Km of NH 57 in the district of Nayagarh in the State of Odisha (From Km 239/900 to 252/900).

ତହସିଲ: ନୟାଗଡ଼, ମୌଜା: ବଡ଼ପଣ୍ଟସର

| କ୍ରମିକ ନଂ. | ପ୍ଲଟ ନଂ. | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା (ଏକର) | ଅଧିଗ୍ରହଣ ରକବା (ହେକ୍ଟର) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|---|
| ୧ | ୧୨୧୧ | ବେସରକାରୀ | ଶାରଦ - ୩ | ୦.୦୩୫ | ୦.୦୧୪ | ଉଦୟ ନାଥ ସାହୁ, ପିତା: ଯଦୁ ସାହୁ |
| ୨ | ୧୨୧୩ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | |
| ୩ | ୧୨୧୨ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | ବିମ୍ବାଧର ସାହୁ, ପିତା: ଅଗାଧୁ ସାହୁ |
| ୪ | ୧୨୧୪ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୫ | ୧୧୫୮ | ବେସରକାରୀ | ପତିତ | ୦.୦୬୦ | ୦.୦୨୪ | |
| ୬ | ୧୨୧୫ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୭ | ୧୨୧୬ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଚତୁର୍ଭୁଜ ମହାରଣା, ପିତା: ହାଲ ମହାରଣା, ପ୍ରତାପ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ପିତା: ଚତୁର୍ଭୁଜ ମହାରଣା, ଆଂଶିକ ପ୍ଲଟ୍ ନଂ. ୧୨୧୬/୪୧୮୨ |
| ୮ | ୧୨୧୭ | ବେସରକାରୀ | ଶାରଦ - ୩ | ୦.୧୪୦ | ୦.୦୫୭ | ଆନନ୍ଦ ଚନ୍ଦ୍ର ନାୟକ ଓରଫ ପ୍ରଧାନ, ପିତା: ଲିଙ୍ଗରାଜ ନାୟକ |
| ୯ | ୧୨୨୦ | ବେସରକାରୀ | ଶାରଦ - ୩ | ୦.୧୯୦ | ୦.୦୭୭ | |
| ୧୦ | ୧୨୧୮ | ବେସରକାରୀ | ଶାରଦ - ୩ | ୦.୦୬୦ | ୦.୦୨୪ | ଶ୍ରୀ ମଦନମୋହନ ଠାକୁର ବିଜେ ନିଜଗାଁ ମାର୍ଫତ୍ ଦେବୋତ୍ତର ବିଭାଗ, ତରଫ ଏକ୍‌ଜିକ୍ୟୁଟିଭ ଅଫିସର ଏସ୍‌ଡିଓ, ନୟାଗଡ଼ |
| ୧୧ | ୧୨୧୯ | ବେସରକାରୀ | ଶାରଦ - ୩ | ୦.୧୫୦ | ୦.୦୬୧ | |
| ୧୨ | ୧୨୨୦/୩୪୯୫ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | |
| ୧୩ | ୧୧୫୪ | ବେସରକାରୀ | ଶାରଦ - ୧ | ୦.୦୧୫ | ୦.୦୦୬ | ଉଦ୍ୟନାଥ ମହାନ୍ତି, ଦେବରାଜ ମହାନ୍ତି, ସୁକଦେବ ମହାନ୍ତି, ପିତା: ବାଞ୍ଛାନିଧି ମହାନ୍ତି, ହରି ମହାନ୍ତି, ପିତା: କସ୍ତୁରି ମହାନ୍ତି |
| ୧୪ | ୧୨୨୧ | ବେସରକାରୀ | ଶାରଦ - ୩ | ୦.୧୨୦ | ୦.୦୪୯ | ଉଦୟନାଥ ମହାନ୍ତି, ପିତା ଯଦୁ ସାହୁ |
| ୧୫ | ୧୨୨୨ | ବେସରକାରୀ | ଶାରଦ - ୩ | ୦.୦୫୫ | ୦.୨୨୦ | ସହଦେବ ପ୍ରଧାନ, ପିତା: ବାସୁ ଫତେସିଙ୍ଘ |
| ୧୬ | ୧୨୨୩ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୧୭ | ୧୨୨୪ | ବେସରକାରୀ | ଘରବାରି | ୦.୦୬୦ | ୦.୦୨୪ | ଅଲେଖ ବେହେରା, ପିତା: ନଟବର ବେହେରା |
| ୧୮ | ୨୫୮୬ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୧୯ | ୧୨୨୫ | ବେସରକାରୀ | ଶାରଦ - ୩ | ୦.୦୪୫ | ୦.୦୧୮ | ସରୋଜିନୀ ଖଟୁଆ, ସ୍ୱାମୀ ଗୁଣାନିଧି ଖଟୁଆ |
| ୨୦ | ୧୧୫୫ | ବେସରକାରୀ | ଶାରଦ - ୨ | ୦.୧୭୦ | ୦.୦୬୯ | ବିଶ୍ୱନାଥ ଡାକୁଆ, ପିତା: ଦୟାନିଧି ଡାକୁଆ, କାହ୍ନୁ ଚରଣ ଡାକୁଆ, ଜଗନ୍ନାଥ ଡାକୁଆ, ପିତା: ହରି ଡାକୁଆ |
| ୨୧ | ୧୧୫୬ | ବେସରକାରୀ | ଶାରଦ - ୧ | ୦.୦୦୫ | ୦.୦୦୨ | ବଂଶୀଧର ସାହୁ, ପିତା: କଣ୍ଠ ସାହୁ |
| ୨୨ | ୧୧୫୭ | ବେସରକାରୀ | ପତିତ | ୦.୦୪୦ | ୦.୦୧୬ | ରବୀନ୍ଦ୍ର କୁମାର ମହାନ୍ତି, ପିତା: ଉଦ୍ୟନାଥ ମହାନ୍ତି |
| ୨୩ | ୧୧୫୯ | ବେସରକାରୀ | ପତିତ | ୦.୦୫୦ | ୦.୦୨୦ | ଅମ୍ବିକା ସାହୁ, ସ୍ୱାମୀ: ଭଗବାନ ସାହୁ |
| ୨୪ | ୧୧୬୪ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ଆନନ୍ଦ ଚନ୍ଦ୍ର ନାୟକ, ପିତା: ଲିଙ୍ଗରାଜ ନାୟକ |
| ୨୫ | ୧୧୬୬ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୧୪୦ | ୦.୦୫୭ | ପ୍ରସନ୍ନ କୁମାର ସାହୁ, ଶରତ କୁମାର ସାହୁ, ସୁଦର୍ଶନ ସାହୁ, ପିତା: ଭାଗବତ ସାହୁ |
| ୨୬ | ୧୧୬୭ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୨୮୦ | ୦.୧୧୩ | ଉଦ୍ୟନାଥ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିମ୍ବାଧର ପ୍ରଧାନ, ପଞ୍ଚୁ ପ୍ରଧାନ, ପିତା: ଆନନ୍ଦ ପ୍ରଧାନ, ସୁଦର୍ଶନ ପ୍ରଧାନ, ପିତା: ନଟବର ରାଉତରା |
| ୨୭ | ୧୧୬୮ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୨୦ | ୦.୦୦୮ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୨୮ | ୧୧୬୯ | ବେସରକାରୀ | ଶାରଦ ଦୋ ଫସଲି - ୨ | ୦.୦୧୦ | ୦.୦୦୪ | ବଂଶୀଧାର ସାହୁ, ମୁରଲୀଧର ସାହୁ, ଶ୍ରୀଧର ସାହୁ, ପିତା: କଣ୍ଠ ସାହୁ |
| ୨୯ | ୧୧୭୦ | ବେସରକାରୀ | ଏଜନ | ୦.୦୩୦ | ୦.୦୧୨ | |
| ୩୦ | ୧୧୭୧ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ହରି ଡାକୁଆ, ପିତା: ମଣି ସୁବୁଦ୍ଧି |
| ୩୧ | ୨୫୮୭ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | ମାଧବ ଚନ୍ଦ୍ର ବିଶୋଇ, ପିତା: ପଞ୍ଚାନନ ବିଶୋଇ |
| ୩୨ | ୨୫୮୮ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୩୩ | ୨୫୮୯ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ମାନଗୋବିନ୍ଦ ପ୍ରଧାନ, ପିତା: ଚୈତନ୍ୟ ପ୍ରଧାନ |
| ମୌଜା: ହରେକୃଷ୍ଣପୁର | | | | | | |
| ୩୪ | ୨୨୮ | ବେସରକାରୀ | ବଗାୟତ - ୨ | ୦.୦୧୦ | ୦.୦୦୪ | ଶ୍ରୀ ରାଧାମାଧବ ଜୀଉ ବିଜେ, ଇଟାମାଟି, ମାର୍ଫତ: ଜଗନ୍ନାଥ ସାହୁ, ପିତା: ବାଞ୍ଛାନିଧି ସାହୁ |
| ୩୫ | ୨୧୪ | ବେସରକାରୀ | ବଗାୟତ - ୨ | ୦.୦୨୫ | ୦.୦୧୦ | ରାଜନ ମହାନ୍ତି, ପୂର୍ଣ୍ଣ ମହାନ୍ତି, ପିତା: ସୁଦାମ ଉତ୍ତରା, ସନାତନ ମହାନ୍ତି, ସଉରୀ ମହାନ୍ତି, ଜହ୍ନ ଦେଇ, ତରା ଦେଇ, କାଳିକା ଦେଇ, ପିତା: ସଦାଶିବ ମହାନ୍ତି, ହରି ମହାନ୍ତି, ପିତା: ବିଶ୍ୱନ ମହାନ୍ତି |
| ୩୬ | ୨୧୦ | ବେସରକାରୀ | ଘରବାରି | ୦.୦୪୦ | ୦.୦୧୬ | ବୁଲା ଖଣ୍ଡା, ପିତା: କୃପା ଖଣ୍ଡା, ନୂରୀ ଦେଇ, ସ୍ୱାମୀ: କୃପା ଖଣ୍ଡା |
| ୩୭ | ୨୦୯ | ବେସରକାରୀ | ଘରବାରି | ୦.୦୫୦ | ୦.୦୨୧ | |
| ୩୮ | ୨୧୩/୬୨୯ | ବେସରକାରୀ | ଜଳାଶୟ - ୨ | ୦.୦୮୦ | ୦.୦୩୨ | |
| ୩୯ | ୨୦୦ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବିଶ୍ୱନାଥ ବାଘ, ପୂର୍ଣ୍ଣ ଚନ୍ଦ୍ର ବାଘ, ପିତା: ଗୁଣ୍ଡିଚା ବାଘ, ଲିଙ୍ଗରାଜ ବାଘ, ପିତା: କହ୍ନେଇ ବାଘ |
| ୪୦ | ୧୯୯<br>୭୪୬ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ରାଣିଆ ବାଘ, ସ୍ୱାମୀ: ଲକ୍ଷ୍ମୀଧର ବାଘ |
| ୪୧ | ୩୩୭ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | କ୍ଷେତ୍ର ମହାନ୍ତି, ନେତ୍ର ମହାନ୍ତି, ପିତା: ରଘୁନାଥ ମହାନ୍ତି, ଚାନ୍ଦ ଦେଇ, ସ୍ୱାମୀ: ରଘୁନାଥ ମହାନ୍ତି |
| ୪୨ | ୩୩୮ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦଣ୍ଡୁ ମହାନ୍ତି, ପିତା: ଲୋକନାଥ ମହାନ୍ତି |
| ୪୩ | ୩୪୦/୭୫୦ | ବେସରକାରୀ | ଘରବାରି | ୦.୦୧୦ | ୦.୦୦୪ | ଗୋବର୍ଦ୍ଧନ ପ୍ରଧାନ, ପିତା: ଗୁରୁବାରି ପ୍ରଧାନ |
| ୪୪ | ୩୪୧ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବାଞ୍ଛାନିଧି ମହାନ୍ତି, ପିତା: ଫକୀର ମହାନ୍ତି |
| ୪୫ | ୩୪୨ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦାମ ଭୂୟାଁ, ପିତା: ଗୋପାଳ ଭୂୟାଁ |
| ୪୬ | ୩୪୩ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଲିଙ୍ଗରାଜ ନାୟକ, ପିତା: ରଘୁନାଥ ନାୟକ |
| | | | ମୋଟ | | ୦.୯୪୧ | |

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼


■ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ: ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ

# ସ୍ନେହାଙ୍କୁ ସ୍ୱର୍ଣ୍ଣ, ଜଗଦୀଶ, ପ୍ରଜ୍ଞାଙ୍କୁ ରୌପ୍ୟ



ପ୍ରଜ୍ଞା ସାହୁ



ପ୍ରତ୍ୟାଶା ରୟ

ଭୁବନେଶ୍ୱର, ୧୧।୧
(କ୍ରୀଡ଼ା ପ୍ରତିନିଧି)

ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ଭାରୋତ୍ତୋଳନରେ ଓଡ଼ିଶାର ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ ଜଗଦୀଶ ବାରିକ ୧୭ ବର୍ଷରୁ କମ୍ ଟେବୁଲ ଭଲ୍ଟରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ୨୧ ବର୍ଷରୁ କମ୍ ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରଜ୍ଞା ୧୪.୩୪ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରୟ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ୧:୧୦.୬୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ହକି: ସେମିରେ ଓଡ଼ିଶା

୨୧ବର୍ଷରୁ କମ୍ ପୁରୁଷ ହକିରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପୁଲ-ବିରେ ସ୍ଥାନ ପାଇଥିବା ଦୀପକ କେରକେଟାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଶୁକ୍ରବାର ୨-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ଏହି ସଫଳତା ପାଇଛି। ଶୈଳେନ୍ଦ୍ର ଲାକ୍ରା ୯ମ ଓ ୩୫ତମ ମିନିଟରେ୨ଟି ଗୋଲ ସ୍କୋର କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ୩୯ତମ ମିନିଟରେ ଅସୀମ ତିର୍କୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସେମିରେ ୨୧ବର୍ଷରୁ କମ୍ ଓଡ଼ିଶା ଦଳ ଉତ୍ତରପ୍ରଦେଶକୁ ଭେଟିବ। ଅନ୍ୟପକ୍ଷରେ ଗୁରୁବାର ଦିଲ୍ଲୀକୁ ୩-୧ ଗୋଲରେ ହରାଇ ସେମିରେ ପ୍ରବେଶ କରିଥିବା ୧୭ବର୍ଷରୁ କମ୍ ବାଳକ ଦଳ ସେମିଫାଇନାଲରେ ପଞ୍ଜାବକୁ ଭେଟିବ।

# ଦିବ୍ରୁଗଡ଼ଠାରୁ ହାରି ସମ୍ବଲପୁର ବିଦା

କଟକ ଅଫିସ,୧୧।୧

କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ୩ଟି ମ୍ୟାଚ ଖେଳାଯାଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ-୧ ଗ୍ରାଉଣ୍ଡରେ ଖେଳାଯାଇଥିବା ଏକ ରୋମାଞ୍ଚକର ମ୍ୟାଚରେ ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ୧୯ ରନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ଲଗାତର ୨ଟି ବିଜୟ ପରେ ଦିବ୍ରୁଗଡ଼କୁ ଭେଟିଥିବା ସମ୍ବଲପୁର ଦଳ ଏହି ପରାଜୟ ସହ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିବ୍ରୁଗଡ଼ ୧୧୬ ରନ କରିଥିଲା। ଦଳ ପକ୍ଷରୁ ରିଜାଉଦ୍ଦିନ ଅଲ୍ଲୀ ସର୍ବାଧିକ ୩୫ ରନ କରିଥିଲେ। ବିଜୟ ଲକ୍ଷ୍ୟ ସହଜ ମନେ ହେଉଥିଲେ ମଧ୍ୟ ସମ୍ବଲପୁର ୯୭ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରାହୁଲ ଚୌଧୁରୀ ସର୍ବାଧିକ ୨୫ରନ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ତ୍ରିପୁରା ବିଶ୍ୱବିଦ୍ୟାଳୟ ୬ ଉଇକେଟରେ ଏକେଏସ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଏକେଏସ ୭୦ ରନରେ ଅଲଆଉଟ ହୋଇଥିଲା। ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ଆର ଦେବବର୍ମାଙ୍କ ୨୫ରନ ସହାୟତାରେ ତ୍ରିପୁରା ବିଜୟ ଲକ୍ଷ୍ୟ ହାସଲ କରିଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କୋଲକାତା ବିଶ୍ୱବିଦ୍ୟାଳୟ ୪ ଉଇକେଟରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ବନାରସ ପକ୍ଷରୁ ଧାର୍ଯ୍ୟ ୧୩୯ ରନର ବିଜୟ ଲକ୍ଷ୍ୟକୁ କଲିକତା ୬ ଉଇକେଟ ବିନିମୟରେ ହାସଲ କରିଛି। ଓପନର ସୌମ୍ୟବ୍ରତ ନାଥ ୭୭ ରନ୍‌ର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।

■ ଜାତୀୟ ସ୍କୁଲ କିକ୍‌ବକ୍ସିଂ ଚାମ୍ପିୟନଶିପ୍

# ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

ପଶ୍ଚିମବଙ୍ଗର ସିଲିଗୁଡ଼ିସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପସରେ ଅନୁଷ୍ଠିତ ଆଇଏକେଓ (ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ) ଜାତୀୟ ସ୍କୁଲ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ର ସବ୍‌ଜୁନିୟର କାଟେଗୋରିରେ ଓଡ଼ିଶା ରନର୍ସଅପ୍ ହୋଇଛି। ପ୍ରତିଯୋଗିତାରେ ୨୩ ସ୍କୁଲରୁ ପାଖାପାଖି ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର କାଟେଗୋରିରେ ଭାଗ ନେଇଥିବା ୧୦ ଜଣିଆ ଓଡ଼ିଶା ଦଳ ୧୦ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ପାଇ ରନର୍ସଅପ୍ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଥିବାବେଳେ ଉତ୍ତରପ୍ରଦେଶର ସେଣ୍ଟ ପଲ୍ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅଲ୍‌ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଜାତୀୟ ସ୍କୁଲ କିକ୍‌ବକ୍ସିଂ ସବ୍‌ଜୁନିୟର ବିଭାଗରେ ରନର୍ସଅପ୍ ଓଡ଼ିଶା ଦଳ।

# ପଶ୍ଚିମବଙ୍ଗ ଚାମ୍ପିୟନ, ଓଡ଼ିଶା ରନର୍ସଅପ୍

## ପୂର୍ବାଞ୍ଚଳ ଏଜି ହକି

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ଅଡିଟ୍ ଓ ଆକାଉଣ୍ଟ୍ସ(ଏଜି) ହକି ଟୁର୍ନାମେଣ୍ଟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଚାମ୍ପିୟନ ଏବଂ ଓଡ଼ିଶା ରନର୍ସଅପ୍ ହୋଇଛି। ଫାଇନାଲରେ ପଶ୍ଚିମବଙ୍ଗ ୩-୧ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୧୩ତମ ମିନିଟରେ ଅମିତ ଶର୍ମା ଏକ ଫିଲ୍ଡ ଗୋଲ ଦେଇ ପଶ୍ଚିମବଙ୍ଗକୁ ଅଗ୍ରଣୀ କରାଇଥିଲେ। ୩୩ତମ ମିନିଟରେ ଓଡ଼ିଶାର ଥିଓଫିଲ୍ କୁଜୁର ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୧-୧ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୫୯ତମ ମିନିଟରେ ଚନ୍ଦନ ଶର୍ମା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପଶ୍ଚିମବଙ୍ଗକୁ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟରେ ଅଧିନାୟକ ଯାଦିନ୍ଦର ସିଂ ଆଉ ଏକ ଫିଲ୍ଡ ଗୋଲ ଦେବାରୁ ପଶ୍ଚିମବଙ୍ଗ ୩-୧ ଗୋଲରେ ବିଜୟୀ ହୋଇଥିଲା। ରେଫରି ପ୍ରଦୀପ ଗୌତମ ଓ ମୀନାକ୍ଷୀ ସୁନ୍ଦରମ ମ୍ୟାଚ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ମୁଖ୍ୟ ଅତିଥି, ଦେବସ୍ମିତା ନାୟକ, ହକି ଅଲିମ୍ପିଆନ ଲାଜରୁସ ବାର୍ଲା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଉପମହାଲେଖାକାର ବିଶ୍ୱନାଥ ସିଂ ଜର୍ଡାନ, ଉପ-ମହାଲେଖାକାର ଆର.କେ. ସୋଲାଙ୍କି, ଡ. ଜ୍ୟୋତି ଚୌରାସିଆ, ପି. ରାହୁଲ, ଦୀନମଣି ମଲିକ, ନନ୍ଦଦୁଲାଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଅବକାଶ ଖଟୁଆ, ଚିନ୍ମୟ ହୋତା, ବି. କିରଣ, ପୁରୁଷୋତ୍ତମ ବଳ, ସରୋଜ ବାରିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ପୂର୍ବାଞ୍ଚଳ ଏଜି ହକି ଟୁର୍ନାମେଣ୍ଟରେ ରନର୍ସଅପ୍ ଓଡ଼ିଶା ଦଳ ପୁରସ୍କାର ସହ ଅତିଥିଙ୍କ ଗହଣରେ।



ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଭ୍ରମଣକାରୀ ଦଳର ପ୍ରଥମ ୩ ଉଇକେଟର ଶୀଘ୍ର ପତନ ଘଟାଇବା ଆମର ପ୍ରାଧାନ୍ୟ ଲକ୍ଷ୍ୟ।
– ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ପାଣ୍ଡ୍ୟା ଓ ରାହୁଲଙ୍କ ମନ୍ତବ୍ୟକୁ ନେଇ ଦେଖାଦେଇଥିବା ବିବାଦ ଭାରତୀୟ କ୍ରିକେଟ ଦଳର ଡ୍ରେସିଂ ରୁମ୍‌ରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ।
– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଏସ୍ଓଜି ଭୁବନେଶ୍ୱର ଦଳଗତ ଚାମ୍ପିୟନ

ଢେଙ୍କାନାଳ ଅଫିସ,୧୧।୧: ଢେଙ୍କାନାଳ ରିଜର୍ଭ ଲାଇନ୍ ପୋଲିସ ପଡ଼ିଆରେ ଅନୁଷ୍ଠିତ ୫୨ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳ ଏବଂ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଳିତବର୍ଷ ଏସ୍ଓଜି ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି। ରାଇଫଲ ଚାଳନାରେ ଆଇଆର ବାଟାଲିୟନ ଲାୟନ୍ସ, କମିଶନରେଟ୍ ପୋଲିସ-ବି ଏବଂ ରିଭଲଭର ଚାଳନାରେ ଓଏସ୍ଏପି ପାଲ୍ଟର, ଏସ୍ଓଜି ଭୁବନେଶ୍ୱର ଯଥାକ୍ରମେ ଚାମ୍ପିୟନ ଏବଂ ରନର୍ସଅପ୍ ହୋଇଛନ୍ତି। ସେହିପରି ଷ୍ଟେନଗନ୍ ଚାଳନାରେ ଏସ୍ଓଜି ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଓଏସ୍ଏପି ଟସ୍କର ହାବିଲଦାର ବି. ଥାପ୍ପା ଶ୍ରେଷ୍ଠ ରାଇଫଲ ମ୍ୟାନ୍ ଏବଂ ଓଏସ୍ଏପି ପାଲ୍ଟରର ହାବିଲଦାର ମେଜର ଆର. ଗୁରୁଙ୍ଗ୍ ଶ୍ରେଷ୍ଠ ରିଭଲଭର ମ୍ୟାନ୍ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିଥିବା ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି।

### ଦକ୍ଷିଣ ଆଫ୍ରିକା ୨୬୨ରେ ଅଲଆଉଟ

ଜୋହାନ୍ସବର୍ଗ,୧୧।୧(ଏଏଫପି)- ଶୁକ୍ରବାରଠାରୁ ଏଠାରେ ଆରମ୍ଭ ହୋଇଥିବା ପାକିସ୍ତାନ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମ ଇନିଂସରେ ୭୭.୪ ଓଭରରେ ୨୬୨ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ପାକିସ୍ତାନ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୯ ଓଭରରେ ୨ ଉଇକେଟ ହରାଇ ୧୭ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ହାତରେ ରଖି ପାକିସ୍ତାନ ୨୪୫ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଇମାମ-ଉଲ - ହକ ୧୦ ଓ ମହମ୍ମଦ ଆବାସ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଶାନ ମାସୁଦ ୨ରନ ଓ ଆଝାର ଅଲ୍ଲୀ ଖାତା ଖୋଲିବା ପୂର୍ବରୁ ଭର୍ନନ ଫିଲାଣ୍ଡରଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଓପନର ଏଡେନ ମାରକ୍ରାମ ସର୍ବାଧିକ ୯୦, ଥେଉନିସ ଡି ବ୍ରୁନ୍ ୪୯, ହାସିମ ଅମଲା ୪୧, ଜୁବେର ହମ୍‌ଜା ୪୧ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଛନ୍ତି। ବୋଲିଂରେ ପାକିସ୍ତାନର ଫହୀମ ଆଶ୍ରଫ୍ ସର୍ବାଧିକ ୩, ମହମ୍ମଦ ଅମୀର, ମହମ୍ମଦ ଆବାସ ଓ ହାସନ ଅଲ୍ଲୀ ଦୁଇଟି ଲେଖାଏ, ଶଦାବ ଖାଁ ଗୋଟିଏ ଉଇକେଟ ହାସଲ କରିଥିଲେ। ସଂକ୍ଷିପ୍ତ ସ୍କୋର: ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୭୭.୪ ଓଭରରେ ୨୬୨ ଅଲଆଉଟ। ପାକିସ୍ତାନ ପ୍ରଥମ ଇନିଂସ- ୯ ଓଭରରେ ୧୭/୨।

### ବୈଦେଶ୍ୱର ଦିଶା କ୍ଲବ ସେମିରେ

ବାଙ୍କୀ, ୧୧।୧ (ସ୍ୱ.ପ୍ର)-ବାଙ୍କୀ ପଥୁରିପଡାରେ ଆୟୋଜିତ ୩୧ତମ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ଦିଶା କ୍ଲବ ବୈଦେଶ୍ୱର ୧୯ରନରେ ନଁପୁଟ ଭୁବନେଶ୍ୱରକୁ ହରାଇ ଶୁକ୍ରବାର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଦିଶା କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ରନ କରିଥିଲା। ଦଳ ପକ୍ଷରୁ ମାନସ ନାୟକ ୪୮, ସନ୍ତୋଷ ସାହୁ ୨୩ ରନ୍ କରିଥିଲେ। ନଁପୁଟ ଦଳର ଆଇ.ଏସ୍. ଗିରି ୪ ଏବଂ କାହ୍ନୁ ମହାନ୍ତି ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ବିଜୟ ରନ୍‌ର ପିଛା କରି ନଁପୁଟ ଦଳ ୧୮.୫ଓଭରରେ ୧୪୯ ରନ୍ କରି ସମସ୍ତ ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଯାମିନୀ କାନ୍ତ ନାୟକ ସର୍ବାଧିକ ୫୩ ରନ କରିଥିଲେ। ଦିଶା କ୍ଲବର ବୋଲର ଗିରିଶ ନାୟକ ୪ ଏବଂ ପ୍ରଶାନ୍ତ ବେହେରା ୨ଉଇକେଟ୍ ନେବାକୁ ସକ୍ଷମ ହୋଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଦିଶା ଦଳର ମାନସ ନାୟକଙ୍କୁ ବରପୁଟ ଗ୍ରାମପଞ୍ଚାୟତ ଯୁବ ବାହିନୀ ସଭାପତି ଚନ୍ଦ୍ର ଖଟୁଆ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଶନିବାର ମ୍ୟାଚ ଢେଙ୍କାନାଳ ମାର୍ଥାପୁର ଏବଂ କୁମାରବସ୍ତ ଖୋର୍ଦ୍ଧା ମଧରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସଦାଶିବ ଦାସ ପ୍ରକାଶ କରିଛନ୍ତି।

# ଭାରତର ଲକ୍ଷ୍ୟ ବିଶ୍ୱକପ୍ ପ୍ରସ୍ତୁତି

ସିଡ୍‌ନୀ,୧୧।୧(ପି.ଟି.)



ଦିନିକିଆ ସିରିଜ ଟ୍ରଫି ସହ ଅଧିନାୟକ ଆରୋନ ଫିଞ୍ଚ ଓ ବିରାଟ କୋହଲି।

ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ। ଟେଷ୍ଟ ସିରିଜରେ ଐତିହାସିକ ବିଜୟ ହାସଲ କରିବା ପରେ ଭ୍ରମଣକାରୀ ଭାରତ ୩ ମ୍ୟାଚ ବିଶିଷ୍ଟ ଏହି ଦିନିକିଆ ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ତେବେ ଏହା ପୂର୍ବରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ନେଇ ବିବାଦ ଭାରତୀୟ କ୍ରିକେଟରେ ଝଡ଼ ସୃଷ୍ଟି କରିଛି। ଜଣାଶୁଣା ଟିଭି ଶୋ' କଫି ୱିଥ୍ କରନରେ ଏହି ଦୁଇ କ୍ରିକେଟର ନିଜ ସେକ୍ସ ଲାଇଫ୍ ଓ ନାରୀମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବିବାଦରେ ଫସିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିପାଇଁ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରିବା ସହ ତଦନ୍ତର ନିର୍ଦ୍ଦେଶ ଦେଇଛି। ଫଳରେ ପାଣ୍ଡ୍ୟା ଓ ରାହୁଲ ଏହି ହାଇପ୍ରୋଫାଇଲ ଦିନିକିଆ ସିରିଜରୁ ବାଦ୍ ପଡିଛନ୍ତି। ଅନ୍ତିମ ଏକାଦଶରେ ପାଣ୍ଡ୍ୟା ସ୍ଥାନ ପାଇବା ନିଶ୍ଚିତ ଥିଲା। ତେବେ ଖରାପ ଫର୍ମ କାରଣରୁ ରାହୁଲ ପ୍ରଥମ ଦିନିକିଆରେ ନ ଖେଳିବା ଏକପ୍ରକାର ନିଶ୍ଚିତ ଥିଲା। ତେବେ ଏହି ଦୁଇ ଖେଳାଳିଙ୍କ ବିବାଦୀୟ ମନ୍ତବ୍ୟ ସହ ଭାରତୀୟ ଦଳ ଏକମତ ନୁହଁ। ଏହା ସେମାନଙ୍କର ବ୍ୟକ୍ତିଗତ ମନ୍ତବ୍ୟ ବୋଲି ଅଧିନାୟକ ବିରାଟ କୋହଲି ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଓପନର ହିସାବରେ ରୋହିତ ଶର୍ମା ଓ ଶିଖର ଧାୱନ୍ ବେଶ୍ ଦମ୍‌ଦାର ପ୍ରଦର୍ଶନ କରୁଥିବା ବେଳେ ରାହୁଲଙ୍କ ପାଇଁ ଦଳରେ ସ୍ଥାନ ଏକପ୍ରକାର ନାହିଁ। ଅବଶ୍ୟ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ସମସ୍ୟା ସୃଷ୍ଟି କରିବ। ମିଡଲ ଅର୍ଡରରେ ଭଲ ବ୍ୟାଟିଂ କରିବା ସହ ପାଣ୍ଡ୍ୟା ପୂରା ୧୦ ଓଭର ବୋଲିଂ କରିବାର କ୍ଷମତା ରଖନ୍ତି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରୁ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଏବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବୋଲିଂକୁ ନେଇ ଅନ୍ତିମ ପରୀକ୍ଷା ନିରୀକ୍ଷା କରିବ। ଏଭଳି ପରିସ୍ଥିତିରେ ଭୁବନେଶ୍ୱର କୁମାରଙ୍କ ସମେତ ମହମ୍ମଦ ସାମି, ଖଲିଲ ଅହମ୍ମଦଙ୍କ ଉପରେ କୋହଲି ଭରସା କରିବେ। ଏସ୍‌ସିଜି ପିଚ୍‌ରେ କିଛି ପରିମାଣରେ ଘାସ ରହିଛି। ଫଳରେ ଭାରତ ୩ ଦ୍ରୁତ ବୋଲର ଓ ୨ ସ୍ପିନରଙ୍କୁ ନେଇ ପଡିଆକୁ ଓହ୍ଲାଇବା ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇବେ ବୋଲି ସୂଚନା ଦେଇଛନ୍ତି। ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ସହିତ ସେ ସ୍ପିନ ବିଭାଗର ଦାୟିତ୍ୱରେ ରହିବେ। ପୁଣି କେଦାର ଯାଦବ ମଧ ପାର୍ଟ ଟାଇମ୍ ସ୍ପିନ୍ ବୋଲିଂ କରିବାର କ୍ଷମତା ରଖନ୍ତି ଓ ସେ ଆବଶ୍ୟକ ବେଳେ ଦଳ ପାଇଁ ସଙ୍କଟମୋଚକ ସାବ୍ୟସ୍ତ ହୋଇଛନ୍ତି।

ଦୁଇ ଓପନରଙ୍କ ସମେତ କୋହଲି ୩ ନମ୍ବରରେ ବ୍ୟାଟିଂ କରିବେ। ଏହାପରେ କେଦାର, ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ ଅମ୍ବାତି ରାୟୁଡୁ ମିଡଲ ଅର୍ଡରର ଦାୟିତ୍ୱ ସମ୍ଭାଳିବେ। ୨୦୧୮ରେ ଧୋନୀଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ତାଙ୍କର ଉଭୟ ହାରାହାରି ରନ ସଂଗ୍ରହ ଓ ଷ୍ଟ୍ରାଇକ୍ ରେଟ୍ ମାମୁଲି ରହିଛି। ତେଣୁ ଧୋନୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୪ ନମ୍ବରରେ ରାୟୁଡୁ ବ୍ୟାଟିଂ କରିବେ। ଗତ ଏସିଆ କପ୍ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜରେ ସେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଗତ ୧୧ଟି ଦିନିକିଆରେ ରାୟୁଡୁ ୫୬ ହାରରେ ୩୯୨ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ୨୦୧୬ରେ ଧୋନୀଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଆସି ୪-୧ରେ ଦିନିକିଆ ସିରିଜ ହାରିଥିଲା। ଏହି ସିରିଜରେ ରୋହିତ, କୋହଲି ଓ ଧାୱନ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ ଦଳକୁ ସିରିଜ ପରାଜୟରୁ ରକ୍ଷା କରିପାରି ନ ଥିଲେ। ସେତେବେଳେ ଅନ୍ତିମ ଦିନିକିଆରେ ମନୀଷ ପାଣ୍ଡେ ଶତକ ହାସଲ କରି ଦଳକୁ ଜିତାଇଥିଲେ ଓ ଭାରତ ୫-୦ରେ ହାରିବାରୁ ରକ୍ଷା ପାଇଯାଇଥିଲା। ଅଷ୍ଟ୍ରେଲିଆରେ ଭାରତର ଦିନିକିଆ ପ୍ରଦର୍ଶନ ସେତେଟା ଉତ୍ସାହଜନକ ନୁହଁ। ୧୯୮୫ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୦୮ ସିବି ସିରିଜକୁ ବାଦ ଦେଲେ ଭାରତ ଅଷ୍ଟ୍ରେଲିଆ ମାଟିରେ ୪୮ଟି ଦିନିକିଆ ଖେଳି ୩୫ରେ ପରାଜୟ ବରଣ କରିଛି।

ଷ୍ଟିଭେନ୍ ସ୍ମିଥ ଓ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତିରୁ ଭାରତ ଏଥର ଫାଇଦା ଉଠାଇବ। ସେହିପରି ଆଗଧାଡିର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ପ୍ୟାଟ କମିନ୍ସ ଓ ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଭାରତ ପାଇଁ ସୁବିଧାଜନକ ପରିସ୍ଥିତି ସୃଷ୍ଟି କରାଯାଇଛି। ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ସ୍ପିନର ଭାବେ ନାଥନ ଲିୟନ ସ୍ଥାନ ପାଇଛନ୍ତି। ପୁଣି ୨୦୧୦ ପରେ ପିଟର ସିଡଲ ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ଅଧିନାୟକ ଆରୋନ ଫିଞ୍ଚଙ୍କ ସହ ଇନିଂସ ଓପନ କରିବେ। ଉସ୍‌ମାନ ଖ୍ୱାଜା, ଶନ ମାର୍ଶ ଓ ପିଟର ହ୍ୟାଣ୍ଡ୍ସକମ୍ବ ମିଡିଲ ଅର୍ଡର ଦାୟିତ୍ୱରେ ରହିବେ। ମାର୍କସ ଷ୍ଟୋଇନ୍ସ ଓ ଗ୍ଲେନ୍ ମ୍ୟାକ୍ସୱେଲ ୬ ଓ ୭ ନମ୍ବରରେ ବ୍ୟାଟିଂ କରିବେ। ୩ ତାରକା ଦ୍ରୁତ ବୋଲର ବାଦ ପଡିଥିବାରୁ ଅଷ୍ଟ୍ରେଲୀୟ ଦ୍ରୁତ ବୋଲିଂ ବିଭାଗ ଦୁର୍ବଳ ମନେହେଉଛି। ସିଡଲ ୮ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବାମହାତୀ ଦ୍ରୁତବୋଲର ଜାସନ ବେହରେନଡୋର୍ଫ ଦିନିକିଆ ପଦାର୍ପଣ କରିବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ମହମ୍ମଦ ସାମି ଓ ମହମ୍ମଦ ସିରାଜ।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ (ଅଧିନାୟକ), ଆଲେକ୍ସ କେରୀ (ଉଇକେଟ କିପର), ଉସମାନ ଖ୍ୱାଜା, ଶନ୍ ମାର୍ଶ, ପିଟର ହ୍ୟାଣ୍ଡ୍ସକମ୍ବ, ମାର୍କସ ଷ୍ଟୋଇନ୍ସ, ଗ୍ଲେନ ମ୍ୟାକ୍ସୱେଲ, ନାଥନ ଲିୟନ, ପିଟର ସିଡଲ, ଝିଏ ରିଚାର୍ଡଶନ, ଜାସନ ବେହରେନଡୋର୍ଫ।

**ଦିନିକିଆ ସିରିଜ ଆଜିଠାରୁ**
- ମ୍ୟାଚ୍ ଆରମ୍ଭ: ସକାଳ ୭.୫୦
- ସ୍ଥାନ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ
- ପ୍ରସାରଣ: ସୋନୀ ନେଟୱର୍କ

### ଏକମାତ୍ର ଟି୨୦ ଜିତିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ,୧୧।୧

ସ୍ଥାନୀୟ ଇଡେନ ପାର୍କଠାରେ ଖେଳାଯାଇଥିବା ଏକମାତ୍ର ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩୫ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୧୮୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କା ୧୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହି ବିଜୟ ସହ ବରିଷ୍ଠ ପେସର ଟିମ ସୌଦି ଅଧିନାୟକ ଭାବେ କ୍ୟାରିୟର ଆରମ୍ଭ କରିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଦଳ ମାତ୍ର ୫୫ ରନ୍ ମଧରେ ୫ ଉଇକେଟ ହରାଇ ମୋଟ ୧୦୦ ମଧରେ ଅଲଆଉଟ୍ ହୋଇଯିବ ବୋଲି ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର ରସ ଟେଲର ୩୩ ଓ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଡଗ ବ୍ରସୱେଲ ୪୪ ଏବଂ ସ୍କଟ କୁଗେଲଜିନ ୩୫ ରନ୍ ଯୋଗୁ ଦଳ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଭ୍ରମଣକାରୀ ଦଳ ପାଇଁ ଅଧିନାୟକ ଲସିଥ ମାଲିଙ୍ଗା ୨ ଓ କସୁନ ରାଜିଥା ୩ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନମାନେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଉଦ୍ୟମ କରି ଉଇକେଟ ହରାଇଥିଲେ। ଫଳରେ ଦଳ ମାତ୍ର ୧୬.୫ ଓଭରରେ ୧୪୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ଲାଗି ଥିସାରା ପେରେରା ୪୩ ଓ କୁସାଲ ପେରେରା ୨୩ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ଇଶ ସୋଧି ଓ ଲୋକି ଫର୍ଗୁସନ ୩ ଲେଖାଏ ଉଇକେଟ ନେଇଥିଲେ। ବିଜୟୀ ଦଳ ପାଇଁ ଅଲରାଉଣ୍ଡର ପ୍ରଦର୍ଶନ କରିଥିବା ବ୍ରସୱେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

## ହରି ପ୍ରସାଦ ଜାତୀୟ କରାଟେ ସଂଘର ବୈଷୟିକ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

କରାଟେ ଆସୋସିଏଶନ ଅଫ ଇଣ୍ଡିଆ (କେଏଆଇ)ର ନିର୍ବାଚନ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇ ଯାଇଛି। ୪ ବର୍ଷ ପାଇଁ ହୋଇଥିବା ଏହି ନିର୍ବାଚନରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଉପସଭାପତି ପଦ ବଜାୟ ରଖିବା ସହ ଜାତୀୟ ସଂଘର ନୂଆ ବୈଷୟିକ ନିର୍ଦ୍ଦେଶକ ମନୋନୀତ ହୋଇଛନ୍ତି। ଏଥିପାଇଁ ଶୁକ୍ରବାର ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍‌କା) ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ହରିପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ସଂଘରେ ଅରୁଣାଚଳ ପ୍ରଦେଶର ସେନ୍‌ସେଇ ଲିଖାତାରା ସଭାପତି, ଜମ୍ମୁ କଶ୍ମୀରର ସେନ୍‌ସେଇ ଆମ୍ବେଦକର ଗୁପ୍ତା ସମ୍ପାଦକ, ପଶ୍ଚିମବଙ୍ଗର ପ୍ରେମ୍‌ଜିତ ସେନ୍ କୋଷାଧକ୍ଷ, ପୂର୍ବତନ ସମ୍ପାଦକ ସିହାନ ଭରତ ଶର୍ମା ଉପସଭାପତି ଏବଂ ମଧ୍ୟପ୍ରଦେଶର ରତନ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ଭାବେ ନିର୍ବାଚିତ ହୋଇଛନ୍ତି।

ହରିପ୍ରସାଦ ଓସ୍‌କାର ପ୍ରତିଷ୍ଠାତା ସଦସ୍ୟ, ସମ୍ପାଦକ ଏବଂ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ଗତ ୧୨ ବର୍ଷ ଧରି ଜାତୀୟ ସଂଘର ଉପସଭାପତି ଅଛନ୍ତି। ଭାରତରେ ଜାତୀୟ କରାଟେ ସଂଘ(ପୂର୍ବରୁ ଏଆଇକେଏଫ ଓ ଏବେ କେଏଆଇ)ର ସେ ତୃତୀୟ ବୈଷୟିକ ନିର୍ଦ୍ଦେଶକ ଅଟନ୍ତି। ତାଙ୍କ ପୂର୍ବରୁ ସେନ୍‌ସେଇ ପରଭେଜ ମିସ୍ତ୍ରି ଓ ସେନ୍‌ସେଇ କନହରାଜ ଏହି ସମ୍ମାନଜନକ ପଦବୀରେ ରହିଥିଲେ। ଏବେ ଏହି ଗୁରୁଦାୟିତ୍ୱ ହରିପ୍ରସାଦଙ୍କ ହାତକୁ ଆସିଛି। ହରିପ୍ରସାଦଙ୍କ ପ୍ରଶିକ୍ଷଣରେ ଓଡ଼ିଶାର ଅନେକ ପ୍ରତିଯୋଗୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ଭାବେ ସେ ୮୦ ଓ ୯୦ ଦଶକରେ ବହୁବାର ରାଜ୍ୟ କରାଟେରେ ଓପନ ଚାମ୍ପିୟନ ହେବା ସହ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଛନ୍ତି।

ଓସ୍‌କାର କାର୍ଯ୍ୟକାରୀ ସଭାପତି ସନତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ସଞ୍ଜୟ ଦାସ, ସୌମ୍ୟରଞ୍ଜନ ସାସମଲ, ସହ ସମ୍ପାଦକ ଗୌରୀ ମହାନ୍ତି, କୋଷାଧକ୍ଷ ଖାରବେଳ ମଲିକ, କାର୍ଯ୍ୟକାରୀ ସଦସ୍ୟ ଦୀପକ ସାମନ୍ତରା, ସନ୍ଦୀପ ମହାନ୍ତି, ଚିତ୍ତରଞ୍ଜନ ସ୍ୱାଇଁ, ସଦସ୍ୟ ହିମାଂଶୁ ଶେଖର ଦାସ, ମିର ଅଜମଦ ଅଲ୍ଲୀ, ପ୍ରଦୀପ ସରକାର, ଦିଲୀପ ଜେନା, ଅନୁପମା ସ୍ୱାଇଁ, କ୍ରିଷ୍ଣା ଶିକାରୀ, ଅନୁରାଧା ପାତ୍ର, ସୁସ୍ମିନିପାଲଟାସିଂ, ସନ୍ଦୀପ ଦାସ, ଶୁଭସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ହରିପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




ଉତ୍କଳ କରାଟେ ସ୍କୁଲରେ ଶୁକ୍ରବାର ହରିପ୍ରସାଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ଓଡ଼ିଶା ପୋଲିସ ମହିଳା କବାଡ଼ି ଦଳ ଗଠିତ

କଟକ ଅଫିସ,୧୧।୧

ପ୍ରଥମ ଥର ଓଡ଼ିଶା ପୋଲିସ ଗଠନ କରିଛି ମହିଳା କବାଡ଼ିଦଳ। ପାରଳାଖେମୁଣ୍ଡିଠାରେ ହେବାକୁ ଥିବା ସିନିୟର କବାଡ଼ି ଆନ୍ତଃ ଜିଲା କବାଡ଼ି ଟୁର୍ନାମେଣ୍ଟରେ ଏହି ଦଳ ଓଡ଼ିଶା ପୋଲିସ ପକ୍ଷରୁ ପ୍ରତିନିଧିତ୍ୱ କରିବ। ସବ୍‌ଇନ୍ସପେକ୍ଟର ତଥା ଅନ୍ତର୍ଜାତୀୟ ସ୍ତରର କବାଡ଼ି ଖେଳାଳି ରଶ୍ମିତା ବେହେରା ଦଳର ଅଧିନାୟିକା ରହିଛନ୍ତି। ଦଳ ପାରଳାଖେମୁଣ୍ଡି ଅଭିମୁଖେ ଯାତ୍ରା କରିଛି। ଏଥିରେ ଅନେକ ଜାତୀୟସ୍ତରର ମହିଳା କବାଡ଼ି ପ୍ରତିଭା ସ୍ଥାନ ପାଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ ନିଯୁକ୍ତି ନୀତି ଅନୁସାରେ ଏହି ଖେଳାଳିମାନେ ପୋଲିସ ବିଭାଗରେ କାର୍ଯ୍ୟରତ। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ପ୍ରତିଯୋଗିତା ନିମନ୍ତେ ନୂତନ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଟୁର୍ନାମେଣ୍ଟ ନିମନ୍ତେ ଯାତ୍ରା ସମୟରେ ଏଆଇଜି ବିଜୟ କୁମାର, ପୋଲିସ ମୁଖ୍ୟାଳୟ କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ କୁଂଫୁରେ ଓଡ଼ିଶାକୁ ୧୩ ପଦକ

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

ହାଇଦ୍ରାବାଦର ଗାଚିବାଓଲି ଇନ୍‌ଡୋର ଷ୍ଟାଡିୟମରେ ୧୨ତମ ଜାତୀୟ କୁଂଫୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶା ୫ ସ୍ୱର୍ଣ୍ଣ ସହ ମୋଟ ୧୩ ପଦକ ହାସଲ କରିଛି। ଜୁନିୟର କାଟେଗୋରିରେ ଅବିନାଶ ପ୍ରମାଣିକ ଟୁସୁ ଓ ସାଣ୍ଡା (ଫାଇଟ୍)ରେ ୨ ସ୍ୱର୍ଣ୍ଣ, ଅନୁରାଗ ଦାସ ସାଣ୍ଡାରେ ସ୍ୱର୍ଣ୍ଣ ଓ ଟୁସୁରେ ରୌପ୍ୟ, ରାଜକିଶୋର ଦାସ ସାଣ୍ଡାରେ ରୌପ୍ୟ, ଦିବ୍ୟାଂଶୁ ଦାସ ବ୍ରୋଞ୍ଜ, ସବ୍‌ଜୁନିୟର କାଟେଗୋରି ବାଳିକାରେ ସୋନାଲି ଚାଟାର୍ଜୀ ତାଓଲୁରେ ସ୍ୱର୍ଣ୍ଣ, ସ୍ୱୟାଂଶି ମହାପାତ୍ର ତାଓଲୁରେ ବ୍ରୋଞ୍ଜ, ବାଳକରେ ସଂଶ୍ଳେଷ ଏସ. ସାହୁ ଟୁସୁରେ ସ୍ୱର୍ଣ୍ଣ, ଶିବା ରଞ୍ଜନ ପଟ୍ଟନାୟକ ସାଣ୍ଡାରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ସିନିୟର କାଟେଗୋରିରେ ନୀତୀଶ କୁମାର ମହାନ୍ତ ସାଣ୍ଡାରେ ରୌପ୍ୟ, ସୁଜନ କୁମାର ସାଣ୍ଡାରେ ରୌପ୍ୟ ଓ ଟୁସୁରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ।



ଜାତୀୟ କୁଂଫୁରେ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ।

## ଭାରତୀୟ ଫିଲ୍ଡିଂରେ ସୁଧାର ଆବଶ୍ୟକ

ଡିନ ଜୋନ୍ସ

ଚେତେଶ୍ୱର ପୂଜାରାଙ୍କ ପ୍ରଦର୍ଶନ, ସଫଳତା ଓ ଗଣମାଧ୍ୟମଗୁଡିକରେ ତାଙ୍କୁ ଦିଆଯାଉଥିବା ଗୁରୁତ୍ୱ ଏବେ ନୂଆ ପିଢ଼ିର ପିଲାଙ୍କୁ ପ୍ରେରଣା ଯୋଗାଇବ। ଛୋଟ ପିଲାମାନେ କ୍ରିକେଟର ସବୁଠାରୁ ଲମ୍ବା ଫର୍ମାଟ ଟେଷ୍ଟ ଖେଳିବାକୁ ଏବେ ପସନ୍ଦ କରିବେ। ପୁଣି ଟେଷ୍ଟ କ୍ରିକେଟ ପ୍ରତି ସୁପରଷ୍ଟାର ବିରାଟ କୋହଲିଙ୍କ ଭଲ ପାଇବା ଓ ଅଷ୍ଟ୍ରେଲିଆ ମାଟିରେ ଭାରତର ବୃହତ୍ ତଥା ଐତିହାସିକ ବିଜୟ ଆଗାମୀ ପିଢ଼ିକୁ ଟେଷ୍ଟ ଖେଳିବା ପାଇଁ ପ୍ରେରଣା ଦେବ ଓ ଟେଷ୍ଟ ଫର୍ମାଟକୁ ବଞ୍ଚାଇ ରଖିବାରେ ସହାୟ ହେବ।

ଦୀର୍ଘ ୭୧ ବର୍ଷ ପରେ ଭାରତ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବା ଏକ ବଡ଼ ତଥା ଅସାଧାରଣ ସଫଳତା ବୋଲି କୁହାଯାଇପାରେ। ପ୍ରତ୍ୟେକ ଭାରତୀୟ ଓ ପୂର୍ବତନ ଟେଷ୍ଟ କ୍ରିକେଟର ଏହି ବିଜୟକୁ ବେଶ୍ ପ୍ରଶଂସା କରିବା ସହ ସମ୍ମାନର ସହ ଗ୍ରହଣ କରିଛନ୍ତି। ଭାରତ ଯେଭଳି ଖେଳିଲା, ଅଷ୍ଟ୍ରେଲିଆ ପ୍ରଶଂସକମାନେ ମଧ ଏହାକୁ ବେଶ୍ ସିରିଜ ଅବସରରେ ଉପଭୋଗ କରିଛନ୍ତି। ଟେଷ୍ଟ କିପରି ଖେଳିବାକୁ ହୁଏ ପୂଜାରା ତାହା କରି ଦେଖାଇଛନ୍ତି। ପୂର୍ବାପେକ୍ଷା କୋହଲିଙ୍କ ପ୍ରଶଂସକଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି।

ଦିନିକିଆ ସିରିଜରେ ମଧ ଭାରତ ତା'ର ଏହି ପ୍ରଦର୍ଶନକୁ ବଜାୟ ରଖିବ ଓ ଅଷ୍ଟ୍ରେଲିଆକୁ ହରାଇ ପାରିବ ବୋଲି କୁହାଯାଇପାରେ। ଭାରତର ପ୍ରଦର୍ଶନରେ ଲଗାତର ଉନ୍ନତି ହେଉଛି। ଅଷ୍ଟ୍ରେଲିଆ ମଧ ତା'ର ରଣନୀତିରେ ପରିବର୍ତ୍ତନ ଆଣିଛି। ଡି' ଆର୍କି ଶର୍ଟ ଓ କ୍ରିସ୍ ଲିନ୍‌ଙ୍କ ବଦଳରେ ଉସ୍‌ମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡକମ୍ବଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରିଛି। ଫଳରେ ଅଷ୍ଟ୍ରେଲିଆ ପାରମ୍ପରିକ ଶୈଳୀରେ ଖେଳିବ ବୋଲି ମନେହୁଏ।

ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବାକୁ ଆହୁରି ୫ ମାସ ବାକି ଅଛି। କିନ୍ତୁ ଆମ ଚୟନକର୍ତ୍ତାମାନେ ପିଲାଙ୍କ ଭଳି ଦଳର ରଣନୀତିରେ ପରିବର୍ତ୍ତନ ଆଣିଛନ୍ତି। ୩ଜଣ ମୁଖ୍ୟ ବୋଲର ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ ଓ ପ୍ୟାଟ କମିନ୍ସଙ୍କୁ ଚୟନକର୍ତ୍ତାମାନେ ବିଶ୍ରାମ ଦେଇଛନ୍ତି। ବିଶ୍ୱକପ୍ ପାଇଁ ଖେଳାଳିଙ୍କୁ ପରଖିବା ଓ ରଣନୀତି ପ୍ରସ୍ତୁତ କରିବାର ସମୟ ଆସି ପହଞ୍ଚିବା ବେଳେ ଚୟନକର୍ତ୍ତାଙ୍କ ଏଭଳି ପଦକ୍ଷେପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭାରତର ବ୍ୟାଟିଂ ଲାଇନଅପ୍ ବେଶ୍ ଦୃଢ଼ ମନେହେଉଛି। ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନଙ୍କ ସମେତ ଭାରତୀୟ ଦଳରେ ଉଚ୍ଚକୋଟୀର ସ୍ପିନର ଓ ଦ୍ରୁତ ବୋଲର ମଧ ରହିଛନ୍ତି। ଅଷ୍ଟ୍ରେଲିଆରେ ଏପର୍ଯ୍ୟନ୍ତ ଭାରତର ରଣନୀତି କାମ ଦେଇଛି। ତେବେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ସଂଗଠିତ ହୋଇପାରି ନାହିଁ ଓ ଦଳ ଅବ୍ୟବସ୍ଥିତ ଜଣାପଡୁଛି। ଗତ ୨୩ଟି ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମାତ୍ର ୩ଟିରେ ବିଜୟ ହାସଲ କରିଛି। ଏହି ୨୩ଟି ଦିନିକିଆରେ ଅଷ୍ଟ୍ରେଲିଆ ୩୨ ଜଣ ଖେଳାଳିଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିଛି। ତେଣୁ ବିଶ୍ୱକପ୍ ପୂର୍ବରୁ ଆମ ଦଳ ସଂଗଠିତ ହୋଇଛି ବୋଲି କିପରି କୁହାଯାଇପାରିବ? ଏଥି ପାଇଁ ଅବଶ୍ୟ ମୁଁ ଚୟନକର୍ତ୍ତାଙ୍କୁ ଦାୟୀ କରିବି। ଗତ ବିଶ୍ୱକପ୍‌ରେ ଆମେ ଚାମ୍ପିୟନ ହୋଇଥିଲୁ। କିନ୍ତୁ ଆମେ ଏକ ଚାମ୍ପିୟନ ଦଳ ଭଳି ଖେଳୁନାହୁଁ। ଏକଥା ଚୟନକର୍ତ୍ତାମାନେ ହୃଦୟଙ୍ଗମ କରିବା ଉଚିତ୍।

ଭାରତ ଓ ଅଷ୍ଟ୍ରେଲିଆ ଏ ବର୍ଷ ଶ୍ରେଷ୍ଠ ଦଳ ଭାବେ ଉଭା ହେବେ। ବିଶ୍ୱକପ୍ ଟାଇଟଲ ଦୌଡରେ ଏହି ଦୁଇ ଦଳ ସବୁଠାରୁ ଆଗରେ ରହିବେ ଏଥିରେ ସନ୍ଦେହ ନାହିଁ। ଅଷ୍ଟ୍ରେଲିଆ ମଧ ପ୍ରଦର୍ଶନରେ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। ତେବେ ଭାରତ ବିପକ୍ଷ ଦିନିକିଆ ସିରିଜରେ ୩ଜଣ ଆଗଧାଡିର ଦ୍ରୁତ ବୋଲରଙ୍କୁ ବିଶ୍ରାମ ଦେବା କଥା ମୋତେ ବୁଝାପଡୁନାହିଁ। ଜଣେ ବୋଲରଙ୍କୁ ବିଶ୍ରାମ ଦିଆଯାଇଥିଲେ ଚଳିଥାନ୍ତା। କିନ୍ତୁ ୩ଜଣଙ୍କୁ ନୁହେଁ ବୋଲି ମୁଁ ଜୋର ଦେଇ କହିପାରେ।

ଭାରତର ବ୍ୟାଟିଂ ଓ ବୋଲିଂ ବେଶ୍ ଉଚ୍ଚକୋଟୀର। କିନ୍ତୁ ଫିଲ୍ଡିଂରେ ଭାରତ ନିଶ୍ଚିତ ଭାବେ ପଛରେ ରହିଛି। ତେଣୁ ଫିଲ୍ଡିଂରେ ସୁଧାର ଆଣିପାରିଲେ ଭାରତ ସଫଳହେବ ବୋଲି କୁହାଯାଇପାରେ। (ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE
INVATUBULAR

## ନିମାପଡ଼ା କପ୍: ଫାଇନାଲରେ ନିମପୁର ସ୍ପୋର୍ଟିଂ

ନିମାପଡ଼ା,୧୧।୧(ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ନିମାପଡ଼ା କପ୍ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରି କଟକ ନିମପୁର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ପ୍ରଗତି ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଶାନ୍ତନୁ ମିଶ୍ରଙ୍କ ୫୬ରନ ବଳରେ ଦଳ ୯ ଉଇକେଟ ହରାଇ ୧୫୮ରନ କରିଥିଲା। ନିମପୁର ପକ୍ଷରୁ ଅଭିଷେକ ୪ ଓ ବଳରାମ ବେହେରା ୩ ଉଇକେଟ ନେଇଥିଲେ। ଜବାବରେ ନିମପୁର ସ୍ପୋର୍ଟିଂ ୫ ଉଇକେଟରେ ୧୬୧ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିନାଶ ନାୟକ ୩୭ ଓ ସୁମିତ ମହାପାତ୍ର ୨୭ରନ କରିଥିଲେ। ଅମ୍ପାୟର ସତ୍ୟେନ୍ଦ୍ରମୋହନ ମହାନ୍ତି ଓ ଅୟଶକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ନିମପୁର ସ୍ପୋର୍ଟିଂର ଅଭିଷେକ ମ୍ୟାନ ଅଫ ଦି ମ୍ୟାଚ ଏବଂ ପ୍ରଗତି ସ୍ପୋର୍ଟିଂର ଶାନ୍ତନୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ବିବେଚିତ ହୋଇଥିଲେ। ଅତିଥିଭାବେ ବିସିସିଆଇର ପୂର୍ବତନ ମ୍ୟାଚ ରେଫରି ବିଭୁ ଶତପଥୀ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଆସନ୍ତା ୧୩ ତାରିଖ ଫାଇନାଲରେ ନିମପୁର ସ୍ପୋର୍ଟିଂ କଟକ ଓ କ୍ରାଉନ ସ୍ପୋର୍ଟିଂ ଭୁବନେଶ୍ୱର ମଧରେ ମ୍ୟାଚ ଅନୁଷ୍ଠିତ ହେବ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୨/୨୦୧୯ Bhubaneswar, Saturday, January 12/2019

# ଅଟୋ–କାର୍ ମୁହାଁମୁହିଁ ଧକ୍କା: ୨ ମୃତ, ଜଣେ ଗୁରୁତର

ନୂଆଗାଁ,୧୧।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଲୁଣିସରା ୫୭ନଂ ଜାତୀୟ ରାଜପଥରେ ଶୁକ୍ରବାର ପୂର୍ବାହ୍ନରେ ସଡକ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ ସିକ୍ରିଡା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମର ବୁଲୁ ସିଂ ଓ ସିକ୍ରିଡା ଗ୍ରାମର ସୁରେଶ ସାହୁ। ଆହତ ଜଣକ ହେଲେ ଜଗନ୍ନାଥପ୍ରସାଦ ଗ୍ରାମର ମୁରଲୀ ସିଂ। ସୂଚନା ମୁତାବକ ଓଡି୦୨ଡି-୭୬୫୮ ନମ୍ବର ଯାତ୍ରୀବାହୀ ଅଟୋ ଯୋଗେ ବୁଲୁ, ସୁରେଶ ଓ ମୁରଲୀ ମହିତମା ଛକ ଦେଇ ଦଶପଲ୍ଲା ଅଭିମୁଖେ ଯାଉଥିଲା। ଏହି ସମୟରେ ଦଶପଲ୍ଲା ପଟୁ ନୟାଗଡ଼ ଆସୁଥିବା ଓଡି୦୨-୮୦୪୧ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବୁଲୁ ସିଂଙ୍କ ମୃତ୍ୟୁ ଘଟିଥିଲା। ସୁରେଶ ଓ ମୁରଲୀଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବାରୁ ନୂଆଗାଁ ଦମକଳବାହିନୀ ଗାଡି ଯୋଗେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ସୁରେଶଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ନୂଆଗାଁ ଥାନା ଅଧିକାରୀ ଏସ୍.ଏଫ୍. ଆଲାମ, ଏଏସ୍ଆଇ ପ୍ରସନ୍ନ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।


ଦୁର୍ଘଟଣାଗ୍ରସ୍ତ କାର।

# ଟ୍ୟାଙ୍କର ପଛରେ ପିଟିହେଲା ସ୍କୁଟି: ଚାଳକ ମୃତ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ନୟାପଲ୍ଲୀ ଥାନା ଫାୟାରଷ୍ଟେଶନ ଓଭରବ୍ରିଜ୍ ଉପରେ ଏକ ଟ୍ୟାଙ୍କର(ଏପି-୩୧ଟିଏଚ୍-୦୭୭୯) ପଛରେ ପିଟିହୋଇ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସତ୍ୟନଗରର ଅଭିମନ୍ୟୁ ସାହୁ(୪୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଅଭିମନ୍ୟୁ ପରିବାର ସହ ଶାସ୍ତ୍ରୀନଗରରେ ରହୁଥିଲେ। ସେ କୌଣସି କାମରେ ଖଣ୍ଡଗିରି ଯାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୪୫ରେ ଘରକୁ ଫେରୁଥିଲେ। ସେ ଦ୍ରୁତି ଗତିରେ ସ୍କୁଟି ଚଲାଇ ଖଣ୍ଡଗିରିରୁ ଜୟଦେବ ବିହାର ଅଭିମୁଖେ ଆସୁଥିଲେ। ହେଲେ ଫାୟାର ଷ୍ଟେସନ ଓଭରବ୍ରିଜ ଉପରେ ଥୁଆ ହୋଇଥିବା ଏକ ଟ୍ୟାଙ୍କରକୁ ପଛରୁ ଧକ୍କା ଦେଇଥିଲେ।




# ୨୧ରୁ 'ହେଲ୍‌ଥ ମେଡିକନ୍'

## ଯୋଗଦେବେ ଦେଶବିଦେଶର ବିଶେଷଜ୍ଞ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି(ଆଇପିଏସ୍) ଏବଂ ଓୟୁଏଟିର ମିଳିତ ଉଦ୍ୟମରେ ଆସନ୍ତା ୨୧ ଏବଂ ୨୨ ତାରିଖରେ ଭୁବନେଶ୍ୱରଠାରେ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସମ୍ମିଳନୀ 'ହେଲ୍‌ଥ ମେଡିକନ୍-୨୦୧୯' ଅନୁଷ୍ଠିତ ହେବ। 'ଔଷଧ, ପ୍ରଯୁକ୍ତି ଏବଂ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପର୍କିତ ସର୍ବାଧୁନିକ ବ୍ୟବସ୍ଥା' ବିଷୟବସ୍ତୁ ସମ୍ବଳିତ ଏହି ସମ୍ମିଳନୀରେ ଦେଶ ଓ ବିଦେଶର ପ୍ରଖ୍ୟାତ ବିଶେଷଜ୍ଞମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଓୟୁଏଟି ପରିସରରେ ହେବାକୁ ଥିବା ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଭାଗରୁ ଏଲୋପାଥି, ହୋମିଓପାଥି, ଆୟୁର୍ବେଦ, ଦନ୍ତ ଚିକିତ୍ସା, ଯୋଗ, ଫାର୍ମାସୀ, ଇଞ୍ଜିନିୟରିଂ, କୃଷି ବିଜ୍ଞାନ, ବନ ବିଜ୍ଞାନ, ଜୈବଭେଷଜ ବିଜ୍ଞାନ ଆଦି କ୍ଷେତ୍ରର ବିଶିଷ୍ଟ ବୈଜ୍ଞାନିକ, ଗବେଷକ, ଶିକ୍ଷକ, ଚିକିତ୍ସକ ଓ ଛାତ୍ରୀଛାତ୍ର ଯୋଗଦେବେ। ସମ୍ମିଳନୀରେ ଯୋଗଦେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ www.healthmedicon.com ଜରିଆରେ ନାମ ପଞ୍ଜୀକରଣ କରିପାରିବେ। ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପ୍ରାକୃତିକ ସମ୍ବଳ, ଚିକିତ୍ସା ବିଜ୍ଞାନରେ ଅଗ୍ରଗତି ଆଦି ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଏବଂ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ, ଗବେଷକ, ଶିକ୍ଷକ ଓ ଚିକିତ୍ସକ ତଥା ଓଡ଼ିଶାର ବୈଜ୍ଞାନିକ, ଗବେଷକ, ଶିକ୍ଷକ ଓ ଚିକିତ୍ସକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ।

ସମ୍ମିଳନୀକୁ ସୁଚାରୁ ରୂପେ ସଞ୍ଚାଳନ କରିବା ପାଇଁ ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କ ମୁଖ୍ୟ ପୃଷ୍ଠପୋଷକତାରେ ଏବଂ ଆଇପିଏସର ପ୍ରତିଷ୍ଠାତା ସଭାପତି ବିଶିଷ୍ଟ ଚିକିତ୍ସାବିଜ୍ଞାନୀ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁଙ୍କ ଅଧ୍ୟକ୍ଷତାରେ ଏକ ଆୟୋଜନ କମିଟି ଗଠନ କରାଯାଇଛି। ଏ ନେଇ ଶୁକ୍ରବାର ଓୟୁଏଟିଠାରେ ଆୟୋଜକଙ୍କ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ନାବାଳକ ଅପହରଣ ଅଭିଯୋଗ

ପୁରୀ ଅଫିସ,୧୧।୧

ବଳିଆପଣ୍ଡା ଥାନା ଅଞ୍ଚଳରୁ ଜଣେ ନାବାଳକଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କ କହିବାନୁଯାୟୀ, ନାବାଳକ ଜଣକ କୌଣସି କାମରେ ବସ୍ତି ଛକକୁ ଯାଇ ଫେରି ନ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ଚାରିଆଡେ ଖୋଜାଖୋଜି କରିଥିଲେ।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭଗବାନଙ୍କର ଦୁଇଟି ଘର ଅଛି, ଗୋଟିଏ ହେଉଛି ସ୍ୱର୍ଗରେ ଓ ଅନ୍ୟଟି କୃତଜ୍ଞତାପୂର୍ଣ୍ଣ ହୃଦୟରେ।
- ଆଇଜାକ୍ ୱାଲଟନ୍



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ଗୁରୁତର

**ସାଲେପୁର,୧୧।୧(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ନାଳିଆମୁହଁ ପୋଲ ନିକଟରେ ଶୁକ୍ରବାର ଏକ ଟ୍ରକ୍ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଶିଶୁଆ ପଞ୍ଚାୟତ ବାହାବଲପୁର ଗ୍ରାମର ଭରତ କବାଟ(୫୭)। ଭରତ ଚାଲିଚାଲି ଶିଶୁଆ ବଜାରକୁ ଆସୁଥିବା ସମୟରେ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଆସୁଥିବା ମାଲ୍ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସାଲେପୁର ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିଥିଲା।

### ଆଜିଠାରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ବାଙ୍କୀ,୧୧।୧(ବି.ପ୍ର.):** ଶନିବାରଠାରୁ ବାଙ୍କୀ କଚେରି ପଡ଼ିଆରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣା, ସହକାରୀ ସାଧାରଣ ସମ୍ପାଦକ ପ୍ରଶାନ୍ତ ଦାସ, କ୍ରିକେଟ ସମ୍ପାଦକ ସ୍ୱତାଙ୍କ ମିଶ୍ର ଓ ଉପସଭାପତି ବିବେକାନନ୍ଦ ସାମଲ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଭାଲିଆ ବାଡି ଖୋର୍ଦ୍ଧା ଓ ଜେଜେସିସି କଳାପଥର ମଧ୍ୟରେ ଅନୁଷ୍ଠିତ ହେବ। ୧୩ ତାରିଖରେ ବାଙ୍କୀ ଆଥ୍‌ଲେଟିକି ଆସୋସିଏଶନ ଓ ବାଘମାରୀ ଅଟ୍ରି, ୧୪ରେ ନାନପୁଟ ଭୁବନେଶ୍ୱର ଓ ୧୨ତାରିଖ ବିଜେତାଙ୍କ ମଧ୍ୟରେ ଖେଳ ହେବ। ୧୫ରେ ମାଜେଷ୍ଟ୍ରିକ୍ ଆଠଗଡ଼ ଓ ୧୩ର ବିଜେତା ସହିତ ମ୍ୟାଚ ହେବ। ୧୬ରେ ଆରଏସ କ୍ରିକେଟ କ୍ଲବ କୁମାରବସ୍ତ ଓ ସତ୍ୟପିର ସ୍ପୋର୍ଟିଂ କାଇପଦର, ୧୭ରେ କେସିସି ଖୋର୍ଦ୍ଧା ସହିତ ଷ୍ଟାର ଆଠଗଡକୁ ମୁକାବିଲା କରିବ। ୨୧ରେ ପ୍ରଥମ ଏବଂ ୨୨ରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ। ୨୩ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ତୋରଣ ଯୋଗୁ ନୃସିଂହ ଛକରେ ଟ୍ରାଫିକ୍ ସମସ୍ୟା

**ବାଙ୍କୀ,୧୧।୧(ସ୍ୱ.ପ୍ର.):** ବାଙ୍କୀ ଟାଉନସ୍ଥ ନୃସିଂହ ଛକରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ପ୍ରଶାସନିକ ଅବହେଳା ଯୋଗୁ ନବବର୍ଷ ତୋରଣ ଗୁଡ଼ିକ ଖୋଲା ଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ଶୁକ୍ରବାର ଟ୍ରାଫିକ୍ ଅତ୍ୟଧିକ ଜାମ୍ ହେବାରୁ ଘଣ୍ଟାଏ କାଳ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବାଙ୍କୀ ପ୍ରଶାସନ ତୋରଣ ହଟାଇବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ସହରର ଜନସାଧାରଣ ଓ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି।

### ଗୁଆଳିପୁରରେ ଧାନମଣ୍ଡି ଖୋଲିଲା



**ରଘୁନାଥପୁର, ୧୧।୧( ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଗୁଆଳିପୁର କୃଷି ସମବାୟ ସମିତିର ଶୁକ୍ରବାର ଧାନମଣ୍ଡିର ଉଦ୍‌ଘାଟନ ହୋଇଛି। ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତି ଓ ସହସମ୍ପାଦକ ପ୍ରଭାକର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ, ଅଢେଇକୂଳ ସମିତିସଭ୍ୟ ମନୋଜ କୁମାର ସେଠୀ, ଆମ୍ବା ଅଧକ୍ଷ ରବୀନ୍ଦ୍ରନାଥ ସ୍ୱାଇଁ, ସିସିବି ମ୍ୟାନେଜର ଦୋଳ ଗୋବିନ୍ଦ ଖଟୁଆ ଓ ସମିତିର ସଭାପତି ପ୍ରଦୀପ କୁମାର ବାରିକ ନଡିଆ ବାଡେଇ ମଣ୍ଡିର ଉଦ୍‌ଘାଟନ କରିଥିଲେ। ଗୁଆଳିପୁର, ଅଢେଇକୂଳ, ପୁରଣ ଓଡପଡା ପଞ୍ଚାୟତର ସର୍ବାଧିକ ୫୩୬ ଜଣ ଚାଷୀ ଧାନ ବିକ୍ରୟ ପାଇଁ ଅନଲାଇନରେ ଥିବାବେଳେ ମୋଟ ୨୪ ହଜାର ୩ ଶହ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ରହିଛି। ମିଲର ବରଗଡକୁ ଧାନ ନେଉଥିବାବେଳେ ସୁପରଭାଇଜର ସାରଦା ପ୍ରସନ୍ନ ଦାସ ଏହି ଦାୟିତ୍ୱରେ ରହିଛନ୍ତି। ସପ୍ତାହକରେ ଶୁକ୍ରବାର ଧାନ ନେବାକୁ ସ୍ଥିର ହୋଇଛି। ଆବଶ୍ୟକ ସ୍ଥଳେ ଏହାକୁ ବଢ଼ା ଯାଇପାରେ ବୋଲି ସଭାପତି ବାରିକ କହିଛନ୍ତି। ପର୍ଚେଜ କମିଟିରେ ଚାଷୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସର୍ବେଶ୍ୱର ପଟ୍ଟନାୟକ, ମୁରଲୀଧର ମହାନ୍ତି, ସନ୍ତୋଷ କୁମାର ସେଠୀ ଓ ନିବାସ କୁମାର ଲେଙ୍କା ସମସ୍ତ ଚାଷୀମାନେ ଶୃଙ୍ଖଳାର ସହ ଧାନ ଦେବାକୁ ଚାଷୀଙ୍କୁ ଆହ୍ୱାନ କରିଥିଲେ।

■ ଡାକ୍ତର ନିଯୁକ୍ତି ଦାବିରେ ଧାରଣା ଜାରି

# ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନି

**ନରସିଂହପୁର,୧୧।୧(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅଧୀନ ଯୋଡ଼ମୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ସମେତ ଅନ୍ୟ ଦାବିନେଇ ଜିଲିଣ୍ଡା କଳିଙ୍ଗ ଲାୟନ୍ସ କ୍ଲବ ସଦସ୍ୟମାନେ ଆରମ୍ଭ କରିଥିବା ଗଣଧାରଣା ଜାରି ରହିଛି। ଏହି ଧାରଣା ଶୁକ୍ରବାର ୫ମ ଦିନରେ ପହଞ୍ଚିଛି। ହେଲେ ଏ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ଧାରଣାସ୍ଥଳକୁ ଆସି ନାହାନ୍ତି। ଯାହାକୁ ନେଇ ଧାରଣାକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହଜାର ହଜାର ଲୋକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବାରୁ ଦିନକୁ ଦିନ ଧାରଣାକାରୀଙ୍କୁ ଅଧିକ ସମର୍ଥନ ମିଳୁଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଗ୍ରାମବାସୀ, ଡାକ୍ତର ଓ ବିଭିନ୍ନ ସଂଗଠନ ଏହାକୁ ସମର୍ଥନ କରିବାପରେ ବରିଷ୍ଠ ନାଗରିକ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କ୍ଲବ ସମ୍ପାଦକ ପବିତ୍ର ମିଶ୍ର, ସଭ୍ୟ ରାଜୀବ ଲୋଚନ ଦାଶ ଓ ମୋହନ ପ୍ରଧାନ ପ୍ରମୁଖ ଚେତବାନୀ ଦେଇଛନ୍ତି। ଅନ୍ୟପକ୍ଷରେ ମେଡିକାଲ ଦାୟିତ୍ୱରେ ଥିବା ଅଧିକାରୀ ଏ ଦିଗରେ ହସ୍ତକ୍ଷେପ କଲେ ଧାରଣା ବନ୍ଦ ହେବାସହ ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ମତ ପ୍ରକାଶ ପାଇଛି। ସରକାର ଚିକିତ୍ସା କ୍ଷେତ୍ରରେ ନାନା ସୁବିଧା ସୃଷ୍ଟି କରିଥିବା କହୁଥିଲେ ମଧ୍ୟ ଏଠାରେ ଡାକ୍ତର ନିଯୁକ୍ତି ନ କରିବାରୁ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଧାରଣା ସତ୍ତ୍ୱେ କୌଣସି ଅଧିକାରୀ ଆସୁ ନ ଥିବାରୁ ରୋଗୀସେବା ପାଇଁ ବିଭାଗର ଆନ୍ତରିକତା ନ ଥିବା ସ୍ପଷ୍ଟ ବାରି ହୋଇ ପଡୁଛି। ଶୀଘ୍ର ଏହା ଉପରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗକୁ ପରିସ୍ଥିତ ଭିନ୍ନ ରୂପ ଧାରଣ କରିବାର ସମ୍ଭାବନା ରହିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ମେଡିକାଲ ଦାୟିତ୍ୱରେ ଥିବା କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ଦେବାଶିଷ ଜେଠୀ କହିଛନ୍ତି, ଏହି ସମସ୍ୟାର ସାମାଧାନ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ହୋଇ ପାରିବ। ଆମେ ସମସ୍ୟା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଛୁ। ସେଠାରୁ ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ ପଦକ୍ଷେପ ନିଆଯିବ। ଏବେ ସେହି ନିର୍ଦ୍ଦେଶକୁ ସମସ୍ତଙ୍କ ଅପେକ୍ଷା।



ଯୋଡମୁଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଲାୟନ୍ସ କ୍ଲବ ସଦସ୍ୟ, ବରିଷ୍ଠ ନାଗରିକ ଓ ମହିଳା ଗୋଷ୍ଠୀ ସଦସ୍ୟା ଧାରଣା ଦେଇଛନ୍ତି।

■ବଢ଼ୁଛି ସମର୍ଥକଙ୍କ ସଂଖ୍ୟା
■ଜନ ଅସନ୍ତୋଷ ବୃଦ୍ଧି ପାଉଛି
■ଦାବିପୂରଣ ନ ହେବା ପର୍ଯ୍ୟନ୍ତ ହେବ ଆନ୍ଦୋଳନ



ଲଳିତଗିରି, ଭଦ୍ରେଶ୍ୱର ପଞ୍ଚାୟତର ବହୁ ବିଜେଡି ଏବଂ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି।

■ ମାହାଙ୍ଗା ଆସୁଛନ୍ତି ଅମିତ ଶାହ

# ସକ୍ରିୟ ହେଲେଣି ନେତା, କର୍ମୀ

**ଲଳିତଗିରି,୧୧।୧(ସ୍ୱ.ପ୍ର.)**

ଆସନ୍ତା ୧୮ ତାରିଖରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ମାହାଙ୍ଗା ଆସିବେ। ଏହି ସମୟରେ ସେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଳିଆଠାରେ ବୁଥସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀରେ ଯୋଗଦେବେ। ଏହାକୁ ନେଇ ଅଞ୍ଚଳର ଭାଜପା ନେତା ଓ କର୍ମୀ ବେଶ ସକ୍ରିୟ ହୋଇ ପଡ଼ିଛନ୍ତି। ଗୁରୁବାର ଦଳ ପକ୍ଷରୁ ପୋଡ଼ାମରାଇଠାରେ ପ୍ରସ୍ତୁତି ବୈଠକ ହୋଇଥିଲା। ଆଇନଜୀବୀ ଅମରେନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଭାଜପା ନେତା ଶାରଦା ପ୍ରଧାନ ଯୋଗଦେଇ ସମ୍ମିଳନୀକୁ କିପରି ସଫଳ କରାଯିବା ତା' ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀରେ ନିର୍ବାଚନମଣ୍ଡଳୀରୁ ୪୦ ହଜାରରୁ ଅଧିକ କର୍ମୀ ଯୋଗଦେବେ ବୋଲି ପ୍ରଧାନ ବୈଠକରେ କହିଥିଲେ। ଜିଲା ମହିଳା ମୋର୍ଚ୍ଚା ଅଧକ୍ଷା ଯାଜ୍ଞାସେନୀ ଜେନା, କୁଳମଣି ବରାଳ, ସମିତିସଭ୍ୟ ରଞ୍ଜିତ ସାହୁ, ଜିତେନ୍ଦ୍ର ଶତପଥୀ, ଅଞ୍ଜନ ମିଶ୍ର ପ୍ରମୁଖଙ୍କ ସମେତ ବହୁ କର୍ମୀ ବୈଠକରେ ଉପସ୍ଥିତ ଥିଲେ। ଏହାପରେ ସେଠାରେ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ଲଳିତଗିରି ଏବଂ ଭଦ୍ରେଶ୍ୱର ପଞ୍ଚାୟତର ବହୁ ବିଜେଡି ଏବଂ କଂଗ୍ରେସ କର୍ମୀ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଲଳିତଗିରି ପଞ୍ଚାୟତର ମହେନ୍ଦ୍ର ଚରଣ ସିଂହ, ଜିତେନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ବିଜେଡି ଛାଡ଼ି ସଂଗ୍ରାମ ସିଂହ, ନିରଞ୍ଜନ ମହାରଣା, କମଳାକାନ୍ତ ସିଂହ ଓ ରବିନ୍ଦ୍ର ସିଂହ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଭଦ୍ରେଶ୍ୱର ପଞ୍ଚାୟତର ଅଲେଖ ମଲ୍ଲ, ରବୀନ୍ଦ୍ର ଚନ୍ଦ୍ର ରାଉତ, ଅଭୟ ସାହୁ, ଅର୍ଜୁନ ସେଠୀ, ନରେନ୍ଦ୍ର ସେଠୀ, ହେମନ୍ତ ମହାନ୍ତି ଏବଂ ମାନସ ମହାନ୍ତି ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ।



ଅତିଥିଙ୍କ ଗହଣରେ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ।

# ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା

**ବାଙ୍କୀ,୧୧।୧(ସ୍ୱ.ପ୍ର.)**

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉପଲକ୍ଷେ ଶୁକ୍ରବାର ସ୍କୁଲ ପରିସରରେ ପ୍ରବନ୍ଧ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସବୁ ବିଭାଗରେ ଜୁନିୟର ଓ ସିନିୟର କରାଯାଇଥିଲା। ଏଥିରେ ଭାଗ ନେଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟଙ୍କୁ ଚୟନ କରାଯାଇଥିଲା। ବିଚାରକ ଭାବେ କବି ଶରତ ଚନ୍ଦ୍ର ମହାପାତ୍ର, କମଳା କାନ୍ତ ମିଶ୍ର ଓ ଆଶିଷ କୁମାର ମହାପାତ୍ର ଯୋଗ ଦେଇଥିଲେ। ପରିଚାଳନା କମିଟି ସଭାପତି ଆଦିତ୍ୟ ପ୍ରସାଦ ପାଣି, ସମ୍ପାଦକ ରମେଶ ଚନ୍ଦ୍ର ବେହେରା, କୋଷାଧକ୍ଷ ସତ୍ୟନାରାୟଣ ସାହୁ, ବିଦ୍ୟାଳୟ ଅଧକ୍ଷା ପ୍ରିତୀମଞ୍ଜରୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆୟୋଜିତ ସଭାରେ କିଶୋର ଚନ୍ଦ୍ର ଛାଟୋଇ ଅଧକ୍ଷତା କରିଥିବାବେଳେ ସୁରଜିତା ପଣ୍ଡା, ଆଦ୍ୟାଶା ମହାପାତ୍ର, ହରିହର ଜେନା ଓ ଅଞ୍ଜଳି ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଏକ ଦିବସୀୟ କ୍ରିକେଟ: ଗାଲାକ୍ସି ଟିମ୍ ଚାମ୍ପିୟନ

**ମାହାଙ୍ଗା,୧୧।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଉଷୁମା ପଞ୍ଚାୟତ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ମା' ସୂର୍ଣ୍ଣପାଇ ଖେଳପଡିଆଠାରେ ଶୁକ୍ରବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ମହାବୀର କ୍ରିକେଟ ଟିମ ମାହାଙ୍ଗା ଓ ଗାଲାକ୍ସି କ୍ରିକେଟ ଟିମ ଧର୍ମାଗତପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଗାଲାକ୍ସି ଟିମ ଚାମ୍ପିୟନ ହୋଇଥିବାବେଳେ ମାହାଙ୍ଗା ରନର୍ସ ଅପ୍ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବ ଯୁବନେତା ଶରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷ ଶରତ ନାୟକ, ମୁଖ୍ୟବକ୍ତା ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ସମ୍ମାନିତ ଅତିଥି ସମିତିସଭ୍ୟା ଦମୟନ୍ତୀ ସେଠୀ, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ସନ୍ତୋଷ ସାହୁ, ଯାତ୍ରା ଅଭିନେତା ବାପି ପଣ୍ଡା, ଅଭିନେତ୍ରୀ ମନ୍ଦାକିନୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜୟୀ ଟିମକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ବିଜୁ ଯୁବବାହିନୀ ସମ୍ପାଦକ ଅଶୋକ ଲେଙ୍କା, ସଭାପତି ନିତ୍ୟାନନ୍ଦ ରାଉତ, ଗୋପିନାଥ ମଲିକ, ପ୍ରବୀଣ ମଲିକ ଓ ଜଗତମୋହନ ପଟ୍ଟନାୟକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ଥାୟୀ ବିଡିଓ ନିଯୁକ୍ତି ଦାବି

**ସାଲେପୁର,୧୧।୧(ଡି.ଏନ୍.ଏ.)**

ସାଲେପୁର ବ୍ଲକ ବିଡିଓଭାବେ କାର୍ଯ୍ୟରତ ଥିବା ଶିବବ୍ରତ ଘୋଷ ଡିସେମ୍ବର ୩୧ରେ ଅବସର ନେଇଛନ୍ତି। ବର୍ତ୍ତମାନ ମାହାଙ୍ଗା ବିଡିଓ ଉକ୍ତ ବ୍ଲକ୍‌ର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ତେବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ବିଡିଓ ବ୍ଲକ୍‌କୁ ଆସୁନଥିବାରୁ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମନ୍ଥରତା ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବିଡିଓଙ୍କ ଅନୁପସ୍ଥିତି ଯୋଗୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ୍ ହୋଇଥିବା ହିତାଧିକାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ନିର୍ବାଚନ ଆସୁଥିବାରୁ ତୁରନ୍ତ ଜଣେ ସ୍ଥାୟୀ ବିଡିଓ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହୋଇଛି।

# ଲାଲ ବାହାଦୁର ନୋଡାଲ ବିଦ୍ୟାପୀଠ ବାର୍ଷିକୋତ୍ସବ

**ନେମାଳ,୧୧।୧(ଡି.ଏନ.ଏ.)**

ନେମାଳ ଥାନା ଅଧୀନ ଓରିକଣ୍ଟା ଲାଲବାହାଦୁର ନୋଡାଲ ବିଦ୍ୟାପୀଠର ବାର୍ଷିକୋତ୍ସବ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି। ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର ପାତ୍ର, ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ଡ. ବିଜୟଲକ୍ଷ୍ମୀ ଦାସ, ସମ୍ମାନିତ ଅତିଥି ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ, ସାମାଜିକ କର୍ମୀ ସତ୍ୟନାରାୟଣ ଜେନା, ସାଲେପୁର ବ୍ୟାଙ୍କ ଅଫ୍ ବରୋଦା ଶାଖା ପରିଚାଳକ ଗଣେଶ ପ୍ରକାଶ ସାହୁ ଓ ରେଭେନ୍ସ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ବିଭାଗ ସହ ପ୍ରାଧ୍ୟାପକ ଡ. ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ ଶାସ୍ତ୍ରିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ପଦାଙ୍କ ଅନୁସରଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସରୋଜ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ସନାତନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଶିକ୍ଷକ ପବିତ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ।



ବିଦ୍ୟାପୀଠର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକୋତ୍ସବ



ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବରେ କୁନି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ତିଗିରିଆ,୧୧।୧(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ମାତୃପୀଠ ନୂଆପାଟଣା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୯ମ ସମାଧି ପ୍ରତିଷ୍ଠା ଓ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୂପା ଦଳେଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନୂଆପାଟଣା ସମିତିସଭ୍ୟ ସଞ୍ଜୟ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଚୈତନ୍ୟ ସାହୁ ମହାବିଦ୍ୟାଳୟ ଅଧକ୍ଷ ଡ. ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ସମ୍ମାନିତ ଅତିଥି ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଅଧ୍ୟାପିକା ସୁଦେଷ୍ଣା ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ରାମଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ଆଠଗଡ଼,୧୧।୧(ସ୍ୱ.ପ୍ର.)**

ଆଠଗଡ଼ ପୁରୁଣା ବସଷ୍ଟାଣ୍ଡଠାରେ ଶୁକ୍ରବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଜବାବ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରିଣୀ ସଭ୍ୟ ବ୍ରଜେନ୍ଦ୍ର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ ଯୋଗଦେଇ ପିପିଲି ପୀଡ଼ିତା ବେବିନା ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ପ୍ରଜ୍ୱଳନ କରିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ ସହ ଲୋକଙ୍କୁ ବିଜେଡିକୁ ଉପେକ୍ଷା କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା।

# ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ଆଠଗଡ଼,୧୧।୧(ସ୍ୱ.ପ୍ର.)**

ଆଠଗଡ଼ ବିଶ୍ୱନାଥ ବିଦ୍ୟାପୀଠ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ରାଉତ ଉତ୍ସବର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଡା. ବିଜୟ ମିଶ୍ର ଯୋଗଦେଇ ସୁସ୍ଥ ଶରୀର ପାଇଁ କ୍ରୀଡ଼ାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ଏହି ଉପଲକ୍ଷେ ଛାତ୍ରମାନଙ୍କ ଦ୍ୱାରା ମିଳିତ ପରେଡରେ ମୁଖ୍ୟଅତିଥି ଅଭିବାଦନ ଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଭାଗ୍ୟଧର ପ୍ରଧାନଙ୍କ ପରିଚାଳନାରେ ଛାତ୍ରମାନେ ୨୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଉପଜିଲାପାଳ ଅମୀୟ ସାହୁ ମୁଖ୍ୟଅତିଥି, ସ୍ଥାନୀୟ ଏଚଡିଏଫସି ବ୍ୟାଙ୍କ ଶାଖା ପରିଚାଳକ ସତ୍ୟଜିତ ମଲ୍ଲିକ, ତ୍ରିଲୋଚନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅର୍ଚ୍ଚନା ନନ୍ଦ ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ବିଜେଡିରେ ମିଶିଲେ ଭାଜପା, କଂଗ୍ରେସ କର୍ମୀ

**ମାହାଙ୍ଗା,୧୧।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଗୌଡ଼ପଡ଼ା ଡାକବଙ୍ଗଳାଠାରେ ଶୁକ୍ରବାର ମୂଳବସନ୍ତ ପଞ୍ଚାୟତର ବହୁ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ରଞ୍ଜିତ ସାହୁ, ୱାର୍ଡସଭ୍ୟ ଧନେଶ୍ୱର ସାହୁ, ଦୟାନିଧି ସାହୁ, ଶତ୍ରୁଘ୍ନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ବ୍ଲକ ଅଧକ୍ଷ ଶରତ ନାୟକ, ମୂଳବସନ୍ତ ସରପଞ୍ଚଙ୍କ ପ୍ରତିନିଧି ରାକେଶ ସାହୁ, ଭ୍ରମରବର ରାଉତରାୟ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦୀପକ ଦାଶ, ବିଜେଡି ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ଆମ୍ବା ଅଧକ୍ଷ ଗୌତମ ଶରଣ, ପଞ୍ଚାୟତ ବିଜେଡି ସଭାପତି ବଟକୃଷ୍ଣ ଦାସ, ଶ୍ରୀରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ତଦାରଖ

**ବାଙ୍କୀ,୧୧।୧(ସ୍ୱ.ପ୍ର.)**

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ପର୍ଯ୍ୟବେକ୍ଷକ ଧୀରେନ କୁମାର ପଟ୍ଟନାୟକ ଶୁକ୍ରବାର ବାଙ୍କୀ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ତଦାରଖ କରିଛନ୍ତି। କେହି ଯେପରି ଭୋଟର ତାଲିକାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ଉପସ୍ଥିତ ସୁପାରଭାଇଜର୍ ଓ ବିଏଲଓଙ୍କୁ ପରାମର୍ଶ ଦେଇଥିଲେ। ବିଡିଓମାନେ ରାସ୍ତାଘାଟର ଉନ୍ନତି ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ସମସ୍ତ ବିଏଲଓ ବୁଥଗୁଡିକର ଅଭାବ ଅସୁବିଧା ସମ୍ପର୍କରେ ନିର୍ବାଚନ ଅଧିକାରୀଙ୍କ ଅବଗତ କରାଇବେ। ତାଙ୍କ ଗସ୍ତ ସମୟରେ ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା, ବାଙ୍କୀ ତହସିଲଦାର ପଦ୍ମଲୋଚନ ସାହୁ, ଡମପଡ଼ା ତହସିଲଦାର ସୁନୀତା ଜେନା, ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଓ ସମସ୍ତ ସହକାରୀ ଜିଲାପାଳ, ସମସ୍ତ ବିଏଲଓ ସୁପରଭାଇଜର ଏବଂ ଉପଜିଲାପଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।



ବାଙ୍କୀ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକାର ତଦାରଖ କରାଯାଉଛି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### କଂଗ୍ରେସର ନୂଆ ସାଧାରଣ ସମ୍ପାଦକ ନିଯୁକ୍ତ

**କଟକ ସଦର, ୧୧।୧ (ଡି.ଏନ୍.ଏ.):** କଟକ ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ୪୨ ମୌଜାର ଦୁର୍ଗାଶଙ୍କର ଦାଶଙ୍କୁ ନିଯୁକ୍ତ ଦିଆଯାଇଛି। କଟକ ସଦର ବ୍ଲକ କଂଗ୍ରେସ କମିଟିରେ ସକ୍ରିୟ ଦାୟିତ୍ୱ ତୁଲାଉଥିବା ଦାଶଙ୍କୁ ରାଜ୍ୟ ସଭାପତି ନୂତନ ନିଯୁକ୍ତି ଦେଇଥିବା କଥା କଟକ ଜିଲା କଂଗ୍ରେସ କମିଟିର ସଭାପତି ଗୁରୁପଦ ନନ୍ଦ ଜଣାଇଛନ୍ତି।

### ପିଠା କାର୍ଯ୍ୟକ୍ରମ ପାଇଁ ବାରଦା ପଞ୍ଚାୟତ ପୁରସ୍କୃତ

**କଟକ ସଦର, ୧୧।୧ (ଡି.ଏନ୍.ଏ.):** ଗତ ୧୮ ତାରିଖ ପିଠା କାର୍ଯ୍ୟକ୍ରମକୁ ସଫଳ ଭାବେ ଆୟୋଜନ କରିଥିବାରୁ କଟକ ସଦର ବ୍ଲକ ଅଧୀନ ବାରଦା ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। ୫ ଲକ୍ଷ ଟଙ୍କାର ପୁରସ୍କାର ମିଳିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକ ପତ୍ର ଶୁକ୍ରବାର ବିଡିଓଙ୍କ ହସ୍ତଗତ ହୋଇଛି। ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ସାହୁଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ବ୍ଲକ ସୂତ୍ରରୁ ଜଣାପଡିଛି।

### 'ଗ୍ରୀନ୍ ରିଭୋଲ୍ୟୁଶନ୍ ଆଣ୍ଡ୍ ପିସ୍' ସଙ୍ଗଠନ ଗଠିତ

**ଟାଙ୍ଗୀ (କଟକ,୧୧।୧(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ଥିତ ବାସୁଦେବ ମଣ୍ଡପ ପରିସରରେ ପରିବେଶ ପ୍ରଦୂଷଣ, ଗରିବି ଓ ଦୁର୍ନୀତି ରୋକିବା ନିମନ୍ତେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ 'ଗ୍ରୀନ୍ ରିଭୋଲ୍ୟୁସନ୍ ଆଣ୍ଡ ପିସ୍' ଗଠିତ ହୋଇଛି। ସବୁଜ ବିପ୍ଳବ ସୃଷ୍ଟି କରିବା, ଦୁର୍ନୀତି ବରୋଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗଠନର ମୂଳ ଲକ୍ଷ୍ୟ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର ମୁଖ୍ୟ ପରାମର୍ଶଦାତା ଦୁର୍ଯ୍ୟୋଧନ ଲେଙ୍କା ଓ ସଙ୍ଗଠନର ମହାସଚିବ ପ୍ରଭାକର ସ୍ୱାଇଁ କହିଛନ୍ତି। ଖବରକାଗଜ ହକରଙ୍କ ସାମାଜିକ ସୁରକ୍ଷାକୁ ସଙ୍ଗଠନ ଗୁରୁତ୍ୱ ଦେବ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ଉମ୍ବରୁଧର ବେହେରା, ରତିକାନ୍ତ ପଟ୍ଟନାୟକ, ପ୍ରୀତିରଞ୍ଜନ ବେହେରା, କ୍ଷେତ୍ରବାସୀ ବରାଳ ଓ ହେମନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**କଣ୍ଟାପଡା, ୧୧।୧(ଡି.ଏନ୍.ଏ.):** ଅବିଭକ୍ତ ଅଡଶପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରାଣକୃଷ୍ଣ ସ୍ୱାଇଁ(୮୧)ଙ୍କ ଶୁକ୍ରବାର ସକାଳେ ତଣ୍ଡିକଣା ଗ୍ରାମସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ଏହି ଖବର ପାଇବା ପରେ ବିଧାୟକ ପ୍ରମୋଦ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ରାଜ୍ୟ ଓମଫେଡ ଅଧକ୍ଷା ସରୋଜିନୀ ମିଶ୍ର, ଜିଲା ପରିଷଦ ସଭ୍ୟ କୈଳାସ ମହାରଣା, ଅଡଶପୁର ସେବା ସମବାୟ ସମିତି ସଭାପତି ଶ୍ରୀମନ୍ତ ମହାପାତ୍ର, ବିଭୂତି ସ୍ୱାଇଁ, ସଞ୍ଜୀବ ପ୍ରଧାନଙ୍କ ସମେତ କଂଗ୍ରେସ ଓ ଭାଜପାର ବହୁ ନେତା ତାଙ୍କର ଶେଷଦର୍ଶନ କରିଥିଲେ। ପରେ ଏକ ସୁସଜ୍ଜିତ ଗାଡିରେ ତାଙ୍କର ମରଶରୀରକୁ ଅଡଶପୁର, ଉରାଢ ଓ ବ୍ରାହ୍ମଣବାଟୀ ପଞ୍ଚାୟତ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପ୍ରାଣକୃଷ୍ଣ ୧୯୭୧ ମସିହାରେ ଅଡଶପୁର ପଞ୍ଚାୟତର ସରପଞ୍ଚ ଥିଲେ। ପରେ ସେ ଅଡଶପୁର ସେବା ସମବାୟ ସମିତି ସଭାପତି ଓ ଉରାଢ ପଞ୍ଚାୟତର ସମିତିସଭ୍ୟ ଦାୟିତ୍ୱ ତୁଲାଇଥିଲେ।

# କଟକରେ ମାଞ୍ଜା ସୂତା ନିଷେଧ

**କଟକ ଅଫିସ, ୧୧।୧**

- ଗୁଡ଼ି ଉଡ଼ାଇବା ପାଇଁ ୧୦ ସ୍ଥାନ ଚିହ୍ନଟ
- ସାବଧାନତା ଅବଲମ୍ବନ ପାଇଁ ପରାମର୍ଶ
- ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଗୁଡ଼ିଉଡ଼ା ଭାରତୀୟ ସଂସ୍କୃତି ଓ ପରମ୍ପରାର ଅଂଶବିଶେଷ ହୋଇଥିବାରୁ ଏହାକୁ ବନ୍ଦ କରାଯିବନି। ହେଲେ ଗୁଡ଼ିଉଡ଼ା ସମୟରେ କେତେକ ସାବଧାନତା ଅବଲମ୍ବନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସରକାରୀ ପରାମର୍ଶ ଜାରି କରାଯାଇଛି। ଗୁଡ଼ିଉଡ଼ା ପାଇଁ ପ୍ରଶାସନ ତରଫରୁ କଟକ ସହରରେ ୧୦ଟି ସ୍ଥାନ ଚିହ୍ନଟ କରାଯାଇଛି। ମାଞ୍ଜା ସୂତା ବ୍ୟବହାର ନ କରି କଟନ ସୂତାରେ ଗୁଡ଼ି ଉଡ଼ାଇବାକୁ ପ୍ରଶାସନ ତରଫରୁ ପରାମର୍ଶ ଦିଆଯିବା, ମା' ବାପା ଓ ଅଭିଭାବକମାନେ ଘରର ଛାତ ଉପରେ ପିଲାମାନଙ୍କୁ ଗୁଡ଼ି ଉଡ଼ାଇବାକୁ ବାରଣ କରାଯାଇଛି। ସେହିପରି ସହରର ଖୋଲା ସ୍ଥାନ ଥିବା ବାଲିଯାତ୍ରା ପଡ଼ିଆ, ବିଡ଼ାନାସି ପଡ଼ିଆ, ସନସାଇନ ପଡ଼ିଆ, କାଠଯୋଡ଼ି ପଠା, ଖାନନଗର ପାର୍କ ପଠା, ଓଏମ୍‌ପି ଖେଳପଡ଼ିଆ, ପୋଟାପୋଖରୀ ନିକଟସ୍ଥ ପଡ଼ିଆ, ପଞ୍ଚମୁଖୀ ହନୁମାନ ମନ୍ଦିର ପାଖ ପଡ଼ିଆ, ସିଡିଏ ବିଜୁ ପଟ୍ଟନାୟକ ଛକ ପାଖ ପଡ଼ିଆ ଓ ନରାଜ ହେଲିପ୍ୟାଡ୍ ପଡ଼ିଆଠାରେ ଗୁଡ଼ି ଉଡ଼ାଇବାକୁ ସ୍ଥାନ ଚିହ୍ନିତ ହୋଇଛି। ଆଗାମୀ ୧୪ ତାରିଖ ମକର ସଂକ୍ରାନ୍ତି ଅବସରରେ ସାଧାରଣତଃ ଗୁଡ଼ିଉଡ଼ା ଅଧିକ ହେଉଥିବା ଦୃଷ୍ଟିରୁ ଜନସାଧାରଣ ଓ ବ୍ୟବସାୟୀମାନଙ୍କୁ ମାଞ୍ଜା ସୂତା ବିକ୍ରି ନ କରିବା ଓ ମାଞ୍ଜା ସୂତାରେ ଗୁଡ଼ି ନ ଉଡ଼ାଇବା ପାଇଁ ସଚେତନ କରାଯାଉଛି। ବିଶେଷକରି ବ୍ୟବସାୟୀମାନେ ଚାଇନିଜ ମାଞ୍ଜା ଦିଆ ସୂତା, ଜୀବନନାଶକାରୀ ପ୍ଲାଷ୍ଟିକ ସୂତା, କାଚ ଦିଆ ସୂତା, ରେଜର ଧାର ପରି କାମ କରୁଥିବା କାଚ ବା ଧାତୁ ବୋଳା ସୂତା କୌଣସି ପରିସ୍ଥିତିରେ ବିକ୍ରି କରିପାରିବେ ନାହିଁ। ଏଥିରେ ଅବହେଳା କଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଶାସନ ପକ୍ଷରୁ କୁହାଯାଇଛି।



କଟକ ବାରବାଟୀ ଦୁର୍ଗ ସମ୍ମୁଖ ଉପର ବାଲିଯାତ୍ରା ପଡିଆରେ ଓଡିଶୀ ନୃତ୍ୟ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ବାରବାଟୀ ନୃତ୍ୟ ଉତ୍ସବର ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡିଶୀ ନୃତ୍ୟ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ



ମାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**କଣ୍ଟାପଡା, ୧୧।୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅଞ୍ଚଳରେ ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କଣ୍ଟାପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପିଲାମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଦିଗମ୍ବର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଯନ୍ତ୍ରୀ ରବିନାରାୟଣ ମହାପାତ୍ର ମୁଖ୍ୟଅତିଥି, କଣ୍ଟାପଡା ବ୍ଲକ ଦକ୍ଷତା ବିକାଶ କେନ୍ଦ୍ରର ମୁଖ୍ୟ ଲଲାଟ ଚୌଧୁରୀ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ପରିଚାଳନା ବୋର୍ଡ ସଭାପତି କୃଷ୍ଣଚନ୍ଦ୍ର ମୁଦୁଲି ଧନ୍ୟବାଦ ଦେଇଥିଲେ। ସେହିପରି ଗୋବିନ୍ଦପୁର ନିକଟସ୍ଥ ମାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା ବୋର୍ଡ ସମ୍ପାଦକ ଧନଞ୍ଜୟ ନାୟକ ଉଦ୍‌ଘାଟନ କରିଥିଲେ।

## ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ: ଭାଜପା ମହିଳା ମୋର୍ଚ୍ଚା

**କଟକ ଅଫିସ/ କଣ୍ଟାପଡା, ୧୧।୧(ଡି.ଏନ୍.ଏ.),**

ପିପିଲି ଘଟଣା ଉପରେ ଭାଜପା ମହିଳା ମୋର୍ଚ୍ଚା ମୁଖ୍ୟମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛି। ଶୁକ୍ରବାର ସନ୍ଧ୍ୟାରେ କଟକ ଭାଜପା ମହିଳା ମୋର୍ଚ୍ଚା ତରଫରୁ ଏ ନେଇ ମହମବତି ଶୋଭାଯାତ୍ରା କରାଯାଇଥିଲା। ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଘଟଣାରେ ଅଭିଯୁକ୍ତ ଖଲାସ ହୋଇଛନ୍ତି। ମନ୍ତ୍ରୀ ପ୍ରଦୀପ ମହାରଥୀ ଏ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇ ମନ୍ତ୍ରିପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। କାରଣ ମୁଖ୍ୟମନ୍ତ୍ରୀ ନିଜେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଭୁଲ ରାସ୍ତାରେ ନେବା ଏବଂ ପ୍ରମାଣ ନଷ୍ଟ କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ମୋର୍ଚ୍ଚା ଅଭିଯୋଗ କରିଛି। ଯେତେବେଳ ଯାଏ ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶାର ମହିଳାମାନଙ୍କୁ ଭୁଲ ନ ମାଗିଛନ୍ତି ଏବଂ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରି ନାହାନ୍ତି ସେପର୍ଯ୍ୟନ୍ତ ମହିଳା ମୋର୍ଚ୍ଚା ବିକ୍ଷୋଭ ଜାରି ରଖିବ ବୋଲି ମହିଳା ମୋର୍ଚ୍ଚାର ସଭାନେତ୍ରୀ କଳ୍ପନା ପଟ୍ଟନାୟକ କହିଛନ୍ତି। ଏଥିରେ ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୁଷ୍ପିତା ମହାପାତ୍ର, ମାନସୀ ଦାସ, ସମର୍ପିତା ଚୌଧୁରୀ, ଗୌରୀ ରାୟ, କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ପିପିଲି ପୀଡିତାଙ୍କୁ ନ୍ୟାୟ ନ ମିଳିବା ପ୍ରତିବାଦରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଅଡଶପୁର ବଜାରରେ ଶୁକ୍ରବାର ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିଆଳି ନିର୍ବାଚନ ମଣ୍ଡଳୀର ଭାଜପା ପ୍ରଭାରୀ ପ୍ରତିଭା ଶତପଥୀଙ୍କ ନେତୃତ୍ୱରେ ପ୍ରାୟ ୧୫ଜଣ ମହିଳା ଓ ଦଳର ସ୍ଥାନୀୟ ନେତା ଅଡଶପୁରର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବହାରି ମେଡିକାଲ ପର୍ଯ୍ୟନ୍ତ ଯାଇଥିଲେ।

## ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୧୧।୧**

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ପ୍ରାକ୍ତନ ରେଭେନ୍‌ଶା କନିଷ୍ଠ ମହାବିଦ୍ୟାଳୟ)ର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ପରିଷଦ ଓ ନାଟ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷା ଡ. ମଞ୍ଜୁଳା ଗୁରୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଇଶାନ ପାତ୍ର, ସମ୍ମାନିତ ଅତିଥି ଭାବେ ଦୂରଦର୍ଶନର ଲୋକପ୍ରିୟ ହାସ୍ୟ ଅଭିନେତା ବିଭୁ ମିଶ୍ର ଯୋଗଦେଇଥିଲେ। ପ୍ରାଧାପିକା ପୁଷ୍ପାଞ୍ଜଳି ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ସାଂସ୍କୃତିକ ପରିଷଦର ଉପସଭାପତି ପ୍ରଜ୍ଞା ପାଲ ବିବରଣୀ ପାଠ କରିଥିଲେ। ପ୍ରାଧାପକ ପ୍ରମୋଦ କୁମାର ପାଢୀ ସଭା ପରିଚାଳନା ଓ ଅଧାପକ ଡ. ସନାତନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ସୁଜାତା ମୁଦୁଲି ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

■ ସିଏମ୍‌ସିରେ ନିରାଶ୍ରୟ ଲୋକଙ୍କଠାରୁ ନିଆଯାଉଛି ଅର୍ଥ

## ହାଡ଼ଭଙ୍ଗା ଶୀତରେ ରାସ୍ତାକଡ଼ରେ ଶୋଉଛନ୍ତି

**ଭୁବନେଶ୍ୱର,୧୧।୧ (ବ୍ୟୁରୋ)**

**ରିପୋର୍ଟ ଦେବାକୁ କଟକ ଜିଲାପାଳଙ୍କୁ ଓଏଚ୍‌ଆରସିଙ୍କ ନିର୍ଦ୍ଦେଶ**

ସହରାଞ୍ଚଳର ନିରାଶ୍ରୟଙ୍କୁ ଆଶ୍ରୟ ଦେବା ପାଇଁ କେନ୍ଦ୍ର ସରକାରଙ୍କ 'ସେଣ୍ଟର ଫର ଅର୍ବାନ୍ ହୋମ୍‌ଲେସ୍' ଯୋଜନା ରହିଛି। ସେହି ଯୋଜନା ଅନୁଯାୟୀ ସହରାଞ୍ଚଳର ନିରାଶ୍ରୟଙ୍କୁ ଆଶ୍ରୟସ୍ଥଳୀ ଯୋଗାଇ ଦେବାକୁ ନିୟମ ରହିଛି। ଏହାସହ ସୁପ୍ରିମ୍‌କୋର୍ଟ ମଧ୍ୟ ତାଙ୍କ ରାୟରେ ନିରାଶ୍ରୟ ଲୋକ ଆଶ୍ରୟ ପାଇବା ତାଙ୍କର ମୌଳିକ ଅଧିକାର ବୋଲି କହିଛନ୍ତି। ମାତ୍ର କଟକରେ ଏହାକୁ ପାଳନ କରାଯାଉନାହିଁ। ନିରାଶ୍ରୟଙ୍କୁ ପ୍ରମାଣପତ୍ର ମଗାଯିବା ସହ ଅର୍ଥ ନିଆଯାଉଛି। ଫଳରେ ନିରାଶ୍ରୟ ପ୍ରମାଣପତ୍ର ଓ ଅର୍ଥ ନ ଦେଇପାରି ଶୀତରେ ରାସ୍ତା କଡ଼ରେ ଶୋଉଛନ୍ତି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ବିଜୟ ପଣ୍ଡା ଗତ ୮ ତାରିଖରେ ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି)ଙ୍କ ନିକଟରେ ପିଟିଶନ୍ ଦାଖଲ କରିଥିଲେ। ଏହି ମାମଲାର ବିଚାର କରି କମିଶନ କଟକ ଜିଲାପାଳ ଓ କଟକ ମହାନଗର ନିଗମ (ସିଏମ୍‌ସି) କମିଶନରଙ୍କୁ ଦୁଇ ସପ୍ତାହ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, କେନ୍ଦ୍ର ସରକାରଙ୍କ 'ସେଣ୍ଟର ଫର ଅର୍ବାନ୍ ହୋମ୍‌ଲେସ୍' ଯୋଜନା ସବୁ ସହରାଞ୍ଚଳରେ କାର୍ଯ୍ୟକାରୀ ହେଉଛି। ଭୁବନେଶ୍ୱରରେ ଥିବା ଆଶ୍ରୟସ୍ଥଳୀରେ ରହିବାକୁ ଅର୍ଥ ପଡୁନାହିଁ। କିନ୍ତୁ କଟକରେ ଆଶ୍ରୟସ୍ଥଳୀରେ ରହିବା ପାଇଁ ନିରାଶ୍ରୟଙ୍କଠାରୁ ରାତିକ ପାଇଁ ୨୫ ଟଙ୍କା ନିଆଯାଉଛି। ଏହାସହ କେନ୍ଦ୍ର ସରକାରଙ୍କ ଗାଇଡ୍ ଲାଇନ୍ ମଧ୍ୟ ପାଳନ କରାଯାଉନାହିଁ। ଗାଇଡ୍ ଲାଇନ୍ ଅନୁଯାୟୀ, କୌଣସି ନିରାଶ୍ରୟ ଲୋକଙ୍କଠାରୁ ଅର୍ଥ ନିଆଯିବ ନାହିଁ। ସେମାନଙ୍କୁ ଆଧାରକାର୍ଡ କିମ୍ବା ଅନ୍ୟ ପରିଚୟ ପତ୍ର ନ ମାଗି ବିନା ପ୍ରଶ୍ନରେ ଆଶ୍ରୟସ୍ଥଳୀରେ ରଖାଯିବ। କଟକରେ ନିରାଶ୍ରୟଙ୍କୁ ଆଧାରକାର୍ଡ ଓ ଭୋଟର ପରିଚୟପତ୍ର ମଗାଯାଉଛି। ସେମାନେ ନ ଦେଇପାରିବାରୁ ସେଠାରେ ରହିବାକୁ ଦିଆଯାଉନାହିଁ ବୋଲି ବିଶ୍ୱପ୍ରିୟ କହିଛନ୍ତି।

## ଦ୍ରୁତଗାମୀ ଟ୍ରେନ୍ ରହଣି ଦାବିରେ ସ୍ମାରକପତ୍ର

**ଖୁଣ୍ଟୁଣୀ,୧୧।୧(ଡି.ଏନ୍.ଏ.)**

ରାଜ ଆଠଗଡ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି ଦାବିରେ ଶୁକ୍ରବାର ଖୁଣ୍ଟୁଣୀ ଆଞ୍ଚଳିକ ସଂଘର୍ଷ ବାହିନୀ ପକ୍ଷରୁ ଇଷ୍ଟ କୋଷ୍ଟ ରେଳ ଡିଭିଜନର ଜେନେରାଲ ମ୍ୟାନେଜର ପୂର୍ଣ୍ଣେନ୍ଦୁ ଶେଖର ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୂଚନାଥାଉକି, କଟକ ଓ ଭୁବନେଶ୍ୱରରୁ ତାଳଚେର ମଧ୍ୟରେ ଥିବା ରେଳ ଷ୍ଟେଶନ ମଧ୍ୟରୁ ରାଜ ଆଠଗଡ ଜଙ୍କସନର ମାନ୍ୟତା ପାଇଛି। ଏହି ଷ୍ଟେଶନ ଉପରେ ପ୍ରାୟ ୨.୫ଲକ୍ଷ ଲୋକ ନିର୍ଭର କରିଥାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନ ହୋଇଥିଲେ ମଧ୍ୟ ଏଠାରେ କୌଣସି ଦ୍ରୁତଗାମୀ ଟ୍ରେନ ରହୁନାହିଁ। ପୂର୍ବରୁ ବହୁ ପଦାଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ରାଜ ଆଠଗଡରେ ନୂତନ ରେଳ ଲାଇନ ସହିତ ଷ୍ଟେଶନର ଉନ୍ନତି ପାଇଁ ରେଳ ବିଭାଗ ପକ୍ଷରୁ କାର୍ଯ୍ୟ ଚାଲୁ ରହିଛି। ଏହାର ତଦାରଖ ପାଇଁ ଜେନେରାଲ ମ୍ୟାନେଜର ମିଶ୍ର ଓ ରେଲୱେର ବହୁ ବରିଷ୍ଠ ପଦାଧିକାରୀ ଆସିଥିବା ପରିପ୍ରେକ୍ଷୀରେ ସଂଘର୍ଷ ବାହିନୀ ପକ୍ଷରୁ ଏହି ସ୍ମାରକପତ୍ର ଦିଆଯାଇଥିଲା। ଏହି ସ୍ମାରକପତ୍ର ଦେବା ଅବସରରେ ସଂଘର୍ଷ ବାହିନୀ କର୍ମକର୍ତ୍ତାଙ୍କ ସହ ଅଞ୍ଚଳ ପଞ୍ଚାୟତବାସୀଙ୍କ ପକ୍ଷରୁ ସଭାପତି ନିଗମାନନ୍ଦ ପ୍ରଧାନ, ସମ୍ପାଦକ ରାଜେନ୍ଦ୍ର ବେହେରା, ପ୍ରଫୁଲ୍ଲ ସାହୁ, ମହେନ୍ଦ୍ର ପରିଡା, ଶ୍ରୀନିବାସ ଦଳେଇ,ତ୍ରିନାଥ ରଣା ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଦରଘାବଜାର ଅଞ୍ଚଳରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଚ୍ଛେଦକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ।

## ଶୈଳବାଳା ସ୍ନାତକୋତ୍ତର ଶିକ୍ଷା ବିଭାଗର ଜାତୀୟ କର୍ମଶାଳା

**କଟକ ଅଫିସ, ୧୧।୧**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ବିଭାଗ ଦ୍ୱାରା 'ନ୍ୟୁ ଟେକ୍ନୋଲୋଜି ଆଣ୍ଡ ମଲ୍‌ଟିମିଡିଆ ଇନ ହାଇୟର ଏଜୁକେଶନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷା ବିଭାଗର ମୁଖ୍ୟ ଡ. ସିପ୍ରା ରାୟ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଶାନ୍ତ କୁମାର ଦାସ ଓ ଏସ୍‌ଏନ୍‌ଓ ଡେପୁଟି ସେକ୍ରେଟାରୀ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଡ. ଦୀପ୍ତି ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. କଳ୍ପନାରାଣୀ ଦାଶ, ଯଜ୍ଞଦତ୍ତ ରଥ, ଶୁଭଶ୍ରୀ ଦାଶ, ଦୋଳଗୋବିନ୍ଦ ମହାନ୍ତି, ବନଲତା କାଣ୍ଡି ସହଯୋଗ କରିଥିଲେ। ଡ. ସିପ୍ରା ରାୟ ଧନ୍ୟବାଦ ଦେଇଥିଲେ।




ଜାତୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

■ ସିବିଆଇର ସ୍ୱାତନ୍ତ୍ର୍ୟ ଉପରେ କେନ୍ଦ୍ର ସରକାରଙ୍କ ଆକ୍ରମଣ

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୧୧।୧**

ସିବିଆଇ ଭଳି ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ଉପରେ କେନ୍ଦ୍ର ସରକାର ଆକ୍ରମଣ କରିଛନ୍ତି। ଏହାର ବିରୋଧରେ ସିପିଆଇ(ଏମ୍) ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ କଟକ ମହାନଗର ସମ୍ପାଦକ ପ୍ରତାପ ମହାପାତ୍ର, ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, କୃଷକ ନେତା ମଧୁସୂଦନ ପତି, ବସ୍ତି ମହାସଂଘ ନେତା ଶେଖ୍ ଅବଦୁଲା କହିଥିଲେ, ରାଫାଲ ବିମାନ କିଣା ଦୁର୍ନୀତିକୁ ତଦନ୍ତ କରିବାକୁ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଆଲୋକ ବର୍ମା ଚାହୁଁଥିବାରୁ ତାଙ୍କୁ ନିର୍ଦ୍ଦେଶକ ପଦରୁ ଚକ୍ରାନ୍ତ କରି ହଟାଇ ଦିଆଯାଇଛି। ତାଙ୍କୁ ନିଜର ପକ୍ଷ ରଖିବାକୁ ସୁଯୋଗ ନ ଦେଇ କ୍ଷମତାରୁ କାଢିଦେବା ଅନ୍ୟାୟ ଓ ବେଆଇନ। ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଓ ସ୍ୱାଧୀନ ସଂସ୍ଥାଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ଆକ୍ରମଣ ବିରୋଧରେ ଦୃଢ଼ ଆନ୍ଦୋଳନ ଗଢି ତୋଳିବା ପାଇଁ ବକ୍ତାମାନେ ଆହ୍ୱାନ କରିଥିଲେ। ସଭା ପରେ ପ୍ରଧାନମନ୍ତ୍ରୀଙ୍କ ପୁତ୍ତଳିକା ଦାହ କରାଯାଇଥିଲା।




ଜିଲାପାଳଙ୍କ ଅଫିସ ସମ୍ମୁଖରେ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶନିବାର, ୧୨ ଜାନୁୟାରୀ, ୨୦୧୯





ତାଇୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ଓ୍ୱେନ ତାଙ୍କର ରାଜନୈତିକ ସହଯୋଗୀ ସୁ ସେଙ୍ଗ୍-ଚାଙ୍ଗଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ସ୍ଥାନୀୟ ନିର୍ବାଚନରେ ଶାସକ ଡେମୋକ୍ରାଟିକ ପ୍ରୋଗ୍ରେସିଭ୍ ପାର୍ଟି (ଡିପିପି) ପରାଜିତ ହେବା ପରେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଛନ୍ତି।

ଜାତୀୟ ଯୁବ ଦିବସ




# ଓଡ଼ିଶା କନ୍ଦମୂଳରେ ୧ ନମ୍ବର

- ‘କୃଷି-୨୦୧୯’ ମାସ୍କଟ ଉନ୍ମୋଚିତ
- ବାର୍ଷିକ ଉତ୍ପାଦନ ହେଉଛି ୩.୮୨ଲକ୍ଷ ଟନ୍

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ‘କୃଷି-୨୦୧୯’ ଲୋଗୋ ଉନ୍ମୋଚନ କରିଛନ୍ତି। ଓଡିଶା କନ୍ଦମୂଳ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ କୃଷି-୨୦୧୯କୁ ଚୟନ କରାଯାଇଛି। କନ୍ଦମୂଳ ଭିଟାମିନ-ଏ’ରେ ପରିପୂର୍ଣ୍ଣ। ଏହାକୁ ବିପର୍ଯ୍ୟୟ ପ୍ରଶମନ ଶସ୍ୟ କୁହାଯାଇଥାଏ। ବାତ୍ୟା ଓ ମରୁଡି ସମୟରେ ଏହି ଶସ୍ୟ ଉତ୍ପାଦନ ହୋଇଥାଏ।

କନ୍ଦମୂଳ ଏକ ଲାଭଜନକ ଫସଲ, ଯାହା କି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ବ୍ୟଞ୍ଜନରେ ବ୍ୟବହୃତ ହୁଏ। ସମଗ୍ର ଦେଶରେ କନ୍ଦମୂଳ ଉତ୍ପାଦନରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟରେ ସମୁଦାୟ ୪୦,୪୦୯ ହେକ୍ଟର ଜମିରେ ଏହା ଚାଷ କରାଯାଏ। ସେଥିରୁ ମୋଟ ୩.୮୨ ଲକ୍ଷ ମେଟ୍ରିକ ଟନ ଉତ୍ପାଦିତ ହୋଇଥାଏ। ଭିଟମିନ-ଏ’ରେ ପରିପୂର୍ଣ୍ଣ ଏହି ଫସଲର ୨ଟି କିସମ କଞ୍ଚନଗଡ ଓ ବିଧାନଜ୍ୟୋତି ଭାରତରେ ଅତ୍ୟନ୍ତ ଆଦୃତି ଲାଭ କରିଛି। ଏହି ଫସଲ ଓ ଚାଷର ଆୟତନ ବୃଦ୍ଧି ପାଇଁ ଗେସ୍ ନାମକ ଏକ ପ୍ରକଳ୍ପ ୨୦୧୬-୧୭ରୁ ରାଜ୍ୟରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ଆନୁକୂଲ୍ୟରେ ଗଞ୍ଜାମ, ଢେଙ୍କାନାଳ, କୋରାପୁଟ ଓ ସୁନ୍ଦରଗଡ ଜିଲାରେ କାର୍ଯ୍ୟ କରୁଛି। ଏହାଦ୍ୱାରା ୬ ହଜାର ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଫସଲ ଓ ଚାଷୀମାନଙ୍କୁ ଖାଦ୍ୟ ନିରାପତ୍ତା, ପୁଷ୍ଟି ଯୋଗାଣରେ ଏହା ବିଶେଷ ସହାୟକ ହୋଇପାରିବ। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କନ୍ଦ ଜାତୀୟ ଫସଲ ଗବେଷଣା କେନ୍ଦ୍ର (ସିଟିସିଆରଆଇ) ଠାରେ କନ୍ଦମୂଳ ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇ ଚିପ୍ସ, ପାସ୍ତା, ଅଟା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏଥିସହିତ ଚାଷୀମାନଙ୍କୁ ମଧ୍ୟ ତାଲିମ ଦେବାର ବ୍ୟବସ୍ଥା କରାଯାଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲୋଗୋ ଉନ୍ମୋଚନ ସମୟରେ ଅର୍ଥ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା, ଏମ୍‌ପି ତଥାଗତ ସତପଥୀ, କୃଷି ବିଭାଗ ସଚିବ, ଜଳ ସମ୍ପଦ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ସଚିବାଳୟରେ ‘କୃଷି-୨୦୧୯’ ମାସ୍କଟକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ପଞ୍ଚାୟତିରାଜ: ପୂରଣ ହେବ ୯୦୮ କନିଷ୍ଠ ଯନ୍ତ୍ରୀ ପଦବୀ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପଞ୍ଚାୟତିରାଜ ବିଭାଗରେ ୯୦୮ଟି କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ଲାଗି ନିଷ୍ପତ୍ତି ନେଇଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବ୍ଲକସ୍ତରୀୟ ଯୋଜନା ଲାଗି ଅଧିକ କନିଷ୍ଠ ଯନ୍ତ୍ରୀ ପଦବୀର ଆବଶ୍ୟକତା ଥିବାରୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ପଞ୍ଚାୟତିରାଜ ବିଭାଗରେ କନିଷ୍ଠ ଯନ୍ତ୍ରୀ ସଂଖ୍ୟା ୧୭୬୧କୁ ବୃଦ୍ଧିପାଇବ।

■ ପଶ୍ଚିମ,ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ

# ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ସ୍ଥାନୀୟ ଜନସାଧାରଣ ଦୀର୍ଘଦିନ ଧରି ଦାବି କରିବା ସହ ଆନ୍ଦୋଳନ କରି ଆସୁଛନ୍ତି। ଏହା ଦ୍ୱାରା ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। କେନ୍ଦ୍ର ସରକାର ଉକ୍ତ ଦୁଇଟି ଭାଗରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ବିହୀତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ସେ ଚିଠି ଲେଖି କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ପୂର୍ବରୁ ସମାନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବର ୫ରେ ମଧ୍ୟ ଏକ ଚିଠି ଲେଖିଥିଲେ। ଏହା ପୂର୍ବରୁ ୨୦୧୩ ସେପ୍ଟେମ୍ବର ୨୮ ଏବଂ ୨୦୧୪ ଫେବୃୟାରୀ ୧୩ରେ ଚିଠି ଲେଖି ସାରିଛନ୍ତି। ନିକଟରେ ପଶ୍ଚିମ ଓଡ଼ିଶାର ବିଧାୟକମାନଙ୍କର ଏକ ପ୍ରତିନିଧି ଦଳ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି କରିଥିଲା।

ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜଷ୍ଟିସ ଯଶୱନ୍ତ ସିଂ କମିଶନଙ୍କ ସୁପାରିସ ଅନୁଯାୟୀ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ପ୍ରତିଷ୍ଠା କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି। ତେଣୁ ରାଜ୍ୟରେ ବେଞ୍ଚ ପ୍ରତିଷ୍ଠା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ଏହାକୁ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ଉକ୍ତ ଅଞ୍ଚଳଗୁଡିକରେ ଜନ ଆନ୍ଦୋଳନ ଜାରି ରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ନବୀନ କହିଛନ୍ତି।

Required School Building on lease
Podar Education Network requires land or school building as per their specifications on lease for school premises in Bhubaneswar & Cuttack (Municipal limits)
- 1.5 acres
- Minimum 30 year lease
Email proposals to gm.nagpur2@podar.org OR Contact Mr. Aman Temurde 88796 11070
www.podareducation.org

# ଇସ୍ତଫା ଦେଲେ ଆଲୋକ ବର୍ମା

ନୂଆଦିଲ୍ଲୀ,୧୧।୧(ପି.ଟି.)



ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏହା ସାମୂହିକ ଆତ୍ମନିରୀକ୍ଷଣର ସମୟ ବୋଲି ବର୍ମା ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଲୋକସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟି ୧୯୭୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟାଇ ଅଗ୍ନିଶମ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ବର୍ମା ଲେଖିଛନ୍ତି, ୨୦୧୭ ଜୁଲାଇ ୩୧ରେ ସେ ସର୍ବବରିଷ୍ଠ ଆଇପିଏସ୍ ଅଫିସର ବିବେଚିତ ହୋଇଥିବାରୁ ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ କେବଳ ସିବିଆଇ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିପାରିବେ। ତାହା ହେଉଛି ଧାର୍ଯ୍ୟ କାର୍ଯ୍ୟକାଳ। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମ୍‌ଗାର୍ଡ ଡିଜି ହେବା ବୟସ ତାଙ୍କର ଅତିକ୍ରାନ୍ତ ହୋଇସାରିଛି। ତେଣୁ ସେ ଆଜିଠାରୁ ନିଜକୁ ସେବାନିବୃତ୍ତ ମନେକରୁଥିବା ବର୍ମା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମଗାର୍ଡ ଡିଜି ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ମନାକରିବା ସହ ବର୍ମା କହିଛନ୍ତି, ତାଙ୍କୁ ବଦଳି କରିବା ଲାଗି ନିଷ୍ପତ୍ତି ନେବା ପୂର୍ବରୁ ଚୟନ କମିଟି ସିଭିସିଙ୍କ ଦ୍ୱାରା ରେକର୍ଡ ହୋଇଥିବା ବିବରଣୀ ସମ୍ପର୍କରେ ମତ ରଖିବାକୁ ମଧ୍ୟ ସୁଯୋଗ ଦେଲାନାହିଁ। ବାସ୍ତବ ନ୍ୟାୟଠାରୁ ଦୂରେଇ ଯାଇ କମିଟି ତାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ବହିଷ୍କାର କରିବା ଲାଗି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଓଲଟପାଲଟ କରିଦେଇଥିବା ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ନାଁ ନ ନେଇ ସିବିଆଇ ତଦନ୍ତାଧୀନ ଥିବା ଜଣେ ଅଫିସରଙ୍କ ଅଭିଯୋଗ ଉପରେ ସିଭିସି ରିପୋର୍ଟ ପ୍ରସ୍ତୁତ ହୋଇଥିଲାବେଳେ ଚୟନ କମିଟି ଏହାର ସତ୍ୟାସତ୍ୟକୁ ମଧ୍ୟ ବିଚାରକୁ ନେଇନାହିଁ ବୋଲି ବର୍ମା ଲେଖିଛନ୍ତି।







# କାଳିଆ ପାଇଁ ଓଏଏସ୍ ଅଧିକାରୀ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଏହାକୁ ପ୍ରକୃତ ହିତାଧିକାରୀ ନିକଟରେ ପହଞ୍ଚାଇବା ସକାଶେ ୩୦ ଜିଲା ପାଇଁ ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସରମାନଙ୍କୁ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏମ୍‌ଏସଏମ୍‌ଇ ବିଭାଗ ଅତିରିକ୍ତ ସଚିବ ମନ୍ମଥ ବିଶ୍ୱାଳଙ୍କୁ କଟକ ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡାଙ୍କୁ ବାଲେଶ୍ୱର, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଇଷ୍ଟେଟ) ସୁଶାନ୍ତ କୁମାର ଦାଶଙ୍କୁ ମୟୂରଭଞ୍ଜ, ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ କୃପାସିନ୍ଧୁ ମିଶ୍ରଙ୍କୁ ଅନୁଗୋଳ, ଇଡ୍‌କୋ ସିଜିଏମ୍ (ପିଆଣ୍ଡଏ) ଗଣେଶ୍ୱର ଜେନାଙ୍କୁ ବରଗଡ, ଲ୍ୟାଣ୍ଡ ଅଫିସର ଦେବାଶିଷ ସିଂଙ୍କୁ ଭଦ୍ରକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ବିଜୟ କୁମାର ପୁଷ୍ଟିଙ୍କୁ କଟକ, ଜଳ ସମ୍ପଦ ବିଭାଗ ଯୁଗ୍ମ ସଚିବ ଲାଲା ମନୋଜ କୁମାର ରାୟଙ୍କୁ ବଲାଙ୍ଗୀର, ଓମ୍‌ସା ରାଜ୍ୟ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଚିତ୍ରସେନ ପଶାୟତଙ୍କୁ ବୌଦ୍ଧ ଓ ସୋନପୁର, ସେରିଫେଡ ଏମ୍‌ଡି ସତ୍ୟରଞ୍ଜନ ସାହୁଙ୍କୁ ଦେବଗଡ ଓ ସମ୍ବଲପୁର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଏମ.କ୍ୟୁ. ହକ୍‌ଙ୍କୁ ଢେଙ୍କାନାଳ, ଓଏସସିଏସସି ଜେନେରାଲ ସେକ୍ରେଟାରୀ ସନ୍ତୋଷ କୁମାର ଦାଶଙ୍କୁ ଗଜପତି, ଏନଆରଏଚଏମ୍ ଯୁଗ୍ମ ସଚିବ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଜଗତ୍‌ସିଂହପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଥିବା ମନୋରଞ୍ଜନ ମହାପାତ୍ରଙ୍କୁ ଯାଜପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଯୁଗ୍ମ ସଚିବ ସୁଶାନ୍ତ ମିଶ୍ରଙ୍କୁ କଳାହାଣ୍ଡି, ଗୋପବନ୍ଧୁ ଏକାଡେମୀର ଯୁଗ୍ମ ସଚିବ ପ୍ରଫୁଲ୍ଲ ସ୍ୱାଇଁଙ୍କୁ କେନ୍ଦ୍ରାପଡା, ସମବାୟ ବିଭାଗ ଯୁଗ୍ମ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନଙ୍କୁ କେନ୍ଦୁଝର, ବୋର୍ଡ ଅଫ ରେଭିନ୍ୟୁର ଏଫ.ଏ. ସୁବ୍ରତ ଶତପଥୀଙ୍କୁ କୋରାପୁଟ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ସଚିବ କୈଳାସ ଚନ୍ଦ୍ର ସାହୁଙ୍କୁ ମାଲକାନଗିରି, ବୋର୍ଡ ଅଫ ରେଭିନ୍ୟୁର ଯୁଗ୍ମ ସଚିବ ନିଗମାନନ୍ଦ ପଣ୍ଡାଙ୍କୁ ନବରଙ୍ଗପୁର ଜିଲାର ପର୍ଯ୍ୟବେକ୍ଷକ ରୂପେ ନିଯୁକ୍ତି ଦିଆଯାଇଛି । ଅନୁରୂପ ଭାବେ ଗୃହ ବିଭାଗ ଯୁଗ୍ମ ସଚିବ ବିଭୂତିଭୂଷଣ ମିଶ୍ରଙ୍କୁ ନୟାଗଡ, ଏସସି/ଏସଟି ଉନ୍ନୟନ ବିଭାଗ ଯୁଗ୍ମ ସଚିବ ନୃପରାଜ ସାହୁଙ୍କୁ ନୂଆପଡା, ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ ସୁବାସ ଦାଶଙ୍କୁ ପୁରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ବ୍ରହ୍ମାନନ୍ଦ ବେହେରାଙ୍କୁ ରାୟଗଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶ୍ରୀଧର ନାୟକଙ୍କୁ ଝାରସୁଗୁଡା, ଇପିଏମ୍ ଯୁଗ୍ମ ସଚିବ ମନୋଜ ପାଢୀଙ୍କୁ କନ୍ଧମାଳ ଏବଂ ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ସଚିବ ସୁକାନ୍ତ ପଟ୍ଟନାୟକଙ୍କୁ ସୁନ୍ଦରଗଡର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।





"ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### କାଇପଦରରେ କାଉ ମଡକ : ବାର୍ଡ ଫ୍ଲୁ ଆଶଙ୍କା



**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ବ୍ଲକର କାଇପଦରରେ ଶୁକ୍ରବାର ଗୋଟିଏ ସ୍ଥାନରେ ୩ଟି କାଉ ମୃତଦେହ ପଡିଛି। ବାର୍ଡ ଫ୍ଲୁ ଆଶଙ୍କା କରି ସାଧାରଣରେ ଭୟ ସଞ୍ଚାର ହୋଇଛି। କାଳେ କିଛି ଅସୁବିଧା ହେବ ସେନେଇ ଘଟଣା ସମ୍ପର୍କରେ କେହି ମନ୍ତବ୍ୟ ଦେଉନାହାନ୍ତି। ଅନ୍ୟପକ୍ଷେ ୨ ଦିନ ତଳେ କାଇପଦରର ଦୁଇ ଭିନ୍ନ ଭିନ୍ନ ସ୍ଥାନରୁ ଦୁଇ କାଉ ମୃତଦେହ ଉଦ୍ଧାର ହୋଇଥିଲା। ଏ ନେଇ ସିଡିଭିଓ ନରେଶ ରଥ କୁହନ୍ତି, କାଉ ମଡକ ଘଟଣା ଖବର ଜଣାପଡି ନ ଥିଲା। ଆପଣଙ୍କଠାରୁ ଖବର ପାଇବା ପରେ ଏକ ଟିମ୍ ପଠାଇ ତଦନ୍ତ କରାଇବାର ବ୍ୟବସ୍ଥା କରାଉଛି।

### ମହିଳାଙ୍କଠାରୁ ସୁନା ଚେନ ଲୁଟ୍

**ଯାଁଳା,୧୧।୧(ଡି.ଏନ.ଏ):** ଜଟଣୀ ଥାନା ଯାଁଳା ଫାଣ୍ଡି ଅଧୀନ ପୋଷ୍ଟ ଅଫିସ ଛକରେ ଶୁକ୍ରବାର ଅପରାହ୍ନ ୨ଟାରେ ମହିଳାଙ୍କଠାରୁ ସୁନାଚେନ ଲୁଟ୍ ହୋଇଛି। ଯାଁଳା ପଞ୍ଚାୟତର ବାଘତୋଟାରେ ରହୁଥିବା ଶୋଭାବତୀ ଜେନା ଯାଁଳା ପଞ୍ଚାୟତକୁ ଆସୁଥିବାବେଳେ ୧୬ ନଂ. ଜାତୀୟ ରାଜପଥରୁ ବିପରୀତ ଦିଗକୁ ରାସ୍ତା ପାରି ହେଉଥିବା ସମୟରେ ଏକ ବାଇକ୍‌ରେ ଦୁର୍ବୃତ୍ତମାନେ ଆସି ତାଙ୍କ ବେକରୁ ସୁନାଚେନ୍‌କୁ ଛିଡାଇ ନେଇ ଚମ୍ପଟ ମାରିଥିଲେ। ଚେନର ଓଜନ ପ୍ରାୟ ୩ ଭରି ହେବ। ଏ ନେଇ ଫାଣ୍ଡିରେ ମୌଖିକ ଅଭିଯୋଗ କରାଯାଇଥିଲା। ପୋଲିସ ପକ୍ଷରୁ ତଦନ୍ତ ଚାଲିଥିବାବେଳେ ଦୁର୍ବୃତ୍ତମାନଙ୍କ ସମ୍ପର୍କରେ ଜଣାପଡିନାହିଁ।

### ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ବ୍ଲକ ହଳଦୀପଦାସ୍ଥିତ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଖୋର୍ଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ବୈଦ୍ୟନାଥ ସାହୁ କ୍ରୀଡା ପତାକା ଉତ୍ତୋଳନ କରିବା ସହ ମଶାଲକୁ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ସୁଧାକର ମହାପାତ୍ର, ସାଧନ ସଂଯୋଜକ ପଦ୍ମନାଭ ସାହୁ, ଶିକ୍ଷକ ବାସୁଦେବ ସାହୁ, ରମେଶ ସାହୁ, ବିଜୟ ମହାପାତ୍ର, ବଦ୍ରିନାଥ ସାହୁ ଓ ଆଲାମ୍ ଖାଁ ଅତିଥି ରୂପେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ପ୍ରତାପ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ୧୫ ଟି ବିଭାଗରେ ପ୍ରତିଯୋଗିତା ଚାଲିଛି।

### ଦେଶୀମଦ ଭାଟି ଉପରେ ଚଢାଉ, ୨୯ କାର୍ଟୁନ୍ ମଦ ଜବତ

**ଜଟଣୀ,୧୧।୧(ଡି.ଏନ.ଏ):** ଜଟଣୀ ଥାନା ଅନ୍ତର୍ଗତ ମାଛ ମାର୍କେଟ୍‌ରେ ଚୋରା ମଦ ଭାଟି ଉପରେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ୨୯ କାର୍ଟୁନ୍ ଦେଶୀମଦ ଜବତ କରିଛି। ତେବେ ଚଢ଼ାଉ ସମୟରେ ମଦ ବେପାରୀ ଖସି ଯିବାରେ ସକ୍ଷମ ହୋଇଥିଲେ। ଏ ନେଇ ନଂ. ୧୨/୧୯ରେ ମାମଲା ରୁଜୁ ହୋଇଛି।

### ବୃଥା ଯାଏନି ପରିଶ୍ରମର ଫଳ

**ଖୋର୍ଦ୍ଧା ଅଫିସ,୧୧।୧:** ଖୋର୍ଦ୍ଧା ସହର ଗୁରୁଜଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡଶ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିକାଶ ପରିଷଦର ମହାସଚିବ ରକ୍ଷୀ ଗୁମାନସିଂ ଓ ମୁଖ୍ୟବକ୍ତା ରୂପେ ରାଜ୍ୟ ହିନ୍ଦୁ ଜାଗରଣ ମଞ୍ଚ ସଭାପତି ଆଇନଜୀବୀ ଅଜିତ୍ ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ପରିଶ୍ରମ କରି ପାଠ ପଢିଥିଲେ ତାହାର ଫଳ ବୃଥା ଯାଏନି ବୋଲି ପିଲାମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁ, ଖୋର୍ଦ୍ଧା ବିଭାଗ ପ୍ରମୁଖ କୁଳମଣି ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ସୁବୁଦ୍ଧି ସଭା ପରିଚାଳନା ଓ ବିବରଣୀ ପାଠ ସମ୍ପାଦକ ସମରେନ୍ଦ୍ର ଶତପଥୀ ଦୁଷ୍ମନ୍ତ ସୁବୁଦ୍ଧି କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ ଆସର ଲାଗି ରହିଥିଲା ।

■ ପି.ଏନ. କଲେଜରେ ଦୁଇ ଭାରପ୍ରାପ୍ତ ଅଧ୍ୟକ୍ଷ

# ଦାୟିତ୍ୱ ନେବା ଦେବା ପାଇଁ ଟଣାଓଟରା

**ଖୋର୍ଦ୍ଧା ଅଫିସ,୧୧।୧**

ଭାରପ୍ରାପ୍ତ ଅଧ୍ୟକ୍ଷ ପଦ ପାଇଁ ଉଚ୍ଚଶିକ୍ଷା ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଚିଠି ଆସିବା ପରେ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ କଲେଜରେ ବିଭ୍ରାଟ ଦେଖା ଦେଇଛି। କଲେଜରେ ଏବେ ଦୁଇଜଣ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଦେଖିବାକୁ ମିଳିଛି। ଜଣେ ପରିଚାଳନା ପରିଷଦ ଦ୍ୱାରା ନିଯୁକ୍ତି ପାଇ କାର୍ଯ୍ୟରତ ଥିବାବେଳେ ଆଉ ଜଣେ ଉଚ୍ଚଶିକ୍ଷା ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଦାୟିତ୍ୱ ନେବା ପାଇଁ ଉଦ୍ୟମରତ।

ପ୍ରାପ୍ତ ସୂଚନା ଅନୁସାରେ, ବିଦ୍ୟାଧର ବେହେରା ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରୁ ଅବସର ନେବା ପୂର୍ବରୁ ବରିଷ୍ଠତା ଭିତ୍ତିରେ କଲେଜର ୫ ଜଣ ପ୍ରାଧ୍ୟାପକଙ୍କ ନାମ ଉଚ୍ଚ ଶିକ୍ଷା ବିଭାଗକୁ କଲେଜ ପରିଚାଳନା ପରିଷଦ ପଠାଇଥିଲେ। ଏମାନଙ୍କ ମଧ୍ୟରେ ଓଡିଆ ପ୍ରାଧ୍ୟାପିକା ସ୍ୱୟଂପ୍ରଭା ପଟ୍ଟନାୟକ, ଇଂଲିଶ ପ୍ରାଧ୍ୟାପକ ମଦନ ମୋହନ ବେଉରା, ଶିକ୍ଷା ବିଭାଗର ପ୍ରାଧ୍ୟାପକ ମେଜର ଦୁଷ୍ମନ୍ତ କୁମାର ରାଉତରାୟ, ମନସ୍ତତ୍ତ୍ୱ ବିଭାଗର ପ୍ରାଧ୍ୟାପିକା ସୌଦାମିନୀ ଦାଶ, ଦର୍ଶନ ବିଭାଗ ପ୍ରାଧ୍ୟାପିକା ଗୀତା ପଟ୍ଟନାୟକ ରହିଥିଲେ। ତେବେ ବିଦ୍ୟାଧର ନଭେମ୍ବର ୩୦ରେ ଭାରପ୍ରାପ୍ତ ଅଧ୍ୟକ୍ଷ ପଦବୀରୁ ଅବସର ନେବା ପରେ ଶିକ୍ଷା ନିର୍ଦ୍ଦେଶାଳୟରୁ କିଛି ନିର୍ଦ୍ଦେଶ ଆସି ନ ଥିଲା। ଫଳରେ ପରିଚାଳନା ପରିଷଦ ନିର୍ଦ୍ଦେଶ ଅନୁସାରେ ୧ ନଂ. ତାଲିକାରେ ଥିବା ସ୍ୱୟଂପ୍ରଭା ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସେ ଅବସର ନେଇ ସାରିଥିଲେ ମଧ୍ୟ ଆର୍ଥିକ କ୍ଷମତା ତାଙ୍କୁ ଶିକ୍ଷା ବିଭାଗ ଦେଇ ନ ଥିଲା। ଅଧ୍ୟକ୍ଷା ସ୍ୱୟଂପ୍ରଭା ୨୦୧୮ ଡିସେମ୍ବର ୩୧ରେ ଅବସର ନେବାବେଳକୁ ୪ନଂ. ସିରିଏଲରେ ଥିବା ପ୍ରାଧ୍ୟାପିକା ସୌଦାମିନୀଙ୍କ ବରିଷ୍ଠତାକୁ ନେଇ ସିରିୟଲ ନଂ. ୨ରେ ଥିବା ପ୍ରାଧ୍ୟାପକ ମଦନ ମୋହନ ବେଉରା ହାଇକୋର୍ଟରେ ଚ୍ୟାଲେଞ୍ଜ କଲେ। ଏ ପରିପ୍ରେକ୍ଷୀରେ ଶିକ୍ଷା ନିର୍ଦ୍ଦେଶାଳୟରୁ କୌଣସି ପ୍ରକାରର ସ୍ପଷ୍ଟ ନିର୍ଦ୍ଦେଶ ଆସି ନ ଥିଲା ବେଳେ ଅଧ୍ୟକ୍ଷ ପଦ ଖାଲି ଥିଲା। ଦୁହିଁଙ୍କ ମଧ୍ୟରେ ବରିଷ୍ଠତାକୁ ଭିତ୍ତିକରି ମାମଲା କୋର୍ଟରେ ବିଚାରାଧୀନ ଥିଲା ବେଳେ ପରିଚାଳନା ପରିଷଦର ୩ ନଂ. ସିରିଏଲରେ ଥିବା ପ୍ରାଧ୍ୟାପକ ଦୁଷ୍ମନ୍ତଙ୍କୁ ଅଧ୍ୟକ୍ଷ ପଦର ଦାୟିତ୍ୱ ହସ୍ତାନ୍ତର କରିବାକୁ ସ୍ୱୟଂପ୍ରଭାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଦୁଷ୍ମନ୍ତ ଭାରପ୍ରାପ୍ତ ଅଧ୍ୟକ୍ଷ ହୋଇଥିଲେ। ଏହା ପରେ ପରିଚାଳନା ପରିଷଦ ଦୁଷ୍ମନ୍ତଙ୍କୁ ଆର୍ଥିକ କ୍ଷମତା ପ୍ରଦାନ ପାଇଁ ଉଚ୍ଚଶିକ୍ଷା ବିଭାଗକୁ ପତ୍ରାଳାପ କରିଥିଲେ। ତେବେ ପତ୍ରାଳାପର କିଛି ଉତ୍ତର ଆସି ନ ଥିବାବେଳେ ୪ନଂ. ସିରିୟଲର ସୌଦାମିନୀଙ୍କୁ ଅଧ୍ୟକ୍ଷ ପଦ ସମ୍ଭାଳିବାକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ପତ୍ରାଙ୍କ ସଂଖ୍ୟା ୧୨୯୪/୮।୧।୧୯ରେ ଚିଠି ଆସିଛି। ପୂର୍ବତନ ଅଧ୍ୟକ୍ଷ ଡ. ବିଦ୍ୟାଧର ବେହେରାଙ୍କଠାରୁ ୩୦।୧୧।୧୮ଠାରୁ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ରହିଛି। ଆର୍ଥିକ କ୍ଷମତା ପାଇବାକୁ ପୁଣି ବିଦ୍ୟାଧରଙ୍କ ଦାୟିତ୍ୱ ହସ୍ତାନ୍ତରର କାଗଜପତ୍ର ସହ ପରିଚାଳନା କମିଟିର ସଭାପତିଙ୍କ ଦସ୍ତଖତ ଥାଇ ସୌଦାମିନୀଙ୍କ ଆଟେଷ୍ଟେଡ କାଗଜାତ ଉଚ୍ଚ ଶିକ୍ଷା ବିଭାଗରେ ଆବେଦନ କରିବାକୁ କୁହାଯାଇଛି। ତେବେ ବିଦ୍ୟାଧରଙ୍କ ପରେ ଜଣେ ଭାରପ୍ରାପ୍ତ ଅଧ୍ୟକ୍ଷ ଅବସର ନେଇ ସାରିଲେଣି। ଆଉ ଜଣେ ଜାନୁୟାରୀ ୩୧ରେ ଅବସର ନେବେ। ଏଭଳିସ୍ଥଳେ ବିଦ୍ୟାଧରଙ୍କଠାରୁ କିପରି ସୌଦାମିନୀ ଚାର୍ଜ ନେବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷ ମେଜର ଦୁଷ୍ମନ୍ତ କୁମାର ରାଉତରାୟ କୁହନ୍ତି, ବରିଷ୍ଠତା ଭିତ୍ତିରେ ଆସୁଥିବାରୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ବରିଷ୍ଠତାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ରିଟ୍ ପିଟିଶନ ଦାଏର କରିଛନ୍ତି। ରିଟ୍ ପିଟଶନ ହାଇକୋର୍ଟ, ପରିଚାଳନା ପରିଷଦ ସଭାପତି ଓ ଉଚ୍ଚ ଶିକ୍ଷା ବିଭାଗର ହସ୍ତଗତ ହୋଇସାରିଛି। କୋର୍ଟଙ୍କ ନିର୍ଦ୍ଦେଶ ଯାହା ରହିବ ସେନେଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ପରିଚାଳନା ପରିଷଦର ସଭାପତି ଜ୍ୟୋତିରିନ୍ଦ୍ର ମିତ୍ର କୁହନ୍ତି, ବିଦ୍ୟାଧର ବେହେରା ଅବସର ନେବା ପରେ ବରିଷ୍ଠତା ଭିତ୍ତିରେ ଦୁଷ୍ମନ୍ତଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ଉଚ୍ଚଶିକ୍ଷା ବିଭାଗର ଚିଠି ମିଳିବା ପରେ ଆସନ୍ତା ୧୫ ତାରିଖରେ ପରିଚାଳନା ପରିଷଦର ବୈଠକ ଡକାଯାଇଛି। ବୈଠକର ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

## ନୀଳକଣ୍ଠ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଗୁନିଆ,୧୧।୧ (ଡି.ଏନ.ଏ.)**

ବେଗୁନିଆ ବ୍ଲକ କଣ୍ଟାବାଡ ଗ୍ରାମସ୍ଥିତ ନୀଳକଣ୍ଠ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୩ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ଲଚ୍ଛମନ ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର ବକ୍ତା ଭାବେ ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସିଆରସିସି ରବୀନ୍ଦ୍ରନାଥ ସାହୁ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ମାଣ୍ଡୋଇ ଏବଂ ଗଣେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ସନ୍ତୋଷ କୁମାର ଦାଶ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପାଠପଢା ସାଙ୍ଗକୁ କ୍ରୀଡା ଓ ପ୍ରତିଯୋଗିତା ପିଲାମାନଙ୍କ ବୌଦ୍ଧିକ ଶିକ୍ଷାର ବିକାଶ କରିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ଶେଷରେ ଶିକ୍ଷକ ନାରାୟଣ ମାନସିଂହ ଧନ୍ୟବାଦ ଦେଇଥିଲେ।

## ଉଚ୍ଚ ବିଦ୍ୟାଳୟ ପୁରସ୍କାର ବିତରଣୀ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ବୋଲଗଡ଼,୧୧।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ କୁଳମଣି ହୋତା ପୌରୋହିତ୍ୟ କରିଥିଲେ। ବୋଲଗଡ଼ ବିଇଓ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟଅତିଥି, ଶିକ୍ଷାବିତ କୃଷ୍ଣ ଚନ୍ଦ୍ର ବଳିୟାରସିଂହ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଜ୍ୟୋସ୍ନାମୟୀ ଫତେସିଂହ, ପ୍ରଭାତି ରାଉତରାୟ ପ୍ରମୁଖ ମଞ୍ଚସୀନ ଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନବକିଶୋର ସାମନ୍ତସିଂହାର ଓ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ଖଣ୍ଡାଇ ସମ୍ବର୍ଦ୍ଧିତ ହୋଇଥିଲେ। ଆରିକମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ସ୍ୱାଗତ ଅଭିଭାଷଣ, ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ମ୍ୟାଚରେ ଖେଳାଳିଙ୍କ ଗହଣରେ ଅତିଥିମାନେ।

■ କୃଷ୍ଣଚନ୍ଦ୍ର ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ

## ଉଦ୍‌ଘାଟନୀ ମ୍ୟାଚ୍‌ରେ ଘାଟିକିଆ ବିଜୟୀ

**ନିରାକାରପୁର,୧୧।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ସ୍ଥିତ ଖେଳପଡିଆରେଠାରେ ୯ମ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଉଦ୍‌ଘାଟନୀ ପତାକା ଉତ୍ତୋଳନ କରି ଖେଳ ଶୁଭାରମ୍ଭ କରିଥିଲେ । ରାମେଶ୍ୱର କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ମ୍ୟାଚ୍ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ୍ (ଘାଟିକିଆ) ଓ ଯଦୁମଣି ସ୍ପୋର୍ଟ୍ସ କ୍ଲବ୍ (ଇଟାମାଟି) ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ ଘାଟିକିଆ ଗୋଟିଏ ଗୋଲ୍ ମାରିଥିବା ବେଳେ ଇଟାମାଟି ଜବାବରେ ୦/୧ ଗୋଲ୍‌ରେ ପରାସ୍ତ ହୋଇଛି । ଅବିନାଶ ପଟ୍ଟନାୟକ, ବିପିନ କୁମାର ସାମନ୍ତରାୟ, ଶରତ ଚନ୍ଦ୍ର ଛୋଟରାୟ ଓ ହୃଦାନନ୍ଦ ମହତରାୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶିକ୍ଷାବିତ୍ ବୀରବର ରଥ, ବିପିନ କୁମାର ଜୟସିଂହ, ସଖା କ୍ରୀଡା ସଂସଦର ସମ୍ପାଦକ ଭାଗୀରଥି ପ୍ରଧାନ, ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ମହାପାତ୍ର, ଆବାହକ ଇଂ. ବିଶ୍ୱମୋହନ ପଟ୍ଟନାୟକ, ସମ୍ପାଦକ ବୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ଆଜି ବଳରାମଦେବ ବିଦ୍ୟାପୀଠରେ ୭୫ ବର୍ଷ ପୂର୍ତ୍ତି ସମାରୋହ

**ଟାଙ୍ଗୀ(ଖୋର୍ଦ୍ଧା)୧୧।୧ (ଡି.ଏନ.ଏ.)**

ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ୭୫ ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟରେ ଏକ ସମାରୋହ ଶନିବାର ପାଳିତ ହେବ। ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ଉତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ ଯଥାକ୍ରମେ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ରୂପେ ଯୋଗଦେବେ ବୋଲି ସମାରୋହ କମିଟି ସଭାପତି ପଦ୍ମନାଭ ବିଶ୍ୱାଳ ସୂଚନା ଦେଇଛନ୍ତି।

### ଗୁଣାତ୍ମକ ଶିକ୍ଷା ପାଇଁ କଠିନ ପରିଶ୍ରମ ଦରକାର

**ଖୋର୍ଦ୍ଧା ଅଫିସ,୧୧।୧:**

ଖୋର୍ଦ୍ଧା ଉପକଣ୍ଠ ମହୁଲସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ୩୮ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲୋକନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଜଟଣୀର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ମହାନ୍ତି ଓ ମୁଖ୍ୟବକ୍ତା ଭାବେ କବି ରମେଶ ଚନ୍ଦ୍ର ମଙ୍ଗରାଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ରଥ, ସ୍କୁଲ ସଭାପତି ଚରଣ ସୁବୁଦ୍ଧି, ଜବାହରଲାଲ ସୁବୁଦ୍ଧି ଓ ଧୀରେନ୍ କୁମାର ସିଂହ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇଁ କଠିନ ପରିଶ୍ରମ ବଳରେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସିଆରସିସି ଦେବେନ୍ଦ୍ର କୁମାର ରଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ବିନୋଦ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

## ଶିକ୍ଷା, ଆଧ୍ୟାତ୍ମିକ ଚିନ୍ତନ ଆଲୋଚନାଚକ୍ର

**ଖୋର୍ଦ୍ଧା ଅଫିସ,୧୧।୧:**

ଖୋର୍ଦ୍ଧା ପି.ଏନ. କଲେଜରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଶିକ୍ଷା ଓ ଆଧ୍ୟାତ୍ମିକ ଚିନ୍ତନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ବାଲିଘାଇ ଆଶ୍ରମର ସ୍ୱାମିଜୀ ପରମହଂସ ପ୍ରଜ୍ଞାନନ୍ଦଜୀ ମହାରାଜ ମୁଖ୍ୟ ପ୍ରବକ୍ତା ଭାବେ ଯୋଗଦେଇ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଆଧ୍ୟାତ୍ମିକବାଦର ପ୍ରୟୋଗ କରାଯିବା ଆବଶ୍ୟକ ବୋଲି ଟିପ୍ପଣୀ ଦେଇଥିଲେ। ଆଜିର ଛାତ୍ରୀଛାତ୍ର ଆଗାମୀ ଯୁଗର ଭବିଷ୍ୟ ହୋଇଥିବା ଯୋଗୁ ଏହାର ଆବଶ୍ୟକତା ରହିଛି। ଏହା କରାଗଲେ ଚରିତ୍ର ଗଠନ, ସମୟାନୁବର୍ତ୍ତିତା, ଉତ୍ତରଦାୟିତ୍ୱର ଅଭାବ ଦେଖାଦେବନି। ଏହା ସାମାଜିକ ବ୍ୟବସ୍ଥାରେ ସୁଧାର ଆଣିବାରେ ସହାୟକ ହେବ। ଅଧ୍ୟକ୍ଷ ମେଜର ଦୁଷ୍ମନ୍ତ ରାଉତରାୟ ସ୍ୱାମିଜୀ କିପରି ଶିକ୍ଷାଗୁରୁରୁ ଆଧ୍ୟାତ୍ମିକ ଗୁରୁ ହୋଇ ପାରିଥିଲେ ସେ ଉପରେ ଟିପ୍ପଣୀ ଦେବା ସହ ଶିକ୍ଷା ଓ ଆଧ୍ୟାତ୍ମିକ ଚିନ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷା ବିଭାଗର ବରିଷ୍ଠ ପ୍ରାଧ୍ୟାପକ ରବି ନାରାୟଣ ସାହୁ ଆଲୋଚନାଚକ୍ର ପରିଚାଳନା କରିଥିବାବେଳେ ପ୍ରାଧ୍ୟାପିକା ଗାୟତ୍ରୀ ମିଶ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

■ ଆନ୍ଦୋଳନରେ ରୋକ୍ ଲଗାଇ ପାରିବନି କାଳିଆ ଯୋଜନା

# ଦାବିରୁ ହଟିବେନାହିଁ ଚାଷୀ

**ଖୋର୍ଦ୍ଧା ଅଫିସ,୧୧।୧:**

ସରକାର କାଳିଆ ଯୋଜନା କରି ଚାଷୀଙ୍କୁ ପେନସନ ଦାବିରୁ ଓହରିଯିବାକୁ ଗୋଟି ଚାଳନା କରୁଛନ୍ତି। ହେଲେ ଆନ୍ଦୋଳନରେ ରୋକ୍ ଲଗାଇ ପାରିବନି କାଳିଆ ଯୋଜନା। ଦାବିରୁ ହଟିବେ ନାହିଁ ଚାଷୀ। ନିର୍ବାଚନ ପୂର୍ବରୁ ଚାଷୀଙ୍କ ପାଇଁ ପେନସନ ଲାଗୁ କରିବାକୁ ସରକାରଙ୍କୁ ବାଧ୍ୟ କରାଯିବ। ନଚେତ ନିର୍ବାଚନରେ ଗାଁ ଗଣ୍ଡାରେ ଭୋଟ ବାକ୍ସ ବସାଇ ଦିଆଯିବନି। ଦାବି ହାସଲ ପାଇଁ ଆନ୍ଦୋଳନ କରି ଜେଲ ଯିବାକୁ ଚାଷୀ ପ୍ରସ୍ତୁତ ହୋଇ ସାରିଛି ବୋଲି ଖୋର୍ଦ୍ଧା ସହରର ବାଟମଙ୍ଗଳା ପରିସରରେ ନବନିର୍ମାଣ କୃଷକ ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ କହିଥିଲେ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଓ ସରକାରୀ କର୍ମଚାରୀଙ୍କୁ ଦରମା ଦେବାକୁ ସରକାର ୪୫ ହଜାର କୋଟି ଖର୍ଚ୍ଚ କରୁଥିବାବେଳେ ୭୦ ଭାଗ ଚାଷୀଙ୍କ ପାଇଁ ୨୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିବାକୁ ସରକାରଙ୍କ ପାଖରେ ଅର୍ଥାଭାବ କହୁଛନ୍ତି। ଯାହାର ଜବାବ ଚାଷୀ ଦେବାପାଇଁ ପ୍ରସ୍ତୁତ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଯୋଜକ ଉମାକାନ୍ତ ରାଉତ, ଜିଲା ସଂଯୋଜକ ସୁରେଶ ମାନସିଂହ, ସହସଂଯୋଜକ ରମେଶ ସ୍ୱାଇଁ ୨୦ ହଜାର ସଭ୍ୟ ସଂଗ୍ରହ କରାଯିବ ବୋଲି କହିଛନ୍ତି।

## ବେଆଇନ ନିର୍ମାଣ ସ୍ଥଳରେ ନାଲି ପତାକା ଲଗାଗଲା

**ଜଟଣୀ,୧୧।୧(ଡି.ଏନ.ଏ):**

ଜଟଣୀ ତହସିଲ ଅନ୍ତର୍ଗତ ଛଣଘର ଓ କୁଶମାଟି ମୌଜାରେ ଥିବା ସରକାରୀ ଜମିରେ ହୋଇଥିବା ବେଆଇନ ନିର୍ମାଣ ଉପରେ ସ୍ଥାନୀୟ ଶ୍ରୀମନ୍ଦିର ତହସିଲ ପକ୍ଷରୁ ଶୁକ୍ରବାର ଚଢାଉ ହୋଇଥିଲା। ପାଚେରି ଘେରା ଯାଇଥିବା ଓ ଅନ୍ୟ ଏକ ସ୍ଥାନରେ ବାଲି ପକାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଉଦ୍ୟମ କରାଯାଉଥିବା ୨ଟି ସ୍ଥାନରେ ନାଲି ପତାକା ପୋତିଥିଲେ। ଶ୍ରୀମନ୍ଦିର ତହସିଲର ବନ୍ଦୋବସ୍ତ ଅଧିକାରୀ ଅନିଲ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା।



ଶ୍ରୀମନ୍ଦିର ତହସିଲ ପକ୍ଷରୁ ବେଆଇନ ଜବରଦଖଲ ଜାଗାରେ ପତାକା ଲଗାଯାଉଛି।

■ ଧାନ ସଂଗ୍ରହ ଧାର୍ଯ୍ୟ ପରିମାଣକୁ ନେଇ ଚାଷୀ ମହଲରେ ଅସନ୍ତୋଷ

# ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

**ଜଟଣୀ,୧୧।୧(ଡି.ଏନ.ଏ):**

ଜଟଣୀ ବ୍ଲକର ବିଭିନ୍ନ ମଣ୍ଡିରେ ରଖାଯାଇଥିବା ନିର୍ଦ୍ଦିଷ୍ଟ ପରିମାଣର ଧାନ ସଂଗ୍ରହ ଧାର୍ଯ୍ୟକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ନିର୍ଦ୍ଧାରଣ ଦ୍ୱାରା ଚାଷୀ ହଇରାଣ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ମିଲରଙ୍କ ସିକ୍ୟୁରିଟ ଡିପୋଜିଟ୍ ଅନୁଯାୟୀ ଧାନ ସଂଗ୍ରହ ଟାର୍ଗେଟ ନିର୍ଦ୍ଧାରଣ ହେଉଛି। ଅନ୍ୟପକ୍ଷେ ମଣ୍ଡିରେ ଧାନ ରଖିଥିବା ସମୟରେ ଗୋରୁ ପଶି ଧାନ ଖାଇ ଯାଉଛନ୍ତି।



ମଣ୍ଡିରେ ରଖାଯାଇଥିବା ଧାନକୁ ଗୋରୁ ଖାଉଛନ୍ତି।

ଫଳରେ ବେପାରୀଙ୍କୁ ଚାଷୀ ଧାନ ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି। ବ୍ଲକର ଛଣଘର ସେବା ସମବାୟ ସମିତି ମାଧ୍ୟମରେ କନ୍ତିଆ ଗାଁରେ ହୋଇଥିବା ମଣ୍ଡିରେ ଶୁକ୍ରବାର ଧାନ ସଂଗ୍ରହ ପାଳିରେ ଉପସ୍ଥିତ ବହୁ ଚାଷୀ ଏପରି ଅଭିଯୋଗ ଆଣିଥିଲେ। ଏହି ସମବାୟ ସମିତି ମାଧ୍ୟମରେ ଛଣଘର ଓ କନ୍ତିଆରେ ସପ୍ତାହକୁ ଗୋଟିଏ ଦିନ ଲେଖାଏ ଦୁଇଥର ଧାନ ସଂଗ୍ରହ କରାଯାଉଛି। ଉଭୟ ମଣ୍ଡିରେ ୪୦୦ କୁଇଣ୍ଟାଲ ଲେଖାଏ ୮୦୦ କୁଇଣ୍ଟାଲ ଧାନ ପ୍ରତିପାଳିରେ ସଂଗ୍ରହ ପାଇଁ ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ଜଣେ ଚାଷୀ ୩୦ କୁଇଣ୍ଟାଲ ମଧ୍ୟରେ ଧାନ ଏଠାରେ ବିକ୍ରୟ କରିବା ନିୟମ କରାଯାଇଛି। ଫଳରେ ୩୦ କୁଇଣ୍ଟାଲରୁ ଅଧିକ ଧାନ ରଖିଥିବା ଚାଷୀ ଅସୁବିଧାରେ ପଡୁଛନ୍ତି। ଏପରି ନିୟମ ଦ୍ୱାରା ବେପାରୀଙ୍କୁ ଧାନ ବିକ୍ରୟ କରି ଚାଷୀ କ୍ଷତି ସହିବାକୁ ପଡୁଛି। ଅନ୍ୟଥା ପରବର୍ତ୍ତୀ ପାଳିକୁ ଅପେକ୍ଷା କରିବାକୁ ପଡୁଛି। ବାରମ୍ବାର ଧାନ ନେଇ ମଣ୍ଡିକୁ ଆସିବା ଦ୍ୱାରା ପରିବହନ ଖର୍ଚ୍ଚ ଅଧିକ ହେଉଛି। ଏଣୁ ପ୍ରତି ପାଳିରେ ଧାନ ସଂଗ୍ରହ ପରିମାଣ ବୃଦ୍ଧି କରିବାକୁ ଦାବି ହେଉଛି। ଏହାଛଡ଼ା ମଣ୍ଡିକୁ ଧାନ ନେଇ ଆସିବା ପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। କନ୍ତିଆ ଗ୍ରାମର ଚାଷୀ ପଦ୍ମଚରଣ ସୁବୁଦ୍ଧି କୁହନ୍ତି, ତାଙ୍କର ୧୨୦ କୁଇଣ୍ଟାଲ ଧାନ ପାଇଁ ସୋସାଇଟିରେ ରେଜିଷ୍ଟ୍ରେଶନ ହୋଇଛି। ପ୍ରତିପାଳିରେ ୩୦ କୁଇଣ୍ଟାଲ ମଧ୍ୟରେ ଧାନ ସଂଗ୍ରହ ନିୟମ କରାଯାଇଥିବାରୁ ତାଙ୍କର ୧୨୦ କୁଇଣ୍ଟାଲ ଧାନ ୪ଟି ପାଳିରେ ଦେବାକୁ ପଡିବ। ଫଳରେ ବାରମ୍ବାର ମଣ୍ଡିକୁ ଆସିବା ଦ୍ୱାରା ଗାଡି ଭଡା ଓ ମଜୁରି ବାବଦରେ ଅଧିକ ଖର୍ଚ୍ଚ ହେଉଥିବା ସେ କହିଛନ୍ତି। ଏଣୁ ଧାନ ସଂଗ୍ରହ ପରିମାଣ ବୃଦ୍ଧି କରାଗଲେ ଚାଷୀ ଉପକୃତ ହୋଇପାରନ୍ତେ। ସେହିପରି ମଣ୍ଡିକୁ ଧାନ ନେଇ ଆସିଥିବା ବେରୁହାଁ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ କୁହନ୍ତି, ତାଙ୍କ ଗାଁଠାରୁ ଏହି ମଣ୍ଡିର ଦୂରତା ୩ କିଲୋମିଟର, ସକାଳୁ ଆସିଲିଣି, ଅପରାହ୍ନ ୨ଟା ହେଲାଣି ହେଲେ ମିଲରଙ୍କ ଦେଖାନାହିଁ। ଧାନ ନେଇ ଆସିଥିବାରୁ ଆଉ କ'ଣ ଫେରିବୁ। ମିଲରଙ୍କ ଆସିବା ଯାଏଁ ଅପେକ୍ଷା କରି ଧାନ ଦେଇ ଗାଁରେ ପହଞ୍ଚିଲା ବେଳକୁ ରାତି ହେବ ବୋଲି ସେ କହିଥିଲେ। ଖୋର୍ଦ୍ଧା ସିଏସ୍ଓ ସୁଧାକର ସାହୁ କୁହନ୍ତି, ମିଲରଙ୍କ ସିକ୍ୟୁରିଟି ଡିପୋଜିଟ୍ ଉପରେ ଧାନ ସଂଗ୍ରହ ଧାର୍ଯ୍ୟ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଜାନୁୟାରୀ, ୨୦୧୯



-ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
-ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ସ୍ଥାନ ନିରୂପଣ

ପୁରୀ ଅଫିସ,୧୧।୧: ଶହୀଦ ଜୟୀ ରାଜଗୁରୁଙ୍କ ଜନ୍ମପୀଠ ବୀରହରେକୃଷ୍ଣପୁର ଛକରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଗ୍ରାମବାସୀ ଏବଂ ଜୟୀରାଜଗୁରୁ ସ୍ମୃତି ପରିଷଦ ଦାବି କରି ଆସୁଥିଲେ। ଏନେଇ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନେଇ ନିଷ୍ପତ୍ତି ନିଆଯାଇଛି। ପୁରୀ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଥିଲା। ଆଲୋଚନାର ନିଷ୍ପତ୍ତି ମୁତାବକ ଶୁକ୍ରବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୁରୀ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ସ୍ଥାନ ଚିହ୍ନଟ କରାଯାଇଛି। ଏହି ସମୟରେ ଜୟୀ ରାଜଗୁରୁ ସ୍ମୃତି ସଂସଦ ସମ୍ପାଦକ ଜଟାଧାରୀ ମିଶ୍ର, ଗ୍ରାମବାସୀ ସୌମ୍ୟ ମିଶ୍ର, ରବି ନାରାୟଣ ମିଶ୍ର, ପ୍ରସନ୍ନ ରଥ ଏବଂ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ନିମାପଡ଼ା,୧୧।୧(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅଧୀନ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଲେଜ ଅଧକ୍ଷା କଲ୍ୟାଣୀ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ର ଚେୟାରମ୍ୟାନ ପ୍ରଫେସର ଡ. ଦୁର୍ଗାଶଙ୍କର ଷଡ଼ଙ୍ଗୀ, ଜିଲାସ୍ତରୀୟ ସଂଯୋଜକ(ଉଚ୍ଚଶିକ୍ଷା)ପୁରୀ ଜିଲା ପ୍ରଫେସର ଡ. ରବୀନ୍ଦ୍ରନାଥ ମିଶ୍ର, ଚାରିଛକ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଗୋପୀନାଥ କର ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଏନସିସି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏନସିସି କ୍ୟାଡେଟମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଭାତ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ।

### ଆତ୍ମରକ୍ଷା ତାଲିମ୍ ଶିବିର

କଣାସ, ୧୧।୧(ସ୍ୱ.ପ୍ର.)- କଣାସ କନିଷ୍ଠ ମହାବିଦ୍ୟାଳୟର ପ୍ରଥମବର୍ଷର କଳା ଓ ବିଜ୍ଞାନ ଛାତ୍ରୀଙ୍କୁ ନେଇ ଶୁକବାରଠାରୁ ଏକ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଉଦ୍‌ଘାଟନ ଉତ୍ସବରେ ବରିଷ୍ଠ ଅଧାପକ ବନବିହାରୀ ସାହୁ ଅଧକ୍ଷତା କରିଥିଲେ। ଅଧାପକ ପ୍ରଫୁଲ୍ଲ କୁମାର ଜେନା, ନିରଞ୍ଜନ ସ୍ୱାଇଁ, ସୁଜନ ପତି, ଅକ୍ଷୟ ସ୍ୱାଇଁ, ପ୍ରଶାନ୍ତ ସାହୁ ଅତିଥିଭାବେ ଯୋଗଦେଇଥିଲେ।

# ନିମାପଡ଼ା କୋର୍ଟରେ ଡେଙ୍ଗା ମୁନାଙ୍କ ଆତ୍ମସମର୍ପଣ

## ■ ଧରିପାରିଲାନି ପୋଲିସ, ରିମାଣ୍ଡରେ ଅଣାଯିବ

**ପାରା ହତ୍ୟାକାଣ୍ଡ**

ପୁରୀ ଅଫିସ,୧୧।୧:

ବହୁଚର୍ଚ୍ଚିତ ପାରା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଡେଙ୍ଗା ମୁନା ଗୁରୁବାର ନିମାପଡା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରି ଜେଲ ଯାଇଛନ୍ତି। ଅଧିକ ପଚରାଉଚୁରା ଲାଗି ତାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କୁମ୍ଭାରପଡା ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ଅନ୍ୟତମ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି। ସେ ଆତ୍ମସମର୍ପଣ କରିଛନ୍ତି ନା କରିବାକୁ ସୁଯୋଗ ଦିଆଯାଇଛି, ସେ ନେଇ ପୁରୀ ସହରରେ ଚର୍ଚ୍ଚା ହେଉଛି। ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବା ପରେ ବହୁ ଗୁମର ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।

ଗତ ଡିସେମ୍ବର ୨୫ରେ ବହୁ ମାମଲାର ଅଭିଯୁକ୍ତ ପାରା ଓରଫ ସଞ୍ଜୟ ବେହେରାଙ୍କୁ ଡେଙ୍ଗା ମୁନା ଓରଫ ଜିତେନ୍ଦ୍ର ସାହୁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପାରାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ସମର୍ଥକମାନେ ସହରରେ ଆତଙ୍କ ସୃଷ୍ଟି କରିଥିଲେ। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖିଛି। ଅଟକଙ୍କଠାରୁ ପୋଲିସ କେଉଁ ତଥ୍ୟ ହାସଲ କରିଛି, ସେ ସମ୍ପର୍କରେ ମୁହଁ ଖୋଲୁନାହିଁ। ଗୁଳିକାଣ୍ଡ ଘଟଣା ପରଠାରୁ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଘଟଣାର ଛାନଭିନ ଆରମ୍ଭ କରିଥିଲା। ଭୁବନେଶ୍ୱର ଏବଂ କଟକର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ପୋଲିସ ସଫେଇ ଦେଇଥିଲା। ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୁରାକ ନ ପାଇ ପୋଲିସ ଫେରି ଆସିଥିଲା। ଏପରି କି ତଦନ୍ତରେ ମଧ୍ୟ ଶିଥିଳତା ପଡ଼ିଯାଇଥିଲା। ଅନ୍ୟପଟେ ପୋଲିସ ନିଷ୍କ୍ରିୟତାର ସୁଯୋଗ ନେଇ ଡେଙ୍ଗା ମୁନା ସହରରେ ନିର୍ଭୟରେ ବୁଲୁଥିବା ଜଣାପଡିଥିଲା। ଏନେଇ ପୋଲିସ ନିକଟରେ ଖବର ରହିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ପୋଲିସ ଜାଣିଶୁଣି ଅଭିଯୁକ୍ତଙ୍କୁ ଖସିଯିବାକୁ ପରୋକ୍ଷରେ ସହଯୋଗ କରିଥିଲା ବୋଲି ଅଭିଯୋଗ ହୋଇଥିଲା। ଆତ୍ମସମର୍ପଣ କରିବାର ଦୁଇ ଦିନ ପୂର୍ବରୁ ଡେଙ୍ଗା ମୁନା ଗୁଣ୍ଡିଚା ମନ୍ଦିର ନିକଟରେ ବାଇକ୍‌ରେ ବୁଲିବା ସହ ଦାଦାବଟି ମଧ୍ୟ ଆଦାୟ କରିଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ଏହାକୁ ନେଇ ପୋଲିସର ଭୂମିକା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଗୁଳିକାଣ୍ଡରେ ଜଣେ ପୂର୍ବତନ କାଉନସିଲରଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କ ନାମ ରହିଛି। ବର୍ତ୍ତମାନ ସୁଦ୍ଧା ପୋଲିସ କାହାରିକୁ ତଦନ୍ତ ପରିସରଭୁକ୍ତ କରି ନ ଥିବା ଜଣାପଡିଛି। ଡେଙ୍ଗା ମୁନାର ଆତ୍ମସମର୍ପଣ ପରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି।



ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରୁଛନ୍ତି।

## ■ ଭକ୍ତକବି ବଳରାମ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

# ଭକ୍ତକବିଙ୍କ ପୀଠର ଉନ୍ନତି ସରକାରଙ୍କ ପ୍ରାଥମିକତା: ସଂସ୍କୃତି ମନ୍ତ୍ରୀ

ଗୋପ, ୧୧।୧(ଡି.ଏନ୍.ଏ.)

ଗୋପ ବ୍ଲକ ଅନ୍ତର୍ଗତ ବଳରାମଜୀଉ ମନ୍ଦିର ପରିସରରେ ଶୁକ୍ରବାର ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଭକ୍ତ କବି ବଳରାମ ଦାସଙ୍କ ପ୍ରତିମୂର୍ତ୍ତିକୁ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ଉନ୍ମୋଚିତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ କହିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ତଥା କବି ଭକ୍ତ ବଳରାମ ଦାସଙ୍କ ଜନ୍ମ ପୀଠ ଓ ସମାଧି ପୀଠ ପ୍ରତି ରାଜ୍ୟ ସରକାରଙ୍କର ଦୃଷ୍ଟି ରହିଛି। ତାହାର ପୁନରୁଦ୍ଧାର ପାଇଁ ସରକାର ଉଦ୍ୟମରତ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଭକ୍ତ କବିଙ୍କ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବାରୁ ଗର୍ବିତ ବୋଲି କହିଥିଲେ। ତାଙ୍କ ରଚିତ ଦାଣ୍ଡି ରାମାୟଣ, ଜଗମୋହନ ରାମାୟଣ, କମଳଲୋଚନ ଚଉତିସା, ଶ୍ରୀପଞ୍ଚମୀ ଗୀତ ସହିତ ମାର୍ଗଶିର ମାସରେ ପ୍ରତ୍ୟେକ ଓଡ଼ିଆ ଘରେ ପଢ଼ା ଯାଉଥିବା ଲକ୍ଷ୍ମୀ ପୁରାଣ ଓଡ଼ିଆ ଜାତିର ଗର୍ବ ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ପର୍ଯ୍ୟଟନ ବିଭାଗ ଯନ୍ତ୍ରୀ ଶୁଭାଶିଷ ପୃଷ୍ଟି, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ବଳରାମ ଦାସ ସ୍ମୃତି ସଂସଦ ସଭାପତି ନବକିଶୋର ନାୟକ, ଏରବଙ୍ଗ ସରପଞ୍ଚ ବିଭୂତି ଭୂଷଣ ସାହୁ ପ୍ରମୁଖ ଯୋଗ ଦେଇ ବଳରାମ ଦାସଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ଅତିଥିମାନେ ବେଗୁନିଆ ଛକରେ ପହଞ୍ଚିବା ପରେ ବଳରାମ ଦାସ ସ୍ମୃତି କମିଟି ପକ୍ଷରୁ ଶହ ଶହ ମହିଳା ଓ ସାଧାରଣ ଲୋକେ ବାଜା, ବାଣ ରୋଶଣିରେ ସେମାନଙ୍କୁ ଏରବଙ୍ଗ ସ୍ଥିତ ବଳରାମ ଦାସଙ୍କ ଜନ୍ମପୀଠ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ




ଅଙ୍ଗନୱାଡ଼ି କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପୁରୀ ଅଫିସ,୧୧।୧:

ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀମାନେ ଗତବର୍ଷ ନଭେମ୍ବର ୨୬ରୁ ବିଧାନସଭା ନିକଟସ୍ଥ ଧାରଣାସ୍ଥଳରେ ଗଣଧାରଣାରେ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ, ପୁରୀ ଜିଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ସଂଖ୍ୟାରେ ଅଙ୍ଗନୱାଡ଼ି କର୍ମୀ ରେଲୱେ ଷ୍ଟେଶନଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମୀମାନେ ସେମାନଙ୍କ ଦାବି ସମ୍ପର୍କରେ କହିଥିଲେ। ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରିବା, ଯେତେଦିନ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଇ ନାହିଁ ସର୍ବନିମ୍ନ ମାସିକ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ କରିବା, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା, ନୂତନ ଖାଦ୍ୟ ତାଲିକାର ମୂଲ୍ୟ ବୃଦ୍ଧି କରିବା, ଗାଁ କଲ୍ୟାଣ ସମିତି କାର୍ଯ୍ୟରୁ ଅଙ୍ଗନୱାଡ଼ି କର୍ମୀଙ୍କୁ ବାଦ୍ ଦିଆଯିବା ପ୍ରଭୃତି ଦାବି ରହିଛି। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ସଂଘର କର୍ମକର୍ତ୍ତାଙ୍କୁ ଡକାଇ ଦାବିଗୁଡ଼ିକ ପୂରଣ ଦିଗରେ ଉଚିତ ପଦକ୍ଷେପ ନେବାକୁ କର୍ମୀମାନେ ନିବେଦନ କରିଥିଲେ।

ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦିକା ସୁମିତା ମହାପାତ୍ର, ପୁରୀ ଜିଲା ସଭାପତି ପ୍ରତିମା ମଞ୍ଜରୀ ଦତ୍ତ ଓ ସମ୍ପାଦିକା ନମିତା ପ୍ରହରାଜ, ଡେଲାଙ୍ଗ ବ୍ଲକ ସଭାପତି ଜ୍ୟୋତ୍ସ୍ନାରାଣୀ ସାହୁ ଓ ସମ୍ପାଦିକା ମମତା ବରାଳ, କଣାସ ବ୍ଲକ ସମ୍ପାଦିକା ମମତା ପ୍ରଧାନଙ୍କ ସମେତ ସୌଭାଗିନୀ ଗିରି, ବିଜୟଲକ୍ଷ୍ମୀ ସ୍ୱାଇଁ, ପଦ୍ମାବତୀ ସାମନ୍ତରାୟ, ମମତା ମଙ୍ଗରାଜ, ଅନିତା ସେଠୀ, ବନିତା ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ୧୩ରେ ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ

ପୁରୀ ଅଫିସ,୧୧।୧:

ସିନର୍ଜି ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ଷଷ୍ଠ ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ ଆସନ୍ତା ୧୩ ତାରିଖରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଏନେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ତିନି ଦିନ ବ୍ୟାପୀ ପିଲାଙ୍କ ମଧ୍ୟରେ ପ୍ରବନ୍ଧ, ସାଧାରଣ ଜ୍ଞାନ, ଏକକ ଅଭିନୟ, ମେହନ୍ଦି, ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଏକାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ସେହିପରି ନୃତ୍ୟଭିତ୍ତିକ ପ୍ରତିଯୋଗିତା ଶ୍ରୀକ୍ଷେତ୍ର ଘୁଙ୍ଗୁର, ସଙ୍ଗୀତଭିତ୍ତିକ ପ୍ରତିଯୋଗିତା ଭଏସ ଅଫ ଶ୍ରୀକ୍ଷେତ୍ର ପ୍ରତିଯୋଗିତାରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶନିବାର ଅନୁଷ୍ଠାନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ବେଳାଭୂମିସ୍ଥିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଓ ସାଧାରଣ ସଭା ଅନୁଷ୍ଠିତ ହେବ। ଯୁବ ମହୋତ୍ସବରେ ରାଜ୍ୟସ୍ତରୀୟ ଯୁବ ପୁରସ୍କାର ଶ୍ରୀପତି ଯୁବ ପ୍ରତିଭା ସମ୍ମାନ, ଶ୍ରୀକ୍ଷେତ୍ର ସମ୍ମାନ ଏବଂ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ସଭାପତି କୃଷ୍ଣଚନ୍ଦ୍ର ପାଢୀ କହିଛନ୍ତି।

### ଜିଲା ଜଜ୍, ସିଡିଏମ୍‌ଓଙ୍କ ନିମାପଡ଼ା ଜେଲ ପରିଦର୍ଶନ

ନିମାପଡ଼ା,୧୧।୧(ଡି.ଏନ୍.ଏ.)

ପୁରୀ ଜିଲା ଜଜ୍ ଅମ୍ବୁଜମୋହନ ଦାଶ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଭାସ୍କର ସାମନ୍ତରାୟ ଶୁକ୍ରବାର ନିମାପଡ଼ା ଉପକାରାଗାର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଜେଲରେ ଅନ୍ତେବାସୀଙ୍କୁ ଦିଆଯାଉଥିବା ଖାଦ୍ୟ, ଜେଲ ପରିବେଶ, ସ୍ୱଚ୍ଛତା ଆଦି ଦେଖି ଜିଲା ଜଜ୍ ଦାଶ ସନ୍ତୋଷ ପ୍ରକାଶ କରିଥିବା ଜେଲର ବାବୁଲି ବାରିକ କହିଛନ୍ତି। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସାମନ୍ତରାୟ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସାମନ୍ତରାୟ କହିଥିବା ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଜଣାପଡ଼ିଛି। ମେଡିକାଲକୁ ଆସୁଥିବା ସମସ୍ତ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଡାକ୍ତର ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି।

### ଯୁବକଙ୍କୁ ମାଡ଼ମାରି ବାପପୁଅ ଗିରଫ

ପୁରୀ ଅଫିସ,୧୧।୧:

ଜଣେ ଯୁବକଙ୍କୁ ମାଡ଼ ମାରିବା ଅଭିଯୋଗରେ ତାଳବଣିଆ ପୋଲିସ ଶୁକ୍ରବାର ବାପପୁଅଙ୍କୁ ଗିରଫ କରିଛି। ସେମାନେ ହେଲେ ସିଦ୍ଧମହାବୀର ଅଞ୍ଚଳର ନାରାୟଣ ମହଲା ଓ ପୁଅ ମିଥୁନ। ସତ୍ୟବାଦୀ ଅଞ୍ଚଳର ନଗେନ୍ଦ୍ର ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ଗତ ୯ତାରିଖରେ ତାଙ୍କ ପୁଅ ପ୍ରତାପ ସିଦ୍ଧ ମହାବୀର ରେଳଫାଟକ ଦେଇ ଚାଲି ଚାଲି ଯାଉଥିବାବେଳେ ମିଥୁନ ତାଙ୍କୁ ମାଡ଼ ମାରିଥିଲେ। ପରେ ନାରାୟଣ ସେଠାରେ ପହଞ୍ଚି ପ୍ରତାପଙ୍କୁ ଗାଳିଗୁଲଜ କରିଥିଲେ।

# ଓଡ଼ିଶା ଟେଲର ଶ୍ରମିକ ସଂଘର ସାଂଗଠନିକ ବୈଠକ



ବୈଠକରେ ଉପସ୍ଥିତ ଟେଲର ଶ୍ରମିକ ସଂଘର କର୍ମକର୍ତ୍ତାମାନେ।

କୋଣାର୍କ, ୧୧।୧(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ମା'ଭଗବତୀ ପୀଠରେ ଶୁକ୍ରବାର ଓଡ଼ିଶା ଟେଲର ସଂଘର କୁଶଳୀ ଶ୍ରମିକମାନଙ୍କୁ ନେଇ ୧୦ଦଫା ଦାବି ପୂରଣ ନିମନ୍ତେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ସେଖ ଲିଜା ଉଦିନ ଓ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ବିନ୍ଧାଣି ଯୋଗଦେଇ ଟେଲର ଶ୍ରମିକ ମାନଙ୍କର ବହୁବିଧ ସମସ୍ୟା ରାଜ୍ୟ ସରକାର ପୂରଣ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ କୁଶଳୀ ମିକମାନଙ୍କୁ ଚିହ୍ନଟ କରି ସାର୍ଟିଫିକେଟ୍ ପ୍ରଦାନ, ପ୍ରତି ପଞ୍ଚାୟତରେ ଟେଲରିଂ କେନ୍ଦ୍ର ପ୍ରତିଷ୍ଠା କରି କୁଶଳୀ ଓ ଅର୍ଦ୍ଧକୁଶଳୀ କାରିଗରମାନଙ୍କୁ ନିଯୁକ୍ତି, ରାଜ୍ୟରେ ଥିବା ସମସ୍ତ ଟେଲରମାନଙ୍କ ନାମ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଏବଂ ୬୦ବର୍ଷ ପରେ ଟେଲରମାନଙ୍କୁ ମାସିକ ୫ହଜାର ଟଙ୍କା ପେନସନ ଦେବା ପ୍ରମୁଖ ଦାବି ବୈଠକରେ ଉପସ୍ଥାପନ ହୋଇଥିଲା। ଆଗାମୀ ଦିନରେ ସରକାର ଏହି ଦାବିଗୁଡିକ ଯଦି ଗ୍ରହଣ ନ କରନ୍ତି ତେବେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସମ୍ପାଦକ ବିନ୍ଧାଣି କହିଛନ୍ତି। ବୈଠକକୁ ସନ୍ଧ୍ୟାରାଣୀ ପରିଡ଼ା, ରିନା ଜେନା, ବୃନ୍ଦାବନ ବରାଳ, ରବୀନ୍ଦ୍ର କୁମାର ଜେନା, ପ୍ରତାପ ସାହୁ ଓ ଲିଙ୍ଗରାଜ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ■ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

# ମାନବିକତାର ଅବକ୍ଷୟ ସମାଜରେ ବିଶୃଙ୍ଖଳାର କାରଣ



ଅତିଥିମାନେ ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରୁଛନ୍ତି।

ପୁରୀ ଅଫିସ,୧୧।୧:

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ରଜତ ଉତ୍ସବର ଶୁକ୍ରବାର ଥିଲା ନବମ ଦିବସ। ଏହି ଅବସରରେ ପୁସ୍ତକ ମେଳାର ସାରସ୍ୱତ ମଞ୍ଚରେ ସାହିତ୍ୟାନୁଷ୍ଠାନ ଅଭିନନ୍ଦନିକାର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଅନୁଷ୍ଠାନର ସମ୍ପାଦକ ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମାନବିକତା ହେଉଛି ମନୁଷ୍ୟର ପ୍ରକୃତ ପରିଚୟ। ଆଜି ବିଶ୍ୱରେ ମାନବିକତା ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଲୋକଙ୍କ ମଧ୍ୟରେ ସ୍ନେହ ସଦ୍‌ଭାବ କମିବାରେ ଲାଗିଛି। ମାନବିକାତାର ଅବକ୍ଷୟ ଯୋଗୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି ମିଶ୍ର କହିଥିଲେ। କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକ, ଶ୍ରୀମନ୍ଦିର ପ୍ରଶାସକ(ରାଜସ୍ୱ) ମଧୁସୂଦନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଅଭିନନ୍ଦନିକାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଉତ୍କଳ ବରପୁତ୍ର ବିଶେଷାଙ୍କ-୨୦୧୯ ଉନ୍ମୋଚିତ ହୋଇଥିଲା। କଣ୍ଠଶିଳ୍ପୀ ଇନ୍ଦିରା ପ୍ରତିହାରୀଙ୍କୁ ବିଷ୍ଣୁପ୍ରିୟା ସ୍ମୃତି ସମ୍ମାନ, ଗବେଷକ ଡ. ଗୋପାଳକୃଷ୍ଣ ଦାଶଙ୍କୁ ବଂଶୀଧର ସ୍ମୃତି ସମ୍ମାନ, ଓଡ଼ିଆ ଅଭିନେତ୍ରୀ ଚିନ୍ମୟ ମିଶ୍ର, ଅଭିନେତ୍ରୀ ଏଲି ପାଢୀ, କ୍ରୀଡାବିତ୍ ରଶ୍ମିରଞ୍ଜନ ପରିଡା, ଶିଶୁ ସାହିତ୍ୟିକ ଅନସୂୟା ନନ୍ଦ, କଣ୍ଠଶିଳ୍ପୀ ଦର୍ଶନା କର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଚାରୁ ନର୍ତ୍ତନ ଅନୁଷ୍ଠାନର ଗୁରୁ ବିବେକ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।

## ■ ସମୁଦ୍ରରେ ନର୍ଦ୍ଦମା ଜଳ ମିଶିବା ଘଟଣା

# ସରକାରଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ

ପୁରୀ ଅଫିସ,୧୧।୧:

ପୁରୀ ସହରର ନର୍ଦ୍ଦମା ଜଳ ସିଧାସଳଖ ସମୁଦ୍ରରେ ମିଶୁଛି। ବେଆଇନ ଭାବେ କେତେକ ହୋଟେଲ ମାଲିକ ମଧ୍ୟ ମଇଳା ପାଣି ସମୁଦ୍ରକୁ ଛାଡୁଛନ୍ତି। ଏହାଦ୍ୱାରା ସମୁଦ୍ର ଏବଂ ବେଳାଭୂମି ପ୍ରଦୂଷିତ ହେଉଛି। ଏ ନେଇ ଅଭିଯୋଗ ହେବା ପରେ ଏହାର ତଦନ୍ତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପୁରୀ ଜିଲାପାଳ, ପିକେଡିଏ ଏବଂ ପୌରସଂସ୍ଥାକୁ ରାଜ୍ୟ ସରକାର ଚିଠି ଲେଖିଛନ୍ତି। ତୁରନ୍ତ ଅଭିଯୋଗର ତଦନ୍ତ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଭିତ୍ତିକରି ଶୁକ୍ରବାର ଜିଲା ପ୍ରଶାସନର ଏକ ଟିମ୍ ତଦନ୍ତ ଆରମ୍ଭ କରିଛି।

ସହରର ନର୍ଦ୍ଦମା ଜଳ ୩ଟି ସ୍ଥାନ ଦେଇ ସମୁଦ୍ରରେ ମିଶୁଛି। ସହରର ପ୍ରମୁଖ ଡ୍ରେନ୍ ଜଳ ନିଷ୍କାସନ ପାଇଁ ବାଙ୍କୀ ମୁହାଣଠାରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ରହିଛି। ହେଲେ ଏହି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ବେଳେ ବେଳେ ନର୍ଦ୍ଦମା ଜଳ ସମୁଦ୍ରରେ ମିଶୁଛି। ଏଠାରେ ଯେପରି ଅଣବିଶୋଧନ ଜଳ ସମୁଦ୍ରରେ ନ ମିଶିବ ସେଥିଲାଗି ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ତାହା ଠିକ୍ ଭାବେ ପାଳନ କରାଯାଉ ନାହିଁ। ଏହି ନର୍ଦ୍ଦମା ଜଳ ଯୋଗୁ ଏଠାରେ ବେଳାଭୂମି ଅପରିଷ୍କାର ହେଉଛି। ଏପରି କି ଏଠାରେ ବାଲି ଉପରେ କଳା ଆସ୍ତରଣ ଜମୁଛି। ଏହାକୁ ନେଇ ପରିବେଶ୍‌ବିତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେହିପରି ସହରର ବର୍ଷାଜଳ ନିଷ୍କାସନ ଲାଗି ଡ୍ରେନେଜ ଡିଭିଜନ ପକ୍ଷରୁ ଡ୍ରେନ୍ ତିଆରି କରାଯାଇଛି। ସିପସରୁବାଲି ନିକଟରେ ଏହା ସମୁଦ୍ରରେ ମିଶୁଛି। ହେଲେ ଏହି ଡ୍ରେନ୍‌ରେ ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ବ୍ୟବସାୟ ପ୍ରତିଷ୍ଠାନ ମଇଳା ପାଣି ଏହା ମଧ୍ୟ ଦେଇ ଛାଡୁଛନ୍ତି। ଏହାକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ମଙ୍ଗଳା ନଦୀ ମୁହାଣରେ ମଧ୍ୟ ଆବର୍ଜନା ଜଳ ସମୁଦ୍ରରେ ମିଶୁଛି। ଏହାବ୍ୟତୀତ ରେଣୁକା ଗଳି ଏବଂ ସ୍ୱର୍ଗଦ୍ୱାର ସମ୍ମୁଖ ଦେଇ ନଳାପାଣି ସମୁଦ୍ରରେ ମିଶୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାର ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ଭଗବାନଙ୍କର ଦୁଇଟି ଘର ଅଛି, ଗୋଟିଏ ହେଉଛି ସ୍ୱର୍ଗରେ ଓ ଅନ୍ୟଟି କୃତଜ୍ଞତାପୂର୍ଣ୍ଣ ହୃଦୟରେ।

- ଆଇଜାକ୍ ୱାଲଟନ୍



## ସଂକ୍ଷେପରେ

### ସାକ୍ଷୀଗୋପାଳ ମନ୍ଦିର ବୁଲିଲେ ନାଲ୍‌କୋ ସିଏମ୍‌ଡି

**ସାକ୍ଷୀଗୋପାଳ, ୧୧।୧(ସ୍ୱ.ପ୍ର.)-** ନାଲକୋ ସିଏମ୍‌ଡି ଡ.ତପନ ଚାନ୍ଦ ଶୁକ୍ରବାର ସାକ୍ଷୀଗୋପାଳ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିରର ପୂଜାପଣ୍ଡା ବିଶ୍ୱନାଥ ମହାପାତ୍ର ତାଙ୍କୁ ସ୍ୱାଗତ କରିବା ସହ ପୂଜାପାଠ କରିଥିଲେ। ପୂଜାପଣ୍ଡା ଓ ସିଂହାରି ଜିତେନ ମହାପାତ୍ର ଚାନ୍ଦଙ୍କୁ ମନ୍ଦିର ବୁଲାଇବା ସହ ସାକ୍ଷୀଗୋପାଳଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ଦିରରେ ରହିଥିବା ପୁରୁଣା ଓ୍ୱାରିଂକୁ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ଦେବାସହ ଏଥିପାଇଁ ଆବଶ୍ୟକ ଅର୍ଥ ନାଲକୋ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କହିଥିଲେ।

### ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ: ଭାଜପା ମହିଳା ମୋର୍ଚ୍ଚା

**କଟକ ଅଫିସ/ କଣ୍ଟାପଡା, ୧୧।୧ (ଡି.ଏନ୍.ଏ.)-** ପିପିଲି ଘଟଣା ଉପରେ ଭାଜପା ମହିଳା ମୋର୍ଚ୍ଚା ମୁଖ୍ୟମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛି। ଶୁକ୍ରବାର ସନ୍ଧ୍ୟାରେ କଟକ ଭାଜପା ମହିଳା ମୋର୍ଚ୍ଚା ତରଫରୁ ଏ ନେଇ ମହମବତି ଶୋଭାଯାତ୍ରା କରାଯାଇଥିଲା। ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଘଟଣାରେ ଅଭିଯୁକ୍ତ ଖଲାସ ହୋଇଛନ୍ତି। ମନ୍ତ୍ରୀ ପ୍ରଦୀପ ମହାରଥୀ ଏ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇ ମନ୍ତ୍ରିପଦରୁ ଇସ୍ତଫା ଦେଇଥିଲେ ମଧ ପୀଡ଼ିତା ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବା ମୋର୍ଚ୍ଚା ପକ୍ଷରୁ ଅଭିଯୋଗ ହୋଇଛି। କାରଣ ମୁଖ୍ୟମନ୍ତ୍ରୀ ନିଜେ କ୍ରାଇମବ୍ରାଞ୍ଚ ତଦନ୍ତକୁ ଭୁଲ ରାସ୍ତାରେ ନେବା ଏବଂ ପ୍ରମାଣ ନଷ୍ଟ କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ମୋର୍ଚ୍ଚା ଅଭିଯୋଗ କରିଛି। ଯେତେବେଳ ଯାଏ ମୁଖ୍ୟମନ୍ତ୍ରୀ ନିଜେ ଓଡ଼ିଶାର ମହିଳାମାନଙ୍କୁ ଭୁଲ ନ ମାଗିଛନ୍ତି ଏବଂ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରି ନାହାନ୍ତି ସେପର୍ଯ୍ୟନ୍ତ ମହିଳା ମୋର୍ଚ୍ଚା ବିକ୍ଷୋଭ ଜାରି ରଖିବ ବୋଲି ମହିଳା ମୋର୍ଚ୍ଚାର ସଭାନେତ୍ରୀ କଳ୍ପନା ପଟ୍ଟନାୟକ କହିଛନ୍ତି। ଏଥିରେ ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୁଷ୍ପିତା ମହାପାତ୍ର, ମାନସୀ ଦାସ, ସମର୍ପିତା ଚୌଧୁରୀ, ଗୌରୀ ରାୟ, କଳ୍ପନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୧୧।୧-** ସିବିଆଇ ଭଳି ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ଉପରେ କେନ୍ଦ୍ର ସରକାର ଆକ୍ରମଣ କରିଛନ୍ତି। ଏହାର ବିରୋଧରେ ସିପିଆଇ(ଏମ୍) ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ କଟକ ମହାନଗର ସମ୍ପାଦକ ପ୍ରତାପ ମହାପାତ୍ର, ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, କୃଷକ ନେତା ମଧୁସୂଦନ ପତି, ବସ୍ତି ମହାସଂଘ ନେତା ଶେଖ୍ ଅବଦୁଲା କହିଥିଲେ, ରାଫାଲ ବିମାନ କିଣା ଦୁର୍ନୀତିକୁ ତଦନ୍ତ କରିବାକୁ ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଆଲୋକ ବର୍ମା ଚାହୁଁଥିବାରୁ ତାଙ୍କୁ ନିର୍ଦ୍ଦେଶକ ପଦରୁ ଚକ୍ରାନ୍ତ କରି ହଟାଇ ଦିଆଯାଇଛି। ତାଙ୍କୁ ନିଜର ପକ୍ଷ ରଖିବାକୁ ସୁଯୋଗ ନ ଦେଇ କ୍ଷମତାରୁ କାଢିଦେବା ଅନ୍ୟାୟ ଓ ବେଆଇନ। ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଓ ସ୍ୱାଧୀନ ସଂସ୍ଥାଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ଆକ୍ରମଣ ବିରୋଧରେ ଦୃଢ଼ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ବକ୍ତାମାନେ ଆହ୍ୱାନ କରିଥିଲେ। ସଭା ପରେ ପ୍ରଧାନମନ୍ତ୍ରୀଙ୍କ ପୁତ୍ତଳିକା ଦାହ କରାଯାଇଥିଲା।

### ‘ଗ୍ରୀନ୍ ରିଭୋଲ୍ୟୁଶନ୍ ଆଣ୍ଡ୍ ପିସ୍’ ସଙ୍ଗଠନ ଗଠିତ

**ଟାଙ୍ଗୀ (କଟକ,୧୧।୧(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ଥିତ ବାସୁଦେବ ମଣ୍ଡପ ପରିସରରେ ପରିବେଶ ପ୍ରଦୂଷଣ, ଗରିବି ଓ ଦୁର୍ନୀତି ରୋକିବା ନିମନ୍ତେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ‘ଗ୍ରୀନ୍ ରିଭୋଲ୍ୟୁସନ୍ ଆଣ୍ଡ ପିସ୍’ ଗଠିତ ହୋଇଛି। ସବୁଜ ବିପ୍ଳବ ସୃଷ୍ଟି କରିବା, ଦୁର୍ନୀତି ବରୋଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗଠନର ମୂଳ ଲକ୍ଷ୍ୟ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର ମୁଖ୍ୟ ପରାମର୍ଶଦାତା ଦୁର୍ଯ୍ୟୋଧନ ଲେଙ୍କା ଓ ସଙ୍ଗଠନର ମହାସଚିବ ପ୍ରଭାକର ସ୍ୱାଇଁ କହିଛନ୍ତି। ଖବରକାଗଜ ହକରଙ୍କ ସାମାଜିକ ସୁରକ୍ଷାକୁ ସଙ୍ଗଠନ ଗୁରୁତ୍ୱ ଦେବ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ଡମ୍ବରୁଧର ବେହେରା, କ୍ଷେତ୍ରବାସୀ ବରାଳ ଓ ହେମନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଶିକ୍ଷୟିତ୍ରୀଙ୍କ ଶୌଚାଳୟ ସଫେଇ ଭିଡିଓ ଭାଇରାଲ ଘଟଣା

# ଶିକ୍ଷକ ସଂଘର ଦୃଢ଼ ନିନ୍ଦା, ବିଇଓଙ୍କ ବହିଷ୍କାର ଦାବି

**ପୁରୀ ଅଫିସ, ୧୧।୧**

ପୁରୀ ସଦର ବ୍ଲକ ଅନ୍ତର୍ଗତ ତଳଜଙ୍ଗ ବିଦ୍ୟାଳୟରେ ସଦର ମଣ୍ଡଳ ଶିକ୍ଷାଧିକାରୀ (ବିଇଓ) ମମତା ମିଶ୍ର ଶିକ୍ଷୟିତ୍ରୀଙ୍କ ଦ୍ୱାରା ଶୌଚାଳୟ ଓ ପାଇଖାନା ସଫେଇ କରାଇବା ଭିଡିଓ ଭାଇରାଲ ହେବା ପରେ ଏହାକୁ ଦୃଢ଼ ନିନ୍ଦା କରିଛି ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ। ଏହି ଘଟଣାରେ ଶିକ୍ଷା ଅଧିକାର ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି ବୋଲି ସଂଘ କହିଛି। ଶିକ୍ଷା ଅଧିକାର ଆଇନର ଧାରା ୨୭ରେ ଅଣଶୈକ୍ଷିକ କାର୍ଯ୍ୟରେ ଶିକ୍ଷକମାନଙ୍କୁ ନିୟୋଜିତ କରିବା ଉପରେ ନିଷେଧାଦେଶ ରହିଛି। ଜନଗଣନା, ବିପର୍ଯ୍ୟୟ ପ୍ରଶମନ ଅଥବା ନିର୍ବାଚନ ଦାୟିତ୍ୱ ବ୍ୟତୀତ ଅନ୍ୟ କୌଣସି ଅଣ ଶିକ୍ଷାଦାନ କାର୍ଯ୍ୟରେ ଶିକ୍ଷକଙ୍କୁ ନିୟୋଜିତ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଦର୍ଶାଯାଇଛି। ତେବେ ବିଇଓ ମିଶ୍ର କେଉଁ ଆଧାରରେ ଶିକ୍ଷୟିତ୍ରୀମାନଙ୍କୁ ପାଇଖାନା ସଫେଇ କାର୍ଯ୍ୟରେ ନିୟୋଜିତ କରିଥିଲେ ବୋଲି ସଂଘ ପ୍ରଶ୍ନ କରିଛି। ଏହା ଏକ ନିନ୍ଦନୀୟ ଘଟଣା ବୋଲି ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଏକ ପ୍ରେସ ବିବୃତିରେ କହିଛନ୍ତି। ବିଇଓ ମିଶ୍ରଙ୍କ ଏଭଳି ଦାୟିତ୍ୱହୀନ କାର୍ଯ୍ୟ ଲାଗି ତାଙ୍କୁ ତୁରନ୍ତ ବହିଷ୍କାର କରିବା ଲାଗି ସଂଘ ଦାବି କରୁଛି ବୋଲି ସେ ଦର୍ଶାଇଛନ୍ତି। ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ନିଜ ନାମ ଗୋପନ ରଖି କହିଛନ୍ତି, ବିଦ୍ୟାଳୟରେ ଥିବା ପାଇଖାନାକୁ ପାଣି ବ୍ୟବସ୍ଥା ନାହିଁ। ଏଣୁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି। ବିଇଓ ମିଶ୍ର ବୁଧବାର ସ୍କୁଲ ପରିଦର୍ଶନରେ ଆସିଥିବା ବେଳେ ହଠାତ୍ ପାଇଖାନା ସଫେଇ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡିଙ୍କ (ମୋବାଇଲ ନଂ.୯୪୩୭୩୦୩୮୦୧) ଏବଂ ବିଇଓ ମମତା ମିଶ୍ରଙ୍କ (ମୋବାଇଲ୍ ନଂ.୯୬୫୮୦୪୯୭୮୩)କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଉତ୍ତର ମିଳି ନ ଥିଲା।

# ଭାର୍ଗବୀ-ଖୁରୁଖୁରୀ ବିଜୁସେତୁ ଲୋକାର୍ପିତ

## ଉପକୃତ ହେବେ ୧୦ ଗ୍ରାମର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ




କାର୍ଯ୍ୟକ୍ରମରେ ଉପସ୍ଥିତ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ଅନ୍ୟମାନେ।

**ସାକ୍ଷୀଗୋପାଳ, ୧୧।୧(ଡି.ଏନ୍.ଏ.)**

ବିଜୁସେତୁ ଯୋଜନାରେ ପୁରୀ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ପୁରୀ ସଦର ବ୍ଲକ ଓ ସତ୍ୟବାଦୀ ବ୍ଲକ ମଧ୍ୟରେ ସବୁଦିନିଆ ରାସ୍ତା ସଂଯୋଗ କରୁଥିବା ଭାର୍ଗବୀ-ଖୁରୁଖୁରୀ ବିଜୁସେତୁ ଶୁକ୍ରବାର ଲୋକାର୍ପିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ମହେଶ୍ୱର ମହାନ୍ତି ଯୋଗଦେଇ ସତ୍ୟବାଦୀ ଓ ପୁରୀ ସଦରବ୍ଲକର ୧୦ଟି ଗ୍ରାମର ଲୋକମାନଙ୍କ ମଧ୍ୟରେ ଏହିସେତୁ ସମ୍ପର୍କର ସେତୁ ହୋଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପି ପିନାକୀ ମିଶ୍ର, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପଞ୍ଚାନନ ମହାନ୍ତି, ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ସରପଞ୍ଚ ମୀନା କୁମାରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀବତ୍ସ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨୧୮ ମିଟର ଦୈର୍ଘ୍ୟ ୮. ୩୫ ମିଟର ପ୍ରସ୍ଥ ବିଜୁସେତୁ ନିର୍ମାଣ ନିମନ୍ତେ ୭କୋଟି ୫୧ଲକ୍ଷ ୭୫ହଜାର ଟଙ୍କା ବ୍ୟୟ କରାଯାଇଛି। ସତ୍ୟବାଦୀ ବ୍ଲକର ବାମଦେଇପୁରଠାରେ ନିର୍ମିତ ଏହି ସେତୁଟି ବିଶ୍ୱନାଥପୁର, ପାଣିଭଣ୍ଡାର, ବ୍ରାହ୍ମଣପଡା, ଝିଙ୍କିରିଆ- ଜଗନ୍ନାଥପୁର, ଢ଼ୋଲ, କାଳିଆକେରା, ବାଙ୍ଗୁରୁବା- ଗଦାଧରପୁର ଓ ବାଲିପଦା ମଧ୍ୟରେ ସିଧାସଳଖ ଗମନାଗମନ ସମ୍ଭବ ହୋଇପାରିଛି ବୋଲି ଗ୍ରାମ୍ୟ ନିର୍ମାଣ ବିଭାଗର ସାକ୍ଷୀଗୋପାଳ ସେକ୍ସନ ସହାକାରୀ ଯନ୍ତ୍ରୀ ଓକିଲ ମହାପାତ୍ର ସୂଚନା ଦେଇଥିଲେ।

# ଲୁଟେରା ଗ୍ୟାଙ୍ଗର ୮ ଗିରଫ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ଶହୀଦନଗର ଥାନା ଅଞ୍ଚଳରେ ଆତଙ୍କ ଖୋଳାଇ ଲୋକମାନଙ୍କଠାରୁ ମୋବଇଲ, ଟଙ୍କା ଲୁଟ୍ କରୁଥିବା ଏକ ଲୁଟେରା ଗ୍ୟାଙ୍ଗର ୮ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ ଜଣ ଇଞ୍ଜିନିୟରିଂ ଛାତ୍ର ରହିଛନ୍ତି। ଅଭିଯୁକ୍ତମାନଙ୍କ ନାମରେ ଶହୀଦନଗର ଥାନାରେ ୩ଟି ମାମଲା ଥିବାବେଳେ ସେମାନଙ୍କଠାରୁ ୨୫ଟି ମୋବାଇଲ, ୪ଟି ବାଇକ୍ ଏବଂ ୨ଟି ସୁନା ଚେନ ପୋଲିସ ଜବତ କରିଛି। ଭୋର ସମୟରେ ମର୍ନିଂ ୱାକ୍‌ରେ ଯାଉଥିବା ଲୋକଙ୍କୁ ଏହି ଗ୍ୟାଙ୍ଗ ଟାର୍ଗେଟ କରି ଲୁଟ୍ କରୁଥିଲା। ପୋଲିସ ସେମାନଙ୍କ ସ୍କେଚ୍ ଜାରି କରିବା ସହ ଧରିବା ପାଇଁ ଉଦ୍ୟମ କରୁଥିଲା ବୋଲି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ପଥରବନ୍ଧ ବସ୍ତିର ଦୀପୁ ସିଂ, ସନ୍ତୋଷ ନାୟକ, ଲିକୁ ପଣ୍ଡା, ବବୁଲ ସାହୁ ଏବଂ ମୁଣ୍ଡାସାହି ବସ୍ତିର ତୁଷାର ପ୍ରଧାନ, ମିରେନ୍ଦ୍ର ୱାହାତୁ, ରବୀନ୍ଦ୍ର ସିରିଆ ଏବଂ ଲକ୍ଷ୍ମୀଧର ବେହେରା।

ସୂଚନା ମୁତାବକ, ଗତ ନଭେମ୍ବର ୨୧ରେ ରୋଜାଲିନ ଓଝା ନାମ୍ନୀ ମହିଳାଙ୍କଠାରୁ ପର୍ସ ଓ ମୋବାଇଲ ଲୁଟ ଅଭିଯୋଗରେ ଥାନାରେ ଏକ ମାମଲା(୫୧୩/୧୮) ରୁଜୁ ହୋଇଥିଲା। ସେହିପରି ଗତ ସେପ୍ଟେମ୍ବର ୭ରେ ମର୍ନିଂ ୱାକ୍ ସମୟରେ କୈଳାସ ଦଳେଇ ନାମକ ବ୍ୟକ୍ତିଙ୍କଠାରୁ ୨ ଯୁବକ ବାଇକ୍‌ରେ ଆସି ମୋବାଇଲ ଲୁଟି ନେଇଥିଲେ। ଏ ନେଇ ଥାନାରେ ଏକ ମାମଲା(୪୦୫/୧୮) ରୁଜୁ ହୋଇଥିଲା। ଏହାବ୍ୟତୀତ ଗତ ୮ ତାରିଖରେ ଦେବିଦତ୍ତ ମିଶ୍ର ନାମକ ବ୍ୟକ୍ତିଙ୍କଠାରୁ ମୋବାଇଲ ଲୁଟ ଅଭିଯୋଗରେ ଥାନାରେ ଅନ୍ୟ ଏକ ମାମଲା(୨୦/୧୯) ହୋଇଥିଲା। ପ୍ରତି ଘଟଣାରେ ଗୋଟିଏ ଗ୍ୟାଙ୍ଗର ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ଜାଣିବା ସହିତ ରୋଜାଲିନଙ୍କ ବୟାନକୁ ଭିତ୍ତିକରି ପୋଲିସ ସେମାନଙ୍କ ସ୍କେଚ ପ୍ରସ୍ତୁତ କରିଥିଲା। ପରେ ତାହାକୁ ଆଧାର କରି ପୋଲିସ ପଥର ବନ୍ଧ ବସ୍ତିରେ ଚଢାଉ କରି ଦୀପୁ ଏବଂ ସନ୍ତୋଷଙ୍କୁ ଗିରଫ କରିଥିଲା। ସେମାନଙ୍କୁ ପଚରାଉଚରା ପରେ ପୋଲିସ ଲିକୁ ଏବଂ ବବୁଲଙ୍କ ସମେତ ଦେବିଦତ୍ତଙ୍କଠାରୁ ଲୁଟ ଘଟଣାରେ ସମ୍ପୃକ୍ତ ମଞ୍ଚେଶ୍ୱର ଥାନା ମୁଣ୍ଡାସାହି ବସ୍ତି ଅଞ୍ଚଳର ତୁଷାର, ମିରେନ୍ଦ୍ର, ରବୀନ୍ଦ୍ର ଏବଂ ଲକ୍ଷ୍ମୀଧରଙ୍କୁ ଗିରଫ କରିଥିଲା।



ଜବତ ହୋଇଥିବା ମୋବାଇଲ୍ ଏବଂ ସୁନା ଚେନ୍।

■ ୨ ଇଞ୍ଜିନିୟରିଂ ଛାତ୍ର ସାମିଲ

■ ୨୫ ମୋବାଇଲ, ୪ ବାଇକ୍ ଜବତ

### ଫୁଟ୍‌ପାଥ ଉପରୁ ଦୋକାନ ଉଚ୍ଛେଦ
## ୬୫ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ

**ବାରଙ୍ଗ,୧୧।୧(ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମମୁଣ୍ଡ ବୁଢ଼ନାଳ ସେତୁ ନିକଟ ଫୁଟ୍‌ପାଥ ଉପରୁ ଏକ ଉଠା ଦୋକାନକୁ ଶୁକ୍ରବାର ଉଚ୍ଛେଦ କରାଯିବା ବେଳେ ୬୫ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଗତ କିଛିଦିନ ତଳେ ଭୁବନେଶ୍ୱରର ଜଣେ ପ୍ରତିଷ୍ଠିତ ସୁନା ବ୍ୟବସାୟୀଙ୍କ ନନ୍ଦନକାନନ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଜାଗା ଆଗରେ ଉକ୍ତ ଉଠା ଦୋକାନୀ ଜଣକ ଦୋକାନ ପକାଇ ବ୍ୟବସାୟ କରିଆସୁଥିଲେ। ଫୁଟ୍‌ପାଥ ଉପରେ ତାଙ୍କ ଦୋକାନ ଥିବାବେଳେ ସେ ଗ୍ୟାସ୍ ସିଲିଣ୍ଡର ସହ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି କରୁଥିଲେ। ତେବେ ଦୋକାନଟି ସୁନା ବ୍ୟବସାୟୀଙ୍କ ଜାଗା ସମ୍ମୁଖରେ ଥିବାରୁ ଏହାକୁ ସେ ବାରଣ କରିଆସୁଥିଲେ। ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଶୁକ୍ରବାର ବିଡିଏ ଓ ନନ୍ଦନକାନନ ଥାନା ପୋଲିସର ମିଳିତ ସହଯୋଗରେ ଉକ୍ତ ଉଠା ଦୋକାନକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ଦୋକାନ ଭିତରେ ଥିବା ୬୫ଟି ଗ୍ୟାସ୍ ସିଲିଣ୍ଡରର କାଗଜପତ୍ର ଦୋକାନୀ ଜଣକ ଦେଖାଇ ନ ପାରିବାରୁ ବେଆଇନ ସିଲିଣ୍ଡରଗୁଡ଼ିକୁ ଜବତ କରାଯାଇଛି ବୋଲି ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି।

■ କଣାସ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

## ଦର୍ଶକଙ୍କୁ ବିମୋହିତ କଲା ମହିଷମର୍ଦ୍ଦିନୀ ନୃତ୍ୟନାଟିକା

**କଣାସ, ୧୧।୧(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ମେଳଣ ପଡିଆରେ ଚାଲିଥିବା ୪ର୍ଥ ବାର୍ଷିକ କଣାସ ମହୋତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଲୋକକଲ୍ୟାଣ ଟ୍ରଷ୍ଟର ବରିଷ୍ଠ ସଭ୍ୟ କସ୍ତୁରୀ ଚମ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁରୀର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କଣାସ ଅଞ୍ଚଳର ଐତିହ୍ୟ, ପରମ୍ପରା ଓ ବିଭିନ୍ନ ସଂସ୍କୃତି ଲୁଚିଯାଉଥିବାବେଳେ ତାକୁ ଉଜ୍ଜୀବିତ କରିବାପାଇଁ ଲୋକକଲ୍ୟାଣ ଟ୍ରଷ୍ଟ ପକ୍ଷରୁ ପ୍ରଚେଷ୍ଟା ଚଳିଥିବାରୁ ମୁଖ୍ୟଅତିଥି ସଭ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। କଣାସ ଅଞ୍ଚଳର କଳାକାରମାନଙ୍କୁ ନେଇ ମହିମାମୟୀ ମୋ କଣାସ ଭୂଇଁ ନୃତ୍ୟନାଟିକା ପରିବେଷଣ କରିଥିବାବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବାପ୍ରତିଷ୍ଠାନର ବାଳାଶ୍ରମର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟନାଟିକା ମହିଷାମର୍ଦ୍ଦିନୀ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଏହା ସହ କଣାସ ଅଞ୍ଚଳର କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲା।

■ ସାକ୍ଷୀଗୋପାଳ କଲେଜର ୪୨ତମ ବାର୍ଷିକ ଉତ୍ସବ

# ଗୋପବନ୍ଧୁଙ୍କ ସେବା, ତ୍ୟାଗକୁ ଛାତ୍ରୀଛାତ୍ର ଅନୁକରଣ କରନ୍ତୁ

**ସାକ୍ଷୀଗୋପାଳ, ୧୧।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ପରାଧୀନ ଭାରତର ପ୍ରତିକୂଳ ପରିସ୍ଥିତିରେ ସତ୍ୟବାଦୀର ମହାପୁରୁଷ ପଣ୍ଡିତ ଗୋପବନ୍ଧୁଙ୍କ ସେବା, ତ୍ୟାଗ, ଆଦର୍ଶ ଓ ଶିକ୍ଷା ସଂସ୍କାର ଓଡ଼ିଆ ଜାତିର ବିକାଶରେ ସହାୟକ ହୋଇଥିଲା। ତାଙ୍କ ସ୍ମୃତିରେ ସ୍ଥାପିତ କଲେଜର ଛାତ୍ରୀଛାତ୍ରମାନେ ସେହି ମହାପୁରୁଷଙ୍କ ପଦାଙ୍କ ଅନୁକରଣ କରି ନିଜକୁ ଭଲ ମଣିଷ ଭାବରେ ଗଢ଼ିତୋଳିବାକୁ ଉତ୍ସବର ମୁଖ୍ୟଅତିଥି ନାଲକୋର ପରିଚାଳନା ନିର୍ଦ୍ଦେଶକ ଡ.ତପନ କୁମାର ଚାନ୍ଦ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାକୃତିକ ବିଭବରେ ଭରପୂର ଓଡ଼ିଶାର ଶିଳ୍ପ ଶକ୍ତିର ଦ୍ରୁତ ବିକାଶ ସହିତ ଓଡିଶାବାସୀଙ୍କର ସ୍ୱପ୍ନକୁ ବାସ୍ତବ ରୁପ ଦେବାକୁ ଅହରହ ଉଦ୍ୟମ କରୁଥିବା ନାଲ୍‌କୋ ପିଲାମାନଙ୍କ ସାଥୀରେ ରହିଛି ବୋଲି ସିଏମଡି ଚାନ୍ଦ କହିବା ସଙ୍ଗେସଙ୍ଗେ ଖେଳକୁଦ, ଶିକ୍ଷା, ସମାଜସେବା, ସବୁଜ ଓ ସ୍ୱଚ୍ଛ ଓଡ଼ିଶା ଗଠନରେ ନାଲ୍‌କୋ ସହିତ ଛାତ୍ରୀଛାତ୍ରମାନେ ସହଯୋଗ କାରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ର.ଦୁଃଖିଶ୍ୟାମ ମହାନ୍ତି, ପ୍ର. ନିହାର ରଞ୍ଜନ ଦାସ, ଡ. ରତିକାନ୍ତ ପରିଡା, ଡ. ମନୋଜ କୁମାର ପରିଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ର.ରାଜେନ୍ଦ୍ର ଚକ୍ର ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ଛାତ୍ର ସଂସଦ ପରାମର୍ଶଦାତା ପ୍ର.ସୁବାଷ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ର.ନଳିନୀ ଲୋଚନା ଦାଶ ଓ ପ୍ର.ନରେନ୍ଦ୍ର ନାଥ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ, ବୀଣାପାଣି ମିଶ୍ର ଓ ବାସନ୍ତୀ ଦେବୀ, ବରିଷ୍ଠ କିରାଣୀ ରାଜ କିଶୋର ପତି, ବୀର କିଶୋର ମହାପାତ୍ର ଓ ଛାତ୍ର ସଂସଦର କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

■ ଅନ୍ତର୍ଜାତୀୟ ଯୁବ ଓ ଛାତ୍ର ସମ୍ମିଳନୀ ଉଦ୍‌ଘାଟିତ

# ରାଷ୍ଟ୍ରବାଦ ହିଁ ଅନ୍ତଃରାଷ୍ଟ୍ରବାଦର ମୂଳସ୍ତମ୍ଭ: ରାଜ୍ୟପାଳ

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

ଭାରତ କେବଳ ଏକ ଭୌଗୋଳିକ ଭାଗ ନୁହେଁ। ଏହା ଏକ ଜୀବନ୍ତ ଦେବୀ। ଭାରତ ସମଗ୍ର ପୃଥିବୀକୁ ଏକ କୁଟୁମ୍ବ ଭାବରେ ଗ୍ରହଣ କରିବାକୁ ଆହ୍ୱାନ ଦେଇଛି। ଭାରତୀୟ ଜାତୀୟତାବାଦ ଅନ୍ତର୍ଜାତୀୟତାବାଦର ସମ୍ପ୍ରସାରିତ ରୂପ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ବିଶ୍ୱ ଛାତ୍ର ଓ ଯୁବ ସଙ୍ଗଠନ ତରଫରୁ ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜ୍ୟପାଳ ‘ଏକବିଂଶ ଶତାବ୍ଦୀର ମହିଳା ପ୍ରସଙ୍ଗ: ପୃଥିବୀର ରୂପରେଖ ନିର୍ମାଣ’ ଉପରେ ବକ୍ତବ୍ୟ ରଖିଥିଲେ।

ରାଷ୍ଟ୍ରବାଦ ହିଁ ଅନ୍ତଃରାଷ୍ଟ୍ରବାଦର ମୂଳସ୍ତମ୍ଭ। ଭାରତୀୟ ଦର୍ଶନ ଓ ଚିନ୍ତନରେ ପ୍ରତ୍ୟେକ ମଣିଷକୁ ଏକ ଓ ଅଭିନ୍ନ ଭାବେ ଗ୍ରହଣ କରାଯାଇଛି। ସମସ୍ତେ ସମାନ ନୁହନ୍ତି, ବରଂ ଏକ ବୋଲି ଆମକୁ ଗ୍ରହଣ କରିବାକୁ ହେବ ବୋଲି ରାଜ୍ୟପାଳ ଏହି ଅବସରରେ କହିଥିଲେ। ସେ ଆହୁରି କହିଥିଲେ, ବର୍ତ୍ତମାନର ପୃଥିବୀ ଆଦର୍ଶଗତ ନୁହେଁ, ବରଂ ବୈଷୟିକ ଜ୍ଞାନ ଓ ବିଜ୍ଞାନ କାରଣରୁ ବିଭାଜିତ। ବିଜ୍ଞାନର ଅଗ୍ରଗତି ସହ ମଣିଷର ଆତ୍ମିକ ଅଭିବୃଦ୍ଧି ଏକାନ୍ତ ଜରୁରୀ। ହେଲେ ବିଜ୍ଞାନ ସହ ଆଧ୍ୟାତ୍ମିକତାର ମିଳନ ହେଲେ ମାନବ ସଭ୍ୟତା ଉତ୍ତରଣ କରିପାରିବ। ସଭ୍ୟତାର ଉନ୍ମେଷ ଓ ବିକାଶରେ ନାରୀଶକ୍ତିର ପ୍ରମୁଖ ଭୂମିକା ରହିଛି। ମହିଳାମାନେ ସଭ୍ୟତାର ଗତିକୁ ଆଗକୁ ନେଇଛନ୍ତି। ନାରୀଶକ୍ତି ବିନା ପ୍ରଗତି ଅସମ୍ଭବ। ଭାରତର ମହିଳାମାନେ ଦୁର୍ଗା, ଭଗବତୀ, ଗଜଲକ୍ଷ୍ମୀ ଆଦି ନାରୀଶକ୍ତି ରୂପେ ପୂଜା ପାଉଛନ୍ତି ବୋଲି ରାଜ୍ୟପାଳ ମତ ରଖିଥିଲେ। ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଏବିଭିପି ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ସୁନିଲ ଆମ୍ବେଦକର ଯୋଗଦେଇ ଏକବିଂଶ ଶତାବ୍ଦୀରେ ମହିଳାଙ୍କ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱ ଛାତ୍ର ଓ ଯୁବ ସଙ୍ଗଠନ ଅଧ୍ୟକ୍ଷା ଡ. ରଶ୍ମି ଦାସ ବର୍ତ୍ତମାନ ସମୟରେ ମହିଳାମାନଙ୍କ ମଧ୍ୟରେ ନେତୃତ୍ୱ ନେବାର କ୍ଷମତା ବୃଦ୍ଧି ପାଇଥିବା କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ମହାସଚିବ ସଞ୍ଜୀବ ନିଂଗୋମ୍ବମ୍, ଶେଖର ସାପାରୋଭା, ଇସ୍‌ମାଇଲ ହାସନ, ଡ. ଗାର୍ଗୀ ବାନାର୍ଜୀ, ସମୀରା ହାଇଦରି, ଆଶ୍ରିୟା ସିଥାପହ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୫୨ଟି ଦେଶରେ ୧ ହଜାରରୁ ଅଧିକ ବିଦ୍ୟାର୍ଥୀ ପ୍ରତିନିଧି ଯୋଗଦେଇଥିଲେ।

# କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା କଲେ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ

**ଭୁବନେଶ୍ୱର,୧୧।୧(ବ୍ୟୁରୋ)**

କେନ୍ଦ୍ରୀୟ ସଚିବାଳୟ (ସେଣ୍ଟ୍ରାଲ ସେକ୍ରେଟାରିଏଟ୍)ର ବରିଷ୍ଠ ଅଧିକାରୀବୃନ୍ଦ ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ବରିଷ୍ଠ ଅଧିକାରୀମାନେ ଓଡ଼ିଶା ଗସ୍ତରେ ଆସିଥିବା ପରିପ୍ରେକ୍ଷୀରେ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ସହ ତାଙ୍କ ପ୍ରକୋଷ୍ଠରେ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ପ୍ରମୁଖ କାର୍ଯ୍ୟକ୍ରମ କଳାକାର ସହାୟତା ଯୋଜନା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର, ଫକୀର ମୋହନ ଭାଷା ସମ୍ମାନ ଏବଂ ଦିଲ୍ଲୀ ଓ ବନାରସ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠିତ ଓଡ଼ିଆ ଚେୟାର ସମ୍ପର୍କରେ ପାଣିଗ୍ରାହୀ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଏହାବ୍ୟତୀତ ବିଭାଗ ଅଧୀନରେ ଥିବା ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତକଳା ଏକାଡେମୀ, ଉର୍ଦ୍ଦୁ ଏକାଡେମୀ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାର, ଓଡ଼ିଆ ଭାଷା ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅଧିକାରୀମାନେ ବିଭିନ୍ନ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସଫଳତା ନେଇ ସନ୍ତୋଷ ବ୍ୟକ୍ତ କରିବା ସହ କେତେକ ଅନୁଷ୍ଠାନ ବୁଲି ଦେଖିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହାପରେ ସେମାନେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ରାଜ୍ୟ ଅଭିଲେଖାଗାର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସଂଗ୍ରହାଳୟ ଅଧୀକ୍ଷକ ଡ. ଜୟନ୍ତୀ ରଥ ଓ ଅଭିଲେଖାଗାର ଅଧୀକ୍ଷକ ଶୁଚିସ୍ମିତା ମନ୍ତ୍ରୀ ଉପସ୍ଥିତ ଥିଲେ। ଏହି କେନ୍ଦ୍ରୀୟ ଅଧିକାରୀମାନେ ଓଡ଼ିଶା ପରିଦର୍ଶନରେ ଆସି ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ସୂଚନା ମିଳିଛି।

■ ଚନ୍ଦ୍ରଭାଗା କୂଳରେ ବେଆଇନ ଟ୍ରଲର ଚଳାଚଳ

# ଅଲିଭରିଡଲେ କଇଁଛଙ୍କ ପ୍ରତି ବିପଦ

**କୋଣାର୍କ, ୧୧।୧(ଡି.ଏନ୍.ଏ.)**

ଅଲିଭରିଡଲେ କଇଁଛମାନଙ୍କ ସୁରକ୍ଷା ନିମନ୍ତେ ବନବିଭାଗ ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିବାବେଳେ ସ୍ଥାନୀୟ ବନ ବିଭାଗର ବେପରୁଆ ନୀତି ଯୋଗୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ସେମାନଙ୍କ ପ୍ରତି ବିପଦ ସୃଷ୍ଟି ହେଉଛି। ଅଣ୍ଡା ଦାନ କରିବାକୁ ଆସୁଥିବା କଇଁଛମାନଙ୍କୁ ବନ ବିଭାଗ ଆବଶ୍ୟକ ସୁରକ୍ଷା ଯୋଗାଇପାରୁ ନାହିଁ। ବର୍ତ୍ତମାନ ଅଲିଭରିଡଲେ କଇଁଛଙ୍କ ଅଣ୍ଡାଦାନ ସମୟ ହୋଇଥିବାରୁ ବନ ବିଭାଗ ପକ୍ଷରୁ ସମୁଦ୍ରରେ ଟ୍ରଲର ଚଳାଚଳ ବନ୍ଦ ପାଇଁ କଟକଣା ଲଗାଯାଇଛି। ସମୁଦ୍ରରେ ମାଲମାଲ ବେଆଇନ ଟ୍ରଲର ଯାତାୟାତ କରିବା ଯୋଗୁ ଅଣ୍ଡା ଦେବାକୁ ଆସୁଥିବା କଇଁଛମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଯାହାଫଳରେ ଏହି ବିରଳ କଇଁଛମାନଙ୍କର ଅଣ୍ଡାଦାନ ବାଧାପ୍ରାପ୍ତ ହେବା ସହ ବଂଶବୃଦ୍ଧି ନ ହୋଇ ବଂଶ ଲୋପ ପାଇଯିବ ବୋଲି ପରିବେଶବିଦ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ମାଲମାଲ ବେଆଇନ ଟ୍ରଲର ଯାତାୟତ କରିବା ଯୋଗୁ ଅଣ୍ଡା ଦେବାକୁ ଆସୁଥିବା କଇଁଛମାନେ ମୃତ୍ୟୁମୁଖରେ ପଡୁଛନ୍ତି। ଯାହା ଫଳରେ କଇଁଛ ମାନଙ୍କର ଅଣ୍ଡାଦାନ ବାଧାପ୍ରାପ୍ତ ହେବା ସହ ବଂଶବୃଦ୍ଧି ନ ହୋଇ ବଂଶ ଲୋପ ପାଇଯିବ ବୋଲି ପରିବେଶବିଦ୍‌ମାନେ ଆଶଙ୍କା କରିଛନ୍ତି। ବନବିଭାଗ ଅଲିଭରିଡଲେ କଇଁଛ ମାନଙ୍କ ସୁରକ୍ଷା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସଚେତନତା କରାଇବା, ଆବଶ୍ୟକ ମୁତାବକ କର୍ମଚାରୀ ନିଯୁକ୍ତି ଓ ବେଆଇନ ଟ୍ରଲର ଚଳାଚଳ ଉପରେ ଅଙ୍କୁଶ ଲଗାଇବା ବ୍ୟବସ୍ଥା କରିଥିଲେ ମଧ୍ୟ ସ୍ଥାନୀୟ ବିଭାଗୀୟ ଅଧିକାରୀମାନଙ୍କ ଖାମଖିୟାଲ ନୀତି ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେଇ ସେମାନଙ୍କ ସୁରକ୍ଷା ପାଇଁ ଉଚିତ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ବନ୍ଧରେ କୋଣାର୍କ ବନଖଣ୍ଡ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କୁ ପଚାରିବାରେ ସେ କୁହନ୍ତି, ବେଆଇନ ଟ୍ରଲର ଚଳାଚଳକୁ ତଦାରଖ କରିବା ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ମୁତୟନ କରାଯାଇଛି। ଚନ୍ଦ୍ରଭାଗା ମତ୍ସ୍ୟଜୀବୀ ମାନଙ୍କୁ କଇଁଛ ସୁରକ୍ଷା ପ୍ରତି ସଚେତନତା କରାଇବା ସହ ମୃତ କଇଁଛ ଗୁଡିକୁ ଅନ୍ୟତ୍ର ପୋତିବା ପାଇଁ ବ୍ୟବସ୍ଥ କରାଯାଇଛି।



ଟ୍ରଲର ମାଡ଼ରେ ମୃତ ଏକ ଅଲିଭ୍ ରିଡ୍‌ଲେ କଇଁଛ ଚନ୍ଦ୍ରଭାଗା ବେଳାଭୂମିରେ ଲାଗିଛି।